# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୨/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, April 12/2019 | ★★★★

୪୫ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-






Paytm Cashback up to ₹7 000/- | Oriental insurance (Govt. of India Undertaking) | IFFCO-TOKIO General Insurance | bharti AXA | Download BAJAJ CARE App Now!

Call 7219821111 or visit : www.bajajauto.com/doubleshagun | For Institutional / Bulk orders, please send an e-mail to corporatesales@bajajauto.co.in | Offer valid till 30th April 2019.

#ଏକ୍ସ ଶୋରୁମ୍ ଓଡ଼ିଶା ମୂଲ୍ୟ CT100 KS ସ୍ପୋକ୍ ଓ Platina 100 ES ସକାଶେ । *ସର୍ତ୍ତ ଓ ନିୟମାବଳୀ ଲାଗିବ । ଫ୍ରୀ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ CT100 ES, CT100 KS ଆଲୟ, Platina 100 ES ଆଉ Platina 110 ସକାଶେ ମିଳୁଛି, କେବଳ ବଛା ବଛା ପ୍ରଦେଶରେ । ଫ୍ରୀ 5 ବର୍ଷର ୱାରଣ୍ଟୀ ଯାବତୀୟ ବଜାଜ ବାଇକ୍ ସକାଶେ ସବୁ ପ୍ରଦେଶରେ ମିଳୁଛି । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/doubleshagun । ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫରକୁ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ତୃତୀୟ ପକ୍ଷ ବୀମା ଓ ବାଧ୍ୟତାମୂଳକ ପର୍ସନାଲ୍ ଆକ୍ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍ ଅନ୍ତର୍ଭୁକ୍ତ ନୁହେଁ । ଇନ୍ସ୍ୟୋରର୍ ମାନଙ୍କ ସୂଚୀ ନିର୍ଦ୍ଦେଶକ ଅଟେ, ଯାହା ପ୍ରତି ବିକ୍ରେତା ଡୀଲର୍‌ଙ୍କ ଠାରେ ଭିନ୍ନ ହୋଇପାରେ । ଉଦ୍ଧୃତ ବୀମା ସଞ୍ଚୟ ରାଶି ବିକ୍ରେତା ଡୀଲର୍ ବା ଇନ୍ସ୍ୟୋରର୍ ମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । **ବଜାଜ ଅଟୋ କୌଣସି ପ୍ରକାରର ବୀମା ପଲିସୀ ବିକ୍ରୀରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ନୁହେଁ ।** ପେଟିଏମ୍ ଅଫର୍ ପେଟିଏମ୍ ତଥା ସମ୍ବନ୍ଧିତ ଡୀଲର୍ ଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ପେଟିଏମ୍ ଅଫର୍ କେବଳ ବଛା ବଛା ଉତ୍ପାଦ ଓ ବଛା ବଛା ଡୀଲର୍‌ଶିପ୍ ଠାରେ ପ୍ରଯୁଜ୍ୟ । ପେଟିଏମ୍ ଅଫର୍ ମିଳିବା ଡୀଲର୍‌ଙ୍କ ବିବେଚନା ଉପରେ ନିର୍ଭର କରେ । **ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ପ୍ରୋସେସିଙ୍ଗ ଫୀସ୍ ଅତିରିକ୍ତ ।

**Authorised Dealers for Bajaj Auto Ltd.:** Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri GRAND BAJAJ 9438421344 • Cuttack: Kanika Chack SONTHALIA BAJAJ 2305020 • Badambadi SURAJ BAJAJ 8093066603 • Kendrapada SREE BALDEVJEW BAJAJ 9861174045 • Rahama MAITREE BAJAJ 9668801781, Nayagarh MSB Bajaj 7873925390 • Keonjhar JR BAJAJ 9439008692 / 06766254999• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722, Chandikhole 9937310800. **Authorised Service Centre:** Balianta 9337112977, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Iginia 7064422415, Rasulgad 9937284842, Nimapada 9437030368, Pipili 9776142222, Tangi 8984562569, Nirakarpur 9861203564, Sakhigopal 9853942290, Phulnakhara 9437410737, Salepur 9040452661, Jagatsinghpur 9437273939,JajpurTown 9937888777, Bhuban 9438570111, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Bidanasi 9437877622, Athgarh 9937289417, Bidharpur 7008503281, Banki 8895278126, Rambha 7381099445.



No.1 Store in Eastern Zone
Enjoy Selfie Zone with FAMILY & FRIENDS
ପ୍ରତ୍ୟେକ ଜିନିଷ କ୍ରୟ ଉପରେ ୫ଟି ଉପହାର
ଆଜି GRAND OPENING
ଜୁଡ଼ିସିଆଲ୍ ଏକାଡ଼େମି ପାଖ (ଉତ୍କଳ ହୁଣ୍ଡାଇ), ସିଡ଼ିଏ, କଟକ
All are Cordially INVITED
BUMPER DRAW & LUCKY DRAW
LUCKY DRAW for 1st 100 Customer
*T&C
0 DOWN PAYMENT
A/C କିଣନ୍ତୁ ୨୫ ମାସର ସହଜ କିସ୍ତିରେ ଶୁଝନ୍ତୁ
BUY AN A/C & GET ₹27,000/- DISCOUNT
1.5 Ton Inverter AC
Rs. 31990/-
NO EXCHANGE, NO EXTRA
କୌଣସି DOCUMENTS ନ ଦେଇ A/C ନେବାର ସୁଯୋଗ *
FIRST TIME IN ODISHA
Digital Product
Mobile Phone / Computer / Camera
Now Furniture at CDA
LIVE YOUR LIFE
It's Furniture that Counts !!
Renting with us is AWESOME
FURNITURE COMBO PRICE ₹55,990/-
This COMBO PRICE OFFERS can be BOOKED at ALL OVER OUR STORES
FINANCE AVAILABLE:
SPOT FINANCE WITH CREDIT & DEBIT CARD
0% INTEREST EASY FINANCE
EXCITING GIFT HAMPERS
0% INTEREST
MOBILE EASY EXCHANGE OFFER
GIFT VOUCHER
15% CASH BACK ON FINANCE
Odisha's most trusted Electronics, Home Appliances & Digital Products Dealer Since 1972
Symbol of Trust
GUPTA DISTRIBUTORS
No.1 Retail Chain Stores
BHUBANESWAR- Main Road, Baramunda, Front of Kali Mandir, Mob: 7008989309, KIIT Square, Patia, Near Reliance Trends, Mob: 7008989302, 9778047796 Laxmi Sagar, Cuttack Road, Mob: 7008989301, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, Digital Store, Tinikonia Bagicha, Mob: 7008989313, NEAR JUDICIAL ACADEMY, (UTKAL HYUNDAI), CDA, CUTTACK, Mob: 7008989312, PURI- VIP Road, Jhadeswari Chhack, Mob: 7008989310, JATANI- Near Axix bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, ODOGAON- Studio Chhack, Main Road, Mob: 9438076064, BHADRAK- Main Road, Chappulia, Mob: 7008989314, JAGATSINGHPUR- Near Bus Stand, Mob: 7008989317 GUPTA FURNITURE PLAZA, Gandhi Chhak, Jagatsinghpur
*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ୍ ୧୨/୨୦୧୯ | Bhubaneswar, Friday, April 12/2019 | ପୃଷ୍ଠା-୧




**ପାୱାରଙ୍କ ପରାମର୍ଶ ଲୋଡ଼ିଲେ ଉର୍ମିଳା**

ମୁମ୍ବାଇ-ଉତ୍ତର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଉର୍ମିଳା ମାତୋଣ୍ଡକର ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କଠାରୁ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଲୋଡିଛନ୍ତି।

୦୫

୧୭

**ନଭଜୋତଙ୍କ ଗୋଲରେ ଭାରତ ବିଜୟୀ**

ନଭଜୋତ କୌରଙ୍କ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଦ୍ୱିପାକ୍ଷିକ ସିରିଜର ୫ମ ମ୍ୟାଚରେ ମାଲେସିଆକୁ ୧-୦ ଗୋଲରେ ପରାସ୍ତ କରିଛି।








## ଇକ୍ୟୁଏଡର ଶରଣ ପ୍ରତ୍ୟାହାର କରିନେଲା
## ଜୁଲିଆନ ଆସେଞ୍ଜ୍ ଗିରଫ

ଲଣ୍ଡନ,୧୧।୪(ପି.ଟି.)



ୱିକିଲିକ୍ସର ସହପ୍ରତିଷ୍ଠାତା ଜୁଲିଆନ ଆସେଞ୍ଜଙ୍କୁ ଗୁରୁବାର ବ୍ରିଟେନ ପୋଲିସ ଗିରଫ କରିଛି। ସେ ଲଣ୍ଡନସ୍ଥିତ ଇକ୍ୟୁଏଡର ଦୂତାବାସରେ ୭ ବର୍ଷ ହେଲା ରହୁଥିଲେ। ଇକ୍ୟୁଏଡର ତାଙ୍କୁ ଦେଇଥିବା ଶରଣ ପ୍ରତ୍ୟାହାର କରିନେବା ପରେ ୨୦୧୨ ଜୁନ୍‌ରେ ବ୍ରିଟେନ୍‌ର ଜାମିନ ସର୍ତ୍ତ ଉଲ୍ଲଂଘନ ଅଭିଯୋଗରେ ଆସେଞ୍ଜଙ୍କୁ ଗିରଫ କରାଯାଇଥିବା ସ୍କଟଲ୍ୟାଣ୍ଡୟାର୍ଡପକ୍ଷରୁସ୍ପଷ୍ଟକରାଯାଇଛି। ସ୍ୱିଡେନରେ ଯୌନ ନିର୍ଯାତନା ଅଭିଯୋଗରେ ଗିରଫ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବ୍ୟାଙ୍କଗୁଡ଼ିକ ନିରାଶ କଲେ**

**ଆଜିର ମନ୍ତବ୍ୟ**

" ଭୋଟ ପାଇଁ ଅନୁପ୍ରବେଶଙ୍କୁ ପ୍ରୋତ୍ସାହନ ଦେଉଛି କଂଗ୍ରେସ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ମାର୍କେଟିଂ ବର୍ଷରେ ଦେଶରୁ ୧୭.୪୪ ଲକ୍ଷ ଟନ୍ ଚିନି ରପ୍ତାନି ହୋଇଛି।

– ଏଆଇଏସ୍‌ଟିଏ



କୋରାପୁଟ ଜିଲା ତଥା ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ସେମିଳିଗୁଡ଼ାର ମାଓବାଦୀ ଉପଦ୍ରୁତ କାଣ୍ଟି ବୁଥ୍‌ରେ ଭୋଟ ଦେବାକୁ ମହିଳାଙ୍କ ଧାଡ଼ି।

# ଇଭିଏମ୍‌ରେ ସିଲ୍ ୨୧୭ ପ୍ରାର୍ଥୀଙ୍କ ଭାଗ୍ୟ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

**ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ଶେଷ**

- ପ୍ରାଥମିକ ସୂଚନା ଅନୁଯାୟୀ ୬୮% ମତଦାନ
- ମାଓବାଦୀଙ୍କ ଭୟରେ ୧୫ ବୁଥ୍‌ରେ ପଡ଼ିଲାନି ଭୋଟ
- କେତେକ ସ୍ଥାନରେ ଭୋଟ ବର୍ଜନ
- ନିଜ ଅଞ୍ଚଳରେ ଭୋଟ ଦେଲେ ହେଭିୱେଟ୍ ନେତା

ଗୁରୁବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ ୬୮ ପ୍ରତିଶତ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହି ପର୍ଯ୍ୟାୟରେ ୪ଟି ଲୋକ ସଭା ଓ ୨୮ଟି ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୨୧୭ ପ୍ରାର୍ଥୀଙ୍କର ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇ ଯାଇଛି। ୭,୨୩୩ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ଏହାର ଦେଢଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ସକାଳେ ମତଦାନ ଧିମା ରହିଥିଲେ ମଧ୍ୟ ପୂର୍ବାହ୍ନ ୧୦ଟା ବେଳକୁ ଭୋଟରଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମଧ୍ୟାହ୍ନରେ ପ୍ରବଳ ଖରା ଯୋଗୁ ଟିକେ ମାନ୍ଦା ପଡ଼ିଥିବା ବେଳେ ଅପରାହ୍ନରେ ମତଦାନ ହାର ବୃଦ୍ଧି ପାଇଥିଲା। ମତଦାତାମାନେ ବୁଥ୍ ସମ୍ମୁଖରେ ଲମ୍ବା ଧାଡ଼ିରେ ଛିଡ଼ାହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। କେବଳ ଜନତା ନୁହନ୍ତି ନେତାମାନେ ମଧ୍ୟ ଉତ୍ସାହର ସହ ଭୋଟ ଦେଉଥିବା ଦେଖା ଯାଇଥିଲା।

କଳାହାଣ୍ଡି ଲୋକ ସଭା ଆସନ ପାଇଁ ଲଢୁଥିବା ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଧର୍ମଗଡ, ଭାଜପା ପ୍ରାର୍ଥୀ ବସନ୍ତ ପଣ୍ଡା ନୂଆପଡା, ଭକ୍ତ ଦାସ ନିଜର ପୁତ୍ର ଓ ପରିବାର ସହ କଳାହାଣ୍ଡିରେ ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି ଭୋଟ ଦେବା ଲାଗି ଧାଡିରେ ଛିଡା ହୋଇଥିଲେ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ରମେଶ ମାଝି, ବଳଭଦ୍ର ମାଝି, ପ୍ରଦୀପ ମାଝି, ଜୟପୁର ବିଧାନସଭା ପାଇଁ ଲଢୁଥିବା ବିଜେଡି ପ୍ରାର୍ଥୀ ରବି ନନ୍ଦ, କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି। ଅନୁରୂପ ଭାବେ ରାୟଗଡା ବିଧାନସଭାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଗୁଣୁପୁରରୁ ନିର୍ବାଚନ ଲଢୁଥିବା ଶିଶିର ଗମାଙ୍ଗ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ☞ପୃଷ୍ଠା-୨

# ଭୋଟ ବେଳେ ହିଂସା

ନୂଆଦିଲ୍ଲୀ,୧୧।୪(ପି.ଟି.)

- ଆନ୍ଧ୍ରରେ ୨ ମୃତ, ଜଣେ ପ୍ରାର୍ଥୀ ଅପହୃତ
- ମହାରାଷ୍ଟ୍ର ବୁଥ୍ ନିକଟରେ ମାଓବାଦୀଙ୍କ ବିସ୍ଫୋରଣ
- ୟୁପିରେ ବୁଥ୍ ପାଖରେ ଫାଙ୍କା ଗୁଳିଚାଳନା

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଗୁରୁବାର ଆନ୍ଧ୍ରପ୍ରଦେଶର ଅନନ୍ତପୁରାମୁ ଜିଲାରେ ଶାସକ ତେଲୁଗୁଦେଶମ୍ ପାର୍ଟି (ଟିଡିପି) କର୍ମୀ ଏବଂ ମୁଖ୍ୟ ବିରୋଧୀ ଦଳ ୱାଇଏସ୍‌ଆର କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ଦୁଇଜଣଙ୍କ ମୃତ୍ୟୁ ଘଟିଛି। ତାଡିପତ୍ରି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୀରାପୁରମ୍ ଗ୍ରାମରେ ଏହି ସଂଘର୍ଷ ଘଟିଥିଲା। ମୃତକ ହେଲେ ୱାଇଏସ୍‌ଆର୍ କଂଗ୍ରେସ କର୍ମୀ ପୁଲ୍ଲା ରେଡ୍ଡୀ ଏବଂ ଟିଡିପି କର୍ମୀ ସିଦ୍ଧଭାସ୍କର ରେଡ୍ଡୀ। ନିର୍ବାଚନ ଜିତିବା ଲାଗି ୱାଇଏସ୍‌ଆର କଂଗ୍ରେସ ହିଂସାରେ ଲିପ୍ତ ଥିବା ଶାସକ ଦଳ ଅଭିଯୋଗ କରିଛି। ଅନ୍ୟପକ୍ଷରେ ବୁଥ୍ ଦଖଲ କରିବାକୁ ଶାସକ ଦଳର ନେତାଙ୍କ ସମର୍ଥକମାନେ ଉଦ୍ୟମ କରିଥିଲେ ବୋଲି ୱାଇଏସ୍‌ଆର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ଚିତ୍ତୁର ଜିଲାର ପୁଥାଲାପଟ୍ଟୁ ବିଧାନସଭା ଆସନର ୱାଇଏସ୍‌ଆର କଂଗ୍ରେସ ପ୍ରାର୍ଥୀ ଏମ୍‌ଏସ୍ ବାବୁଙ୍କୁ ଟିଡିପି କର୍ମୀମାନେ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଏକ ଫଳବଗିଚାକୁ ନିଆଯାଇ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବାବୁ କୌଣସି ☞ପୃଷ୍ଠା-୨







NECC NATIONAL EGG CO-ORDINATION COMMITTEE 11.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


## ଝଡ଼ବର୍ଷା, ବଜ୍ରପାତରେ ଥରିଲା ଉପକୂଳ
# ଜଣେ ମୃତ, ୪ ଆହତ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ଗୁରୁବାର ଅପରାହ୍ନରେ ଘୋଟି ଆସିଲା କଳାହାଣ୍ଡିଆ ମେଘ। ଚାହୁଁ ଚାହୁଁ ନିମିଷକ ମଧ୍ୟରେ ଉପକୂଳବର୍ତ୍ତୀ ଜିଲା କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁରକୁ ଘେରିଗଲା। ପ୍ରଚଣ୍ଡ ବେଗରେ ପବନ ବହିବା ସହ ଛାତି ଥରାଇବା ଭଳି ଘଡଘଡି ପରିବେଶକୁ ଭୟଭୀତ କରି ପକାଇଥିଲା। ଯିଏ ଯେଉଁଠି ଥିଲେ ସୁରକ୍ଷିତ ସ୍ଥାନରେ ମୁଣ୍ଡ ଗୁଞ୍ଜି ଦେଇଥିଲେ। ସନ୍ଧ୍ୟା ୭ଟାରୁ ୮ଟା ୩୦ ☞ପୃଷ୍ଠା-୨



ଗୁରୁବାର ସନ୍ଧ୍ୟାରେ ରାଜଧାନୀର ରାଜମହଲ ଓଭରବ୍ରିଜ୍‌ରେ ବଜ୍ରପାତର ଦୃଶ୍ୟ।

- ବଜ୍ରପାତରେ ଜଳିଗଲା ୪ ବଖରା
- ଉପାଡ଼ି ନେଲା ଗଛ, ଘରଦ୍ୱାର ଛାରଖାର
- ଝଡ଼ବର୍ଷା ଧୋଇନେଲା ରବି ଫସଲ, ପନିପରିବା
- ମା' ପୁଅ ଗୁରୁତର

## ସହରାଞ୍ଚଳର ୯୩% ଲୋକଙ୍କ ମତ
# ନ୍ୟୁଜ୍ ଚ୍ୟାନେଲ ପକ୍ଷପାତୀ

ନୂଆଦିଲ୍ଲୀ,୧୧।୪(ଆଇଏନ୍‌ଏସ୍)

ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ପକ୍ଷପାତିତା କରି କୌଣସି ରାଜନୈତିକ ଦଳକୁ ପୂର୍ଣ୍ଣ ସମର୍ଥନ ଜଣାନ୍ତି ବୋଲି ସହରାଞ୍ଚଳର ପ୍ରତି ୧୦ ଲୋକଙ୍କ ମଧ୍ୟରୁ ୯ ଜଣ ବିଶ୍ୱାସ କରନ୍ତି। ବିଶେଷକରି ୧୮ରୁ ୩୫ବର୍ଷ ବୟସ୍କ ବର୍ଗର ବ୍ୟକ୍ତିଙ୍କର ଏହି ଧାରଣା ରହିଥିବା ନ୍ୟୁଜ୍ ଆପ୍ ଇନ୍‌ସର୍ଟସ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି। ଏଥିରେ କୁହାଯାଇଛି, ପାଖାପାଖି ୯୩% ସହରାଞ୍ଚଳ ନାଗରିକ ଭାବନ୍ତି, ନ୍ୟୁଜ୍ ଚ୍ୟାନେଲଗୁଡିକ ପକ୍ଷପାତିତା କରି ରାଜନୈତିକ ଦଳଗୁଡିକୁ ସମର୍ଥନ କରନ୍ତି। ଦେଶର ପ୍ରଥମ ସ୍ତର ଓ ଦ୍ୱିତୀୟ ସ୍ତରର ସହରାଞ୍ଚଳର ୧୮ରୁ ୩୫ ବୟସର ୪୦,୦୦୦ ବ୍ୟକ୍ତିଙ୍କଠାରୁ ଏ ସମ୍ପର୍କରେ ମତ ସଂଗ୍ରହ କରାଯିବା ପରେ ☞ପୃଷ୍ଠା-୨
















# ବିଜେଡିର ସାଙ୍ଗଠନିକସ୍ତରରେ ପରିବର୍ତ୍ତନ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

- ବିଜୟ ନାୟକ ସାଧାରଣ ସମ୍ପାଦକ
- କିଶୋର କେନ୍ଦ୍ରାପଡ଼ା ଜିଲା ସଭାପତି
- ସୁମିତ୍ରା ଜେନା ବାଲେଶ୍ୱର, ଭଦ୍ରକ ସହ ପର୍ଯ୍ୟବେକ୍ଷକ
- ଶେଷ ମେହେର ଦଳରୁ ବହିଷ୍କୃତ

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସାଙ୍ଗଠନିକସ୍ତରରେ କିଛି ପରିବର୍ତ୍ତନ ଆଣିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଗୁରୁବାର ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘଦିନ ଧରି ରାଜ୍ୟ ସମ୍ପାଦକ ଦାୟିତ୍ୱ ତୁଲାଉଥିବା ବିଜୟ ନାୟକଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ସେହିପରି ବିଧାୟକ କିଶୋର ତରାଇଙ୍କୁ କେନ୍ଦ୍ରାପଡା ଜିଲା ସଭାପତି ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ରାପଡ଼ା ଜିଲା ବିଜେଡି ମହାସଚିବ ଭାବେ ନିଶିକାନ୍ତ ପ୍ରଧାନ ଓ ଜିଲା ବିଜେଡି ଉପ ସଭାପତି ଭାବେ ଅଜିତ ନାୟକଙ୍କୁ ନିଯୁକ୍ତ କରିଛନ୍ତି। କିନ୍ନର ନେତ୍ରୀ ମୀରା ପରିଡାଙ୍କୁ ଭୁବନେଶ୍ୱର(ମଧ୍ୟ) ପର୍ଯ୍ୟବେକ୍ଷକ ଓ ନିମାଇଁ ମୁର୍ମୁଙ୍କୁ ଦଳର ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

ଦୁଇ ଦିନ ତଳେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ସୁମିତ୍ରା ଜେନାଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଏଥିସହିତ ସୁମିତ୍ରାଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲାର ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। କମଳା ତିରିଆଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାନେତ୍ରୀ ଏବଂ ବାରିପଦା ନିର୍ବାଚନମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକ, ସୁଜାତା ଜେନାଙ୍କୁ ମହିଳା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ସହିତ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଭାଗ୍ୟଶ୍ରୀ ପ୍ରଧାନଙ୍କୁ ମହିଳା ବିଜେଡି ରାଜ୍ୟ ସମ୍ପାଦିକା ଏବଂ ତନ୍ମୟ ସ୍ୱାଇଁଙ୍କୁ ଏରସମା-ବାଲିକୁଦା ଓ ପାରାଦୀପ ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସୁଦର୍ଶନ ବେହେରାଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ସହ ପାଲଲହଡ଼ା ପାଇଁ ସଂଯୋଜକ, ଡ. ହୁସେନ୍ ରବି ଗାନ୍ଧୀଙ୍କୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଏବଂ କୁନାଲ ରାଉତଙ୍କୁ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ନିର୍ବାଚନ ସମୟରେ ଦଳ ବିରୋଧୀ କାର୍ଯ୍ୟ କରୁଥିବାରୁ ବୌଦ୍ଧ ଜିଲା କଣ୍ଟାମାଳର ଶେଷ କୁମାର ମେହେରଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି।

- ସୁବର୍ଣ୍ଣପୁରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

# କେନ୍ଦ୍ର ସରକାର ଗଠନରେ ବିଜେଡିର ବଡ଼ ଭୂମିକା ରହିବ

**ସୋନପୁର/ଉଲୁଣ୍ଡା,୧୧।୪ (ନି.ପ୍ର./ଡି.ଏନ.ଏ.)**


ସୋନପୁର ନିର୍ବାଚନମଣ୍ଡଳୀର ସିଆଳିରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

- ଭାଜପା ଉପରେ ବର୍ଷିଲେ ନବୀନ
- କେନ୍ଦ୍ର ସରକାର କାଳିଆ ଯୋଜନାକୁ ବନ୍ଦ କରିଛନ୍ତି
- କଂଗ୍ରେସ ବିରୋଧରେ ପଦୁଟିଏ କହିଲେନି

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ୭ ଦିନ ବାକି ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ହେଲିକପ୍ଟର ଯୋଗେ ସୁବର୍ଣ୍ଣପୁର ଜିଲା ଗସ୍ତ କରି ମାରାଥନ ପ୍ରଚାର କରିଛନ୍ତି। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ସିଆଳି ପଡିଆରେ ଆୟୋଜିତ ଦଳୀୟ ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଭାଜପା ଓ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଉପରେ ବର୍ଷିଥିଲେ। କିନ୍ତୁ କଂଗ୍ରେସ ବିରୋଧରେ ପଦୁଟିଏ କହି ନ ଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କାଳିଆ ଯୋଜନାରେ ଓଡ଼ିଶାର ୪୦ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। କେନ୍ଦ୍ରର ଭାଜପା ସରକାର ସେହି ଯୋଜନାକୁ ବନ୍ଦ କରିଛି। ମୁଁ ଥିବା ପର୍ଯ୍ୟନ୍ତ କେହି ଏହି ଯୋଜନା ବନ୍ଦ କରିପାରିବ ନାହିଁ । ମୋ ସରକାର ଆସିବାର ପ୍ରଥମ ଦିନରେ ହିଁ କାଳିଆ ଯୋଜନାର ଦୁଇଟି କିସ୍ତିର ଅନୁଦାନ ୧୦ ହଜାର ଟଙ୍କା ଲେଖାଏଁ ଦିଆଯିବ। ନିର୍ବାଚନ ଆସିଲେ କେନ୍ଦ୍ରର ବଡ ବଡ ନେତାଙ୍କୁ ଓଡ଼ିଶା କଥା ମନେ ପଡେ। ବନ୍ୟା, ମରୁଡି ସମୟରେ କେହି ଆସିଲେନି। ଏବେ ଭୋଟ ପାଇଁ ଓଡ଼ିଶାକୁ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେହିପରି ବୀମା କରି ଚାଷୀ ହଇରାଣ ହେଉଛନ୍ତି। କମ୍ପାନୀ ଲାଭ ଉଠାଉଛି। କେବିକେ ଯୋଜନା, ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଛାତ୍ରବୃତ୍ତିକୁ କେନ୍ଦ୍ର ସରକାର କାହିଁକି ବନ୍ଦ କଲେ ବୋଲି ନବୀନ ପ୍ରଶ୍ନ କରିଥିଲେ। ଜିଏସଟି ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ବୁଣାକାର ପରିବାର କ୍ଷତି ସହିଲେ। ମହାନଦୀ ପାଣି ବନ୍ଦ ଘଟଣାରେ ଭାଜପା ଛତିଶଗଡ଼ ସରକାରର ପକ୍ଷ ନେଲା। ୭୨ ବର୍ଷର ସ୍ୱାଧୀନତା ପରେ ବି ଏହି ଜିଲାରେ ରେଳ ସେବା ପହଞ୍ଚି ନାହିଁ କହି ନବୀନ କେନ୍ଦ୍ରରେ ଶାସନ କରୁଥିବା ଜାତୀୟ ଦଳଗୁଡିକୁ ଟାର୍ଗେଟ କରିଥିଲେ। ଏଥର କେନ୍ଦ୍ରରେ କେହି ଜାତୀୟ ଦଳ ସରକାର ଗଠନ କରିପାରିବେ ନାହିଁ। କେନ୍ଦ୍ରରେ ସରକାର ଗଠନରେ ବିଜେଡିର ବଡ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ଆପଣଙ୍କ ସେବା କରିବି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ । ଦଳୀୟ ଏମ୍‌ପି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଓ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇଥିଲେ। ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କ ବକ୍ତବ୍ୟରେ ନବୀନ ବାବୁ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ। ଚଳିତ ଥର ପଡୋଶୀ ବରଗଡ଼ ଜିଲା ବିଜେପୁରରେ ପ୍ରାର୍ଥୀ ହୋଇ ଥିବାରୁ ଏ ଅଞ୍ଚଳର ଦ୍ରୁତ ବିକାଶ ହେବ ବୋଲି ନିରଞ୍ଜନ କହିଥିଲେ। ବିଜେଡି ଜିଲା ସଭାପତି ସରୋଜ କମ୍ପ, ଅଭିମନ୍ୟୁ କୁଶଳ, ରମେଶ ପୂଜାରୀ, ହିମାଂଶୁ ଶେଖର ବିଶ୍ୱାଳ, ଶତ୍ରୁଘ୍ନ ପୃଷ୍ଟି, ରାଜକୁମାର ସୁନା, ଯୁବ ବିଜେଡି ସଭାପତି ଅଶୋକ ନନ୍ଦ ଓ ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର କଇରାଙ୍ଗୁଲି ଖେଳପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ବକ୍ତବ୍ୟ ରଖି ସାମୂହିକ ବିକାଶ ପାଇଁ ଦଳୀୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ତାଙ୍କ ବକ୍ତବ୍ୟରେ ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ତାଙ୍କୁ ଆଉଥରେ ସୁଯୋଗ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଝସକେତନ ବଘାର, ମୃତ୍ୟୁଞ୍ଜୟ ପଧାନ, ଉତ୍ତର କୁମାର ପାତ୍ର, ରଞ୍ଜିତ ରଥ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଓଲଟିଲା ଭାଜପା ପ୍ରଚାର ଗାଡ଼ି: ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସମେତ ୫ ଆହତ

**ବୀରମହାରାଜପୁର, ୧୧।୪(ଡି.ଏନ୍.ଏ.)**

ଭାଜପାର ନିର୍ବାଚନ ପ୍ରଚାରରେ ନିୟୋଜିତ ଏକ ଯାନ ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀଙ୍କ ସମେତ ୫ ଜଣ ଆହାତ ହୋଇଛନ୍ତି। ପ୍ରାପ୍ତ ସୂଚନା ମତେ, ବୀରମହାରାଜପୁର-ସୋନପୁର ରାସ୍ତାର କୁମାରକେଲି ଛକ ନିକଟ ବୁଲାଣିରେ ବୋଲେରୋ ଗାଡି (ଓଡି ୦୩ ଜେ ୪୬୩୪) ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ତହିଁରେ ବସିଥିବା ଜିଲା ପରିଷଦ ଅଧ୍ୟକ୍ଷା ଏବଂ ଅନ୍ୟମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋନପୁର ଜିଲା ଡାକ୍ତରଖାନାରେ ପହଞ୍ଚାଇଥିଲେ। ଉଷା କୁମାରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ବୀରମହାରାଜପୁର ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଆଜି କେନ୍ଦୁଝର ଆସୁଛନ୍ତି ଶାହ

## ୧୬ରେ ମୋଦିଙ୍କ ଭୁବନେଶ୍ୱର କାର୍ଯ୍ୟକ୍ରମ ଉପରେ ନଜର

**ଭୁବନେଶ୍ୱର, ୧୧।୪(ବ୍ୟୁରୋ):** ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଶୁକ୍ରବାର ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି। ସେ ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ମେଡିକାଲ ପଡିଆଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଆସନ୍ତା ୧୭ରେ ମଧ ଶାହ ପୁନର୍ବାର ଓଡ଼ିଶା ଆସିବେ। ସେହି ସମୟରେ ସେ ଢେଙ୍କାନାଳ ଗସ୍ତ କରିବେ। ଢେଙ୍କାନାଳ ମହିଷାପାଟ ନୂଆ ବସଷ୍ଟାଣ୍ଡଠାରେ ଏବଂ ବଡମ୍ବା ଟେନିସ ପଡିଆଠାରେ ଦଳ ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ସେ ଯୋଗଦେବେ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ଆସନ୍ତା ୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ଓଡିଶା ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ଜିଲା ହୀରାକୁଦ ରୋଡ ଲୋରପଙ୍କଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ପରେ ଅପରାହ୍ନ ୫ଟାରେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆଠାରେ ବିଜୟ ସଂକଳ୍ପ ସଭାରେ ଉଦ୍‌ବୋଧନ ଦେବେ ବୋଲି ଗୋଲକ କହିଛନ୍ତି ।

# ଭୋଟରଙ୍କ ଆଶା ଚାଷୀଙ୍କ ଉନ୍ନତି, ବିକାଶ

**ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର**
**ବରଗଡ଼ ଅଫିସ/ସରଣ୍ଡା,୧୧।୪**

## ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀ


ସ୍ନେହାଙ୍ଗିନୀ ଛୁରିଆ (ବିଜେଡି) | ମିଳନ ସେଟ୍ (ଭାଜପା) | ନିହାର ରଞ୍ଜନ ମହାନନ୍ଦ (କଂଗ୍ରେସ) | ରବୀନ୍ଦ୍ର ମେଘ (ବିଏସ୍‌ପି)

**ସମୁଦାୟ ଭୋଟର ସଂଖ୍ୟା– ୨,୧୫,୪୮୦**

| ପୁରୁଷ | ମହିଳା | ଅନ୍ୟାନ୍ୟ |
|---|---|---|
| ୧,୧୧,୮୫୫ | ୧,୦୩,୬୨୨ | ୩ |

| | |
|---|---|
| ମୋଟ୍ ଭୋଟ ଗ୍ରହଣ କେନ୍ଦ୍ର | ୨୫୨ |
| ସମ୍ବେଦନଶୀଳ ଭୋଟ ଗ୍ରହଣ କେନ୍ଦ୍ର | ୨୪ |
| ଅତି ସମ୍ବେଦନଶୀଳ ଭୋଟ ଗ୍ରହଣ କେନ୍ଦ୍ର | ୪ |
| ସାଧାରଣ ଭୋଟ ଗ୍ରହଣ କେନ୍ଦ୍ର | ୨୨୪ |

ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ଆସନ୍ତା ୧୮ତାରିଖ ମତଦାନ ହେବ। ଏଥିପାଇଁ ଜିଲାରେ ନିର୍ବାଚନ ତାତି ବଢ଼ି ଚାଲିଛି । ସବୁ ଦଳର ପ୍ରାର୍ଥୀ ପ୍ରଚାରକୁ ଜୋର୍‌ଦାର କରିବାରେ ଲାଗିଛନ୍ତି । ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଅତାବିରା ସବୁଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ପୂର୍ବରୁ ଏହି ଆସନରେ ଭାଜପା ଖାତା ଖୋଲି ପାରି ନ ଥିବାବେଳେ ବିଧାନସଭା ପୁନର୍ଗଠନ ପରେ ଉଭୟ କଂଗ୍ରେସ ଓ ବିଜେଡି ଥରେ ଲେଖାଏ ଜିତି ବରାବର ସ୍ଥିତିରେ ଅଛନ୍ତି। ୨୦୧୭ ପଞ୍ଚାୟତ ଭୋଟ୍‌ରେ ଏହି ନିର୍ବାଚନମଣ୍ଡଳୀର ୭ଟି ଜିଲା ପରିଷଦ ଆସନରୁ ଭାଜପା ସର୍ବାଧିକ ୪ଟି ଆସନ ହାତେଇ ବିଜେଡିକୁ ପଛରେ ପକାଇ ଦେଇଥିବାବେଳେ କଂଗ୍ରେସ ମୂଳପୋଛ ହୋଇଥିଲା । ମାତ୍ର ଅତାବିରା ଏନ୍‌ଏସି ନିର୍ବାଚନରେ ବିଜେଡି ସମସ୍ତ ୧୧ଟି ୱାର୍ଡ଼ରେ ବାଜିମାତ୍ କରି ଭାଜପାକୁ କଡ଼ା ଜବାବ ଦେଇଥିଲା । କଂଗ୍ରେସ ପଞ୍ଚାୟତ ଭୋଟ୍ ଭଳି ପରାଜୟକୁ ଦୋହରାଇଥିଲା। ଫଳରେ ଚଳିତ ସାଧାରଣ ନିର୍ବାଚନ ଏହି ତିନି ପ୍ରମୁଖ ଦଳ ପାଇଁ ସମ୍ମାନର ବିଷୟ ହୋଇଛି । ଏଥର ଏହି ଆସନ ହାତେଇବା ପାଇଁ ସବୁଦଳ ମଧ୍ୟରେ ଲଢ଼େଇ ଜୋର୍‌ଦାର୍ ହେଉଥିବା ଏବେଠାରୁ ପରିଲକ୍ଷିତ ହେଲାଣି ।

ଅତାବିରା ଓ ଭେଡ଼େନ ବ୍ଲକ ସମେତ ଅତାବିରା ଏନ୍‌ଏସିକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ । ବିଧାନସଭା ପୁନର୍ଗଠନ ପରେ ୨୦୦୯ ସାଧାରଣ ନିର୍ବାଚନରେ କଂଗ୍ରେସ ଏଠାରୁ ବିଜୟ ଯାତ୍ରା ଆରମ୍ଭ କରିଥିଲା । ସେତେବେଳେ ଦଳର ପ୍ରାର୍ଥୀ ନୀହାର ରଞ୍ଜନ ମହାନନ୍ଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ୧୩ହଜାର ୩୨୯ ଭୋଟ୍ ବ୍ୟବଧାନରେ ହରାଇଥିଲେ । ଭାଜପା ଟିକେଟ୍‌ରୁ ବଞ୍ଚିତ ହୋଇ ସ୍ୱାଧୀନ ଭାବେ ଲଢ଼ିଥିବା ମିଳନ ସେଠ ୧୬ହଜାର ୩୦୮ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପଟେ ତତ୍କାଳୀନ ଭାଜପା ପ୍ରାର୍ଥୀ ବିପିନ ଭୋସାଗରଙ୍କ ସପକ୍ଷରେ ମାତ୍ର ୧୧ହଜାର ୬୬ଟି ଭୋଟ୍ ଯାଇଥିଲା। ୨୦୧୪ ସାଧାରଣ ନିର୍ବାଚନ ବେଳକୁ ସବୁ ଓଲଟପାଲଟ ହୋଇ ଯାଇଥିଲା। ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ କଂଗ୍ରେସ ପ୍ରାର୍ଥୀ ନୀହାର ମହାନନ୍ଦଙ୍କୁ ୨୫ହଜାର ୪୭୪ ଭୋଟ୍ ବ୍ୟବଧାନରେ ହରାଇଥିଲେ । ସେତେବେଳେ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ୬୯ହଜାର ୬୨୨ ଭୋଟ୍ ଯାଇଥିବାବେଳେ ୪୪ହଜାର ୧୨୮ଭୋଟ୍‌ରେ ନୀହାରଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ସେହିପରି ୨୦୦୯ରେ ଦଳୀୟ ଟିକେଟ୍‌ରୁ ବଞ୍ଚିତ ହୋଇଥିଲେ ମଧ ପରବର୍ତ୍ତୀ ସାଧାରଣ ନିର୍ବାଚନରେ ଭାଜପାରୁ ଟିକେଟ୍ ପାଇ ମିଳନ ୩୩ ହଜାର ୭୩୫ ଭୋଟ୍ ପାଇଁ ପୂର୍ବବତ୍ ତୃତୀୟ ସ୍ଥାନରେ ରହିଥିଲେ ।

୨୦୧୪ ନିର୍ବାଚନ ଭଳି ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ସ୍ନେହାଙ୍ଗିନୀ, ନିହାର ଓ ମିଳନ ଯଥାକ୍ରମେ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଭାବେ ଅତାବିରା ଆସନ ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ସେମାନଙ୍କ ବ୍ୟତୀତ ବହୁଜନ ସମାଜ ପାର୍ଟି (ବିଏସପି)ରୁ ରବୀନ୍ଦ୍ର ମେଘ ଏବଂ ପଶ୍ଚିମାଞ୍ଚଳ ବିକାଶ ପାର୍ଟିରୁ ଲକ୍ଷ୍ମଣ କୁମାର ଭୋଇ ମଧ୍ୟ ଦଳୀୟ ପ୍ରାର୍ଥୀ ଭାବେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସ୍ନେହାଙ୍ଗିନୀ, ନୀହାର ଓ ମିଳନ ଭୋଟରଙ୍କ ପାଇଁ ନୂଆ ହୋଇ ନ ଥିବା ଯୋଗୁ ସେମାନଙ୍କ କାର୍ଯ୍ୟଦକ୍ଷତା ପରଖିବା ଅଞ୍ଚଳବାସୀଙ୍କ ପାଇଁ ଆଉ ବାକି ନାହିଁ । ନିର୍ବାଚନରେ ଦଳର ଭାବମୂର୍ତ୍ତି, ଦଳୀୟ ଇସ୍ତାହାର, ବିକାଶମୂଳକ ଯୋଜନା, ସାଙ୍ଗଠନିକ ସ୍ଥିତି ଗୁରୁତ୍ୱବହନ କରୁଥିବାରୁ ଭୋଟର ତାକୁ ଏବେ ପରଖି ଦେଖୁଛନ୍ତି । ଏହି ନିର୍ବାଚନମଣ୍ଡଳୀ ଅଧୀନ ଲରମ୍ବାର ଜଣେ ଭୋଟର ଖଗେଶ୍ୱର ମେହେର କୁହନ୍ତି, ଯେଉଁ ଦଳ ଉଭୟ ରାଜ୍ୟ ଓ ଦେଶର ବିକାଶ ପାଇଁ ଚିନ୍ତା କରୁଛି, ସେହି ଦଳ ସପକ୍ଷରେ ତାଙ୍କ ଭୋଟ ଯିବ। ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି, ମାତ୍ର ତା'ର ସୁଫଳ ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ । ଗତ ୫ବର୍ଷ ମଧ୍ୟରେ ଅଞ୍ଚଳରେ ଉନ୍ନତିମୂଳକ କାମ ହୋଇଛି । ମାତ୍ର ତାହା ଆଖିଦୃଶିଆ ନୁହେଁ ବୋଲି ସେ କହିଥିଲେ । ପତ୍ରାପାଲିର ହରଜିତ୍ ଜୟସ୍ୱାଲ କୁହନ୍ତି, ଯେଉଁ ଦଳ ଚାଷୀଙ୍କ ପାଇଁ ଚିନ୍ତା କରୁଛି, ସେହି ଦଳର ପ୍ରାର୍ଥୀଙ୍କ ସପକ୍ଷରେ ତାଙ୍କ ଭୋଟ ଯିବ। ସେ କ୍ରମାଗତ ୨ଟି ସାଧାରଣ ନିର୍ବାଚନରେ ମତଦାନ କରିଛନ୍ତି । ଭୋଟ୍‌ବେଳେ ପ୍ରାର୍ଥୀମାନେ ଅନେକ ପ୍ରତିଶ୍ରୁତି ଦିଅନ୍ତି, ଭୋଟ ସରିଗଲା ପରେ ସେହି ପ୍ରତିଶ୍ରୁତି ପୂରଣ ତ ଦୂରର କଥା, ଏପରିକି ଚାଷ, ଚାଷୀ ସମସ୍ୟା ବେଳେ ପାଖକୁ ଆସୁ ନ ଥିବା ଜୟସ୍ୱାଲ କହିଥିଲେ ।

ଏଭଳି ସ୍ଥିତିରେ ତିନି ପ୍ରମୁଖ ଦଳକୁ ଅଡୁଆ ଘାରୁଛି । ପ୍ରଚାର ସମୟରେ କେତେଜଣ ପ୍ରାର୍ଥୀ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। କେତେଜଣ ପ୍ରାର୍ଥୀଙ୍କୁ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ କାଳ ସାଜିଛି । ତଥାପି ସବୁ ପ୍ରାର୍ଥୀ ଦଳର ଘୋଷଣା, ଯୋଜନା, ଇସ୍ତାହାରକୁ ନେଇ ଲୋକଙ୍କ ପାଖକୁ ପହଞ୍ଚି ବିଜୟୀ ପାଇଁ ଆଶାବାଦୀ ଅଛନ୍ତି। ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଅତାବିରା ନିର୍ବାଚନମଣ୍ଡଳୀରେ ୨୦୦୯ରୁ ୨୦୧୯ ଭିତରେ ବହୁ ଜନହିତକର କାର୍ଯ୍ୟ କରାଯାଇଛି। ମହିଳା ସଶକ୍ତୀକରଣ ଦିଗରେ ଏସ୍‌ଏଚ୍‌ଜି ଗ୍ରୁପମାନଙ୍କୁ ସହାୟତା ପ୍ରଦାନ ଆଦି ମୋତେ ବିଜୟ କରିବାରେ ସହାୟକ ହେବ । ପପଙ୍ଗା ମହୋତ୍ସବ, ଗୋବର୍ଦ୍ଧନ ମହୋତ୍ସବ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଅତାବିରା ନିର୍ବାଚନମଣ୍ଡଳୀକୁ ପ୍ରତିଷ୍ଠିତ କରିପାରିଛି । ଦଳରେ କିଛି କନ୍ଦଳ ନାହିଁ । ସଭିଏଁ ଏକାଠି ଅଛୁ ଏବଂ ଏଥର ଏଠାରେ ପୁଣି ଦଳର ବିଜୟ ସୁନିଶ୍ଚିତ ବୋଲି ସେ କହିଥିଲେ । କଂଗ୍ରେସ ପ୍ରାର୍ଥୀ ନୀହାର ରଞ୍ଜନ ମହାନନ୍ଦ କହିଛନ୍ତି, କଂଗ୍ରେସ ଶାସନକୁ ଆସିଲେ ଚାଷୀଙ୍କ ଋଣଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୬୦୦ ଟଙ୍କା, ସବୁ ପରିବାରରୁ ଜଣକୁ ଚାକିରି ଦେବ । ଏହି ବାର୍ତ୍ତା ନେଇ ଭୋଟରଙ୍କ ପାଖକୁ ପହଞ୍ଚୁଛୁ। ଭୋଟରମାନେ ମଧ୍ୟ ତାକୁ ଗ୍ରହଣ କରୁଛନ୍ତି । ସବୁ କର୍ମୀ ଦଳର ବିଜୟ ପାଇଁ ପରିଶ୍ରମ କରୁଛନ୍ତି । ଫଳରେ ୨୦୦୯ ଭଳି ୨୦୧୯ ନିର୍ବାଚନରେ ମଧ୍ୟ ଏଠାରେ କଂଗ୍ରେସର ବିଜୟ ହେବ । ଭାଜପା ପ୍ରାର୍ଥୀ ମିଳନ ସେଠ କହିଥିଲେ, ଅତାବିରା ନିର୍ବାଚନମଣ୍ଡଳୀରେ କୃଷି, ବେକାରି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ବଢ଼ିବାରେ ଲାଗିଛି। ଏହାର ପ୍ରତିକାର ପାଇଁ ପରିବର୍ତ୍ତନ ସହିତ ଭାଜପାକୁ ଥରେ ଶାସନଭାର ଦେବା ଦରକାର। ଏହି ବାର୍ତ୍ତା ନେଇ ସେ ଲୋକଙ୍କ ପାଖକୁ ଯାଉଥିବା କହିଥିଲେ। ମୋଦିଙ୍କ ବିକାଶଧାରା ପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି ଏବଂ ରାଜ୍ୟ ସରକାରଙ୍କ କାଳିଆ ଯୋଜନାକୁ ବିରୋଧ କରୁଛନ୍ତି। ଫଳରେ ଏଥର ଭାଜପା ସପକ୍ଷରେ ହିଁ ସର୍ବାଧିକ ଜନମତ ଆସିବ ଏବଂ ଦଳ ବିଜୟଲାଭ କରିବ ବୋଲି ସେ କହିଥିଲେ।

ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ



# ବ୍ୟାଙ୍କଗୁଡ଼ିକ ନିରାଶ କଲେ

ଗତ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋହାର (ଯେଉଁ ସୁଧହାରରେ ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କରୁ ଋଣ ନିଅନ୍ତି) ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଗତ ଫେବୃୟାରୀ ମାସରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସମପରିମାଣର ସୁଧହାର ହ୍ରାସ କରିଥିଲା। ଫେବୃୟାରୀର ରେପୋହାର ହ୍ରାସ ପରେ ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ, ୟେସ୍ ବ୍ୟାଙ୍କ ଓ ୟୁନିୟନ ବ୍ୟାଙ୍କ ପ୍ରଭୃତି ଅନେକ ବ୍ୟାଙ୍କ ଗ୍ରାହକଙ୍କୁ ଦେଉଥିବା ଋଣ ଉପରେ ସେମାନଙ୍କ ସୁଧହାର ୫ରୁ ୧୦ ବେସିସ୍ ପଏଣ୍ଟ ମଧ୍ୟରେ କମାଇଥିଲେ। ଏକ ବେସିସ୍ ପଏଣ୍ଟ ହେଉଛି ଏକ ପ୍ରତିଶତର ଏକ ଶତାଂଶ। ଏଥର ରେପୋହାର ହ୍ରାସ ହେବା ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ୫ରୁ ୧୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। କିନ୍ତୁ ରିଜର୍ଭ ବ୍ୟାଙ୍କ ଯେଉଁଭଳି ସଙ୍କେତ ଦେଇଥିଲା, ତାହାଠାରୁ ଏହା ବହୁତ କମ୍। ବ୍ୟାଙ୍କଗୁଡ଼ିକ ଆଗକୁ ସୁଧହାର କମାଇବାର ସମ୍ଭାବନା ଦେଖାଯାଉ ନ ଥିବାରୁ ଏହାଦ୍ୱାରା ରିଜର୍ଭ ବ୍ୟାଙ୍କର ଉଦ୍ଦେଶ୍ୟ ସାଧିତ ନ ହେବା ପରି ମନେହେଉଛି। ଗତ ଦୁଇମାସ ଭିତରେ ରେପୋହାର ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇସାରିଲାଣି। ଅଥଚ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୋଷ୍ଠୀ ମଧ୍ୟରେ ବୃହତ୍ତମ ଏସ୍‌ବିଆଇ ଗ୍ରାହକମାନଙ୍କୁ ମାତ୍ର ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସର ସୁବିଧା ଦେଇଛି। ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ (ଆଇଓବି) ଏକବର୍ଷ ବା ତଦୂର୍ଦ୍ଧ୍ୱ ଋଣ ପରିଶୋଧ ପାଇଁ ବାକି ଥିବା ଗ୍ରାହକମାନଙ୍କର ଋଣ ଉପରୁ ୫ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। ଅନ୍ୟ ପକ୍ଷରେ ବ୍ୟାଙ୍କ ଅଫ୍ ବରୋଦା ସୁଧହାର ହ୍ରାସ ନ କରି ଯୁକ୍ତି ଦର୍ଶାଇଛି ଯେ, ବ୍ୟାଙ୍କ ଶିଳ୍ପରେ ଏହାର ସୁଧହାର ଏଥିପୂର୍ବରୁ ପ୍ରତିଯୋଗିତାକ୍ଷମ ହିଁ ରହିଛି। ଘରୋଇ ବ୍ୟାଙ୍କ କ୍ଷେତ୍ରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବିଭିନ୍ନ ଟେନର (ପରିଶୋଧ ପାଇଁ ବାକି ଥିବା ଅବଧି) ପାଇଁ ସୁଧହାର ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି।

ଜମା ବଢୁ ନ ଥିବାରୁ ବ୍ୟାଙ୍କଗୁଡ଼ିକ ରେପୋହାର ହ୍ରାସର ସୁବିଧା ଗ୍ରାହକମାନଙ୍କୁ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଲୋକମାନେ ବ୍ୟାଙ୍କରେ ଜମା ନ କରି ଇକ୍ୱିଟି ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ସେଥିପାଇଁ ବ୍ୟାଙ୍କଗୁଡ଼ିକ ଅଧିକ ସୁଧହାରରେ କର୍ପୋରେଟ୍ ଜମା ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ମାର୍ଚ୍ଚ ୨୭ ତାରିଖରେ ଆର୍‌ବିଆଇ ପ୍ରକାଶ କରିଥିବା କ୍ରମସଞ୍ଚିତ ତଥ୍ୟ ଅନୁସାରେ, ବ୍ୟାଙ୍କଗୁଡ଼ିକର ଋଣ ୧୪ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଇଥିବା ବେଳେ ଜମାବୃଦ୍ଧି ୧୦ ପ୍ରତିଶତରେ ସୀମିତ ରହିଛି।

## ଆଜିର ଅର୍ଥନୀତି

ତା'ହେଲେ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇର ରେପୋହାର ହ୍ରାସ ସତ୍ତ୍ୱେ ଗ୍ରାହକମାନଙ୍କୁ ତା'ର ଲାଭ କାହିଁକି ଦେଉନାହାନ୍ତି? ତା'ର କାରଣ ହେଉଛି ଜମା ଉପରୁ ସେମାନେ ସୁଧହାର କମାଇ ପାରୁନାହାନ୍ତି। ସେମାନଙ୍କ ହାତ ବନ୍ଧା ହୋଇରହିଛି। ସେମାନେ ଯେଉଁ ମାତ୍ରାରେ ଋଣ ଦେଉଛନ୍ତି, ସେହି ଅନୁସାରେ ସେମାନଙ୍କର ଜମା ବୃଦ୍ଧି ପାଉନାହିଁ। ସ୍ୱଳ୍ପ ସଞ୍ଚୟ ଉପରୁ ସେମାନେ ସୁଧହାର କମାଇଲେ ତାହା ଜନବିରୋଧୀ ହେବ, ବିଶେଷତଃ ନିର୍ବାଚନ ବର୍ଷରେ ରାଜନୈତିକ ଦୃଷ୍ଟିରୁ ଅନୁଚିତ କାର୍ଯ୍ୟ ହେବ। ଗତ ଚାରିମାସ ଭିତରେ ବ୍ୟାଙ୍କଗୁଡ଼ିକ ଜମା ଉପରେ ସୁଧହାର କମାଇ ନାହାନ୍ତି। ବ୍ୟାଙ୍କିଂ ବ୍ୟବସ୍ଥାରେ ଲିକ୍ୱିଡିଟି (ନଗଦ) ହ୍ରାସ ପାଉଥିବା ବେଳେ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧହାର କମାଇବାକୁ ଚାହୁଁନାହାନ୍ତି।

ଅନେକ ମାସ ହେଲା ଅଭିବୃଦ୍ଧି ମାନ୍ଦା ରହିଆସିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ୨୦୧୮-୧୯ ପାଇଁ ଜିଡିପି ଅଭିବୃଦ୍ଧି ହାରକୁ ସଂଶୋଧନ କରି ୭ ପ୍ରତିଶତକୁ କମାଇ ଦେଇଛି, ଯେତେବେଳେ କି ଆର୍‌ବିଆଇ ୨୦୧୮-୧୯ରେ ବୃଦ୍ଧିହାର ୭.୪ ପ୍ରତିଶତ ହେବ ବୋଲି ଆକଳନ କରିଥିବାବେଳେ ୨୦୧୯-୨୦ରେ ଅପେକ୍ଷାକୃତ କମ୍ ୭.୨ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରିଛି। ଫେବୃୟାରୀରେ ସାମାନ୍ୟ ବୃଦ୍ଧି ସତ୍ତ୍ୱେ ମୁଦ୍ରାସ୍ଫୀତି ୨.୬ ପ୍ରତିଶତରେ ନିୟନ୍ତ୍ରଣାଧୀନ ରହିଛି ଏବଂ ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରେ ଏହା ହାରାହାରି ୩.୫ ପ୍ରତିଶତରୁ କମ୍ ରହିବ ବୋଲି ଆକଳନ କରାଯାଇଛି। ଆର୍‌ବିଆଇ ଦ୍ୱାରା ଧାର୍ଯ୍ୟ ୪ ପ୍ରତିଶତରୁ ଏହା କମ୍। ଏଲ୍‌ନିନୋ କାରକ ପାଇଁ ଚଳିତବର୍ଷ ମୌସୁମୀ ବର୍ଷା ଆଶାନୁରୂପ ହେବ ନାହିଁ ବୋଲି ପୂର୍ବାନୁମାନ କରାଯାଇଛି। ବିଶ୍ୱ ପରିସ୍ଥିତି ପୂର୍ବଭଳି ପ୍ରତିକୂଳ ରହିଛି। ଓପିଇସି କାର୍ଟେଲ (ଉତ୍ପାଦକ ସଂଘ) ଦ୍ୱାରା ଉତ୍ପାଦନ ହ୍ରାସ ଯୋଗୁ ବ୍ୟାରେଲ ପିଛା ଅନ୍ତର୍ଜାତୀୟ ତୈଳଦର ୭୦ ଡଲାର ପାଖାପାଖି ରହିଛି। ଏହି ପରିପ୍ରେକ୍ଷୀରେ ଅଭିବୃଦ୍ଧି ବାଧାପ୍ରାପ୍ତ ହେଉଛି। ରେପୋହାର ହେଉଛି ସୁଧହାର ଯେଉଁଥିରେ ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ସ୍ୱଳ୍ପ ଅବଧି ପାଇଁ ପାଣ୍ଠି ଯୋଗାଇଥାଏ। କିନ୍ତୁ ଉକ୍ତ ରେପୋହାର ହ୍ରାସ ସତ୍ତ୍ୱେ ବ୍ୟାଙ୍କଗୁଡ଼ିକ ଯଦି ତାହାର ଲାଭ ଗ୍ରାହକମାନଙ୍କୁ ନ ଦିଅନ୍ତି, ତେବେ ତାହା ନିରର୍ଥକ। ଅଭିବୃଦ୍ଧିକୁ ଉଦ୍ଦୀପିତ କରିବା ପାଇଁ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଦେଉଥିବା ଋଣ ଉପରୁ ସୁଧହାର ହ୍ରାସ କରିବା ନିହାତି ଆବଶ୍ୟକ। ଅଭିବୃଦ୍ଧି ତ୍ୱରାନ୍ୱିତ ହେଲେ ତାହା ବ୍ୟାଙ୍କଗୁଡ଼ିକର କ୍ଷତି ଭରଣାଠାରୁ ଅଧିକ କାମ ଦେବ। ସୁତରାଂ ଏସ୍‌ବିଆଇ ପରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ନିରାଶ ନ କରି ବରଂ ଏ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଏପ୍ରିଲ ୧୯୯୪**

- ବୋସ୍‌ନିଆ-ସର୍ବୀୟ ଅଞ୍ଚଳଗୁଡ଼ିକ ଉପରେ ନାଟୋ ପକ୍ଷରୁ ବିମାନ ଆକ୍ରମଣ ପରେ ଜାତିସଂଘ ପକ୍ଷରୁ ସାରାୟେଭୋକୁ ପଠାଯାଉଥିବା ସମସ୍ତ ମାନବିକତାକାଳୀନସାହାଯ୍ୟ ଯୋଗାଣଓରିଲିଫକାର୍ଯ୍ୟକୁସ୍ଥଗିତରଖାଯାଇଛି।
- ନାମ୍‌ପେନ ନିକଟସ୍ଥ ତ୍ରୋସଲା ଗ୍ରାମ ଉପରେ ଖେମରରୁଜ ଗେରିଲାମାନେ ହାତବୋମା ଓ ବନ୍ଧୁକ ସାହାଯ୍ୟରେ ଆକ୍ରମଣ କରିବା ଫଳରେ ୧୩ ଜଣ ଭିଏତ୍‌ନାମ ନାଗରିକ ପ୍ରାଣ ହରାଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | D | | | C | A | | 0 | 2 | | | |
| A | | E | | 3 | | | | 5 | 8 | | D | | | |
| | | | | | | | | 3 | | | | | | |
| 2 | | | 1 | 7 | | | 9 | | 6 | | | | 5 | |
| | | | | 6 | | 4 | B | | | | | | | |
| | | D | | | | C | 4 | | 2 | 8 | 5 | | | |
| | 2 | 6 | | | 1 | | | E | 7 | | 0 | | | |
| | | | C | | A | | | 8 | 3 | | | 9 | | |
| | B | | | | | | | | | | | 7 | | E |
| | | | | | | B | 5 | 2 | A | | C | 3 | 4 | |
| | | 0 | | | | | | B | C | | 4 | 5 | 2 | A |
| | | | | | 3 | | 2 | | | | 1 | C | E | |
| | D | B | | 1 | | 6 | | | | | | | | |
| | | | 0 | | | 5 | A | C | 9 | 3 | 6 | | | 4 |
| | | 9 | | | | | D | | 5 | | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 8 | 5 | C | A | 1 | D | 2 | 0 | 9 | 4 | 7 | 3 | 6 |
| 9 | 7 | 2 | 1 | 4 | 8 | 3 | C | B | 5 | 6 | A | 0 | E | D |
| C | 5 | 3 | D | E | 0 | 8 | 6 | A | 7 | B | 1 | 4 | 9 | 2 |
| 4 | D | 6 | 7 | B | 9 | 5 | E | 0 | 2 | C | 3 | A | 8 | 1 |
| A | 0 | 1 | 3 | 6 | 2 | 9 | 4 | 7 | D | E | 8 | C | 5 | B |
| 1 | 8 | 5 | 9 | 3 | 7 | 4 | 2 | C | B | A | D | E | 6 | 0 |
| 7 | 9 | 4 | C | 2 | 1 | D | 0 | 6 | 3 | 5 | E | 8 | B | A |
| 2 | C | D | B | A | 4 | E | 8 | 3 | 9 | 0 | 6 | 1 | 7 | 5 |
| 3 | A | 0 | E | 5 | 6 | B | 7 | 9 | 8 | 1 | C | D | 2 | 4 |
| E | 6 | B | 0 | 8 | D | A | 5 | 1 | 4 | 2 | 7 | 9 | C | 3 |
| D | 4 | 9 | 8 | 0 | 3 | 6 | A | 5 | C | 7 | B | 2 | 1 | E |
| 5 | 1 | E | 2 | D | B | C | 3 | 8 | A | 4 | 9 | 6 | 0 | 7 |
| 0 | 2 | C | 4 | 1 | E | 7 | 9 | D | 6 | 3 | 5 | B | A | 8 |
| 6 | B | 7 | A | 9 | 5 | 2 | 1 | 4 | E | 8 | 0 | 3 | D | C |
| 8 | 3 | A | 6 | 7 | C | 0 | B | E | 1 | D | 2 | 5 | 4 | 9 |

ଗତକାଲିର ଉତ୍ତର



# କଶ୍ମୀରର ବୋଝ

ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଭାରତ ବର୍ଷ ସ୍ୱାଧୀନ ହେବା ପରଠାରୁ ଯେଉଁ ସମସ୍ୟାଟି ଦେଶର ଶାନ୍ତି, ସମୃଦ୍ଧି ପଥରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଧାନ ଅନ୍ତରାୟ ହୋଇ ରହିଛି, ତାହା ହେଲା ଅସମାହିତ କଶ୍ମୀର ସମସ୍ୟା। ୧୯୪୭ ମସିହା ଅକ୍ଟୋବର ୨୬ ତାରିଖରେ ଜମ୍ମୁ-କଶ୍ମୀର ରାଜ୍ୟ ଭାରତ ଭୂଖଣ୍ଡ ସହିତ ମିଶିଲା। ସେହି ଦିନଠାରୁ ଏହି ସମସ୍ୟାର ମଞ୍ଜି ବୁଣାହୋଇଛି। ଏହା ମୂଳରେ ଥିଲେ ତତ୍କାଳୀନ ଜମ୍ମୁ-କଶ୍ମୀରର ମହାରାଜା ହରି ସିଂହ, ଭାରତର ବିଦାୟୀ ଗଭର୍ନର ଜେନେରାଲ ଲର୍ଡ ମାଉଣ୍ଟ ବ୍ୟାଟେନ ଏବଂ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ। ଦେଶର ଅଧିକାଂଶ ଦେଶୀୟ ରାଜ୍ୟ ଇଣ୍ଡିଆନ ଇଣ୍ଡିପେଣ୍ଡେନ୍ସ ଆକ୍ଟ-୧୯୪୭ ଅନୁସାରେ ଭାରତ ଭୂଖଣ୍ଡ ସହିତ ସାମିଲ ହେଲେ। କିନ୍ତୁ ମହାରାଜା ହରି ସିଂହ ଭାରତ ବା ପାକିସ୍ତାନ ସହିତ ନ ମିଶି ଜମ୍ମୁ-କଶ୍ମୀରକୁ ଏକ ସ୍ୱାଧୀନ ରାଜ୍ୟ ଭାବେ ବଜାୟ ରଖିବାର ସ୍ୱପ୍ନ ଦେଖିଲେ। ତାଙ୍କର ସେହି ସ୍ୱପ୍ନ ଅଚିରେ ଧୂଳିସାତ୍ ହୋଇଗଲା, ଯେତେବେଳେ ପାକିସ୍ତାନୀ ସେନା ସମର୍ଥିତ ପାର୍ବତ୍ୟ ମୁଜାହିଦ୍ଦିନ୍‌ମାନେ କଶ୍ମୀର ଭୂଖଣ୍ଡ ଉପରେ ବର୍ବର ଆକ୍ରମଣ କଲେ ଏବଂ ରାଜ୍ୟର ପ୍ରଧାନ ସେନାପତି ବ୍ରିଗେଡିୟର ରାଜେନ୍ଦ୍ର ସିଂହ ରକ୍ତାକ୍ତ ସଂଗ୍ରାମ କରି ସେମାନଙ୍କ ଦ୍ୱାରା ନିହତ ହେଲେ। ସେତେବେଳେ ମହାରାଜା ହରି ସିଂହ ପ୍ରାଣ ବିକଳରେ ଭାରତ ସରକାରଙ୍କୁ ସାହାଯ୍ୟ ନିମନ୍ତେ ପ୍ରାର୍ଥନା କଲେ ଏବଂ ଜମ୍ମୁ-କଶ୍ମୀରକୁ ଭାରତ ଭୂଖଣ୍ଡ ସହିତ ମିଶ୍ରଣର ପ୍ରସ୍ତାବ ଦେଲେ, ଯାହାକୁ ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଏକ୍ସେସନ କୁହାଯାଉଛି। ଲର୍ଡ ମାଉଣ୍ଟ ବ୍ୟାଟେନ କୂଟବୁଦ୍ଧି ପ୍ରୟୋଗ କରି ସେହି ଚୁକ୍ତିରେ ସର୍ତ୍ତ ରଖିଲେ କି ମୁଜାହିଦ୍ଦିନ୍‌ମାନେ ବିତାଡ଼ିତ ହେବା ପରେ କଶ୍ମୀରର ଜନସାଧାରଣ ଭାରତ ସହିତ ମିଶ୍ରଣକୁ ଚୂଡ଼ାନ୍ତ କରିବେ। ଭାରତ ସରକାର ଏରୋପ୍ଲେନ୍‌ରେ ସୈନ୍ୟ ପଠାଇ ଆକ୍ରମଣକାରୀ ମୁଜାହିଦ୍ଦିନ୍‌ମାନଙ୍କୁ ଲାଇନ୍ ଅଫ୍ କଣ୍ଟ୍ରୋଲ ପର୍ଯ୍ୟନ୍ତ ତଡ଼ିଦେଲେ। ସ୍ୱାଧୀନ ଭାରତର ପ୍ରଥମ ଶହୀଦ ବୀର ସେନାପତି ଦିୱାନ ରଣଜିତ ରାୟଙ୍କ ନେତୃତ୍ୱରେ ଅନେକ ଦେଶଭକ୍ତ ଯବାନ ବୁକୁର ରକ୍ତ ଢାଳି କଶ୍ମୀର ଭୂଖଣ୍ଡ ତଥା କଶ୍ମୀରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିଥିଲେ। ତତ୍ପରେ ୧୯୫୬ ନଭେମ୍ବର ୧୭ ତାରିଖରେ ଜମ୍ମୁ-କଶ୍ମୀର ସମ୍ବିଧାନ ସଭା ନୀତିଗତ ଭାବେ ଭାରତର ସମ୍ବିଧାନକୁ ଗ୍ରହଣ କରି ଭାରତ ଭୂଖଣ୍ଡ ସହିତ ଜମ୍ମୁ-କଶ୍ମୀରର ମିଶ୍ରଣକୁ ଚୂଡ଼ାନ୍ତ କଲେ। କିନ୍ତୁ ଆର୍ଟିକିଲ୍ ଅଫ୍ ଏକ୍ସେସନ୍‌ରେ ମହାରାଜା ହରି ସିଂହ ପ୍ରସ୍ତାବ ରଖିଥିଲେ କି ଜମ୍ମୁ-କଶ୍ମୀରକୁ କେତେକ ସ୍ୱାୟତ୍ତ ଶାସନ କ୍ଷମତା ପ୍ରଦାନ କରାଯିବ, ଯାହା ଭାରତୀୟ ସମ୍ବିଧାନର ୩୭୦ ଧାରାରେ ଅନ୍ତର୍ଭୁକ୍ତ ହୋଇଛି। ସେଥିରୁ ଗୋଟିଏ ସର୍ତ୍ତ ହେଲା- କଶ୍ମୀରର ମୂଳ ଅଧିବାସୀ ବ୍ୟତୀତ ଅନ୍ୟ କେହି ସେଠାରେ ସ୍ଥାୟୀ ଭାବେ ବସବାସ କରିପାରିବେ ନାହିଁ। ଜମ୍ମୁ-କଶ୍ମୀର ସମ୍ବିଧାନ ସଭା ୩୭୦ ଧାରାକୁ ଉଚ୍ଛେଦ ନ କରି ନିଜକୁ ଭଙ୍ଗ କରିଦେଲେ, ତେଣୁ ଏହା ଚିରଦିନ ପାଇଁ ଗୋଟିଏ କଣ୍ଟା ହୋଇ ରହିଗଲା। ଆମର ପ୍ରଶ୍ନ ହେଲା- ଶତାଧିକ ଦେଶୀୟ ରାଜ୍ୟ ଭାରତୀୟ ରାଷ୍ଟ୍ରସଂଘରେ ସାମିଲ ହୋଇଥିଲେ ମଧ୍ୟ କାହାରି କ୍ଷେତ୍ରରେ ଏପରି କୌଣସି ସର୍ତ୍ତ ନ ଥିଲାବେଳେ ଜମ୍ମୁ-କଶ୍ମୀରର ମିଶ୍ରଣରେ କାହିଁକି ଏପରି ଅଯୌକ୍ତିକ ସର୍ତ୍ତକୁ ସ୍ୱୀକାର କରି ନିଆଗଲା? ଏହି ପ୍ରଶ୍ନର ଉତ୍ତର ଚିରରହସ୍ୟାବୃତ୍ତ ହୋଇ ରହିଯାଇଛି।

ଏହି ଦୁଇଟି ତ୍ରୁଟିର ସୁବିଧା ନେଇ ପାକିସ୍ତାନ ଦୀର୍ଘ ୭୦ ବର୍ଷ କାଳ କଶ୍ମୀର ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛି ଏବଂ କଶ୍ମୀର ବିଚ୍ଛିନ୍ନତାବାଦୀମାନେ ଏକ ସ୍ୱାଧୀନ ଜମ୍ମୁ-କଶ୍ମୀର ରାଷ୍ଟ୍ରର ଦାବି ଉଠାଇ ଚାଲିଛନ୍ତି। ପାକିସ୍ତାନ ମୁଖ୍ୟତଃ ତିନିଦିଗରୁ ଭାରତ ବିରୋଧରେ ଜିହାଦ ଚଳାଇଛି। ପ୍ରଥମତଃ ସାମରିକ, ଦ୍ୱିତୀୟତଃ କୂଟନୈତିକ ଏବଂ ତୃତୀୟତଃ ସାମ୍ପ୍ରଦାୟିକ। ବର୍ଷ ବର୍ଷ ଧରି ସୀମା ସଂଘର୍ଷ, ଗୁଳିଗୋଳା ବର୍ଷଣ ଛଡ଼ା ପ୍ରାୟ ତିନୋଟି ବଡ଼ ବଡ଼ ଅଘୋଷିତ ଯୁଦ୍ଧ କରିଛି। କିନ୍ତୁ ସବୁଥର ଆମ ସୁରକ୍ଷା ବଳ ସଫଳତାର ସହିତ ଆକ୍ରମଣକାରୀଙ୍କୁ ପ୍ରତିହତ ଏବଂ ପରାଜିତ କରିଛି। ବିଗତ ଦିନରେ ଦେଶର ଅଶୀ ଭାଗ ସାମରିକ ଶକ୍ତି କେବଳ କଶ୍ମୀର ଏବଂ କଶ୍ମୀରବାସୀଙ୍କ ସୁରକ୍ଷା ନିମନ୍ତେ ବିନିଯୋଗ କରାଯାଇଛି। ଯଦିଓ ବିଭ୍ରାନ୍ତ କଶ୍ମୀରବାସୀ ଏ କଥା ଏବେ ସ୍ୱୀକାର କରୁନାହାନ୍ତି, ତଥାପି ସାମରିକ ବଳ ପ୍ରୟୋଗ କରି କଶ୍ମୀରକୁ ଭାରତରୁ ବିଚ୍ଛିନ୍ନ କରିବା ଯେ ଅସମ୍ଭବ, ଏ କଥା ପାକିସ୍ତାନ ଭଲଭାବେ ବୁଝିପାରିଛି। କୂଟନୈତିକ ସ୍ତରରେ ପାକିସ୍ତାନ ବାରମ୍ବାର ଜାତିସଂଘରେ କଶ୍ମୀର ପ୍ରଶ୍ନ ଉତ୍ଥାପନ କରି ମଧ୍ୟ ବିଫଳ ହୋଇଛି। ୧୯୭୪ ମସିହାରେ କଶ୍ମୀର ମୁସଲମାନଙ୍କ ନେତା ଶେଖ୍ ଅବ୍‌ଦୁଲ୍ଲା ଏବଂ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇ ଜମ୍ମୁ-କଶ୍ମୀର ରାଜ୍ୟକୁ ଭାରତୀୟ ରାଷ୍ଟ୍ରସଂଘର ଏକ ସଭ୍ୟ ରାଷ୍ଟ୍ର ଭାବେ ସ୍ୱୀକାର କରାଯାଇ ଆର୍ଟିକଲ୍ ୩୭୦ ଅନୁସାରେ ଏହାର ଶାସନ ନିୟନ୍ତ୍ରିତ ହେବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି ଏବଂ ଏହି ଚୁକ୍ତି ଜାତିସଂଘ ନିରାପତ୍ତା ପରିଷଦର ଏଜେଣ୍ଡାରେ ସ୍ଥାନ ପାଇଛି। ଜାତିସଂଘରେ ବାରମ୍ବାର ପାକିସ୍ତାନର କୂଟନୈତିକ ପରାଜୟ ଘଟିବାରୁ ଏବେ ସେ ତୃତୀୟ ପନ୍ଥା ଅର୍ଥାତ୍ ହୀନ ଚକ୍ରାନ୍ତ କରି କଶ୍ମୀରୀ ଜନସାଧାରଣଙ୍କ ମଧ୍ୟରେ ସାମ୍ପ୍ରଦାୟିକ ବିଦ୍ୱେଷର ବୀଜ ବୁଣି ଚାଲିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ସୈନ୍ୟବାହିନୀର ପୃଷ୍ଠପୋଷକତାରେ ପାକିସ୍ତାନୀ ସନ୍ତ୍ରାସବାଦୀମାନେ କଶ୍ମୀରରେ ଅବସ୍ଥିତ ସୁରକ୍ଷା ବଳ ଉପରେ ବାରମ୍ବାର ଆକ୍ରମଣ କରୁଛନ୍ତି। ଗତ ଫେବୃୟାରୀ ୧୪ ତାରିଖରେ ପୁଲ୍‌ୱାମାରେ ଘଟିଥିବା ଆତ୍ମଘାତୀ ସନ୍ତ୍ରାସବାଦୀ ଆକ୍ରମଣରେ ୪୯ ଭାରତୀୟ ଯବାନ ଶହୀଦ ହେବା ଏଯାବତ୍ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ। ଏହାର ପ୍ରତିଶୋଧ ନେବାକୁ ଭାରତୀୟ ବାୟୁସେନା ଫେବୃୟାରୀ ୨୬ ତାରିଖରେ ଅଚାନକ ସର୍ଜିକାଲ ଷ୍ଟ୍ରାଇକ୍ କରି ବାଲାକୋଟ୍, ମୁଜାଫରବାଦ ଏବଂ ଚକୋଟିରେ ବୋମା ପକାଇ ସେଠାରେ ସକ୍ରିୟ ଜେଇଏମ୍ ସନ୍ତ୍ରସବାଦୀ ଶିବିରଗୁଡିକୁ ଧ୍ୱଂସ କରିଛନ୍ତି। ଆନ୍ତର୍ଜାତିକ ସ୍ତରରେ ଭାରତର ଏହି ସନ୍ତ୍ରାସବାଦବିରୋଧୀ ପଦକ୍ଷେପକୁ ବିପୁଳ ସମର୍ଥନ ମିଳିଛି। ଏ ସବୁ ସତ୍ତ୍ୱେ କଶ୍ମୀର ଜନସାଧାରଣ ଅର୍ଥାତ୍ ମୁସଲମାନମାନେ ହୁରିଆତ କନ୍‌ଫରେନ୍ସ ଭଳି ଦେଶଦ୍ରୋହୀଙ୍କ ଚକ୍ରାନ୍ତ ଏବଂ ପ୍ରରୋଚନାରେ କ୍ରମେ ଅଧିକରୁ ଅଧିକ ଭାରତବିରୋଧୀ ହୋଇଉଠୁଛନ୍ତି। ସେମାନେ ଶତାଧିକ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା କରିଛନ୍ତି ଏବଂ ଅନ୍ୟମାନଙ୍କୁ କଶ୍ମୀରରୁ ପଳାୟନ କରିବାକୁ ବାଧ୍ୟ କରିଛନ୍ତି। ଅଥଚ ଭାରତ ସରକାର ସେମାନଙ୍କ ସୁଖସୁବିଧା ତଥା ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି। ସମଗ୍ର ଜମ୍ମୁ-କଶ୍ମୀରର ଲୋକସଂଖ୍ୟା ଭାରତ ଜନସଂଖ୍ୟାର ଏକ ପ୍ରତିଶତ ହୋଇଥିବା ବେଳେ ସେଠାରେ ଦେଶର ରାଜସ୍ୱର ୧୦ ପ୍ରତିଶତ ବ୍ୟୟିତ ହୁଏ। ୧୯୬୦ ଦଶକରେ ଯେତେବେଳେ ସମଗ୍ର ଦେଶରେ ଖାଦ୍ୟର ଉତ୍କଟ ଅଭାବ, ସେତେବେଳେ ମଧ୍ୟ ସରକାର କଶ୍ମୀରକୁ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଇଛନ୍ତି। ସେମାନଙ୍କୁ ସୁରକ୍ଷା ଦେବାକୁ ହଜାର ହଜାର ଭାରତୀୟ ଯବାନ ପ୍ରାଣବଳି ଦେଇଛନ୍ତି। ପାକ୍-ଅଧିକୃତ କଶ୍ମୀରର ଅଧିବାସୀମାନଙ୍କ ଦୟନୀୟ ଅବସ୍ଥା ସହିତ ସେମାନଙ୍କୁ ତୁଳନା କଲେ ଆକାଶ-ପାତାଳ ପ୍ରଭେଦ ଜଣାପଡ଼େ। ତଥାପି ସେହି ଅକୃତଜ୍ଞ ଜନଗୋଷ୍ଠୀ କେବଳ ସାମ୍ପ୍ରଦାୟିକ ପ୍ରରୋଚନାର ଶିକାର ହୋଇ ଭାରତବିରୋଧୀ ହେଉଛନ୍ତି। ପାକିସ୍ତାନ ସପକ୍ଷରେ ନାରାବାଜି କରୁଛନ୍ତି, କଶ୍ମୀର ରାଜ୍ୟର ଏହି ବିଭ୍ରାନ୍ତ ଜନଚେତନା ଭବିଷ୍ୟତରେ ଭାରତ ପାଇଁ ଏକ ବିରାଟ ସମସ୍ୟା ହୋଇ ଛିଡ଼ାହେବାର ସମ୍ଭାବନା ରହିଛି। କେବଳ ଆର୍ଥିକ ସ୍ୱଚ୍ଛଳତା ଏବଂ ଶିକ୍ଷାର ବିକାଶ ଘଟାଇ ସେହି ଅକୃତଜ୍ଞ ଜନଗୋଷ୍ଠୀକୁ ନିଜ ପକ୍ଷକୁ ଆଣିବା ସମ୍ଭବ ନୁହେଁ, ଏ କଥା ବୁଝିବାକୁ ଆଉ ବାକି ନାହିଁ। ପରନ୍ତୁ ସେମାନେ ଯେତେ ସ୍ୱଚ୍ଛଳ ଏବଂ ଶିକ୍ଷିତ ହେବେ ସେତେ ଦୁର୍ଦ୍ଧର୍ଷ ସନ୍ତ୍ରାସବାଦୀ ହୋଇ ଉଠିବେ, ଏଥିରେ ସନ୍ଦେହ ନାହିଁ। ମନେହୁଏ ଜନମତକୁ ନିୟନ୍ତ୍ରିତ କରିବା ପାଇଁ ଯାହା କରଣୀୟ, ତାହା କରାଯାଉନାହିଁ। କେବଳ ସୁନାପୁଅ ମନେକରି ତେଲ ମାରିବା ନୀତିରେ ଅକୃତଜ୍ଞମାନଙ୍କୁ ନୟନ୍ତ୍ରଣ କରାଯାଇପାରେନା। ଏଥିପାଇଁ ଶାସ୍ତ୍ରରେ ଚାରିପ୍ରକାର ପନ୍ଥା ନିର୍ଦ୍ଦିଷ୍ଟ ହୋଇଛି; ତାହା ହେଲା ଶାମ, ଦାନ, ଭେଦ, ଦଣ୍ଡ। ଶାମ ମାନେ ଶାନ୍ତି, ଦାନ ହେଲା ଆର୍ଥିକ ଅନୁଦାନ ବା ଲାଞ୍ଚ, ଭେଦ ନୀତିର ଅର୍ଥ ହେଲା ବିରୋଧୀ ଗୋଷ୍ଠୀରେ କୌଶଳରେ ବିଭେଦ ସୃଷ୍ଟି କରି ସେମାନଙ୍କୁ ଦୁର୍ବଳ କରିଦେବା ଏବଂ ପରିଶେଷରେ ଦଣ୍ଡ ଅର୍ଥାତ୍ ଦେଶଦ୍ରୋହୀ ଦୁଷ୍ଟ ଶକ୍ତିଙ୍କର ବିନାଶ କରିବା। ଆବଶ୍ୟକତା ଅନୁଯାୟୀ ଏକ ବା ଏକାଧିକ ନୀତିର ପ୍ରୟୋଗ କରି ଶାସନ ପରିଚାଳନା କରିବା କଥା କୁହାଯାଇଛି। ଏଥିପାଇଁ ଆମର ଗୋଇନ୍ଦା ବାହିନୀ ଏବଂ କୂଟନୀତିଜ୍ଞମାନଙ୍କୁ ସର୍ବଦା ତତ୍ପର ରହିବାକୁ ପଡ଼ିବ ଯେପରି କି ଘଟଣାପ୍ରବାହକୁ ଯଥାଯଥଭାବେ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇପାରିବ।

ଅତୀତରେ ଅନେକ ବିଦେଶୀ ଶକ୍ତି କଶ୍ମୀରର ଅନିଶ୍ଚିତ ଅବସ୍ଥାର ସୁଯୋଗ ନେଇ ଭାରତ ବର୍ଷର କ୍ଷତି କରିବାକୁ ଚେଷ୍ଟା କରିଛନ୍ତି ଏବଂ ଏବେ ବି କରିଚାଲିଛନ୍ତି। ସେମାନଙ୍କ ପ୍ରତି ସାବଧାନ ରହି ଆମକୁ ନିଜ ଚେଷ୍ଟାରେ ଏହି ସମସ୍ୟାର ସମାଧାନ କରିବାକୁ ପଡ଼ିବ। ଯେଉଁଦିନ ଭାରତ ନିଜର ବୁଦ୍ଧି-କୌଶଳ, ଶକ୍ତି-ସାମର୍ଥ୍ୟ ଖଟାଇ ନିଜ ସମସ୍ୟାର ସମାଧାନ କରିପାରିବ, ସେହିଦିନ ହିଁ ସେ ଜଗତରେ ଶ୍ରେଷ୍ଠ ଆସନ ଲାଭ କରିବ।

ନୟାପଲ୍ଲୀ, ଭୁବନେଶ୍ୱର, ମୋ-୯୪୩୭୨୮୭୯୬୪



# ଧର୍ମ ସିଂହାସନର ଖେଳ ନୁହେଁ

ଦେବଦତ୍ତ ପଟ୍ଟନାୟକ

ରାଜା ନୃଗଙ୍କୁ କୃକଳାସ (ଝିଟିପିଟି) ହେବାର ଅଭିଶାପ ମିଳିଥିଲା, କାରଣ ସେ ଅଜ୍ଞାତସାରରେ ଏକ ଭୁଲ୍ କରିପକାଇଥିଲେ। ନୃଗ ରାଜ୍ୟର ବ୍ରାହ୍ମଣ ଓ ଋଷିମାନଙ୍କୁ ଗାଈ ଦାନ କରିବା ପାଇଁ ବେଶ୍ ଜଣାଶୁଣା ଥିଲେ। ଥରେ ସେ ଦାନ କରିଥିବା ଗୋଟିଏ ଗାଈ ତା'ର ନୂଆ ମାଲିକ ଋଷିଙ୍କ ଗୁହାଳରୁ ଖସିଆସି ନୃଗଙ୍କ ଗୋରୁପଲରେ ମିଶିଯାଇଥିଲା। ନୃଗଙ୍କ କର୍ମଚାରୀମାନେ ତାହା ଜାଣିପାରି ନ ଥିଲେ। ସେହି ଗାଈକୁ ନୃଗ ଆଉ ଜଣେ ଋଷିଙ୍କୁ ଦାନ କରିଦେଲେ। ଋଷି ଜଣକ ଗାଈଟିକୁ ନେଇ ଘରକୁ ଯିବା ବେଳେ ପୂର୍ବୋକ୍ତ ଋଷି ତାକୁ ନିଜର ହଜିଯାଇଥିବା ଗାଈ ବୋଲି ଚିହ୍ନିପାରିଲେ। ଉଭୟେ ଦାବି କଲେ ଗାଈଟି ତାଙ୍କର ଓ ରାଜା ନୃଗ ତାଙ୍କୁ ଏହା ଦାନ କରିଛନ୍ତି। ମାମଲା ଯାଇ ରାଜାଙ୍କ ପାଖରେ ପହଞ୍ଚିଲା। ରାଜା ପ୍ରଥମ ଋଷିଙ୍କୁ କ୍ଷତିପୂରଣ ସ୍ୱରୂପ ଶହେ ଗାଈ ଦେବାକୁ କହିଲେ ମଧ୍ୟ ସେ ସେହି ଗାଈଟି ଛଡ଼ା ଅନ୍ୟ ଗାଈ ନେବେ ନାହିଁ ବୋଲି ରୋକ୍‌ଠୋକ୍ କହିଦେଲେ। ଏହାପରେ ରାଜା ଦ୍ୱିତୀୟ ଋଷିଙ୍କୁ ଗାଈଟି ସେ ପ୍ରଥମ ଋଷିଙ୍କୁ ଦେଇଦେଲେ ତାଙ୍କୁ ଏକଶହ ଗାଈ ଦେବେ ବୋଲି କହିଲେ। କିନ୍ତୁ ସେ ବି ଏ ପ୍ରସ୍ତାବରେ ରାଜି ହେଲେ ନାହିଁ। ଶେଷରେ ଦାନ କରାଯାଇଥିବା ଗାଈକୁ ରାଜା ଅନ୍ୟ ଜଣଙ୍କୁ ପୁନଃ ଦାନ କରିଥିବାରୁ ତାଙ୍କୁ କୃକଳାସ ହେବାର ଅଭିଶାପ ମିଳିଲା। ସତ୍ୟଯୁଗର ନୃଗ ଦ୍ୱାପର ଯୁଗରେ ଭଗବାନ୍ କୃଷ୍ଣଙ୍କ ଦର୍ଶନ କରିବା ପରେ ମୁକ୍ତି ପାଇବେ ବୋଲି ଅଭିଶାପ ପରେ ତାଙ୍କୁ ମୁକ୍ତିର ବାଟ ବତାଇଦିଆଗଲା। ନୃଗ ଏ ଅଭିଶାପକୁ ମୁଣ୍ଡପାତି ଗ୍ରହଣ କଲେ।

ମହାଭାରତର ଅନୁଶାସନ ପର୍ବରେ ଭୀଷ୍ମ ପାଣ୍ଡବମାନଙ୍କୁ ରାଜଧର୍ମ ସମ୍ବନ୍ଧରେ ଉପଦେଶ ଦେଲାବେଳେ ଏ କାହାଣୀଟି କହିଛନ୍ତି। ରାଜା ପ୍ରଜାମାନଙ୍କର ସୁଖସୁବିଧା ପାଇଁ ଦାୟୀ। ଏପରି ତାଙ୍କ ଅଜାଣତରେ କିଛି ଭୁଲ୍ ପାଇଁ ପ୍ରଜାମାନେ କଷ୍ଟ ପାଇଲେ ମଧ୍ୟ ସେଥିପାଇଁ ସେ ଦାୟୀ। ଏ କାହାଣୀଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ କାରଣ ନୃଗ ହେଉଛନ୍ତି ରାମଙ୍କ ପୂର୍ବସୂରି ଏବଂ ବିଖ୍ୟାତ ଇକ୍ଷ୍ୱାକୁ ବଂଶୀୟ ରାଜା, ଯାହା ମୂଳ ସୂର୍ଯ୍ୟବଂଶର ଏକ ଶାଖା। ଏହି ବଂଶରେ ରାଜା ସଗର, ହରିଶ୍ଚନ୍ଦ୍ର, ଦିଲୀପ, ରଘୁ, ରାମଙ୍କ ପରି ବହୁ ବିଖ୍ୟାତ ରାଜା ଜନ୍ମଗ୍ରହଣ କରିଥିବା ବେଳେ ବହୁ ଜୈନ ତୀର୍ଥଙ୍କର ମଧ୍ୟ ଏହି ବଂଶରେ ଜନ୍ମ ହୋଇଛନ୍ତି।

ବର୍ତ୍ତମାନ ରାଜନେତାମାନେ ରାମ ଓ ରାମରାଜ୍ୟ କଥା କହୁଛନ୍ତି, କିନ୍ତୁ ରାଜଧର୍ମ କହିଲେ ରାମ ଓ ଇକ୍ଷ୍ୱାକୁ ବଂଶୀୟ ରାଜାମାନେ ଯାହା ବୁଝୁଥିଲେ ସେଥିରୁ କିଛି ବି ଶିକ୍ଷା କରୁନାହାନ୍ତି। ନିଜ ଶାସନର ବିଫଳତା ପାଇଁ ସେମାନେ ନିଜକୁ ଦାୟୀ କରିବା କଥା ଭାବୁନାହାନ୍ତି। ସୂର୍ଯ୍ୟବଂଶୀ ରାମ ନିଜକୁ ରାମ-ଚନ୍ଦ୍ର ବୋଲି କହି ଚନ୍ଦ୍ରରେ କଳଙ୍କ ପରି ପ୍ରଜାଙ୍କ କଥାକୁ ଗୁରୁତ୍ୱ ଦେଇ ନିର୍ଦ୍ଦୋଷ ସୀତାଙ୍କୁ ତ୍ୟାଗକରିବା ପରି କଳଙ୍କକୁ ଆପଣେଇ ନେଇଥିଲେ।

କୁହାଯାଏ ନିଜର ସାହସ, ବୀରତ୍ୱ, ବଦାନ୍ୟତା, ସୁଶାସନ ପାଇଁ ବିଖ୍ୟାତ ରାଜା ବିକ୍ରମାଦିତ୍ୟ ମଧ୍ୟ ସୂର୍ଯ୍ୟବଂଶୀ ଥିଲେ। ତାଙ୍କ ଶାସନର ଅନେକ ବର୍ଷ ପରେ ରାଜା ଭୋଜ ଚାହିଁଲେ ତାଙ୍କର ବିଖ୍ୟାତ ସିଂହାସନ ଉପରେ ବସିବା ପାଇଁ, ଯେଉଁ ସିଂହାସନଟି ମାଟିତଳେ ପୋତିହୋଇ ପଡ଼ିଥିବା ଅବସ୍ଥାରେ ଏକ କ୍ଷେତରୁ ଆବିଷ୍କାର କରାଯାଇଥିଲା। କିନ୍ତୁ ଯେତେବେଳେ ସେ ଏହି ସିଂହାସନରେ ଆରୋହଣ କରିବାକୁ ଯାଆନ୍ତି, ସିଂହାସନର ପାହାଚଗୁଡ଼ିକରେ ଥିବା ୩୨ଟି ପିତୁଳା ତାଙ୍କୁ ପ୍ରଶ୍ନ କଲେ ବିକ୍ରମାଦିତ୍ୟଙ୍କ ପରି ରାଜା ହେବା ପାଇଁ ୩୨ଟି ଗୁଣ ତାଙ୍କ ପାଖରେ ଅଛି ତ? ଭୋଜ ଏହି ୩୨ଟି ଗୁଣକୁ ଚରିତ୍ରଗତ କରିବା ପରେ ହିଁ ସିଂହାସନରେ ଆରୋହଣ କରିଥିଲେ। ଆଜି ଆମେ ଏପରି ସମୟରେ ପହଞ୍ଚିଛୁ, ଯେତେବେଳେ ରାଜା ବା ଶାସକ ହେବା ପାଇଁ କୌଣସି ମହତ୍ ଗୁଣ ଆବଶ୍ୟକ ପଡୁନାହିଁ। ବର୍ତ୍ତମାନ ରାଜକ୍ଷମତା ମିଳୁଛି ଭୋଟ ମାଧ୍ୟମରେ ଏବଂ ଭୋଟ ମିଳୁଛି ଭାବପ୍ରବଣ ବାକ୍‌ପଟୁତା, କାଳ୍ପନିକ କାହାଣୀ କଥନ ଓ ମିଥ୍ୟା ପ୍ରତିଶ୍ରୁତିରେ। ଏଥିରେ ଅଧିକ ନାଟ୍ୟଶାସ୍ତ୍ର ଓ କମ୍ ଧର୍ମଶାସ୍ତ୍ର ଦେଖିବାକୁ ମିଳୁଛି।

ନେତାମାନେ ପରସ୍ପରକୁ ଦୋଷାରୋପ କରୁଥିବା ବେଳେ ଲୋକମାନେ କ'ଣ କରୁଛନ୍ତି? ଜଙ୍ଗଲରେ ସବଳମାନେ ଦୁର୍ବଳକୁ ଆହାର କରିଥାନ୍ତି। ଏହା ହେଉଛି ମତ୍ସ୍ୟନ୍ୟାୟ (ମାଛମାନଙ୍କ ଆଇନ), ଯାହା ପ୍ରାଣୀମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ, ମଣିଷଙ୍କ କ୍ଷେତ୍ରରେ ନୁହେଁ। ମଣିଷମାନେ ସେପରି କଲେ ତାକୁ ଅଧର୍ମ କୁହାଯାଏ। ମଣିଷ ସଂସ୍କୃତିରେ ସବଳ ସବୁବେଳେ ଦୁର୍ବଳର ଯତ୍ନ ନେବା ଉଚିତ। ମନୁସ୍ମୃତି ମତରେ ଧର୍ମ ପ୍ରତିଷ୍ଠା ପାଇଁ ଈଶ୍ୱର ରାଜାମାନଙ୍କୁ ସୃଷ୍ଟି କରିଛନ୍ତି ଏବଂ ରାଜାଙ୍କର ଧର୍ମ ହେଉଛି ଏପରି ପରିବେଶ ସୃଷ୍ଟି କରିବା ଯେଉଁଥିରେ ଦୁର୍ବଳମାନେ ବି ସ୍ୱଚ୍ଛନ୍ଦରେ ବଞ୍ଚିପାରିବେ। ରାଜଧର୍ମରେ ରାଜ୍ୟ ହେଉଛି ସିଂହାସନଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ରାଜନୀତିରେ ଏହା ହେଉଛି ସିଂହାସନର ଖେଳ, କେବଳ ଭୋଟ ଓ ଟିକସ ମିଳିଗଲା ପରେ ଲୋକମାନଙ୍କର ଯାହା ହେଉ ସେଥିରେ କିଛି ଯାଏଆସେ ନାହିଁ। ବର୍ତ୍ତମାନ ରାଜଧର୍ମକୁ କେବଳ କାଳ୍ପନିକ ଆଦର୍ଶ ଓ ରାଜନୀତିକୁ ବାସ୍ତବ ବୋଲି ମନେକରାଯାଉଛି। ଆଜିକାର ରାଜନେତା ଯଦି ନୃଗଙ୍କ ସମୟରେ ଥାଆନ୍ତେ, ସେମାନେ ଗାଈକୁ ନିଜର କହି ଋଷିମାନଙ୍କୁ ମିଥ୍ୟାବାଦୀ ଓ ଚୋର ବୋଲି ସାବ୍ୟସ୍ତ କରିଦେଇଥାନ୍ତେ।

## ଏଇ ଭାରତରେ

ଭୋଟ ଦେବା ଭାରତର ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ପ୍ରତ୍ୟେକ ନାଗରିକ ଭୋଟ ଦେଇ ଲୋକ ପ୍ରତିନିଧି ବାଛିବା ବିଷୟ ଭାରତୀୟ ସମ୍ବିଧାନରେ ଉଲ୍ଲେଖ ରହିଛି। ଭାରତ ସ୍ୱାଧୀନତା ପ୍ରାପ୍ତିର ୭୧ବର୍ଷ ପରେ ପ୍ରଥମ ଥର ପାଇଁ ଭୋଟ ଦେଇଛନ୍ତି ହରିମରକା ଗ୍ରାମବାସୀ। ଛତିଶଗଡର ନାରାୟଣପୁର ଜିଲା ଅନ୍ତର୍ଗତ ଏହି ଗାଁ ଜିଲା ମୁଖ୍ୟାଳୟଠାରୁ ୨୭କିଲୋମିଟର ଦୂରରେ ଅବସ୍ଥିତ। ଏହା ଏକ ମାଓବାଦୀପ୍ରବଣ ତଥା ଅନୁନ୍ନତ ଅଞ୍ଚଳ। ଏହି ଲୋକମାନେ ଦୀର୍ଘବର୍ଷ ହେଲା ମତଦାନ କରିବାରୁ ବଞ୍ଚିତ ଥିଲେ। ଉକ୍ତ ମାଓବାଦୀପ୍ରବଣ ଅଞ୍ଚଳ କୁଣ୍ଡଳା ମତଦାନ କେନ୍ଦ୍ରରେ ହରିମରକା ଗ୍ରାମର ୪୪୦ ଭୋଟର ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ମତଦାନ କରିଛନ୍ତି। ଭୋଟର ତାଲିକାରେ ସେମାନଙ୍କ ନାମ ପଞ୍ଜୀକରଣ ପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ମହିଳାମାନେ ନବଜାତକଙ୍କୁ କୋଳରେ ଧରି ଭୋଟ ଦେବାକୁ ଆସିଥିଲେ। ମାଓବାଦୀଙ୍କ ଧମକକୁ ଖାତିର ନ କରି ସେମାନେ ଜଙ୍ଗଲରେ ଚାଲିଚାଲି ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ।

## ଚିରନ୍ତନୀ

କହେ ଡାକି ସେ ଶବଦ
''ଶୁଣ ଶୁଣ
ହେ ଜଗତବାସି!
''ଜୀବନ ବିଜୟ ଦୀପ
ଅସୀମ ଆକାଶେ ଜଳେ ଭାସି।
''ଧରାର ତିମିର ତଳେ
ଚଳୁ ଜୀବନର ମହାରଥ
''ଉଠ ବୀର! ଏ ଆଲୋକ
ରଚିଦେଉ ତୋର ଛାୟାପଥ।
(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିଂ ଗାଡ଼ି ଆଗରେ ଶୋଇବେ ଚାଷୀ

ମହାଶୟ,

ନବନିର୍ମାଣ କୃଷକ ସଙ୍ଗଠନର ଚେତାବନୀ- ପୋଲିଂ ଗାଡ଼ି ଆଗରେ ଶୋଇବେ ଚାଷୀ। ବାସ୍ତବରେ ଏମାନେ ଯଦି ଚାଷୀ, ଏମାନଙ୍କୁ ସମୟ କେଉଁଠୁ ମିଳୁଛି ପୋଲିଂ ଗାଡି ଆଗରେ ଶୋଇବାକୁ? ଯେତିକି ସୁବିଧା ସରକାରଙ୍କ ତରଫରୁ ଅଛି ତାହା ସେମାନଙ୍କ ପାଖରେ ପହଞ୍ଚୁ ନାହିଁ। ମୁଁ ୧୬ ବର୍ଷ ଧରି ଚାଷ କରୁଛି। ପ୍ରାୟ ପ୍ରତିବର୍ଷ ୫୦ କ୍ୱିଣ୍ଟାଲ ଧାନ ବିକୁଛି। କିନ୍ତୁ ମଣ୍ଡିରେ ଦେଉନାହିଁ, କାରଣ ୨ ବର୍ଷ ତଳେ ମଣ୍ଡିରେ ପଞ୍ଜୀକରଣ କଲି ଏପ୍ରିଲ ମାସରେ ୧୩ କ୍ୱିଣ୍ଟାଲ ଧାନ ଦେବାକୁ। ମୋର ତ ଡିସେମ୍ବର ମାସରେ ଟଙ୍କା ଦରକାର। ଏଥରକ ୫୦ କ୍ୱିଣ୍ଟାଲ ଧାନ କିଗ୍ରା ୧୫ ଟଙ୍କାରେ ବିକ୍ରି କଲି। ପାଣି ପଞ୍ଚାୟତ ଏକ ପ୍ରହସନ। କାଡ଼ା ଆଉ ନାହିଁ। ଚାଷଜମିକୁ ଯିବାକୁ ରାସ୍ତା ନାହିଁ। ଏବେ ଜଳସ୍ତର କମି ଗଲାଣି। ସବ୍‌ମର୍ସିବଲ ପମ୍ପ୍ ଦରକାର ହେଉଛି। ଏ ଅଞ୍ଚଳରେ ଯଦି ଉଠା ଜଳସେଚନ ଥାନ୍ତା ମୁଗ ଭଲ ହୋଇଥାନ୍ତା। ଏହା ପ୍ରତି ଦୃଷ୍ଟି ନ ଦେଇ ଯେଉଁମାନେ ଚାଷର ଧାର ଧାରନ୍ତି ନାହିଁ ସେମାନେ ଚାଷୀ ନେତା, ଚାଷୀ ନୁହନ୍ତି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମିଳିବାରେ ବିଳମ୍ବ

ଲୋକଟି ମରିଯିବା ପରେ ତା'ର ଶବ ସତ୍କାର ପାଇଁ ଯେଉଁ ଅର୍ଥ ଦିଆଯାଏ, ତାହା ହେଉଛି ହରିଶ୍ଚନ୍ଦ୍ର ଯୋଜନା। ଶ୍ରୀରାମଚନ୍ଦ୍ରପୁର ଗ୍ରାମର ସୁରେଶ ପାଣି ଆଜକୁ ଚାରିମାସ ହେବ ଆରପାରିକୁ ଚାଲିଗଲେଣି। ଦୁଃଖର କଥା, ତାଙ୍କ ମୃତ୍ୟୁ ଦିନ ଏହି ଯୋଜନା ଅର୍ଥ ମିଳି ନ ଥିଲା। ମରିବାର ଚାରିମାସ ପରେ ମଧ୍ୟ ମିଳିନାହିଁ। ସ୍ଥାନୀୟ ସରପଞ୍ଚ କହୁଛନ୍ତି, ତାଙ୍କର ଅର୍ଥ ସରକାରଙ୍କ ତରଫରୁ ଆଜିପର୍ଯ୍ୟନ୍ତ ଆସିନି। କେବେ ଆସିବ ଠିକ୍ କିଛି କହୁନାହାନ୍ତି। ଏହା ଅତୀବ ଦୁଃଖର ବିଷୟ। ଏହି ଯୋଜନା ଅର୍ଥ ସମସ୍ତଙ୍କୁ ମିଳୁଥିବା ବେଳେ ପାଣି ଏଥିରୁ କାହିଁକି ବଞ୍ଚିତ ହେବେ? ଏହି ଟଙ୍କାକୁ ଆଉ କେହି ହଡ଼ପ କରିନାହିଁ ତ? ଶୀଘ୍ର ଯୋଜନାର ଅର୍ଥ ତାଙ୍କୁ ଦିଆଯାଉ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ରାଜ୍ୟରେ ପ୍ରତିଷ୍ଠା ହେବ ହାଫ୍ ୱେ ହୋମ୍

## ■ ମାନସିକ ରୋଗୀଙ୍କ ପାଇଁ ନୂଆ ବ୍ୟବସ୍ଥା

**କଟକ ଅଫିସ, ୧୧।୪**

ରାଜ୍ୟର ୩ଟି ମେଡିକାଲ କଲେଜ (ଏସ୍‌ସିବି, ବୁର୍ଲା ଓ ବ୍ରହ୍ମପୁର) ଅଧୀନରେ ପ୍ରତିଷ୍ଠା କରାଯିବ ହାଫ୍ ୱେ ହୋମ୍। ଏସ୍‌ସିବି ଅଧୀନରେ ଦୁଇଟି, ବ୍ରହ୍ମପୁର ଓ ବୁର୍ଲା ଅଧୀନରେ ଗୋଟିଏ ଲେଖାଏ ଏହି ହୋମ୍ ପ୍ରତିଷ୍ଠା କରାଯିବ। ଜଣେ ମାନସିକ ରୋଗୀ ମେଡିକାଲରେ ଚିକିତ୍ସିତ ହୋଇ ଅଧାଅଧି ଆରୋଗ୍ୟ ହେବା ପରେ ତାଙ୍କୁ ଏହି ହାଫ ୱେ ହୋମ୍‌କୁ ପଠାଯିବ। ସେଠାରେ ରୋଗୀଙ୍କ ସହିତ ସେମାନଙ୍କ ପରିବାରବର୍ଗଙ୍କୁ କାଉନସେଲିଂ କରାଯିବ। ରୋଗୀଙ୍କ ରୋଗ କ'ଣ, ଏହି ରୋଗୀଙ୍କ ସହିତ ପରିବାର ଏବଂ ସାହିପଡ଼ିଶାଙ୍କ ବ୍ୟବହାର କିଭଳି ହେବା ଉଚିତ, ରୋଗୀଙ୍କୁ କେବଳ ଔଷଧ ନୁହେଁ ତାଙ୍କ ସହିତ ସାମାଜିକ ବ୍ୟବହାର ମଧ୍ୟ ଏକାନ୍ତ ଆବଶ୍ୟକ ବୋଲି କାଉନସେଲିଂରେ କୁହାଯିବ। ଏସ୍‌ସିବି ମାନସିକ ରୋଗ ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏହିଭଳି ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି। ଡା. ସ୍ୱାଇଁଙ୍କ ମତରେ ଜଣେ ମାନସିକ ରୋଗୀଙ୍କୁ ୧୫ରୁ ୨୦ ଦିନ ମେଡିକାଲରେ ଚିକିତ୍ସା କରାଯିବା ପରେ ଯଦି ରୋଗୀ ଜଣକ ଆରୋଗ୍ୟ ଲାଭ କରୁଥିବା ଦେଖାଯାଏ ତେବେ ତାଙ୍କୁ ମେଡିକାଲରେ ଅଧିକ ଦିନ ନ ରଖିବା ପାଇଁ ଏଭଳି ବ୍ୟବସ୍ଥା କରାଯାଉଛି। ମେଡିକାଲରେ ୧୫ରୁ ୨୦ ଦିନ ଓ ହାଫ୍ ୱେ ହୋମରେ ୧୫ରୁ ୨୦ ଦିନ ରହିବା ପରେ ରୋଗୀ ଜଣକ ସମ୍ପୂର୍ଣ୍ଣ ଭାବେ ମାନସିକ ସ୍ତରରେ ସୁସ୍ଥତା ଫେରି ପାଇବା ପାଇଁ ବ୍ୟବସ୍ଥା କରାଯିବ। ଉକ୍ତ ହାଫ୍ ୱେ ହୋମକୁ ଦୈନିକ ମେଡିକାଲରୁ ଡାକ୍ତରମାନେ ପରିଦର୍ଶନରେ ଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବରେ କୁହାଯାଇଛି। ଏହାବାଦ ଜିଲାସ୍ତରରେ ଅସହାୟ ଓ ଅପରିଚିତ ରୋଗୀମାନଙ୍କ ପାଇଁ ଥଇଥାନ କେନ୍ଦ୍ର ନିର୍ମାଣ କରାଯିବାକୁ ସୁପ୍ରିମକୋର୍ଟଙ୍କ ଆଦେଶ ରହିଛି। ତେଣୁ ଅସହାୟ ଓ ଅପରିଚିତ ରୋଗୀମାନେ ସରକାରଙ୍କ ତତ୍ତ୍ୱାବଧାନରେ ଉକ୍ତ ଥଇଥାନ କେନ୍ଦ୍ରରେ ରଖାଯିବ। ଗୁରୁବାର ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ୭ ଜଣ ଅସହାୟ ମାନସିକ ରୋଗୀଙ୍କୁ ଢେଲାଙ୍ଗଠାରେ ଥିବା ଏକ ସାମାଜିକ ଅନୁଷ୍ଠାନରେ ଥଇଥାନ କରାଯାଇଛି। ଏହି ଅସହାୟ ରୋଗୀମାନେ ଏସ୍‌ସିବିରେ ୨ରୁ ୪ ବର୍ଷ ଧରି ରହିଥିଲେ। ଆରୋଗ୍ୟ ଲାଭ କରିବା ପରେ ମଧ୍ୟ ଯେହେତୁ ଏମାନଙ୍କର କୌଣସି ଘର ଠିକଣା ନ ଥିଲା ତେଣୁ ଏମାନେ ଏକପ୍ରକାର ମାନସିକ ରୋଗ ବିଭାଗରେ ଅନ୍ତେବାସୀ ପାଲଟିଥିଲେ। ଏପ୍ରିଲ ସୁଦ୍ଧା ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନକୁ ଡେଷ୍ଟିଚ୍ୟୁଟ ଫ୍ରି କରାଯିବ ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି। ଇତିମଧ୍ୟରେ ଗତବର୍ଷ ଅକ୍ଟୋବରରୁ ଅଦ୍ୟାବଧି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରୁ ୫୦ ଜଣ ଅସହାୟ ରୋଗୀଙ୍କୁ ବିଭିନ୍ନ ସାମାଜିକ ପ୍ରତିଷ୍ଠାନରେ ଥଇଥାନ କରାଯାଇଛି। ୫୦ ଜଣ ରୋଗୀ ଯିବା ପରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଆହୁରି ୪୦ ଜଣ ଅସହାୟ ରୋଗୀ ରହିଛନ୍ତି। ଏପ୍ରିଲ ଶେଷ ସୁଦ୍ଧା ଏହି ୪୦ ଜଣଙ୍କୁ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଥଇଥାନ କରାଯିବାକୁ ବ୍ୟବସ୍ଥା କରାଯାଉଥିବା ପ୍ରଫେସର ସ୍ୱାଇଁ କହିଛନ୍ତି। ଏହାପରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ୧୦ ବେଡ୍ ବିଶିଷ୍ଟ ଏକ ଡେଷ୍ଟିଚ୍ୟୁଟ୍ ୱାର୍ଡ ଖୋଲାଯିବ। ଡେଷ୍ଟିଚ୍ୟୁଟ୍ ରୋଗୀମାନେ ମେଡିକାଲକୁ ଆସିବା ପରେ ଏହି ୱାର୍ଡରେ ଚିକିତ୍ସିତ ହେବେ। ସେମାନେ ଆରୋଗ୍ୟ ଲାଭ କରିବା ପରେ ସେମାନଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି।

## ପାୱାରଙ୍କ ପରାମର୍ଶ ଲୋଡ଼ିଲେ ଊର୍ମିଳା



ମୁମ୍ବାଇ: ଆଗକୁ ମୁମ୍ବାଇରେ ଲୋକ ସଭା ନିର୍ବାଚନ ହେବାକୁ ଥିବାବେଳେ ଅଭିନେତ୍ରୀରୁ ରାଜନେତ୍ରୀ ପାଲଟିଥିବା ଊର୍ମିଳା ମାତୋଣ୍ଡକର ଗୁରୁବାର ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ତାଙ୍କ ବାସଭବନରେ ଭେଟି ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଲୋଡ଼ିଛନ୍ତି। ମାତୋଣ୍ଡକର କଂଗ୍ରେସ ପ୍ରାର୍ଥୀ ଭାବେ ମୁମ୍ବାଇ-ଉତ୍ତର ଲୋକ ସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ପ୍ରାୟ ଅଧଘଣ୍ଟାଏ ଧରି ପାୱାରଙ୍କ ସହିତ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ପାୱାରଙ୍କ ଭଳି ବିଶିଷ୍ଟ ରାଜନୀତିଜ୍ଞ ତଥା ମରାଠାର ଜଣେ ଦକ୍ଷ ମାର୍ଗଦର୍ଶକଙ୍କ ପରାମର୍ଶ ତାଙ୍କୁ ବିଜୟୀ କରିପାରିବ ବୋଲି ମାତୋଣ୍ଡକରଙ୍କ ଆତ୍ମବିଶ୍ୱାସ ରହିଛି। ପାୱାରଙ୍କ ସହିତ ସାକ୍ଷାତ ଆଲୋଚନା ପରେ ମାତୋଣ୍ଡକର ଟୁଇଟ୍ କରିଛନ୍ତି। ଜଣେ ଗୁରୁପ୍ରତିମ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ସମ୍ମାନନୀୟ ପାୱାର ସାହେବଙ୍କ ମାର୍ଗଦର୍ଶନ ବିଜୟପଥରେ ଆଗୁସାର କରାଇବ। ରାଜନୈତିକ ରଣାଙ୍ଗନରେ ପାୱାର ପ୍ରୋତ୍ସାହିତ କରିଥିବାରୁ ମାତୋଣ୍ଡକର ତାଙ୍କୁ ଧନ୍ୟବାଦ ଦେଇଥିଲେ।

ବଲିଉଡ୍ ଅଭିନେତ୍ରୀ ଊର୍ମିଳା ମାତୋଣ୍ଡକର ମୁମ୍ବାଇ-ଉତ୍ତର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଭାଜପାର ବର୍ତ୍ତମାନର ସାଂସଦ ଗୋପାଲ ଶେଟ୍ଟୀ। ସେ ୨୦୧୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ସଞ୍ଜୟ ନିରୁପମଙ୍କୁ ହରାଇ ଦେଇଥିଲେ।

ମୁମ୍ବାଇର ୬ ଲୋକ ସଭା ଆସନ ପାଇଁ ଏପ୍ରିଲ ୨୯ରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବ। ନିର୍ବାଚନରେ ଆସନ ବଣ୍ଟନ ବୁଝାମଣା ଦୃଷ୍ଟିରୁ କଂଗ୍ରେସ ମୁମ୍ବାଇର ୫ ଲୋକ ସଭା ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଏନ୍‌ସିପି ମାତ୍ର ଗୋଟିଏ ଆସନରେ ପ୍ରାର୍ଥୀ ଠିଆ କରାଇଛି।

## ସଂକ୍ଷେପରେ

### ପୂର୍ବାପେକ୍ଷା ଭଲ ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ

ମତଦାତାଙ୍କୁ ଦେଲେ ଧନ୍ୟବାଦ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ):** ବିଜୁ ଜନତା ଦଳ ୨୦୧୪ ନିର୍ବାଚନ ଅପେକ୍ଷା ଭଲ ପ୍ରଦର୍ଶନ କରିବ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଏହି ମନ୍ତବ୍ୟ ଦେଇଛନ୍ତି। ସେହିପରି ରାଜ୍ୟରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଭୋଟ୍‌ରେ ବହୁ ସଂଖ୍ୟାରେ ଭୋଟର ମତଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୧୪ରେ ବିଜେଡି ୨୦ ଲୋକ ସଭା ଏବଂ ୧୧୭ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଥିଲା।

### ଭୋଟ ବର୍ଜନ ପାଇଁ ଆହ୍ୱାନ

ନୃସିଂହନାଥରେ ମାଓବାଦୀ ବ୍ୟାନର

**ପାଇକମାଳ,୧୧।୪(ଡି.ଏନ.ଏ):** ବରଗଡ଼ ଜିଲା ପାଇକମାଳ ଅଞ୍ଚଳରେ ମାଓବାଦୀମାନେ ଏବେ ସକ୍ରିୟ ହୋଇଛନ୍ତି। ସେମାନେ ବୁଧବାର ରାତିରେ ନୃସିଂହନାଥର ବିନ୍ଧ୍ୟବାସିନୀ ଡାକବଙ୍ଗଳା ସମ୍ମୁଖରେ ବ୍ୟାନର ଓ ପୋଷ୍ଟର ଲଗାଇ ସାଧାରଣ ନିର୍ବାଚନ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଉକ୍ତ ବ୍ୟାନରରେ କଂଗ୍ରେସ, ବିଜେଡି, ଭାଜପା ପ୍ରାର୍ଥୀ ଗାଁକୁ ଆସିଲେ ତଡି ଦେବା ସହ ଭୋଟ ବର୍ଜନ କରିବାକୁ ଆହ୍ୱାନ ଦିଆଯାଇଛି। ବ୍ୟାନର ତଳେ ବିବିଏମ ମାଓବାଦୀ ଡିଭିଜନ କମିଟି ଭାକପା ମାଓବାଦୀ ବୋଲି ଉଲ୍ଲେଖ ରହିଛି । ଗୁରୁବାର ସକାଳେ ଖବର ପାଇ ପାଇକମାଳ ପୋଲିସ ଘଟଣାସ୍ଥଳକୁ ଯାଇ ମାଓବାଦୀ ବ୍ୟାନର ଓ ପୋଷ୍ଟର ଜବତ କରିଛି । ଏ ସମ୍ପର୍କରେ ପାଇକମାଳ ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ କହିଲେ, ମାଓବାଦୀମାନେ ବ୍ୟାନର ଲଗାଇବା ପରେ ଘଟଣାର ତଦନ୍ତ ଚାଲିଛି । ଏହାସହ ଜଙ୍ଗଲ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି ବୋଲି ସେ କହିଥିଲେ । ଗତ କିଛିଦିନ ତଳେ ମାଓବାଦୀମାନେ ଛତିଶଗଡ଼ରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ଗୋଟିଏ ଗାଡି ଉଡାଇ ଦେଇଥିଲେ। ଏଥିରେ ଛତିଶଗଡ଼ର ଜଣେ ଭାଜପା ବିଧାୟକଙ୍କ ସମେତ ୫ଜଣ ମୃତ୍ୟୁବରଣ କରିଥିଲେ। ଏହାପରେ ସେଠାରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯିବାରୁ ମାଓବାଦୀମାନେ ଗନ୍ଧମାର୍ଦ୍ଦନ ଜଙ୍ଗଲକୁ ପଳାଇ ଆସିଥିବା ଜଣାପଡିଛି ।

ଭୋଟ ଦେଲେ ଅଙ୍ଗୁଳି କାଟି ଦେବାକୁ ଚେତାବନୀ

### କାଠଫେର, ପାଟଦର୍ହାବାସୀ ଭୋଟ ଦେଲେନି

**ନୂଆପଡ଼ା ଅଫିସ,୧୧।୪:** ନୂଆପଡ଼ା ଜିଲା ସଦର ମହକୁମାଠାରୁ ୧୨୦ କି.ମି. ଦୂର ବୋଡେନ ଥାନା ଅନ୍ତର୍ଗତ ମାଓବାଦୀଙ୍କ ଗଡ କୁହାଯାଉଥିବା କାଠଫେର (ବୁଥ ନମ୍ବର ୧୧୭) ଓ ପାଟଦର୍ହା (୨୮)ବାସୀ ମାଓବାଦୀଙ୍କ ଭୟ ଯୋଗୁ ମତଦାନରୁ ବିରତ ହୋଇଛନ୍ତି। ଶେଷରେ ସ୍ୱତନ୍ତ୍ର କର୍ଡନରେ ଯାଇଥିବା ପୋଲିଂ ପାର୍ଟି ଖାଲି ହାତରେ ଫେରିଆସିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବୋଡେନ ଥାନା କାଠଫେର ଏବଂ ପାଟଦର୍ହାରେ ଭୋଟ ବର୍ଜନ କରିବାକୁ ମାଓବାଦୀମାନେ ଗ୍ରାମବାସୀଙ୍କୁ ଚେତାବନୀ ଦେଇଥିଲେ । ଏପରିକି ଯେଉଁମାନେ ଭୋଟ ଦେବେ ତାଙ୍କର ଅଙ୍ଗୁଳି କଟାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ସେହି ଅଞ୍ଚଳ ଉପରେ କଡ଼ା ନଜର ରଖିଥିଲା । ବୁଧବାର ଜିଲାର ସମସ୍ତ ପୋଲିଂ ପାର୍ଟି ବୁଥକୁ ଯାଇଥିଲେ ମଧ୍ୟ ଉପରୋକ୍ତ ୨ ପୋଲିଂ ପାର୍ଟିକୁ ଗୁରୁବାର ସକାଳେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥାରେ ବୁଥ୍‌କୁ ନିଆଯାଇଥିଲା। ହେଲିକପ୍ଟର ଲ୍ୟାଣ୍ଡିଂ କରିବା ସୁବିଧା ନ ଥିବାରୁ ପୋଲିଂ ଟିମ୍ ଚାଲି ଚାଲି ଯାଇଥିଲେ। ହେଲେ କେହି ଜଣେ ବି ଭୋଟ ଦେବାକୁ ଆସି ନ ଥିଲେ ।

## ଭୋଟିଂ ବେଳେ ଶାସକ ଦଳର ଗୁଣ୍ଡାଗିରି: ଭାଜପା

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

ରାଜ୍ୟର ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୪୭ ବିଧାନସଭା କ୍ଷେତ୍ରରେ ରହିଥିବା ସମ୍ବେଦନଶୀଳ ବୁଥ୍‌ର ତାଲିକା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭାଜପା ଦେଇଥିଲା। ସେହି ବୁଥ୍ ଗୁଡ଼ିକରେ ବିଜେଡି ନେତା ଓ କର୍ମୀମାନେ ସାଧାରଣ ଭୋଟରମାନଙ୍କୁ ଡରାଇ ଧମକାଇ ଭୋଟ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଥିବା ଭାଜପା ଆଗରୁ କହି ଆସୁଥିଲା। ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀ ସେହି ବୁଥ୍‌ରେ କେନ୍ଦ୍ରୀୟ ସାମରିକ ବଳ ମୁତୟନ କଲେନାହିଁ । ଫଳରେ ଶାସକ ଦଳ ଗୁଣ୍ଡାମାନେ କେତେଗୁଡିଏ ବୁଥ୍‌ରେ ରିଗିଂ କରିବା ସହ ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ କରିଛନ୍ତି ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଗଞ୍ଜାମ ଜିଲା ଚିକିଟିରେ ୪୭ଟି ସମ୍ବେଦନଶୀଳ ବୁଥ୍‌କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି କରିଥିଲୁ। ହେଲେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀଙ୍କୁ ମଧ୍ୟ ମୁତୟନ କରାଗଲା ନାହିଁ। ୧୮ଟି ବୁଥ୍‌ରେ ଭାଜପା ଏଜେଣ୍ଟମାନଙ୍କୁ ଭିତରକୁ ଛଡାଗଲା ନାହିଁ। ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଝାଟିପଦରରେ ଯୁବ ବିଜେଡିର ଜଣେ ନେତା ଆକ୍ରମଣ କରିବା ସହ ଆହୁରି ଅନେକ ବୁଥରେ ହିଂସାତ୍ମକ କାର୍ଯ୍ୟକଳାପ କରିଛନ୍ତି। ଗୋଟିଏ ବୁଥ୍‌ରେ ୪୦ଜଣ ଭୋଟରଙ୍କୁ ନେଇ ବିଜେଡି ଜବରଦସ୍ତ ନିଜ ସପକ୍ଷରେ ଭୋଟ ଦେବାକୁ ଉଦ୍ୟମ କରି ସଫଳ ହୋଇଛି। ବୁଥ୍ ନମ୍ବର ୯୬, ୯୭ରେ ଭାଜପା ଭୋଟର ଏବଂ ଏଜେଣ୍ଟଙ୍କୁ ଭୋଟିଙ୍ଗ ରୁମରୁ ଖାଲି କରାଯାଇ ବିଜେଡି ୨ଘଣ୍ଟା ପାଇଁ ବୁଥ୍‌କୁ ଜବରଦଖଲ କରିଥିଲା। ସେହିପରି କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀର ୧୫୯ ନମ୍ବର ବୁଥ୍‌ରେ ଆମ ଏଜେଣ୍ଟଙ୍କୁ ସ୍କୁଲ୍ ଘରେ ତାଲା ପକାଇ ଦେଲେ ବୋଲି ସମୀର ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣା ଉପରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ସମୀର କହିଛନ୍ତି।

## ଭାଜପା ଆସିଲେ ନିଯୁକ୍ତିକୁ ଅଗ୍ରାଧିକାର- ଧର୍ମେନ୍ଦ୍ର



ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟମାନେ ।

**ଫିରିଙ୍ଗିଆ, ୧୧।୪**

ଭାଜପାକୁ ସରକାର କରିବାକୁ ଦିଅନ୍ତୁ। ରାଜ୍ୟରେ ଭାଜପା ସରକାର ଆସିଲେ ପ୍ରଥମେ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡାରେ କହିଛନ୍ତି। ବାଲନ୍ଦାପଡ଼ାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ୧୯ ବର୍ଷ ଧରି ରାଜ୍ୟରେ ଗୋଟିଏ ସରକାର ଥିଲେ ବି କନ୍ଧମାଳ ଆଜି ବି ଅବହେଳିତ । ଦୀର୍ଘ ବର୍ଷର ଶାସନରେ ଯଦି କିଛି ଉନ୍ନତି ହେଲା ନାହିଁ, ଆଉ କେବେ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଭାଜପା ପ୍ରାର୍ଥୀମାନଙ୍କୁ ଜିତାଇଲେ ଜିଲାରେ ଲାଗି ରହିଥିବା ରାସ୍ତା ଘାଟ, ପାନୀୟ ଜଳ ସମସ୍ୟା, ଡାକ୍ତର, କଲେଜରେ ଅଧ୍ୟାପକ ପଦବୀ ପୂରଣ କରାଯିବ। ଜିଲାକୁ ରେଳ ଲାଇନ ସଂଯୋଗ କରାଯିବା ସହ ମେଡିକାଲ କଲେଜ ଖୋଲାଯିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ପରେ ସେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ, ଫୁଲବାଣୀ ବିଧାୟକ ପ୍ରାର୍ଥୀ ଦେବନାରାୟଣ ପ୍ରଧାନଙ୍କ ପାଇଁ ଭୋଟ ମାଗିଥିଲେ । ନିର୍ବାଚନୀ ସଭାରେ ଜିଲାର ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ନିରଞ୍ଜନ, ନରସିଂହ ଉଭୟ ଦାୟୀ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**


ସୋନାଲି ସାହୁ

■ କଂଗ୍ରେସ ଟିକେଟ ବଣ୍ଟନ କଳି ବଢ଼ିଲା
■ ଦଳ ଛାଡ଼ିଲେ ସୋନାଲି ସାହୁ
■ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା

ନିର୍ବାଚନ ଯେତିକି ପାଖେଉଛି କଂଗ୍ରେସରୁ ସେତିକି ଅଧିକ ନେତା ଦଳ ଛାଡିବାରେ ଲାଗିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଚଳିତ ନିର୍ବାଚନରେ ଟଙ୍କା ନେଇ ଟିକେଟ ବିକ୍ରି କରିଥିବା ଦଳ ଛାଡିଥିବା ଏବଂ ପ୍ରାର୍ଥୀ ହେବା ପରେ ଟିକେଟ ଫେରାଇ ଦେଇଥିବା ନେତାମାନେ ଅଭିଯୋଗ କରିଥିଲେ। ଏପରି କି ନିରଞ୍ଜନ ଯେଉଁ ସୁମିତ୍ରା ଜେନାଙ୍କୁ ଦଳରେ ମହିଳା କଂଗ୍ରେସ ସଭାପତି କରିଥିଲେ, ସେ ମଧ୍ୟ ନିରଞ୍ଜନ ଓ ତାଙ୍କ ପୁଅଙ୍କ ବିରୋଧରେ ବହୁ ଗୁରୁତର ଅଭିଯୋଗ ଆଣି ଦଳ ଛାଡିଛନ୍ତି। ଏବେ ପୁଣି ଦଳରେ ଟିକେଟ ବିକ୍ରି ପ୍ରସଙ୍ଗରେ ନୂଆ ଟୁଇଷ୍ଟ ଆସିଛି। କେବଳ ନିରଞ୍ଜନ ନୁହନ୍ତି ଦଳର ଟିକେଟ ବଣ୍ଟନ ଅନିୟମିତତା ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଦାୟୀ ବୋଲି ଅଭିଯୋଗ ଆସିଛି। ଗୁରୁବାର କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଦଳରୁ ଇସ୍ତଫା ଦେଇଛନ୍ତି। ଦଳ ଛାଡିବା ପରେ ସେ ମନଇଚ୍ଛା ପିସିସି ସଭାପତି ଓ ନରସିଂହଙ୍କୁ ସମାଲୋଚନା କରିଛନ୍ତି।

ସୋନାଲି କହିଛନ୍ତି ଯେ, ଦଳର ଅବସ୍ଥା କ'ଣ ସେ କଥା ଲୋକମାନଙ୍କୁ ଆଉ କହିବାର ଆବଶ୍ୟକତା ନାହିଁ। ମହିଳା କଂଗ୍ରେସ ସଭାପତି ପଦ ପାଇଁ ଆଶାୟୀ ଥିଲି। ହେଲେ ଦଳୀୟ ନେତୃବୃନ୍ଦ ତାଙ୍କୁ ଉପେକ୍ଷିତ କରିଥିଲେ। ନିରଞ୍ଜନବାବୁ ସଭାପତି ହେବା ନେଇ ଖବର ଆସିଥିଲା। ହେଲେ ପରେ ତାଙ୍କ ଛାୟା ସଭାପତି ଭାବେ ନବଜ୍ୟୋତି ପଟ୍ଟନାୟକ ବାହାରିଲେ। ଯାହାଙ୍କ କଥାରେ ଦଳ ଚାଲିଛି। ଯେଉଁମାନେ ତାଙ୍କ ପାଖରେ ଆଣ୍ଠୁ ଭାଙ୍ଗି ଠିଆ ହେଲେ ସେମାନଙ୍କୁ ସବୁ ଦଳୀୟ ସୁବିଧା ମିଳିଲା। ଯିଏ ସେଭଳି ନ କଲା ସିଏ ଉପେକ୍ଷିତ ହେଲା। ଟିକେଟ ବଣ୍ଟନ ଅନିୟମିତତା ନେଇ ସମସ୍ତେ କେବଳ ନିରଞ୍ଜନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ହେଲେ ଆଉ ଜଣେ ଭିତରେ ରହି ସବୁ କରି ଖସିଯାଉଛନ୍ତି। ନରସିଂହ ମିଶ୍ର ଓ ପିସିସି ସଭାପତି ଉଭୟେ ପିଇସି ଏବଂ ସିଇସି ଗଲେ। ଏହାପରେ ଉଭୟେ ନିଜ ପୁଅ ଓ ଅନୁଗତଙ୍କୁ ଟିକେଟ ବାଣ୍ଟିଲେ। ନିରଞ୍ଜନବାବୁ ଓ ତାଙ୍କ ପୁଅ ମିଶିକି ଦଳର ୩ଟି ଟିକେଟ ନେଇଗଲେ। ନରସିଂହବାବୁ ତାଙ୍କ ପୁଅ, ଭଣଜା ଏବଂ ମହାଶୟଙ୍କ ଚାକର ମିଶିକି ୪ଟି ଟିକେଟ ନେଇଛନ୍ତି। ଏହା କେଉଁ ଆଧାରରେ ହୋଇଛି ତାହା ବଡ ପ୍ରଶ୍ନ। ଆମେ ଜାଣିଲୁ କଂଗ୍ରେସରେ ଗଣତନ୍ତ୍ର ନୁହେଁ ଲୋକତନ୍ତ୍ର ଚାଲିଛିବୋଲି ସୋନାଲି କହିଛନ୍ତି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ସୋନାଲି ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

## ଇନ୍ଧନ ସରିଯିବାରୁ ବିଲରେ ଓହ୍ଲାଇଲା ଭାଜପା ନେତାଙ୍କ ହେଲିକପ୍ଟର

### ■ ଖରାରେ ସିଝିଲେ ଶ୍ରୀତମ, ଲେଖାଶ୍ରୀ, ଦେବଗଡ଼ ରାଣୀ

**ବାମରା, ୧୧।୪ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ କିନାବଗା ପଞ୍ଚାୟତ ଜରାବଗାର ଏକ ବିଲରେ ଗୁରୁବାର ଭାଜପା ନେତାଙ୍କୁ ନେଇ ଯାଉଥିବା ହେଲିପ୍ଟର ଜରୁରୀ ଅବତରଣ କରିଛି। ମନାପାଲିରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବା ପାଇଁ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ସିନେ ତାରକା ଶ୍ରୀତମ ଦାସ ଓ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କ ସ୍ତ୍ରୀ ରାଣୀ ଅରୁନ୍ଧତୀ ଦେବୀ ଆସୁଥିଲେ। ହେଲେ ଇନ୍ଧନ ସରିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଥିଲା । ତେବେ ଇନ୍ଧନ ଭରିବା ପରେ ସେମାନେ ମନାପାଲି ନ ଯାଇ ଛେଣ୍ଡିପଦା ଅଭିମୁଖେ ବାହାରି ଯାଇଥିଲା। ଏଣୁ ମନାପାଲିରେ ଅପେକ୍ଷା କରିଥିବା ଲୋକଙ୍କୁ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରବିନାରାୟଣ ନାୟକ, ପଦ୍ମଚରଣ ଗୁରୁ ଓ ବୃନ୍ଦାବନ ମାଝି କ୍ଷମା ମାଗିଥିବା ଜଣାପଡିଛି ।

ମିଳିଥିବା ସୂଚନା ଅନୁଯାୟୀ, ଲେଖାଶ୍ରୀ, ଶ୍ରୀତମ ଓ ରାଣୀ ଅରୁନ୍ଧତୀ ଭୁବନେଶ୍ୱରରୁ ହେଲିପ୍ଟରରେ ବାହାରି ନାକଟିଦେଉଳରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ସେଠାରୁ ଗଡପୋଷ ନିକଟସ୍ଥ ମନାପାଲିଠାରେ ଆୟୋଜିତ ସଭାରେ ଯୋଗଦେବା ପାଇଁ ଆସୁଥିଲେ। ମାତ୍ର ହେଲିକପ୍ଟରଟି ମନାପାଲି ଯିବା ପରିବର୍ତ୍ତେ ଜରାବଗାରେ ନିର୍ମିତ ହୋଇଥିବା ବିଜେଡି ହେଲିପ୍ୟାଡ ଅଭିମୁଖେ ଯାଇଥିଲା । ସେଠାରେ କିନ୍ତୁ ବିଜେଡିର ସଭା ଚାଲିଥିବା ଦେଖି ହେଲିକପ୍ଟରଟି ୨୦୦ ମିଟର ଦୂର ଏକ ବିଲରେ ଅବତରଣ କରିଥିଲା। ହେଲିକପ୍ଟରରେ ବସିଥିବା ଶ୍ରୀତମ, ଲେଖାଶ୍ରୀ ଓ ରାଣୀ ଅରୁନ୍ଧତୀଙ୍କ ପାଖରେ ଅନ୍ୟ କୌଣସି ଉପାୟ ନ ଥିଲା। ଫଳରେ ବହୁ ସମୟ ଧରି ସମସ୍ତ ଖରାରେ ସିଝିଥିଲେ। ସେମାନଙ୍କୁ ଦେଖିବାକୁ ଲୋକଙ୍କୁ ଗହଳି ଜମିଥିଲା। ଏପରିକି ଗଣମାଧ୍ୟମ ପ୍ରତିନିଧି ବି ସେଠାରେ ପହଞ୍ଚି ଥିଲେ।

ଖବର ପାଇ କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର, ମହୁଲପାଲି ଥାନା ଅଧିକାରୀ ଜ୍ୟୋସ୍ନାରାଣୀ ବେହେରା ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ । ଏହି ଖବର ପାଇବା ପରେ ମନାପାଲିଠାରୁ ଇନ୍ଧନ ପଠାଯାଇଥିଲା । ପ୍ରାୟ ୨ ଘଣ୍ଟା ପରେ ଇନ୍ଧନ ଭରିବା ପରେ ବିଳମ୍ବ ହୋଇ ଯାଇଥିବାରୁ ହେଲିକପ୍ଟରଟି ମନାପାଲି ନ ଯାଇ ଛେଣ୍ଡିପଦାରେ ଥିବା ଅନ୍ୟ ଏକ ସଭାରେ ଯୋଗଦେବା ପାଇଁ ଉଡାଣ ଆରମ୍ଭ କରିଥିଲା । ଏ ସମ୍ପର୍କରେ ପାଇଲଟ କହିଛନ୍ତି , ଜିପିଏସ ଠିକ୍ ଭାବେ କାମ କରୁ ନ ଥିବା କାରଣରୁ ସମସ୍ୟା ହୋଇଥିଲା। ପ୍ରକୃତ ଲୋକେଶନ ପରିବର୍ତ୍ତେ ଅନ୍ୟ ଲୋକେଶନକୁ ପହଞ୍ଚି ଯାଇଥିବା ଯୋଗୁ ଇନ୍ଧନ ଶେଷ ହୋଇଯାଇଥିଲା। ମନାପାଲିଠାରେ ଇନ୍ଧନ ଭରିବା ପାଇଁ ବ୍ୟବସ୍ଥା ହୋଇଥିଲା । ମାତ୍ର ଜରାବଗାରେ ଅବତରଣ ପରେ ଇନ୍ଧନ ଅଭାବ ଯୋଗୁ ମନାପାଲି ଯିବା ସମ୍ଭବ ହୋଇ ନ ଥିଲା।

## ମନେ ପଡ଼ନ୍ତି


### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାବିତ୍ରୀ ମହାନ୍ତି**
ଗେଲୁଟୁଆ, ଭଦ୍ରକ
ଆବିର୍ଭାବ: ୨୮।୦୧।୧୯୪୮
ତିରୋଧାନ: ୦୨।୦୪।୨୦୧୯

ପରମ ପୂଜନୀୟା ବୋଉ, ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ଠାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧ୍ୟେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଏ ପରିବାର। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମ ସମସ୍ତଙ୍କର ବିନମ୍ର ନିବେଦନ। ଇତି ଆପଣଙ୍କର ଶୋକସନ୍ତପ୍ତ: ପରିବାରବର୍ଗ।

ଧ-୧୨୦୬୬

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ମୀନାକ୍ଷୀ ମହାନ୍ତି**
ବେଣ୍ଣୁପୁର, ନୂଆପାଟଣା, ବାଲିଅନ୍ତା
ଆବିର୍ଭାବ: ୧୯୫୦
ତିରୋଧାନ: ୧୪।୦୪।୨୦୧୬
(ଚୈତ୍ର ଶୁକ୍ଳପକ୍ଷ ସପ୍ତମୀ ତିଥି)

ତୁମ ସ୍ନେହ, ସଦିଚ୍ଛା ଓ କଲ୍ୟାଣପ୍ରଦ ମନୋଭାବ ଅବିସ୍ମରଣୀୟ ଓ ଚିରଦିନ ସ୍ମୃତି ହୋଇ ରହିଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ସ୍ୱାମୀ ଗୋପୀନାଥ ମହାନ୍ତି ଓ ପରିବାରବର୍ଗ।

ଧ-୪୬୨୬୩

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅମୂଲ୍ୟ କୁମାର ମହାପାତ୍ର**
ଗୋବିନ୍ଦପ୍ରସାଦ, ଢେଙ୍କାନାଳ

ବିଗତ ବର୍ଷର ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ ତୁମର ଅନୁପସ୍ଥିତି। ତୁମେ ଥିଲ ଆମ ପ୍ରେରଣାର ଉତ୍ସ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଝିଅ, ଜୋଇଁ ଓ ପରିବାରବର୍ଗ।

ଧ-୧୨୦୯୧

### ମନେପଡ଼ନ୍ତି



**ସ୍ୱର୍ଗତା ବାସନ୍ତି ଦାସ**
ବେଲଗଡିଆ (ବାରିପଦା) ମୟୁରଭଞ୍ଜ
ଆବିର୍ଭାବ: ୧୧।୧୧।୧୯୫୮
ତିରୋଧାନ: ୦୨।୦୪।୨୦୧୯

ବୋଉ ତୁ ଆମକୁ ହଠାତ ଛାଡିଗଲୁ। ଆମେ ବିଶ୍ୱାସ କରିହେଉ ନାହିଁ। ତୋ ପରୋପକାର, ସତ୍ୟନିଷ୍ଠା, ଧର୍ମପରାୟଣ ଓ ଆଦର୍ଶ ଆମର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ-ଗୋକୁଳ, ପୁତ୍ର- ପପୁ, ବାପୁ ଏବଂ ଶରତ, କୃଷ୍ଣ, ଅଶୋକ, ବୁଦ୍ଧିଆ, ସନ୍ଧ୍ୟା, ସେବ, ଅଞ୍ଜନା, ରାନୁ, ସୁଖି, କୁନୀ, ନଖି, ଶାନ୍ତି, ଲିଲି, ଶ୍ୟାମସୁନ୍ଦର, ନଟ ସହିତ ନାତୁଣୀନାତି, ଭାଣିଜିଭଣଜା, ପୁତୁରାବୋହୂ ପୁତୁରା ଓ ବନ୍ଧୁବାନ୍ଧବ।

ଧ-୧୨୧୦୨


■ ବରୀ ଭାଜପା ପକ୍ଷରୁ ମିଶ୍ରଣ ପର୍ବ

# ବିଜେଡି ଛାଡ଼ିଲେ ଛାମୁଆ ନେତା, କର୍ମୀ

**ରସୁଲପୁର,୧୧।୪(ଡିଏନଏ)**

ବରୀ ନିର୍ବାଚନ ମଣ୍ଡଳୀରେ ବିରୋଧୀ ଭାଜପା ନେତା ତଥା ଦଳୀୟ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ମିଶ୍ରଣ ପର୍ବ ବିରୋଧୀ ବିଜେଡି ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନକୁ ବଢାଇ ଦେଇଛି। ମଙ୍ଗଳବାର ମଲ୍ଲିକ ରସୁଲପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ରଶ୍ମିତା ଦାସ ଓ ତାଙ୍କ ସମର୍ଥକଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ସେ ଖୁବ୍‌ଶୀଘ୍ର ବିଜେଡି ଛାଡିବେ ବୋଲି ଚର୍ଚ୍ଚା ହେଉଥିଲା। ତାହା ସତରେ ପରିଣତ ହୋଇଛି। ଦାସ ଗୁରୁବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଏହି ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଦୁର୍ଗାମଣ୍ଡପଠାରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦଳର ଛାମୁଆ ନେତା ଅତୁଲ୍ୟ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଲ୍ଲିକ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହେଶ୍ୱରପୁର ସରପଞ୍ଚ ଅମୂଲ୍ୟ ପାତ୍ର, ସମିତିସଭ୍ୟ ଅମୂଲ୍ୟ ବାରିକ୍, ପ୍ରଥମାଖଣ୍ଡି ପୂର୍ବତନ ସମିତିସଭ୍ୟ ବିଶ୍ୱରଞ୍ଜନ ପଣ୍ଡା, ପ୍ରାକ୍ତନ ସରପଞ୍ଚ ମଧୁସୂଦନ ପାତ୍ର, ନୀଳମଣି ଜେନା, ପୂର୍ବତନ ଜିଲାପରିଷଦ ସୁଶାନ୍ତ ବାରିକ୍, ବିଜେଡି ନେତା ସେକ୍ ଝମୋଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱ କର୍ମୀ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି ବୋଲି ଦଳୀୟ ସୂତ୍ରରୁ ପ୍ରକାଶ। ଉକ୍ତ କାର୍ଯ୍ୟକ୍ରମରେ ଯୁବନେତା ଉଦୟଭାନୁ ଦେଓ, ସଂଗ୍ରାମ ମହାନ୍ତି, ପ୍ରଶାନ୍ତ ରାଉତ, ସୁକାନ୍ତ ବେହେରା, ଚତୁର୍ଭୁଜ ଦ୍ୱିବେଦୀ, ନିର୍ମଳ ସାମଲ, ବିଜୟ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ମଲ୍ଲିକଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରାରେ ଦଳୀୟ କର୍ମୀମାନେ ବ୍ରହ୍ମବରଦା ପୋଲ ନିକଟରୁ ସଭାସ୍ଥଳରେ ପହଞ୍ଚିଥିଲେ। ଏହି ମିଶ୍ରଣ ପର୍ବରେ ଏକ ରୋଚକ ଘଟଣା ଦେଖିବାକୁ ମିଳିଥିଲା। ଆହୁରି ଅନେକ ବିଜେଡିର ଛାମୁଆ ନେତା ଓ କର୍ମୀ ଭାଜପାରେ ମିଶିବେ ବୋଲି ସ୍ୱୀକୃତି ଦେଇଥିଲେ। ହେଲେ ଶେଷ ମୁହୂର୍ତ୍ତରେ ସେମାନେ ଫୋନ ବନ୍ଦ କରି କେଉଁଆଡ଼େ ଗାୟବ ହୋଇଯାଇଥିଲେ। ସେମାନେ ଦଳୀୟ ସଭାପତିଙ୍କ ଚାପରେ ମୁଣ୍ଡ ନୁଆଁଇଥିଲେ। ସେମାନଙ୍କୁ ଦଳ ପକ୍ଷରୁ ନଜର ବନ୍ଦୀରେ ରଖାଯାଇଥିଲା ବୋଲି ଚର୍ଚ୍ଚା ହେଉଛି। ଏଥିସହ ଗତ ସପ୍ତାହରେ ପ୍ରଥମାଖଣ୍ଡ ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ ବିଶ୍ୱରଂଜନ ପଣ୍ଡା ବିଜେଡିରେ ମିଶିଥିଲେ। ଗୁରୁବାର ସେ ଦଳତ୍ୟାଗକରି ପୁଣି ଭାଜପାରେ ସାମିଲ ହୋଇଛନ୍ତି। ଏହିଭଳି ଘନ ଘନ ଦଳ ବଦଳଉଥିବା ନେତାଙ୍କ ବିଶ୍ୱସ୍ତତାକୁ ନେଇ ସଭାସ୍ଥଳରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା।



ରଶ୍ମିତା ଦାସଙ୍କୁ ଭାଜପା ପକ୍ଷରୁ ଦଳକୁ ସ୍ୱାଗତ କରାଯାଉଛି।

# ଆମ ପୋଲିସ ସମିତି ବୈଠକ

**ରସୁଲପୁର,୧୧।୪(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଫାଣ୍ଡି ପକ୍ଷରୁ ଗୁରୁବାର ଆମ ପୋଲିସ ସମିତି ବୈଠକ ଧର୍ମଶାଳା ଥାନା ଏସଆଇ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ଯୋଗଦେଇ ପୋଲିସ ଓ ଜନତାଙ୍କ ମଧ୍ୟରେ ନିବିଡ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜନସାଧାରଣଙ୍କ ସହାୟତା ବିନା ପୋଲିସର ସଫଳତା ସମ୍ଭବ ନୁହେଁ ବୋଲି କହିବା ସହ ପୋଲିସ ଜନସାଧାରଣଙ୍କ ଶତ୍ରୁ ନୁହେଁ ବରଂ ମିତ୍ର ହୋଇ କାମ କରିବା ଦରକାର ବୋଲି ମତ ରଖିଛନ୍ତି। ଏହି ବୈଠକରେ ୬ଟି ପଞ୍ଚାୟତର ନେତା ଓ ମୁରବୀ ପ୍ରାକ୍ତନ ସରପଞ୍ଚ ବିପିନ ବିହାରୀ ଦେଓ, ସେକ୍ ଅବଦୁଲ କଲାମ, ଅମୂଲ୍ୟ ରାଉତ, ନିମାଇଁ ଚରଣ ଦାସ, ସେକ୍ ଅକ୍ତର ଅଲ୍ଲୀ, ପ୍ରମୋଦ ଜେନା, ବିନୋଦ ରଥ ପ୍ରମୁଖ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ବ୍ରହ୍ମବରଦାର ଟ୍ରାଫିକ ସମସ୍ୟା, କଲେଜରେ ଅଣଛାତ୍ର ପ୍ରବେଶ, ଫାଣ୍ଡିରେ ମହିଳା କର୍ମଚାରୀ, ସ୍ଥାୟୀ ଗାଡି ପ୍ରମୁଖ ସମସ୍ୟା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପୋଲିସ କର୍ମଚାରୀ ଅଭୟ ଦାସ, ବୃନ୍ଦାବନ ବେହେରା, ଭୀମ ଚରଣ ନାୟକ, ଶୈଳ ଅଜିଜ୍ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଚୋରା ମଦ ଜବତ, ୨ କୋର୍ଟଚାଲାଣ

**ଯାଜପୁର,୧୧।୪(ଡି.ଏନ୍.ଏ)**

ଯାଜପୁର ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଅନେକ ସ୍ଥାନରେ ଚୋରାମଦ ବେପାରୀଙ୍କ ଉପରେ ଚଢ଼ାଉ ଜାରି ରହିଛି। ଅବକାରୀ ଅଧୀକ୍ଷକ ରଜତ କୁମାର ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇ ଗୋବିନ୍ଦପୁର ଗ୍ରାମର କୂଳମଣି ମଲ୍ଲିକ ଓ ରାଧାବିନୋଦ ମଲ୍ଲିକଙ୍କଠାରୁ ୭୮ ବୋତଲ ମଦ ଜବତ କରାଯାଇଥିଲା। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ କଲା !**
**ଟୋକୀ କରମକୁ ପାକୁଆ ବୁଢ଼ା ।**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସହ ଯୁବତୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରି ନ ଥାଏ। ଫଳସ୍ୱରୂପ ବିଚାରୀ କନ୍ୟା ନିଜ ଭାଗ୍ୟକୁ ନିନ୍ଦିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାନ୍ତ ଦାରୀ,**
**ପେଟ ଭଗାରି ।**

କଥାବାର୍ତ୍ତା କଲାବେଳେ ଦାନ୍ତ ଆଗ ବାହାରି ପଡ଼େ। ସମସ୍ତଙ୍କୁ ଦେଖି ଆଗ ହସିଦେବା ମଣିଷର ପ୍ରକୃତି। ସେହିପରି ଅଧିକ ଖାଇଲେ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଥାଏ। ଭୋକ ହେଲେ ସ୍ଥାନ-କାଳ-ପାତ୍ର ନ ବିଚାରୀ ମଧ ଖାଇବାକୁ ପଡ଼ିଥାଏ। ଏପରିସ୍ଥଳେ ପେଟ ଭଗାରି ଭଳି ଦାଉସାଧିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗୌତମଙ୍କ ପ୍ରଚାର ଆରମ୍ଭ

**ଯାଜପୁର,୧୧।୪(ଡି.ଏନ୍.ଏ):** ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଗୌତମ ରାୟ ଗୁରୁବାର ସନ୍ଧ୍ୟାରେ ଯାଜପୁର ପୌରାଞ୍ଚଳରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଯାଜପୁର ପୌରାଞ୍ଚଳର ନଂ.୧ ୱାର୍ଡ ବରାହନାଥଠାରୁ ଏହି ପ୍ରଚାର କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପ୍ରଚାରରେ ଆଇନ୍‌ଜୀବୀ ଉତ୍କଳ କେଶରୀ ଦାସ, ରାମଚନ୍ଦ୍ର ସନ୍ଧିବିଗ୍ରହ, ଆଶିଷ କୁମାର ନାୟକ, ସତ୍ୟଜିତ ସ୍ୱାଇଁ, ରମେଶ ଦାସ, ଲକ୍ଷ୍ମୀଧର ସାହୁ, ରାକେଶ କୁମାର ତ୍ରିପାଠୀ, ସୁଶାନ୍ତ ସାମଲ, ସନ୍ତୋଷ ପତି, ନୀଳମଣି ପରିଡ଼ା, ସୁଶାନ୍ତ କର, ମହେନ୍ଦ୍ର କାଣ୍ଡି, ରିନୁ ଖାଁ, ଅମୁଲ୍ୟ ଦିକ୍ଷୀତ, ରଜନିକାନ୍ତ ପଣ୍ଡା, କାର୍ତ୍ତିକଚନ୍ଦ୍ର ବଡୁ, ଦିବାକର ଦିକ୍ଷୀତ, ଗୋପିନାଥ ବଡୁ, ନୃସିଂହ ଦିକ୍ଷିତ, ବୃନ୍ଦାବନ ବଡୁଙ୍କ ସମେତ ବହୁ ଛାତ୍ର ସାମିଲ ହୋଇଥିଲେ। ସେମାନେ ଘରକୁ ଘର ବୁଲି ଭାଜପା ସପକ୍ଷରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ଗଳକ୍ଷତ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY

ALL EDITION - B/W
(Every Day)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

FINANCE

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱାର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

See Color Display Classified on every Tuesday & Friday

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ।
ଘରେ ବସି ପାଆନ୍ତୁ
(ବିଦ୍ୟାର୍ଥୀ /ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address:
Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହିଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୨ ଏପ୍ରିଲ, ୨୦୧୯



"ଯେଉଁ ପୁତ୍ର, ରୋଗୀ, ବୃଦ୍ଧ, ଅନ୍ଧ, ବଧିର ଓ ଜୀବିକା ଅର୍ଜନରେ ଅକ୍ଷମ ପିତାଙ୍କୁ ତ୍ୟାଗ କରି ଚାଲିଯାଏ, ସେ ପୁତ୍ର ଗୌରବ ନର୍କରେ ପଡ଼େ। - ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ

### ଚୋରା ପରିବହନ ରୋକିବାକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

**ଯାଜପୁର ଅଫିସ,୧୧।୪:** ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ଭାରତର ନିର୍ବାଚନ ଆୟୁକ୍ତ ବିଭିନ୍ନ ଅବୈଧ ସାମଗ୍ରୀର ଚୋରା ପରିବହନକୁ ରୋକିବା ଉପରେ କଠୋର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଚୋରା ସାମଗ୍ରୀ, ମାଦକ ଦ୍ରବ୍ୟ, ମଦ, ଅର୍ଥ ସହ ଜଳମାର୍ଗ, ଆନ୍ତଃରାଜ୍ୟ ସୀମା ବା ଅନ୍ତରାଷ୍ଟ୍ରୀୟ ସୀମା ମାଧ୍ୟମରେ ଅର୍ଥ ବା ଜାଲ ନୋଟ ଚାଲାଣକୁ ରୋକିବା ପାଇଁ ଆୟୁକ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନୁମତି ନ ଥିବା ଗାଡି ଗୁଡିକୁ ନିର୍ବାଚନମଣ୍ଡଳୀରୁ ଅପସାରଣ କରିବା, ବନ୍ଧୁକ ଓ ମାରଣାସ୍ତ୍ରକୁ ଜବତ କରିବାକୁ ଆହ୍ୱାନ ଦେଇଛନ୍ତି। ତେଣୁ ସମସ୍ତ ଫ୍ଲାଇଂ ସ୍କ୍ୱାର୍ଡ, ଷ୍ଟାଟିକ ସର୍ଭିଲାନ୍ସ ଟିମ୍, ଆରକ୍ଷୀ ବିଭାଗ ଓ ଅନ୍ୟାନ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନେ ସତର୍କତାର ସହ କାର୍ଯ୍ୟ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ପରାମର୍ଶ ଦେଇଛନ୍ତି।

### ବିଜେଡିର ନିର୍ବାଚନୀ ପ୍ରଚାର ଆରମ୍ଭ

**ବରୀ,୧୧।୪(ସ୍ୱ.ପ୍ର.):** ବରୀ ନିର୍ବାଚନମଣ୍ଡଳୀର ବିଜେଡି ବିଧାନସଭା ପ୍ରାର୍ଥିନୀ ସୁନନ୍ଦା ଦାସ ଓ ଯାଜପୁର ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ଗୁରୁବାର ସ୍ଥାନୀୟ ଗୋଲକୁଣ୍ଡ ପଞ୍ଚାୟତର ମା' ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା କରି ଦଳୀୟ କର୍ମକର୍ତ୍ତାଙ୍କ ସହ ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ରତ୍ନଗିରି ପଞ୍ଚାୟତର କଂଗ୍ରେସ ସମର୍ଥିତ ସମିତି ସଭ୍ୟ ଅମିୟ କୁମାର ଦାସ ବିଜେଡିରେ ଯୋଗଦେଇଛନ୍ତି। ସେ ଯୋଗଦେବା ପରେ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଥିବା ବିଜେଡି ପକ୍ଷରୁ କୁହାଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ପ୍ରଚାର ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରାର୍ଥିନୀ ଦ୍ୱୟ ଗାଁଗାଁ ବୁଲିଛନ୍ତି। ଗୋଲକୁଣ୍ଡ, ହରିପୁର, ନୁରୁପୁର, ନହଣ, ମହାକାଳପଡା କୂଳସାହି, ବାଲିଆ, ବାଙ୍କସାହି, ଆଖିଡାଡିହ ପରିଭ୍ରମଣ କରିଥିଲେ। ଯୁବନେତା ଗିରିଶ ସାମଲ, ସରପଞ୍ଚ ଶରତ କୁମାର ଜେନା, ଅଜୟ ମଲ୍ଲ, ବିଭୂତି ଭୂଷଣ ସାହୁ, ପ୍ରଶାନ୍ତ ସାହୁ, କେଦାର ସାମଲ, ଦେବେନ୍ଦ୍ର ଦାସ ପ୍ରମୁଖ ପ୍ରଚାରର ନେତୃତ୍ୱ ନେଇଥିବା କୁହାଯାଇଛି।

### କଂଗ୍ରେସର କୋର୍ କମିଟି ବୈଠକ

**ସିଂହପୁର,୧୧।୪(ଡି.ଏନ୍.ଏ.):** ନିର୍ବାଚନ ସୁପରିଚାଳନା କରିବା ପାଇଁ ବିଞ୍ଝାରପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କୁ ନେଇ ଗୁରୁବାର କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଶିଶିର ନାୟକ, ଯୁବନେତା ମଧୁ ଧଳ, ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦାସ, ପ୍ରଚାର କମିଟି ଅଧକ୍ଷ ଭୁବନାନନ୍ଦ ସାମଲ, ଜୋନ ସଭାପତି ଗୋବିନ୍ଦ ପରିଡା, ମହେନ୍ଦ୍ର ମଲିକ, କିଶୋର ଚନ୍ଦ୍ର ଦାସ, ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ମନୋଜ ସାମଲ, ସୁଦାମ ସାମଲ, ବିଶ୍ୱନାଥ ଦାସ, ସୁଧାଂଶୁ ପଟ୍ଟନାୟକ, ବ୍ରହ୍ମାନନ୍ଦ ବଳ, କୁଞ୍ଜ ବିହାରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନ ପରିପ୍ରେକ୍ଷୀରେ ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଏକଜୁଟ ହୋଇ ବିଜୟ ହେବାକୁ ମିଳିତ ରଣ କୌଶଳ କରିଥିଲେ। ଆସନ୍ତା ୧୬ରେ ୨୫ ନଂ. ଜୋନରେ କର୍ମୀ ସମ୍ମିଳନୀ ସହ କଂଗ୍ରେସ ପ୍ରଚାର ଅଭିଯାନକୁ ଜୋରଦାର କରିବ ବୋଲି ପ୍ରକାଶ କରିଛି।

### ପ୍ରଗତିଶୀଳ ବିଚାର ମଞ୍ଚର ନିର୍ବାଚନ ଆହ୍ୱାନ

**ଧର୍ମଶାଳା,୧୧।୪(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାଠାରେ ପ୍ରଗତିଶୀଳ ବିଚାର ମଞ୍ଚର ନିର୍ବାଚନ ଆହ୍ୱାନ ବୈଠକ ଅବସରପ୍ରାପ୍ତ ପ୍ରାଧାପକ ରମେଶଚନ୍ଦ୍ର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଞ୍ଚର ଆବାହକ ସୁନାକର ସାହୁ ଯୋଗଦେଇ ସାମନ୍ତବାଦୀ, ପୁଞ୍ଜିବାଦ, ମୌଳବାଦ ଓ ସାମ୍ପ୍ରଦାୟିକତାବାଦୀ ଶକ୍ତିଗୁଡିକ ସୁନିୟୋଜିତ ଷଡଯନ୍ତ୍ର ଦ୍ୱରା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଦୁର୍ବଳ କରି ଏକ ନାୟକତ୍ୱ ପ୍ରତିଷ୍ଠା ନିମନ୍ତେ ଲାଗିଛନ୍ତି। ଏହିପରି ଏକ ସଂକଟ ସମୟରେ ପ୍ରଗତିଶୀଳ ବିଚାର ମଞ୍ଚ ସମସ୍ତ ଭୋଟରଦାତା ନିଜ ନିଜର ଗଣତାନ୍ତ୍ରିକ ଅଧିକାର ବଳରେ ଜନମଙ୍ଗଳକାରୀ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁରକ୍ଷା ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଯତୀନ୍ଦ୍ର ଜେନା, ସୁନାକର ରାଉତ, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ପ୍ରଗତିଶୀଳ ବିଚାରମଞ୍ଚର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାଜନୈତିକ ଦଳ ନିଜ ନିଜର ନିର୍ବାଚନ ପ୍ରତିଶ୍ରୁତି ପାଳନର ବିଫଳତାକୁ ଘଣ୍ଟ ଘୋଡାଇ ଜନମାନସକୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟାରେ ନାନା ପ୍ରକାର ବିଜ୍ଞାପନ ମାଧମରେ ହଟଚମଟ ସୃଷ୍ଟି କରିବାରେ ଲାଗିପଡିଛନ୍ତି ବୋଲି ସଭାପତି ଅଭିଯୋଗ କରିଛନ୍ତି। ତେଣୁ ଗଣତନ୍ତ୍ରର ସୁରକ୍ଷା ଦିଗରେ ଜନସାଧାରଣ ପଦକ୍ଷେପ ନେବାକୁ ସେ ଆହ୍ୱାନ ଜଣାଇଥିଲେ।

# ନୋଟା ସବୁଦଳ ପାଇଁ ସତର୍କଘଣ୍ଟି



- ଅଭିଜ୍ଞତା, ଅବଦାନ ହେବ ମୁଖ୍ୟ ପ୍ରସଙ୍ଗ
- ଏଥର ବଢ଼ିପାରେ ନୋଟା ଭୋଟ
- ଯୁବ ଭୋଟରଙ୍କ ଉପରେ ନଜର

**ଯାଜପୁର ଅଫିସ,୧୧।୪**

ଚଳିତ ନିର୍ବାଚନରେ ନୋଟା(ନନ୍ ଅଫ୍ ଦି ଏବଭ୍) ବଟନ୍ ପ୍ରତ୍ୟେକ ଦଳ ଲାଗି ସତର୍କ ଘଣ୍ଟି ସାଜିବ ବୋଲି ଚର୍ଚ୍ଚା ହେଉଛି। ପ୍ରମୁଖ ଦଳଗୁଡିକ ନୂତନ ପ୍ରାର୍ଥୀ ଚୟନରେ କରିଥିବା ପାତରଅନ୍ତର ନୀତି ଏହାର ମୁଖ୍ୟକାରଣ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ରଖୁଛନ୍ତି। ଏହାର ପ୍ରଭାବ ଯାଜପୁର ଜିଲାରେ ବିଶେଷ ପଡ଼ିବାରେ ବୋଲି କୁହାଯାଉଛି। ଗତ ନିର୍ବାଚନରେ ଜିଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଚୟନରେ ସେତେଟା ଅଦଳବଦଳ ହୋଇ ନ ଥିଲେ ମଧ୍ୟ ୬,୭୧୬ ଭୋଟ ନୋଟାରେ ପଡ଼ିଥିଲା। ଚଳିତ ଥର ପ୍ରାର୍ଥୀ ଚୟନରେ ନୂଆ ମୁହଁ ଅଧିକ ଥିବାରୁ ନୋଟା ସଂଖ୍ୟା ବହୁଗୁଣ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ସାଧାରଣ ଲୋକ ଏବଂ ଶାସନ ବ୍ୟବସ୍ଥା ମଧ୍ୟରେ ଦୂରତ୍ୱ ରହୁଥିବା କାରଣରୁ ଗଣତନ୍ତ୍ରର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ । ଶାସନ ବ୍ୟବସ୍ଥା ସହିତ ସାଧାରଣ ଲୋକଙ୍କୁ ଯୋଡିବାରେ ନିର୍ବାଚିତ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ନିର୍ବାଚିତ ପ୍ରତିନିଧିମାନେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟାଠାରୁ ଦୂରେଇ ଯାଇ ନିର୍ବାଚନ ପ୍ରଚାରରେ ସହଯୋଗ କରିଥିବା କର୍ମୀଙ୍କ ସ୍ୱାର୍ଥକୁ ଅଧିକ ଧ୍ୟାନ ଦେଉଛନ୍ତି। ଫଳରେ ଠିକାଦାରୀ ରାଜନୀତି ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟେକ ଦଳରେ ଏହି ଠିକାଦାରୀ ରାଜନୀତି ଯୋଗୁ ନିର୍ବାଚନ ଏକ ବ୍ୟବସାୟରେ ପରିଣତ ହୋଇଛି। ନିର୍ବାଚନ କମିଶନ ଯେଉଁ ନୋଟା ବ୍ୟବସ୍ଥା କରିଛନ୍ତି ତାହାର ପ୍ରଭାବ ଯାଜପୁର ଜିଲାରେ ପଡ଼ିଛି। ଗତ ନିର୍ବାଚନରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧,୧୮୫ ଭୋଟ ନୋଟାରେ ପଡିଥିବାବେଳେ ଯାଜପୁରରେ ୧,୧୬୭, ବରୀରେ ୮୦୭, ବଡ଼ଚଣାରେ ୫୬୭, କୋରେଇରେ ୯୧୧, ସୁକିନ୍ଦାରେ ୯୯୪ ଓ ବିଞ୍ଝାରପୁରରେ ୧,୦୮୫ ଭୋଟ ନୋଟାରେ ପଡିଥିଲା । ତେବେ ଗତ ନିର୍ବାଚନ ଅପେକ୍ଷା ଏଥର ପରିସ୍ଥିତି ଭିନ୍ନ ହୋଇଛି । ୩ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଚୟନରେ ଅଦଳବଦଳ କରିଛନ୍ତି । କେଉଁ ପ୍ରାର୍ଥୀଙ୍କ ସେହି ନିର୍ବାଚନମଣ୍ଡଳୀ ପାଇଁ କେତେ କର୍ମଫଳ ରହିଛି ତାହା ଆଜିର ସଚେତନ ଭୋଟରମାନେ ସମୀକ୍ଷା ଆରମ୍ଭ କରି ଦେଇଛନ୍ତି। ତେଣୁ ବ୍ୟକ୍ତିତ୍ୱ ଓ ଚରିତ୍ରକୁ ନେଇ ଭୋଟର ନିଜର ପ୍ରତିନିଧି ଚୟନ କରିବେ ବୋଲି ଆଲୋଚନା ହେଉଛି। ସେଥିମଧ୍ୟରୁ କୋରେଇ ନିର୍ବାଚନମଣ୍ଡଳୀରେ ମୁଖ୍ୟ ପ୍ରସଙ୍ଗ ହୋଇଛି ସ୍ୱାଭିମାନ। ୧୯୭୧ ପର୍ଯ୍ୟନ୍ତ ଯାଜପୁର (ପଶ୍ଚିମ) ନିର୍ବାଚନମଣ୍ଡଳୀ ଅଧୀନରେ କୋରେଇ ରହିଥିଲା। ଏହାପରେ ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା। କୋରେଇ ଏକ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀର ମାନ୍ୟତା ପାଇଥିଲା । ୧୯୭୪ ରୁ ୨୦୦୦ ପର୍ଯ୍ୟନ୍ତ ୭ଟି ନିର୍ବାଚନରେ କେବଳ ଅଶୋକ ଦାସ ୬ଥର ବିଧାୟକ ନିର୍ବାଚିତ ହୋଇଥିବାବେଳେ ୧୯୮୫ରେ ରାମଚନ୍ଦ୍ର ଖୁଣ୍ଟିଆ ବିଧାୟକ ହୋଇ ପାରିଥିଲେ। ଅଶୋକ ବିଜୁ ବାବୁଙ୍କ ଜଣେ ସ୍ୱାଭିମାନୀ ନେତା ଭାବେ ସର୍ବଜନବିଦିତ ଥିଲେ । ସେ କେବେ ବି କ୍ଷମତାଲୋଭୀ ନ ଥିଲେ । ଏବେ କେତେଜଣ ନେତା ଅଶୋକଙ୍କ ନାମରେ ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛନ୍ତି । ସେମାନେ ନିଜେ ନିଜକୁ ପ୍ରଶ୍ନ କରିବା ଉଚିତ ଯେ, କୋରେଇ ମାଟି ପାଇଁ ସେମାନଙ୍କ ଅବଦାନ କେତେ ବୋଲି ଏବେ କୋରେଇବାସୀ ପ୍ରଶ୍ନ କରୁଛନ୍ତି। ରାଜନୀତିକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଆସିଛନ୍ତି ନା ଲୋକଙ୍କ ସେବା କରିବାକୁ ତାହା ସଚେତନ ଭୋଟରଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିକ୍ରମରେ ବିଜେଡିରୁ ଅଶୋକ ବଳ, ଭାଜପାରୁ ବିଶ୍ୱଜିତ ନାୟକ ଓ କଂଗ୍ରେସରୁ ବନ୍ଦିତା ପରିଡା ନିର୍ବାଚନ ଲଢୁଛନ୍ତି । ତେଣୁ ଭୋଟର ଏମାନଙ୍କ ମଧ୍ୟରୁ ଜଣଙ୍କୁ ବାଛିବେ ନା ନୋଟାରେ ମୋହର ମାରିବେ ତାହା ଏବେଠୁ ଚର୍ଚ୍ଚାର ବିଷୟ ହୋଇଛି । ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡିରୁ ପ୍ରମିଳା ମଲ୍ଲିକ ଲଗାତାର ୪ ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ଏହାପୂର୍ବରୁ ୧୯୯୦ରେ ଜନତା ଦଳରୁ ବିଧାୟିକା ହୋଇଥିଲେ। ଏହି ୫ବର୍ଷ ମଧ୍ୟରେ ସାଧାରଣ ଲୋକଙ୍କ ସମସ୍ୟାକୁ ସେ କେତେ ହୃଦୟଙ୍ଗମ କରିଛନ୍ତି ତାକୁ ନେଇ ଭୋଟରମାନେ ସମୀକ୍ଷା କରୁଥିବା ଜଣାପଡୁଛି। ସେହିପରି କଂଗ୍ରେସରୁ ଡିଆଁ ମାରିଥିବା ଭାଜପା ପ୍ରାର୍ଥୀ ବବିତା ମଲ୍ଲିକଙ୍କ ଅଞ୍ଚଳ ପ୍ରତି କେତେ ଅବଦାନ ରହିଛି ତାହା ମଧ୍ୟ ବିଚାର ସାପେକ୍ଷ। ଅନ୍ୟପକ୍ଷେ କଂଗ୍ରେସର ନୂଆଁ ଚେହେରା ମନୋରଞ୍ଜନ ଦାସ ମଧ୍ୟ ବିଞ୍ଝାରପୁରବାସୀଙ୍କ ପାଇଁ କେଉଁ ଲକ୍ଷ୍ୟ ରଖି ନିର୍ବାଚନ ଲଢୁଛନ୍ତି ତାହା ସ୍ପଷ୍ଟ କରିବା ଉଚିତ। ଏଭଳିସ୍ଥଳେ ଏଠାରେ ମଧ୍ୟ କେତେକ ଭୋଟର ନୋଟାକୁ ପସନ୍ଦ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଧର୍ମଶାଳା ନିର୍ବାଚନମଣ୍ଡଳୀରେ ମଧ୍ୟ ଅନୁରୂପ ପରିସ୍ଥିତି। ପ୍ରାୟ ପ୍ରାର୍ଥୀଙ୍କ ନାମରେ ଦୁର୍ନୀତିର ଛିଟା ଲାଗିଛି। ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ଧର୍ମଶାଳା ପ୍ରତି କେତେ ଅବଦାନ ରହିଛି ତାହା ଭୋଟର ଚିନ୍ତା କରୁଛନ୍ତି । ବଡ଼ଚଣା ବିଜେଡି ପ୍ରାର୍ଥୀ ଅମରପ୍ରସାଦ ଶତପଥିଙ୍କ ବହୁଚର୍ଚ୍ଚିତ ଟିଟୋ ଲିଙ୍କ, ଭୂତ ଗାଡ଼ି ମାମଲା ଆଦିରେ ସଂପୃକ୍ତି ତାଙ୍କୁ ଅଡୁଆରେ ପକାଇଛି। ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ବଡ଼ଚଣାର ବିକାଶରେ କେତେ ସଂପୃକ୍ତି ରହିଛି ତାହା ମଧ୍ୟ ବିଚାରଯୋଗ୍ୟ। ବରୀ, ସୁକିନ୍ଦା ଓ ଯାଜପୁର ନିର୍ବାଚନ ମଣ୍ଡଳିରେ ମଧ୍ୟ ସମାନ ଅବସ୍ଥା। କଳିଙ୍ଗନଗର ଅଞ୍ଚଳର ଶ୍ରମିକ ନେତା ଅଶ୍ୱିନୀ କୁମାର ଧଳ କୁହନ୍ତି ଜିଲାରେ ବିଭିନ୍ନ ଦଳରେ ଚୟନ ହୋଇଥିବା ପ୍ରାର୍ଥୀ କେତେକ ଭୋଟରଙ୍କ ପସନ୍ଦ ହୋଇନାହିଁ। ଯାହାକି ତାଙ୍କ ଭିତରେ କ୍ଷୋଭ ରହିଛି ଓ ସେମାନେ ନୋଟାକୁ ହିଁ ବାଛିବେ। ଏଥର ନୋଟା ଭୋଟ ସଂଖ୍ୟା ନିଶ୍ଚିତ ଭାବେ ବଢିବ । ଆଡଭୋକେଟ ମାନସରଞ୍ଜନ ସାମଲ କୁହନ୍ତି ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ଉପରେ ଭୋଟରଙ୍କ ନଜର ରହିବ। ଏହାବାଦ କୌଣସି ଦଳ ପ୍ରାର୍ଥୀଙ୍କ ଅନ୍ୟୂନ୍ୟ ଶିକ୍ଷାଗତ ଯୋଗ୍ୟତାକୁ ମାପକାଠି ଭାବେ ଗ୍ରହଣ କରୁ ନାହାନ୍ତି। ଯେଉଁ ପ୍ରସଙ୍ଗକୁ ଯୁବ ଭୋଟର ଅଧିକ ଗୁରୁତ୍ୱ ଦେବେ। ଏଣୁ ଜିଲାରେ ନୋଟା ଭୋଟ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ସାମଲ କହିଛନ୍ତି।

## ପିସିସି ସମ୍ପାଦକ ହେଲେ ହରେକୃଷ୍ଣ ସାହୁ



**କୋରେଇ/ରଗଡି ୧୧।୪(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରେଇର ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁଙ୍କୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଚଳିତ ନିର୍ବାଚନରେ କୋରେଇ ବିଧାନସଭା ପ୍ରାର୍ଥୀ ପାଇଁ ହରେକୃଷ୍ଣ ସାହୁ ଦାବିଦାର ଥିଲେ। କୋରେଇରୁ ବନ୍ଦିତା ପରିଡାଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ହରେକୃଷ୍ଣଙ୍କୁ ରାଜ୍ୟ ସମ୍ପାଦକ ଭାବେ ଘୋଷଣା କରାଯାଇଛି। ସମ୍ପାଦକ ଭାବେ ନିଯୁକ୍ତି ଖବର ପାଇବା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

- କାରଖାନାର ବର୍ଜ୍ୟପାଣି ଉପରେ ଏନ୍‌ଜିଟି ଛାଟ

# ୨ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏସ୍‌ପିସିବିକୁ ନୋଟିସ

**ଯାଜପୁର ଅଫିସ,୧୧।୪**

କଳିଙ୍ଗନଗର ଭିସା ଷ୍ଟିଲ କାରଖାନା ବିନା ଉପଚାରରେ ବର୍ଜ୍ୟପାଣି ଗଣ୍ଡନାଳାକୁ ଛାଡୁଛି। ସେହି ପାଣି ବ୍ରାହ୍ମଣୀରେ ମିଶି ଜଳକୁ ପ୍ରଦୂଷିତ କରୁଛି। ତେଣୁ ଏହାର ଉପଯୁକ୍ତ ତଦନ୍ତ କରି ୨ମାସ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦାଖଲ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ସଦସ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଆଡଭୋକେଟ ଶଙ୍କରପ୍ରସାଦ ପାଣି ଓ ମାନସକୁମାର ଶାହଙ୍କ ଆବେଦନ ଉପରେ ୯।୪।୨୦୧୭ରେ ଏନ୍‌ଜିଟିର ଜଷ୍ଟିସ କେ. ରାମାକ୍ରିଷ୍ଣନ ଓ ଏସ୍.ଏସ୍. ଗାର୍ବ୍ୟାଲ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଭିସା ଷ୍ଟିଲ କାରଖାନା ପରିସରର ବର୍ଜ୍ୟପାଣି ବିଜୁ ପଟ୍ଟନାୟକ ମାର୍ଗ ପୋଲ ଦେଇ ବାହାରକୁ ବୋହୁଛି। ଏହି ବର୍ଜ୍ୟପାଣି ଗଣ୍ଡନାଳାରେ ମିଶି ସଚରାଚରକୁ ବିଷାକ୍ତ କରୁଛି ବୋଲି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଏନ୍‌ଜିଟିରେ ୧୯/୨୦୧୯ (ଇଜେଡ) ନମ୍ବରରେ ଏକ ଆବେଦନ ହୋଇଥିଲା। ପୂର୍ବରୁ ଏସ୍‌ପିସିବି ପତ୍ରସଂଖ୍ୟା ୧୪,୧୪୩/୨୦୧୧।୨୦୧୮ରେ ଦର୍ଶାଯାଇଥିଲା ଯେ, କେଜେ ଇସ୍ପାତ ଓ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍‌ର ବର୍ଜ୍ୟପାଣି କ୍ଷରଣ ହୋଇ ଭିସା ଷ୍ଟିଲ ପରିସର ଦେଇ ବୋହୁଛି। ଏକ ସ୍ୱତନ୍ତ୍ର ଜଳଚାଳିତ ପ୍ରବାହିତ ଅଧ୍ୟୟନ କରି ଭିସା ଷ୍ଟିଲ କାରଖାନା ଦେଇ ଲୋକଙ୍କ ଚାଷ ଜମି ସହ ଗଣ୍ଡନାଳାକୁ ବୋହୁଥିବା ବିଷାକ୍ତ ପାଣିର ଉପଚାର କରିବାକୁ ଏସ୍‌ପିସିବି ନିର୍ଦ୍ଦେଶ ଦେଇଥିଲା। ୧୫ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ ବୋର୍ଡକୁ ଦେବାକୁ କୁହାଯାଇଥିଲା। ଅନ୍ୟଥା କମ୍ପାନୀ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୋର୍ଡ ଚେତାବନୀ ଦେଇଥିଲା। ହେଲେ ଏସ୍‌ପିସିବିର ଏହି ଚେତାବନୀ ପରବର୍ତ୍ତି ସମୟରେ ଫସର ଫାଟିଛି। ଭିସା ଷ୍ଟିଲ ସମେତ କେଜେ ଇସ୍ପାତ ଓ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ବିଷାକ୍ତ ବର୍ଜ୍ୟଜଳ ନିର୍ବାହ ଉପରେ ସମୁଚିତ ଓ ସଂଶୋଧକ ନିୟନ୍ତ୍ରଣ କରିବାକୁ ଏକ ପରିଚାଳନା ଯୋଜନା ତିଆରି କରି ବୋର୍ଡରେ ଦାଖଲ କରିବାକୁ ମଧ୍ୟ କୁହାଯାଇଥିଲା। କିନ୍ତୁ କିଛି ସୁଫଳ ମିଳିଲା ନାହିଁ । ଏବେ ଏନ୍‌ଜିଟି କେବଳ ଭିସା ଷ୍ଟିଲ ଉପରେ ପଦକ୍ଷେପ ନେବାକୁ ବୋର୍ଡକୁ ନିର୍ଦ୍ଦେଶ ଦେଇଛି।

## କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ

**କୋରେଇ/ରଗଡି, ୧୧।୪(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରାଯାଇଛି। ରାଜ୍ୟରେ କଂଗ୍ରେସ ଶାସନ କ୍ଷମତାକୁ ଆସିଲେ ପ୍ରଥମ ଦିନରେ କୃଷି ଋଣ ଛାଡ ହେବା ସହ ଧାନର ସହାୟକ ମୂଲ୍ୟ ବୃଦ୍ଧି, କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ, ପମ୍ପସେଟ୍ ଯୋଗାଣ, ପ୍ରତି ପରିବାରକୁ ୭୨ ହଜାର ଟଙ୍କା ପ୍ରଦାନ, କନ୍ୟାଙ୍କୁ ମାଗଣାରେ ଉଚ୍ଚ ଶିକ୍ଷା ଓ ବିବାହ ପାଇଁ ଆର୍ଥିକ ସହାୟତା, ପ୍ରତି ପଞ୍ଚାୟତରେ ସ୍ୱତନ୍ତ୍ର ମହିଳା ଅଧିକାରୀ ନିଯୁକ୍ତ ଓ ୨ ହଜାର ଟଙ୍କା ବିଧବା ଭତ୍ତା ପ୍ରଦାନ, ବେକାର ଯୁବତୀ ଯୁବକଙ୍କୁ ଭତ୍ତା ପ୍ରଦାନ ଓ ବିକଳାଙ୍ଗ ଭତ୍ତା ୧୫ ଶହ ଟଙ୍କାକୁ ବୃଦ୍ଧି ଉଲ୍ଲେଖ ଥିବା ଇସ୍ତାହାର ପତ୍ର ବଣ୍ଟନ କରାଯାଇଥିଲା। ଅନ୍ଧାରୀ ପଞ୍ଚାୟତ କଂଗ୍ରେସ ମହିଳା ମୋର୍ଚ୍ଚା ସଭାନେତ୍ରୀ ଦୀପା ସ୍ୱାଇଁ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଆରତି ସ୍ୱାଇଁ, ଜିଲା ମହିଳା କଂଗ୍ରେସ ଉପସଭାନେତ୍ରୀ ମମତା ପରିଡା, କାମିନୀ ମଲ୍ଲିକ, ଭାନୁମତୀ ବାରିକ, କବିତା ନାୟକ, କୌଶଲ୍ୟା ନାୟକ, ରଞ୍ଜିତା ନାୟକ, ମାନସୀ ମଲିକ, ରୁକ୍ମିଣୀ ମଲିକ, ରଞ୍ଜିତା ନାୟକ, ଲକ୍ଷ୍ମୀପ୍ରିୟା ପରିଡା, କବିତା ନାୟକ ପ୍ରମୁଖ କାର୍ଡ ବଣ୍ଟନରେ ସାମିଲ ହୋଇଥିଲେ। ସେହିପରି ପଚ୍ଛିକୋଟ ଓ ପାଟରଙ୍ଗା ପଞ୍ଚାୟତରେ ମଧ୍ୟ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରାଯାଇଛି।

## ପ୍ରଣବଙ୍କ ପାଇଁ ଶପଥ ନେଲେ କର୍ମୀ



କର୍ମୀମାନେ ଶପଥ ନେଉଛନ୍ତି।

**ଧର୍ମଶାଳା,୧୧।୪(ଡି.ଏନ.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୫ନମ୍ବର ଜୋନର ବିଜେଡି ସଭ୍ୟଙ୍କୁ ନେଇ ଗୁରୁବାର ଏକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଜେଡିର ଜିଲା ସାଧାରଣ ସମ୍ପାଦକ କ୍ଷିତିଶ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ବିଶ୍ୱ ପ୍ରତାପ ସାହୁ, ରାଜ୍ୟ ଉପସଭାପତି ରାକେଶ ନାୟକ, ବିଜୁ ଯୁବ ଜନତା ନିର୍ବାଚନମଣ୍ଡଳୀ ସଭାପତି ସବ୍ୟସାଚୀ ସୁନ୍ଦରରାୟ, ପଦ୍ମନାଭ ବିଶ୍ୱାଳ, ବସନ୍ତ ରାଉଳ, ଶୁଶାନ୍ତ କୁମାର ଜେନା, ମନୋରଞ୍ଜନ ରାୟ, କୌଶଲ୍ୟା ରାୟଙ୍କ ସମେତ ବହୁ ଯୁବକର୍ମୀ ଏକାଠି ହୋଇ ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଏବଂ ଏମ୍‌ପି ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କୁ କିଭଳି ଅଧିକ ମାତ୍ରାରେ ଭୋଟଦେଇ ଜୟଯୁକ୍ତ କରାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଭୋଟ ଦିନ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ବୟସ୍କା ମହିଳାମାନେ କିଭଳି ଭାବରେ ସହଜ ଓ ସୁରକ୍ଷିତ ଭାବେ ଭୋଟ ଦେଇପାରିବେ ସେ ସମ୍ପର୍କରେ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ନିଷ୍ପତ୍ତି ହୋଇଥିଲା।

## କାଳବୈଶାଖୀରେ ମୁଗଚାଷ ପ୍ରଭାବିତ

**ଧର୍ମଶାଳା,୧୧।୪(ଡି.ଏନ୍.ଏ.)**

ଧର୍ମଶାଳା ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା ସାଙ୍ଗକୁ ପବନ ଓ ବଜ୍ରପାତ ହୋଇଛି। ଫଳରେ ଯୋଗୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଏଥିସହ ବର୍ଷାଯୋଗୁ କେତେକ ଅଞ୍ଚଳରେ ମୁଗଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଏ ନେଇ ଧର୍ମଶାଳା ସହକାରୀ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ କାଳବୈଶାଖୀ ବର୍ଷା ଯୋଗୁ କିଛି ଅଞ୍ଚଳରେ ମୁଗଚାଷ ପ୍ରଭାବିତ ହୋଇଛି। ସ୍ଥାନୀୟ ଗ୍ରାମ ସେବକମାନଙ୍କୁ କ୍ଷୟକ୍ଷତି ଆକଳନ କରିବାକୁ କୁହାଯାଇଥିବା ସେ କହିଛନ୍ତି। ଅପରପକ୍ଷେ ଗତ କିଛିଦିନ ହେବ ପ୍ରବଳ ଗୁଳୁଗୁଳି ଲାଗି ରହିବା ବେଳେ ବର୍ଷା ଯୋଗୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

## ରାସ୍ତାରୁ ବରଗଛ ଭଗ୍ନାବଶେଷ ଉଠାଇବାକୁ ଦାବି



ରାସ୍ତା ଉପରେ ପଡିଥିବା ବରଗଛର ଭଗ୍ନାବଶେଷ।

**ଧର୍ମଶାଳା,୧୧।୪(ଡି.ଏନ୍.ଏ.)**

ଧର୍ମଶାଳା- କବାଟବନ୍ଧ ରାସ୍ତାର ରଘୁନାଥପୁରଶାସନ ଗ୍ରାମ ରାସ୍ତାରେ ଦୀର୍ଘଦିନ ହେବ ଉପୁଡିପଡିଥିବା ଏକ ବରଗଛର କିଛି ଅଂଶ ରାସ୍ତା ଉପରେ ପଡିରହିଛି। ଫଳରେ ସନ୍ଧ୍ୟାରେ ଜାରକାଠାରୁ ନାକପୋଲ ଛକ ଦେଇ ଜେନାପୁର, ଗଡ଼ମଧୁପୁର, କମାଗଡ ଅଞ୍ଚଳକୁ ଯାଉଥିବା ପଥଚାରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ପ୍ରକାଶ ଯେ, ଗତ ଡିସେମ୍ବରରେ ବର୍ଷା ଓ ପବନରେ ଉକ୍ତ ପୁରୁଣା ବରଗଛ ରାସ୍ତା ଉପରେ ଉପୁଡିପଡିଥିଲା। ଏ ନେଇ ସ୍ଥାନୀୟ ତହସିଲଦାର ଓ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଗ୍ରାମବାସୀଙ୍କ ସହଯୋଗ କ୍ରମେ ଗଛଟିକୁ କଟାଯାଇ ରାସ୍ତା ଅବରୋଧ ହଟାଯାଇଥିଲା। ମାତ୍ର ସେବେଠାରୁ ଗଛର କିଛି ଅଂଶ ରାସ୍ତାର ଦୁଇ କଡ଼ରେ ପଡ଼ିରହିଛି। ରାସ୍ତାରୁ ବରଗଛର ମୂଳ ଓ ଡାଳଗୁଡିକୁ ତୁରନ୍ତ ଉଠାଇ ନେବାକୁ ରଘୁନାଥପୁର ଓ ଇମାମନଗର ଗ୍ରାମବାସୀ ଦାବି କରିଛନ୍ତି।

- ପର୍ଯ୍ୟବେକ୍ଷକଙ୍କ ନିର୍ବାଚନୀ ସମୀକ୍ଷା

# ଅନୁପ୍ରବେଶକାରୀଙ୍କ ଉପରେ ନଜର

**ଯାଜପୁର ଅଫିସ,୧୧।୪**

**ବେଆଇନ ହୋର୍ଡିଂ, ପୋଷ୍ଟର ହଟାଇବାକୁ ନିର୍ଦ୍ଦେଶ**

ନିର୍ବାଚନ ଆଚରଣ ବିଧି ସହ ଯାଜପୁର ଜିଲାରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇ ସାରିଛି । ତଥାପି ଜିଲାର ବିଭିନ୍ନ ସ୍ଥାନରେ ରାଜନୈତିକ ଦଳ ବା ପ୍ରାର୍ଥୀଙ୍କ ଲାଗିଥିବା ବେଆଇନ ହୋଡିଂ, ପୋଷ୍ଟର ଇତ୍ୟାଦିକୁ ଯଥାଶୀଘ୍ର ଅପସାରଣ ପାଇଁ ପର୍ଯ୍ୟବେକ୍ଷକମାନେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲାକୁ ଅନୁପ୍ରେବଶକାରୀଙ୍କ ଆଶଙ୍କା ରହିଛି । ତେଣୁ ଏହାକୁ ରୋକିବାକୁ ପୋଲିସ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଗୁରୁବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ସମସ୍ତ ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଫିସର, ନିର୍ବାଚନ ପାଇଁ ଗଠିତ ବିଭିନ୍ନ ଟିମ୍‌ର କର୍ମକର୍ତ୍ତାଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଜିଲାରେ ନିର୍ବାଚନୀ ପାଇଁ ପ୍ରସ୍ତୁତି ସମ୍ପର୍କରେ ବିଷଦ ଭାବେ ଅବଗତ କରାଇଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ନୀତେଶ ପାଟିଲ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଚୂଡାନ୍ତ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇବା ପରେ ସମସ୍ତ ଟିମ୍, ରିଟର୍ଣ୍ଣିଂ ଅଧିକାରୀ ଓ ନିର୍ବାଚନରେ ଜଡିତ ଅନ୍ୟାନ୍ୟ ଅଧିକାରୀଙ୍କ କାର୍ଯ୍ୟ ବୃଦ୍ଧି ପାଇବ ବୋଲି କହିଥିଲେ। ତେଣୁ ପ୍ରତ୍ୟେକ ପରସ୍ପର ସହ ସମନ୍ୱୟ ଓ ଯୋଗାଯୋଗ ରଖି କାର୍ଯ୍ୟ କଲେ ତାହା ଅଧିକ ଫଳପ୍ରଦ ହେବ। ବେଆଇନ ହୋଡିଂଗୁଡିକୁ ତୁରନ୍ତ ଅପସାରଣ କରିବା ସହ ସମ୍ପୃକ୍ତ ହୋଡିଂର ଖର୍ଚ୍ଚକୁ ସମ୍ପୃକ୍ତ ଦଳ ବା ପ୍ରାର୍ଥୀଙ୍କ ଖର୍ଚ୍ଚ ତାଲିକାରେ ଯୋଡିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଞ୍ଚଳକୁ ବାରମ୍ବାର ତଦାରଖ କରାଯାଇ କୌଣସି ବେଆଇନ ଅର୍ଥ, ମଦ, ଗାଡି, ଉପହାର ଇତ୍ୟାଦି ନେଣଦେଣ ହେଉଥିଲେ ତାହାକୁ ଜବତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟତମ ସାଧାରଣ ପର୍ଯ୍ୟବେକ୍ଷକ ଦିଲୀପ କୁମାର ଯାଜପୁର ନିର୍ବାଚନ ଶେଷ ପର୍ଯ୍ୟାୟରେ ହେଉଥିବାରୁ ଅନ୍ୟ ଅଞ୍ଚଳରୁ ଅନେକ ଅନୁପ୍ରବେଶକାରୀଙ୍କ ଆଶଙ୍କା ରହିଥିବା କହିଥିଲେ। ସେମାନଙ୍କୁ ସଂପୃକ୍ତ ଥାନା ଅଧିକାରୀ ଚିହ୍ନଟ ସହ ମତଦାନର ୪୮ଘଣ୍ଟା ପୂର୍ବରୁ ନିର୍ବାଚନମଣ୍ଡଳୀରୁ ହଟେଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ପର୍ଯ୍ୟବେକ୍ଷକ ସନ୍ତୋଷକୁମାର ସିଂ କହିଥିଲେ ଚଳିତ ନିର୍ବାଚନରେ ବୈଷୟିକ ଜ୍ଞାନର ଅନେକ ଉପଯୋଗ ସହ ବିଭିନ୍ନ ଅହ୍ୱାନକୁ ସମ୍ମୁଖୀନ ହେବାକୁ ପଡିବ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ନିରନ୍ତର ଯାଞ୍ଚ କରିବା, ଚେକ୍ ପୋଷ୍ଟ ମାଧ୍ୟମରେ ଯାଞ୍ଚ କରିବା, ରାତ୍ରିକାଳୀନ ପାଟ୍ରୋଲିଂ କରିବା ସହ ଅପରାଧିକତତ୍ତ୍ୱଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଯୋରଦାର କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ପି ଚରଣସିଂ ମୀନା ପୋଲିସ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦାଶ ଖର୍ଚ୍ଚ ତଦାରଖ ଟିମ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଭୋଟର ସଚେତନତା ସମ୍ପର୍କରେ ଗ୍ରହଣ କରାଯାଇଥିବା ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

୩୩

## ଭୋଟ ବର୍ଜନ କଲେ ୫ ଗାଁର ଭୋଟର

**କର୍ଲାମୁଣ୍ଡା/ଜୁନାଗଡ଼/ଭବାନୀପାଟଣା, ୧୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଗୁରୁବାର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି । ଏହି ଭୋଟକୁ ବର୍ଜନ କରିଛନ୍ତି ୫ ଗାଁର ଭୋଟର । ବିଭିନ୍ନ କାରଣକୁ ନେଇ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀ ଟେଟେଙ୍ଗପଦର ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି । କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଗ୍ରାମପଞ୍ଚାୟତ ଟେଟେଙ୍ଗପଦର ଗ୍ରାମବାସୀ ଅବୁଜବାହାଲର ବୁଥ୍ ନଂ. ୨୧୦ରେ ଭୋଟ ଦେଇଥାନ୍ତି । ଗାଁର ମୁଖ୍ୟରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନରୁ ଗ୍ରାମବାସୀ ଦାବି କରି ଆସୁଥିଲେ । ହେଲେ ସେଥିରେ ବିଳମ୍ବ ଘଟୁଥିବା ଯୋଗୁ ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି । ଉକ୍ତ ରାସ୍ତା ନିର୍ମାଣ ପାଇଁ କିଛିଦିନ ତଳେ ବ୍ଲକ ପକ୍ଷରୁ ମେଣ୍ଟାଲ ବିଛାଯାଇଥିଲେ ହେଁ ମୋରମ (ରୁଗୁଡି) ବିଛାଯାଇ ନ ଥିବାରୁ ଏହି ରାସ୍ତା ଯିବା ପାଇଁ ଅନୁପଯୋଗୀ ହୋଇଥିବା ଗାଁର ମନ୍ଦିର ସୁନା କହିଛନ୍ତି । ଏହି ଗାଁର ଅନ୍ୟ ଏକ ପ୍ରମୁଖ ସମସ୍ୟା ଲକ୍ଷ୍ମୀନାଳଠାରେ ବ୍ରିଜ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷରୁ ଆରମ୍ଭ ହୋଇଛି । କିନ୍ତୁ ତାହା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଘଟୁଥିବାରୁ ଗ୍ରାମବାସୀ ବର୍ଷାଦିନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁର ସ୍ଥାୟୀ ରାସ୍ତା ଓ ବ୍ରିଜ ସମ୍ପୂର୍ଣ୍ଣ କରଣ ପାଇଁ ଗ୍ରାମବାସୀ ୧୫।୦୯।୨୦୧୮ ରିଖରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ । ଅଦ୍ୟାବଧି ପ୍ରଶାସନ କୌଣସି ପଦକ୍ଷେପ ନ ନେଇଥିବାରୁ ସେମାନେ ଭୋଟ ବର୍ଜନ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଖବର ପାଇ ସ୍ଥାନୀୟ ତହସିଲଦାର ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ଅବନୀକାନ୍ତ ସାହୁ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା ।



କେଟେଙ୍ଗ ପଦର ଗ୍ରାମବାସୀ ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ସେହିପରି ଜୁନାଗଡ ବ୍ଲକ ଦୁର୍ଗମ ତଥା ମାଓବାଦୀପ୍ରବଣ ଅଞ୍ଚଳ ଦେଦର ପଞ୍ଚାୟତର ସୁର୍ଲି, ସୁପେଲ, କୁସୁମ୍ବରା ଓ ଚାରଭାଟି ପଞ୍ଚାୟତର ସଂକ୍ରିଗୁଡା ଗ୍ରାମବାସୀ ଗୁରୁବାର ଭୋଟ ବର୍ଜନ କରିଛନ୍ତି। ସୁପେଲ ପ୍ରାଥମିକ ବିଦ୍ୟାଳୟ ବୁଥ୍ ସମ୍ମୁଖରେ ଗ୍ରାମବାସୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭବାନୀପାଟଣା ନିର୍ବାଚନମଣ୍ଡଳୀର ଭେଜିପଦର ଗ୍ରାମବାସୀ ମଧ୍ୟ ଭୋଟ ବର୍ଜନ କରି ଧାରଣାରେ ବସିଥିଲେ ।

## ଭୋଟ ଦେବାକୁ ଆସି ଟଳି ପଡ଼ିଲେ ଭୀମା

**ମାଲକାନଗିରି, ୧୧।୪ (ଡି.ଏନ୍.ଏ.)**

ମାଲକାନଗିରି ନିର୍ବାଚନମଣ୍ଡଳୀ ଅଧୀନ ନାଲାଗୁଣ୍ଠି ପଞ୍ଚାୟତର ଏମ୍‌ପିଭି–୭୪ ବୁଥ୍‌କୁ ଗୁରୁବାର ମତଦାନ କରିବାକୁ ଆସିଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏମ୍‌ଭି–୭୯ ଥାନା ଅନ୍ତର୍ଗତ ନାଲାଗୁଣ୍ଠି ଗ୍ରାମର ଭିମା କବାସୀ(୬୦) । ଭୀମା ୨୪୯ ନମ୍ବର ବୁଥ୍‌ରେ ଭୋଟ ଦେବା ପାଇଁ ଲାଇନରେ ଛିଡା ହୋଇଥିଲେ । ଦୀର୍ଘ ସମୟ ଧରି ଛିଡ଼ା ହେବାରୁ ସେ ସଂଜ୍ଞାହୀନ ହୋଇ ପଡିଥିଲେ । ପରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ।

## ୧୫ ବୁଥ୍‌ରେ ଭୋଟ ଶୂନ୍ୟ

**ମାଲକାନଗିରି, ୧୧।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ମାଓବାଦୀଙ୍କ ଭୋଟ ବର୍ଜନ ଧମକ ଯୋଗୁ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ସ୍ୱାଭିମାନ ଅଞ୍ଚଳର ୫ ପଞ୍ଚାୟତରେ ଗୁରୁବାର ମତଦାନ ହୋଇ ନ ଥିବା ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚିତ୍ରକୋଣ୍ଡାର ବିଚ୍ଛିନ୍ନାଞ୍ଚଳ କୁନ୍ତୁରପଦର ପୋଲିସ କ୍ୟାମ୍ପରେ କରାଯାଇଥିବା ଯୋଡ଼ାମ୍ବ ଗ୍ରାମର ୧ ଓ ୨ ନମ୍ବର ବୁଥ ସହ ଅଣ୍ଡ୍ରାପାଲି, ଯନ୍ତ୍ରୀ, ସନ୍ୟାସୀଗୁଡ଼ା, ହାଣ୍ଡିଖାଲ, ପଣସପୁଟ, ସିଂଘଇ, ଗୋରାସେତୁ ବୁଥରେ ମତଦାନ ହୋଇପାରି ନାହିଁ। ସେହିପରି ଟେମୁରୁପାଲିର ୪ଟି ବୁଥ ଗ୍ରାମଠାରୁ ବହୁ ଦୂରରେ ହେବାରୁ ଲୋକମାନେ ଭୋଟ ଦେବାକୁ ଯାଇ ନ ଥିବା ଜଣାପଡ଼ିଛି । ଏଭଳି ଜିଲାର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବୁଥରେ ମତଦାନ ଶୂନ ହୋଇଛି । ତମସପୁଟ ଗ୍ରାମର ଗ୍ରାମବାସୀ ବିକାଶମୂଳକ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ କରି ଭୋଟ ବର୍ଜନ କରିଥିବା ଜଣାପଡ଼ିଛି । ଏହି ବୁଥ୍‌ଗୁଡିକୁ ବୁଧବାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୋଲିଂ ପାର୍ଟିର ୫୪ଜଣ କର୍ମଚାରୀଙ୍କୁ ନିଆଯାଇଥିଲା। ଗୁରୁବାର ଅପରାହ୍ଣ ୪ଟା ସୁଦ୍ଧା କେହି ଜଣେ ହେଲେ ଭୋଟର ଭୋଟ ଦେବାକୁ ଆସି ନ ଥିଲେ।

ମତଦାନ ପାଇଁ ଧାର୍ଯ୍ୟ ସମୟ ଅତିକ୍ରାନ୍ତ କରିବା ପରେ ପୋଲିଂ ପାର୍ଟିର କର୍ମଚାରୀମାନଙ୍କୁ ହେଲିକପ୍ଟର ଯୋଗେ ସନ୍ଧ୍ୟାରେ ମାଲକାନଗିରି ଫେରାଇ ଅଣାଯାଇଛି ବୋଲି ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଜିଲାପାଳ ଅଗ୍ରୱାଲ କହିଛନ୍ତି, ଜିଲାରେ ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ୫୦ ପ୍ରତିଶତ ମତଦାନ ହୋଇଛି। ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗ ହୋଇ ପାରି ନ ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ଆସିପାରି ନାହିଁ। ଏ ସମ୍ପର୍କରେ ଅନେକ ପ୍ରିଜାଇଡିଂ ଅଫିସର କହିଛନ୍ତି , ଭୋଟ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ମଧ ମନରେ ଭୟ ଥିଲା । ତଥାପି ଭୋଟ କାର୍ଯ୍ୟ ସମ୍ପନ୍ନ ପରେ ଫେରିବୁ ବୋଲି ଆଶା ରଖିଥିଲୁ। ମାତ୍ର କୌଣସି ଲୋକ ଭୋଟ ଦେବାକୁ ନ ଆସିବାରୁ ମନରେ ଅନେକ ଆଶଙ୍କା ଉପୁଜିଥିଲା। ତେବେ ଆମ ନିକଟରେ ସୁରକ୍ଷା କର୍ମୀ ଥିବାରୁ କୌଣସି ଅଘଟଣ ଘଟିନାହିଁ। ଆମେ ସୁରକ୍ଷିତ ଭାବେ ଫେରିଆସିଛୁ।

ସୂଚନାଯୋଗ୍ୟ, ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ମାଓବାଦୀମାନେ ବିଚ୍ଛିନ୍ନାଞ୍ଚଳରେ ପ୍ରଜାମେଳି କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଭୋଟ ବର୍ଜନ କରିବା ଲାଗି ଧମକ ଦେଇଥିଲେ। ବିଭିନ୍ନ ସ୍ଥାନରେ ବ୍ୟାନର, ପୋଷ୍ଟର ମାରିଥିଲେ। ମାଥିଲି ଥାନା ଅଞ୍ଚଳରେ ମଧ ମାଓବାଦୀମାନେ ଭୋଟ ବର୍ଜନ ପାଇଁ ଧମକ ଦେଇଥିଲେ। ୧୫ଟି ବୁଥ୍‌ରେ କେହି ଭୋଟ ନ ଦେବା ମାଓବାଦୀଙ୍କୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ସମର୍ଥନ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରଶାସନ ଜାଣିବା ପରେ ମଧ ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ପୋଲିସ ପ୍ରଶାସନ, ବିଭିନ୍ନ ରାଜନୈତିକ ଦଳ କୌଣସି ପଦକ୍ଷେପ ନେଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମତଦାନର କିଛି ଦୃଶ୍ୟ



ବିଧାୟକ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଭୋଟ ଦେଉଛନ୍ତି।



ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା ଭୋଟ ଦେଉଛନ୍ତି।



କଂଗ୍ରେସର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଲିଙ୍ଗରାଜ ଚୌଧୁରୀ ମତଦାନ କରି ଫେରୁଛନ୍ତି।



ବ୍ରହ୍ମପୁର ଭାଜପା ବିଧାୟକ ପ୍ରାର୍ଥୀ କାହ୍ନୁଚରଣ ପତି ଭୋଟ ଦେବାକୁ ଯାଉଛନ୍ତି।



ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ରଙ୍ଗେଇଲୁଣ୍ଡା ବ୍ଲକ୍ ଲୁହାଝର ପଞ୍ଚାୟତର ନୂଆପାତ୍ରପୁର ବୁଥ୍‌ରେ ମତଦାନ କରୁଛନ୍ତି।



ଜୟପୁରର ବିଜେଡି ବିଧାୟକ ପ୍ରାର୍ଥୀ ରବିନାରାୟଣ ନନ୍ଦ।



ଜୟପୁରର କଂଗ୍ରେସ ବିଧାୟକ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ।



କଳାହାଣ୍ଡି ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ମତଦାନ କେନ୍ଦ୍ରରେ ନାମ ଯାଞ୍ଚ କରୁଛନ୍ତି।



କଳାହାଣ୍ଡି ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବସନ୍ତ ପଣ୍ଡା ଭୋଟ ଦେଇ ଫେରୁଛନ୍ତି।



କଳାହାଣ୍ଡି ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ ଭୋଟ ଦେଇ ଫେରୁଛନ୍ତି।



କୋରାପୁଟ ଲୋକ ସଭାର ଭାଜପା ପ୍ରାର୍ଥୀ ଜୟରାମ ପାଙ୍ଗୀ ।



ନବରଙ୍ଗପୁର ଲୋକ ସଭାର ବିଜେଡି ପ୍ରାର୍ଥୀ ରମେଶ ମାଝି ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।



ନବରଙ୍ଗପୁର ଲୋକ ସଭାର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମାଝି ଭୋଟର ପରିଚୟପତ୍ର ଦେଖାଉଛନ୍ତି।



ନବରଙ୍ଗପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି ।



ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ଗୁଣପୁର ଭାଜପା ପ୍ରାର୍ଥୀ ଶିଶିର ଗମାଙ୍ଗ ଭୋଟ ଦେବା ପାଇଁ ବୁଥ୍‌ରେ ପହଞ୍ଚିଛନ୍ତି।



ରାୟଗଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଲାଲବିହାରୀ ହିମିରିକା।

## ସଂକ୍ଷେପରେ

### ପଥୁରିଆରେ ୨ ବଖରା ଜଳିଗଲା

କୁଜଙ୍ଗ,୧୧।୪(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ୍ ପଥୁରିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ପ୍ରମୋଦ ସାହୁଙ୍କ ୨ ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ଏହା ସର୍ଟ ଶର୍କିଟ୍ ଯୋଗୁ ହୋଇଥିବା ଆଶଙ୍କା କରାଯାଉଛି। ଖବର ପାଇ କୁଜଙ୍ଗ ଓ ତିର୍ତ୍ତୋଲ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୂର୍ଯ୍ୟଦୀପ୍ତ ସାମନ୍ତରାୟ, ହରେକୃଷ୍ଣ ପଣ୍ଡା, ଅସୁତୋଷ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା ଓ ରଞ୍ଜନ ବେହେରା ପ୍ରମୁଖ ଅଗ୍ନି ବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହିତ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### କଂଗ୍ରେସ, ସିପିଆଇର ମିଳିତ ବୈଠକ

କୁଜଙ୍ଗ,୧୧।୪(ସ୍ୱ.ପ୍ର): କୁଜଙ୍ଗରେ ସପିଆଇ ଓ କଂଗ୍ରେସର ଗୁରୁବାର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କଂଗ୍ରେସକୁ କିପରି ବିଜୟୀ କରାଯିବ ସେ ନେଇ ସିପିଆଇର ବହୁ କ୍ୟାଡର ଓ ନେତା ସଂକଳ୍ପ ଗ୍ରହଣ କରିଛନ୍ତି। କୁଜଙ୍ଗ ଲୋକନାଥ ଭବନରେ ସିପିଆଇ ପକ୍ଷରୁ ଆୟୋଜିତ ଏକ ବନ୍ଧୁମିଳନ ଉତ୍ସବରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ବାପି ସର୍ଖେଲ ଯୋଗଦେଇ ଆଗାମୀ ଦିନରେ ନିର୍ବାଚନ ପରିଚାଳନା ନେଇ ବିଚାର ବିମର୍ଷ କରିଥିଲେ। କୁଜଙ୍ଗ ଜୋନ୍‌ର ସିପିଆଇ ସମ୍ପାଦକ ଶରତ ବେହେରା, ସହ ସମ୍ପାଦକ ହୃଷୀକେଶ ନାଥ, ଜିଲାପରିଷଦ ସଭ୍ୟ ବିଷ୍ଣୁ ଚରଣ ମୁଦୁଲି, ଜଗବନ୍ଧୁ ବେହେରା, ସୁବାସ ମହାପାତ୍ର, ଶ୍ରୀନାବାସ ଜୁଝାରେ ସିଂହ, ରବି ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ତରଫରୁ ବ୍ଲକ୍ କଂଗ୍ରେସ ଆବାହକ ଏଏନ୍‌ଡି ଯାଦବ, ଜୋନ୍ ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, କଂଗ୍ରେସର ବରିଷ୍ଠ ନେତା ଧନେଶ୍ୱର ଗୁରୁ, କୁଳମଣି ମହାନ୍ତି, ନାରାୟଣ ମଲ୍ଲିକ, ବାଇଧର ମଲ୍ଲିକ, ସମ୍‌ସର ଖାଁ, ଲୋକନାଥ ନାୟକ ଓ ମେହେଜୁବ୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ଜୋର୍‌ଦାର ହେବ ଲଢ଼େଇ

ଜଗତ୍‌ସିଂହପୁର ଅଫିସ, ୧୧।୪

**ଜଗତ୍‌ସିଂହପୁର ଆସନ**
- ଆରମ୍ଭ ହେଲାଣି ରଣନୀତି
- ଜମିଲାଣି ଦଳବଦଳ

ଚଳିତ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ସମସ୍ତ ନେତାଙ୍କ ପ୍ରାର୍ଥିପତ୍ର କାଏମ ହେଲା ପରେ ସେମାନଙ୍କ ମନରେ ଥିବା ଶଙ୍କା ଦୂର ହୋଇଛି। ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ତେବେ କୌଣସି ପ୍ରାର୍ଥିପତ୍ର ନାକଚ ହୋଇ ନ ଥିବାରୁ ଯେଉଁମାନେ ମଇଦାନକୁ ଓହ୍ଲାଇବେ ସେମାନେ ରଣନୀତି ଆପଣାଇବାକୁ ଲାଗିଲେଣି। ନିର୍ବାଚନମଣ୍ଡଳୀରେ ମିଶ୍ରଣ ପର୍ବ ଅର୍ଥାତ୍ ଗୋଟିଏ ଦଳରୁ ଅନ୍ୟ ଦଳରେ ମିଶିବା କାର୍ଯ୍ୟକ୍ରମ ଜମିଲାଣି। ବିଶେଷକରି ଜଗତ୍‌ସିଂହପୁର ଜିଲାର ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢେଇ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସ୍ଥିତି ଆଗକୁ ରହିବ କି ନାହିଁ ତାହା ସମୟ କହିବ।

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ହୋଇଛନ୍ତି ପ୍ରଶାନ୍ତ ମୁଦୁଲି। ମୁଦୁଲି ୨୦୧୪ ନିର୍ବାଚନରେ ଜିତି ବାଲିକୁଦା-ଏରସମା ବିଧାୟକ ହୋଇଥିଲେ। ଏଥିସହ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଓ ଦଳର ଜିଲା କାର୍ଯ୍ୟକାରୀ ସଭାପତି ହୋଇଥିଲେ। ହେଲେ ମୁଦୁଲି ଏହି ନିର୍ବାଚମଣ୍ଡଳୀରେ ନୂଆ ହୋଇଥିବାରୁ ସଙ୍ଗଠନ ସହ ଭଲ ଭାବେ ଯୋଡି ହୋଇ ପାରିନାହାନ୍ତି। ଅନ୍ୟପଟେ ଏହି ଆଶନରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ଅମରେନ୍ଦ୍ର ଦାସଙ୍କ ଗୋଷ୍ଠୀ ମୁଦୁଲିଙ୍କ ପ୍ରାର୍ଥିତ୍ୱକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ବିଳମ୍ବରେ ହେଉ ବରଂ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁ ପରିସ୍ଥିତିରେ ସୁଧାର ଆସିଛି। ଅମରେନ୍ଦ୍ରଙ୍କୁ ବିଜେଡି ଜିଲା ସଭାପତି କରାଯାଇଛି। ଏଥିସହ ତାଙ୍କୁ ଏମ୍‌ପି ଓ ପାରାଦୀପ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କାମ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାପରେ ଅମରେନ୍ଦ୍ର ଓ ତାଙ୍କ ଗୋଷ୍ଠୀ ବିରୋଧ କରୁ ନ ଥିଲେ ସୁଦ୍ଧା କେଉଁଭଳି ସହଯୋଗର ହାତ ବଢାଉଛନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି। ବିଜେଡିର କେତେଜଣ ଅସନ୍ତୁଷ୍ଟ ନେତା ଏବେ ମୁଦୁଲିଙ୍କ ସହ ଯୋଡିହୋଇ ଯାଇଛନ୍ତି। ସେମାନେ ମୁଦୁଲିଙ୍କୁ ନିର୍ବାଚନମଣ୍ଡଳୀର ଚିତ୍ର ଦେଖାଉଛନ୍ତି। ସେହିପରି ଏହି ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଅଛନ୍ତି ଚିରଞ୍ଜୀବ ବିଶ୍ୱାଳ। ଦଳରେ ଏକାଧିକ ଆଶାୟୀ ନ ଥିବାରୁ ବିଶ୍ୱାଳଙ୍କ ପାଇଁ ଅଡୁଆ ନାହିଁ। କିନ୍ତୁ ୫ ବର୍ଷ ବିଧାୟକ ରହିବା ଭିତରେ କିଛି କର୍ମୀ ଅସନ୍ତୁଷ୍ଟ ହୋଇଛନ୍ତି। ତେବେ ସାଙ୍ଗଠନିକ କାର୍ଯ୍ୟକୁ ସେ କିପରି ଆଗେଇ ନେଇଥିଲେ ତାକୁ ନେଇ ନାନା କଥା ଚର୍ଚ୍ଚା ଚାଲିଛି। ଭାଜପା ନେତା ସତ୍ୟବ୍ରତ ମହାପାତ୍ର ପୂର୍ବରୁ କଂଗ୍ରେସ ଜିଲା ସଭାପତି ଥିଲେ। ଚିରଞ୍ଜୀବ ବିଶ୍ୱାଳ ଜଗତ୍‌ସିଂହପୁର ବିଧାନସଭାଆଶନରୁ କଂଗ୍ରେସ ପ୍ରାର୍ଥୀ ହେବା ଯୋଗୁ ସେ ଏହି ଦଳ ଛାଡି ପରେ ଭାଜପାରେ ମିଶିଥିଲେ। ଏବେ ସେ ଭାଜପା ଜିଲା ସଭାପତି ଅଛନ୍ତି। ଏଥିସହ ଦଳର ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ବର୍ଷୱାରୀ ଭାଜପାର ସାଙ୍ଗଠନିକ କାର୍ଯ୍ୟ ତାଙ୍କୁ ବେସ୍ ସହଯୋଗ କରିବ ବୋଲି କୁହାଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତ୍ରିମୁଖୀ ଲଢେଇ ପରିସ୍ଥିତି ରହିଛି। ପ୍ରତି ଦଳର ନେତାମାନେ ଅନ୍ୟ ଦଳରୁ ନେତା ଓ କର୍ମୀଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

# ବିରିଡି ବ୍ଲକ କଂଗ୍ରେସର ନିର୍ବାଚନୀ ସଭା



କଂଗ୍ରେସ ନିର୍ବାଚନୀ ସଭାରେ ଯୋଗ ଦେଇଥିବା ନେତା ଓ କର୍ମୀ।

ବିରିଡି,୧୧।୪(ଡି.ଏନ.ଏ)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିରିଡି ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର ବାଲିଆଷ୍ଟୋର ସ୍ଥିତ କାର୍ଯ୍ୟାଳୟଠାରେ ବ୍ଲକର ୧ ଓ ୨ନଂ ଜୋନର କାର୍ଯ୍ୟକର୍ତ୍ତା ଏବଂ ନିର୍ବାଚନ ପ୍ରତିନିଧିଙ୍କ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା କଂଗ୍ରେସ ଉପସଭାପତି ଲିଙ୍ଗରାଜ ମଲ୍ଲ ସଭାପତିତ୍ୱ କରିଥିଲେ। ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥିନୀ ପ୍ରତିମା ମଲ୍ଲିକ ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମଲ୍ଲିକ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ସଭାପତି ନଟବର ବାରିକ ଯୋଗଦେଇ କହିଥିଲେ, ଘଡିସନ୍ଧି ମୁହୂର୍ତ୍ତ ଆଉ ଅଳ୍ପଦିନ ବାକିଅଛି। ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସମସ୍ତେ ନିଜ ନିଜ ଭିତରେ ଥିବା ଭେଦଭାବ, ମନୋମାଳିନ୍ୟ ଦୂରେଇ ଦେଇ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉପସଭାପତି ମଲ୍ଲ କହିଥିଲେ, ପ୍ରାର୍ଥୀ ଚୟନରେ ବିଳମ୍ବ ହେତୁ ଆମ୍ଭର ଦୁଇ ପ୍ରାର୍ଥୀ ଘରଘର ବୁଲିବା ସମ୍ଭବ ନୁହେଁ। ତେଣୁ ଆମ୍ଭେମାନେ ଜଣେ ପ୍ରାର୍ଥୀ ଭାବି କାର୍ଯ୍ୟ କରିବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଜୋନ -୧ର ସଭାପତି ସୀତାଂଶୁ ଶେଖର ରାୟ, ଜୋନ-୨ ସଭାପତି ଚନ୍ଦ୍ରଶେଖର ଦାଶ, ଯୁବ ନେତା ଦେବୀପ୍ରସାଦ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ଆଡଭୋକେଟ ଦୀପକ ପଶାୟତଙ୍କ ସମେତ ସରପଞ୍ଚ ବିମଳ ସେଠୀ, ରେଣୁବାଳା ପାଳ, ସ୍ୱର୍ଣ୍ଣପ୍ରଭା ଭୋଇ, ଜ୍ୟୋସ୍ନାରାଣୀ ବେହେରା, ସମିତିସଭ୍ୟ ବିଶ୍ୱରଞ୍ଜନ ପାତ୍ର ଓ ଗୋପବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଚାର ମଇଦାନରେ ୨ ବିଧାୟକ ପ୍ରାର୍ଥୀଙ୍କ ସ୍ତ୍ରୀ

କୁଜଙ୍ଗ,୧୧।୪(ସ୍ୱ.ପ୍ର.)





ବାପି ସର୍ଖେଲ୍‌ଙ୍କ ସ୍ତ୍ରୀ ଦୀପା(ବାମ) ଓ ସମ୍ପଦଙ୍କ ସ୍ତ୍ରୀ ସୁଶ୍ରୀତା ଭୋଟ୍ ପ୍ରଚାର କରୁଛନ୍ତି।

ପାରାଦୀପ ନିର୍ବାଚନମଣ୍ଡଳୀରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ତାଙ୍କ ସ୍ତ୍ରୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ ଦଳର ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସେ ତାଙ୍କ ନିର୍ବାଚନମଣ୍ଡଳୀର କୋଣ ଅନୁକୋଣରେ ଘୁରି ବୁଲୁଛନ୍ତି। ତାଙ୍କୁ ସହଯୋଗ କରିବା ପାଇଁ ସ୍ତ୍ରୀ ସୁଶ୍ରୀତା ସ୍ୱାଇଁ ଅଣ୍ଟା ଭିଡିଛନ୍ତି। କେତେଜଣ ମହିଳା କାର୍ଯ୍ୟକର୍ତ୍ତାଙ୍କ ସହ ସୁଶ୍ରିତା ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ କେନ୍ଦ୍ର ସରକାରଙ୍କ ସଫଳତା, ଉଜ୍ଜ୍ୱଳା ଯୋଜନା, ମହିଳାଙ୍କ ପାଇଁ ଥିବା ସମ୍ବେଦନଶୀଳତା ଓ ସୁରକ୍ଷାକୁ ପ୍ରସଙ୍ଗ କରି ଭୋଟ୍ ଭିକ୍ଷା କରୁଛନ୍ତି। ସେହିପରି ଚଳିତ ନିର୍ବାଚନରେ ମହିଳା ଭୋଟରଙ୍କୁ ପ୍ରଭାବିତ କରିବାକୁ କଂଗ୍ରେସ ନେତ୍ରୀ ଦୀପା ସର୍ଖେଲ ତାଙ୍କ ସ୍ୱାମୀ ଅରିନ୍ଦମ ସର୍ଖେଲଙ୍କ ପାଇଁ ପ୍ରଚାର ଅଭିଯାନ ଚଳାଇଛନ୍ତି। ପ୍ରଥମ କରି ସୁଶ୍ରୀତା ସ୍ୱାମୀଙ୍କ ପାଇଁ ପଟାରର ମଙ୍ଗ ଧରିଥିବାବେଳେ ଦୀପା ପୂର୍ବରୁ ପଞ୍ଚାୟତ ନିର୍ବାଚନରେ ଏହି କାର୍ଯ୍ୟ କରି ସଫଳତା ପାଇଛନ୍ତି। ପ୍ରତି ଗ୍ରାମରେ ଛୋଟ ଛୋଟ ସଭାକରି ରାଜ୍ୟରେ ମହିଳାଙ୍କ ସ୍ଥିତି ଓ ସୁରକ୍ଷା କିପରି ବିପନ୍ନ ହୋଇଛି ଏବଂ କେନ୍ଦ୍ର ସରକାର ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଥିବା କହି ମହିଳାଙ୍କୁ ପ୍ରଭାବିତ କରିବାରେ ଲାଗିଛନ୍ତି। ଗୋପିଆକୁଦ ପଞ୍ଚାୟତ ଘୋଡାମରାଠାରେ ଦୀପା ସାଧାରଣ ମହିଳାଙ୍କ ସହ ମିଶି ତାଙ୍କ ସ୍ୱାମୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ଘୋଡାମରା ସଭାରେ ସୁପ୍ରଭା ବାରିକ, ସୀମା ଓଝା, ସୋନାଲୀ ରାଉତ, ଅଞ୍ଜନା ମାଝୀ, ସ୍ୱର୍ଣ୍ଣଲତା ଜେନା ପ୍ରମୁଖ କଂଗ୍ରେସ ପାଇଁ ଦୀପାଙ୍କ ସହ ଗ୍ରାମ ପରିକ୍ରମା କରିବା ସହ ସଭାରେ ପ୍ରଚାର କରିଥିଲେ। ଭାଜପା ନେତ୍ରୀ ସୁଶ୍ରୀତାଙ୍କୁ ପ୍ରଚାର ସମୟରେ ଜିଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ମିଲି ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ତିର୍ତ୍ତୋଲ,୧୧।୪(ଡି.ଏନ.ଏ.)

ତିର୍ତ୍ତୋଲ ବାର ଅସୋସିଏଶନ ସଭାଗୃହରେ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ପଟ୍ଟନାୟକ, ଉପସଭାପତି ଟୁକନ ଚରଣ ସେଠୀ, ସମ୍ପାଦକ ସରୋଜ ପାଣିଗ୍ରାହୀ, ସହସମ୍ପାଦିକା ରଶ୍ମିତା ଦାସ, ଟ୍ରେଜରିୟର ଦେବେନ୍ଦ୍ର ନାୟକଙ୍କୁ ନିର୍ବାଚନ ଅଧିକାରୀ ଆଇନଜୀବୀ ନାରାୟଣ ମହାନ୍ତି ପଦ ଓ ଗୋନୀୟତାର ଶପଥପାଠ କରାଇଥିଲେ। ଉତ୍ସବରେ ଜଗତ୍‌ସିଂହପୁର ବାର ଆସୋସିଏଶନ ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦ୍ର ଖୁଣ୍ଟିଆ, ପ୍ରଶାନ୍ତ ରାୟ, ଶରତ ଚନ୍ଦ୍ର ସାହୁ, ପ୍ରଶାନ୍ତ ରାୟ, ଗୋବିନ୍ଦ ସ୍ୱାଇଁ, ବରେନ ମଲ୍ଲିକ, ଶାରଦା ପ୍ରସନ୍ନ ଚୌଧୁରୀ, ଶୁଭେନ୍ଦୁ ରାୟ, ପ୍ରକାଶ ରାୟ, ତ୍ରିଲୋଚନ ବେହେରା, ରମେଶ ଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଲଳିତ ମୋହନ ପାଣି, ନୃସିଂହ ଚରଣ ବ୍ରହ୍ମ, ତୁଷାର ରଞ୍ଜନ ରାୟ, ତର୍ପଣ ଶତପଥୀ, ପ୍ରକାଶ ମହାନ୍ତି, ପ୍ରଦୀପ୍ତ ନାୟକ ଓ ଶିବ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶ୍ରୀନାଗେଶ୍ୱର ମଠ ପ୍ରତିଷ୍ଠା ଉତ୍ସବ, ଭଜନ ପ୍ରତିଯୋଗିତା

ବିରିଡି,୧୧।୪(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବିରିଡି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରଠାରେ ଥିବା ନାଗେଶ୍ୱର ମଠର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୪ ଭଜନ ମଣ୍ଡଳୀଙ୍କ ଦ୍ୱାରା ଭଜନ ପରିବେଷଣ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରଥମ ପ୍ରତିଯୋଗୀଭାବେ ବିରିବାଟୀର ଅନାଦୀଚରଣ ରାଉତ ପ୍ରଥମ, ୱରଙ୍ଗାବାଦର ଝରୀ ଭୋଇ ଦ୍ୱିତୀୟ, ବଡୀମିରାର ରାମ ଦାସ ତୃତୀୟ ଓ କିଶନନଗରର ପ୍ରଶାନ୍ତ ଭୋଇ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। କବି ପୀତାମ୍ବର ମହାପାତ୍ର ଓ କବି ବନମାଳୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡଖଣ୍ଡାୟତା ପଞ୍ଚାୟତ ସରପଞ୍ଚ ବାବୁଲି ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସୁଦର୍ଶନ ଭୋଇ, ବୈରାଗୀ ଭୋଇ, ଅମର ଭୋଇ, ଦେବେନ୍ଦ୍ର ଭୋଇ, ଦୁଃଶାସନ ଖୁଣ୍ଟିଆ, ଗଗନ କୁମାର ବାରିକ, କେଦାରନାଥ ଖୁଣ୍ଟିଆ, ଶୁକଦେବ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିଶୁ କବି କୁମାର ଚନ୍ଦ୍ରକାନ୍ତ ଧନ୍ୟବାଦ ଦେଇଥିଲେ।

# ଧୋୟାଞ୍ଚଳ କର୍ମୀଙ୍କ ମାନଭଞ୍ଜନ କଲେ ସମ୍ବିତ

ତିର୍ତ୍ତୋଲ,୧୧।୪ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଅଧୀନ ପାରାଦୀପ ନିର୍ବାଚନମଣ୍ଡଳୀର କୋଲର, ପୋରଗଦେଇ, ସାମନ୍ତରାପୁର ଓ ଆମ୍ବେରୀ ପଞ୍ଚାୟତର ଛାମୁଆ ବିଜେଡି କର୍ମୀଙ୍କୁ ଗୁରୁବାର ପାରାଦୀପ ବିଜେଡି ବିଧାୟକ ପ୍ରାର୍ଥୀ ସମ୍ବିତ ରାଉତରାୟ ଭେଟିଛନ୍ତି। ଏ ସମୟରେ ସେ ସମସ୍ତ କର୍ମୀଙ୍କୁ ବାଦବିବାଦ ଭୁଲି ତାଙ୍କୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ ସମ୍ବିତଙ୍କ ବାପା ଡା. ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେଲାପରେ ବାରବାଟି-କଟକ ବିଧାୟକ ଦେବାଶିଷ ସାମନ୍ତରାୟ ପାରାଦୀପରୁ ବିଧାୟକ ପ୍ରାର୍ଥୀ ହେବାକୁ ଆଶାବାଦୀ ଥିଲେ। ତାଙ୍କ ଘର ଏହି ବ୍ଲକର କୋଲର ଗ୍ରାମରେ ହୋଇଥିବାରୁ ସେ ତିର୍ତ୍ତୋଲ ଧୋୟା ଅଞ୍ଚଳରେ ଥିବା ପଞ୍ଚାୟତ ଗୁଡିକ ଉପରେ ଅଧିକ ପ୍ରଭାବ ପକାଇବାକୁ ଉଦ୍ୟମ କରିଥିଲେ। ଉପରୋକ୍ତ ପଞ୍ଚାୟତରେ ପାରାଦୀପର ବିଧାୟକ ଡା. ଦାମୋଦର ରାଉତଙ୍କ ସହ ମନାନ୍ତର ଥିବା ବହୁ ଛାମୁଆ କର୍ମୀ ଦେବାଶିଷଙ୍କ ସହ ସାମିଲ ହୋଇଥିଲେ। ଏହି କର୍ମୀମାନେ ସମ୍ବିତଙ୍କ ନାମାଙ୍କନ ଦିନ ହୋଇଥିବା ରାଲିରେ ସାମିଲ ହୋଇ ନ ଥିଲେ। ଏ ସମ୍ପର୍କରେ ସମ୍ବିତ ଜାଣିବା ପରେ ଏମାନଙ୍କୁ ମନାଇବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ବିଗତ ଦିନରେ ଦାମୋଦରଙ୍କଠାରୁ ଦୂରେଇ ଯାଇ ତାଙ୍କର ଡିଆରଡିଏ ପ୍ରତିନିଧି ପଦବୀରୁ ଇସ୍ତଫା ଦେଇଥିବା ଇଂ ଗଗନ ବିହାରୀ ପୃଷ୍ଟିଙ୍କୁ ପ୍ରଥମେ ମନାଇବାକୁ ସମର୍ଥ ହୋଇଥିଲେ ସମ୍ବିତ। ଇଂ ପୃଷ୍ଟିଙ୍କ ଘର ସାମନ୍ତରାପୁର ଗ୍ରାମରେ ହୋଇଥିବାବେଳେ ତାଙ୍କର ଧୋୟା ଅଞ୍ଚଳରେ ପ୍ରଭାବ ଥିବାରୁ ତାଙ୍କୁ ସାଙ୍ଗରେ ଧରି ସମ୍ବିତ ଉପରୋକ୍ତ ପଞ୍ଚାୟତକୁ ଯାଇ ନିଜପାଇଁ ସମର୍ଥନ ଯୋଗାଡ କରୁଛନ୍ତି। ଧୋୟା ଅଞ୍ଚଳର ବହୁ ପୂର୍ବତନ ପଞ୍ଚାୟତ ପ୍ରତିନିଧି ତଥା ଛାମୁଆ କର୍ମୀଙ୍କୁ ପୂର୍ବ ଅଭିମାନ ଭୁଲି ତାଙ୍କୁ ସମର୍ଥନ ଦେବାକୁ ସେ ପ୍ରବର୍ତ୍ତାଇ ସଫଳ ହୋଇଥିବା ଶୁଣିବାକୁ ମିଳିଛି।

ଏହି ଉଦ୍ୟମ ସଫଳ ହୋଇଥିବାରୁ ଆଗାମୀ ଦିନରେ ପାରାଦୀପ ନିର୍ବାଚନମଣ୍ଡଳୀରେ ଥିବା ୮ଟି ପଞ୍ଚାୟତରେ ଏପରି ଉଦ୍ୟମ କରାଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା କର୍ମୀଙ୍କଠାରୁ ସୂଚନା ମିଳିଛି। ଏ ସମ୍ପର୍କରେ କୋଲର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଧୀର ସ୍ୱାଇଁ କହିଛନ୍ତି, ଗୁରୁବାର ତାଙ୍କ ନିକଟକୁ ସମ୍ବିତ ଆସିଥିଲେ। ତାଙ୍କ ସହ ଇଂ ପୃଷ୍ଟି, ଅଶୋକ ଚୟନୀ ପ୍ରମୁଖ ଥିଲେ। ଅଧୀର ଦଳରେ ଦିର୍ଘଦିନ ଧରି ଅଲୋଡା ହୋଇ ରହିଥିବା ବିଷୟରେ କହିବା ସହ ତାଙ୍କ ମନରେ ଥିବା କ୍ଷୋଭପ୍ରକାଶ କରିଥିଲେ। ଏହାପରେ କର୍ମୀଙ୍କ ସହ ଆଲୋଚନା କରି ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ସମ୍ବିତଙ୍କୁ କହିଥିବା ସୂଚନା ଦେଇଛନ୍ତି। ପୂର୍ବତନ ସମିତିସଭ୍ୟ ସୁଧୀର ମହାପାତ୍ର କହିଛନ୍ତି, ତାଙ୍କ ସହ ସମ୍ବିତ ଭେଟକରି ଆଲୋଚନା କରିଛନ୍ତି। ଆଲୋଚନାବେଳେ ତାଙ୍କ ସହ ରହିଥିବା କର୍ମୀଙ୍କୁ ନେଇ କାର୍ଯ୍ୟ କରିବାକୁ ସମ୍ବିତ କହିଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମ୍ବିତଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।




# ଦାମଙ୍କୁ ଦେଖି ବିରୋଧୀ ଶିବିରରେ ଛନକା

କୁଜଙ୍ଗ,୧୧।୪(ସ୍ୱ.ପ୍ର.)

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଡା. ଦାମୋଦର ରାଉତ ଗୁରୁବାର ସନ୍ଧ୍ୟାରେ ଏହି ନିର୍ବାଚନମଣ୍ଡଳୀର ଗଡକୁଜଙ୍ଗରେ ପହଞ୍ଚିଥିଲେ। ଦାମ ପହଞ୍ଚିବା ପରେ ତାଙ୍କର ବହୁ ଶୁଭେଚ୍ଛୁ ଓ ସମର୍ଥକ ତାଙ୍କୁ ସ୍ୱାଗତ କରିବା ସହ ବିଜୟୀ ପାଇଁ କାମନା କରିଛନ୍ତି। ଅନ୍ୟପକ୍ଷରେ ଦାମଙ୍କ ଉପସ୍ଥିତି ଯୋଗୁ ବିରୋଧୀ କଂଗ୍ରେସ ଓ ବିଜେଡି ଶିବିରରେ ଛନକା ପସିଛି। ତେବେ ଦାମଙ୍କ ଏହି କାର୍ଯ୍ୟକ୍ରମରେ ବହୁ ବିଜେଡି, ସିପିଆଇ ଓ କଂଗ୍ରେସର କର୍ମୀଙ୍କୁ ଦେଖିବାକୁ ମିଳିଥିଲା।

# ମହାସାହି, ଗୋପିଆକୁଦରେ ଭାଜପାର ସମାବେଶ

କୁଜଙ୍ଗ,୧୧।୪(ସ୍ୱ.ପ୍ର.)

ଭାଜପା ଚଳିତ ନିର୍ବାଚନରେ ତାର ପ୍ରଚାର କାର୍ଯ୍ୟକୁ ଜୋରଦାର୍ କରିଛି। କୁଜଙ୍ଗ ବ୍ଲକ ଗୋପିଆକଦ ଓ ମହାସାହି ପଞ୍ଚାୟତରେ ସମାବେଶ କରି ଦଳୀୟ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଓ ଏମ୍‌ପି ପ୍ରାର୍ଥୀ ଡ. ବିଭୂପ୍ରସାଦ ତରାଇ କେନ୍ଦ୍ରରେ ମୋଦି ସରକାରଙ୍କ ସଫଳତା ବାଖାଣି ଭୋଟ୍ ଭିକ୍ଷା କରିଛନ୍ତି। ଏହି ଦୁଇ ଜଣ ମାଟିର ପୁଅ ହୋଇଥିବାବେଳେ ଜନପ୍ରତିନିଧି ହେଲେ ଲୋକଙ୍କ ସହ ରହି ଅଞ୍ଚଳକୁ ଆଗେଇ ନେବେ ବୋଲି ଦଳର ବହୁ ତୁଙ୍ଗ ନେତା ପ୍ରକାଶ କରିବା ସହ ଦଳ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଗୋପିଆକୁଦ ପଞ୍ଚାୟତ ସାହୁବଜାର ଛକରେ ଅଲେଖ ଚରଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ଦଳର ଦୁଇ ପ୍ରାର୍ଥୀଙ୍କ ସହ ଜିଲାପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ମଣ୍ଡଳ ସଭାପତି ତପନ ତ୍ରିପାଠୀ, ସାଧାରଣ ସମ୍ପାଦକ ଶ୍ରୀନିବାସ ସ୍ୱାଇଁ, ସୁକଦେବ ନାୟକ, ସୁଭମ୍ ପାଣୀଗ୍ରାହୀ, ବାବୁଲି ରାଉତ, କବିତା ବେହେରା, କବିତା ତରାଇ, କ୍ଷୀରୋଦ ଦଳାଇ, ତରଣୀ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସେହିପରି ମହାସାହି ମେଲଣ ପଡିଆଠାରେ ଅନୁରୂପ ଢଙ୍ଗରେ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରଦୀପ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ସମ୍ପଦଙ୍କ ସହ ଡା.ଦିଲୀପ କୁମାର ପାଣି, ରୁଦ୍ରପ୍ରସାଦ ପାଣି, କୁଳମଣୀ ଦାସ, ବଳରାମ ଦାଶ ଓ ପଞ୍ଚାୟତ ପ୍ରମୁଖ ଦିଲୀପ ପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

CLASSIFIED DISPLAY














ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।

- ଭଗବାନ ବୁଦ୍ଧ



## ସଂକ୍ଷେପରେ

### ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ରତ୍ନଗିରି,୧୧।୪(ଡି.ଏନ.ଏ.)- ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଗୁରୁବାର ସକାଳୁ ବରୀ ବ୍ଲକ ଅନ୍ତର୍ଗତ ମନ୍ଦାରୀ ପଞ୍ଚାୟତ ଅଧୀନ ଅଣିକଣା ଗ୍ରାମର ଜଣେ ମହିଳାଙ୍କର ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ବେଙ୍ଗ ଦେଈ (୭୮)। ଖବରପାଇ ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର କରିବା ପରେ ବରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୬/୧୯) ରୁଜୁ କରିଛି।

### ଯୁବକଙ୍କ ପତ୍ତା ମିଳୁନି ଫେରିବା ବାଟକୁ ଚାହିଁ ବସିଛନ୍ତି ପରିବାର

ଦଶରଥପୁର,୧୧।୪(ଡି.ଏନ.ଏ.)- ପରିବାର ପ୍ରତିପୋଷଣ ପାଇଁ ବାହାରକୁ କାମ କରିବାକୁ ଯାଇଥିବା ଜଣେ ଯୁବକଙ୍କର ଦେଢ଼ ମାସ ହେବ କୌଣସି ଖବର ନାହିଁ। ଏ ନେଇ ପରିବାର ମଧ୍ୟରେ ବିଭିନ୍ନ ଶଙ୍କା ପ୍ରକାଶ ପାଇବା ସହ ସ୍ଥାନୀୟ ମଙ୍ଗଳପୁର ଥାନାକୁ ଜଣାଇଥିବା କହିଛନ୍ତି। ସୂଚନାଯୋଗ୍ୟ, ଥାଲକୁଡି ପଞ୍ଚାୟତ ଧନୀପୁର ଗ୍ରାମର ସତ୍ୟବାନ ସାହୁ(୩୦) ଦେଢ଼ ମାସ ହେବ ବାହାରକୁ ଯାଇଛନ୍ତି। ହେଲେ ଯିବାର ୩ ଦିନ ପର୍ଯ୍ୟନ୍ତ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ତା' ପରଠାରୁ ଫୋନ୍ ସୁଇଚ୍ ଅଫ୍ ଥିବା ପରିବାର ପକ୍ଷରୁ କୁହାଯାଇଛି। ସତ୍ୟବାନଙ୍କ ସ୍ତ୍ରୀ ଓ ପିଲାଙ୍କ ସହ ବୃଦ୍ଧା ମା' ଏବଂ ବାପା ତାଙ୍କ ଫେରିବା ବାଟକୁ ଚାହିଁବସିଛନ୍ତି।

### ମା' ଶାରଳାଙ୍କ ମନ୍ଦିର ପ୍ରତିଷ୍ଠା

ଦଶରଥପୁର,୧୧।୪(ଡି.ଏନ୍.ଏ.)- ଦଶରଥପୁର ବ୍ଲକ ଅନ୍ତର୍ଗତ ଜୟନ୍ତରା ପଞ୍ଚାୟତ ଜୁନିଦାପଟଣା ଗ୍ରାମରେ ଗୁରବାର ମା' ଶରଳାଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାର ପୂର୍ବରୁ ବୁଧବାର ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ ଓ ଅଧିବାସ କରାଯାଇଯାଇଥିବା ବେଳେ ଗୁରବାର କଳସଯାତ୍ରା, ସୂର୍ଯ୍ୟପୂଜା ଓ ଗୋପୂଜନ ସହ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ଏନେଇ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ କଳସ ଶୋଭାଯାତ୍ରାରେ ଯାଇ ନିକଟ ବୈତରଣୀ ନଦୀରୁ ଜଳ ଉଠାଇ ମନ୍ଦିର ନିକଟରେ ପହଞ୍ଚିବା ପରେ କଳସ ପୂଜା କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ମା' ଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ସାରାଗ୍ରାମ ଉତ୍ସବମୁଖର ହେବା ସହ ଗ୍ରାମରେ ଏକ ଧର୍ମୀୟ ଭାବନାର ସ୍ୱତନ୍ତ୍ରତା ଅନୁଭବ ହୋଇଥିଲା। ଏହି ଉତ୍ସବର ମୁଖ୍ୟ ପୁରୋଧାଭାବେ ଶାରଦା ଦାଶ ଦାୟିତ୍ୱ ନେଇଥିବାବେଳେ ଗ୍ରାମର ରମାକାନ୍ତ ସାହୁ, ହୃଦାନନ୍ଦ ସାହୁ, ମିହିର ସାହୁ, ଦିଲୀପ ସାହୁ, ଲୋକନାଥ ସାହୁ, ଟୁକୁନା ସାହୁ, ତପନ ସାହୁଙ୍କ ସମେତ ଶ୍ରୀଜଗନ୍ନାଥ ୟୁଥ କ୍ଲବ ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଛନ୍ତି। ଏହି ପ୍ରରିପ୍ରେକ୍ଷୀରେ ସ୍ଥାନୀୟ ସରପଞ୍ଚ ସୁରେଶ ଦାସ, ବରିଷ୍ଠ ବିଜେଡି ନେତା କେଦାରନାଥ ପରିଡା ଏବଂ କଂଗ୍ରେସ ବିଧାନସଭା ପ୍ରାର୍ଥୀ ସନ୍ତୋଷ ନନ୍ଦ, ପୂର୍ବତନ ଜିଲାପରିଷଦ ସଭାପତି ରଞ୍ଜିତା ରାଉତ, ଦଶରଥପୁର ସରପଞ୍ଚ ଇନ୍ଦ୍ରଜିତ ଦାଶ ପ୍ରମୁଖ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ମା'ଙ୍କ ଆଶୀର୍ବାଦ କାମନା କରିଛନ୍ତି।

## ■ଟାଟା କମ୍ପାନୀ ଜମିହରା ବସ୍ତିବାସିନ୍ଦାଙ୍କ ଚେତାବନୀ

# ବିସ୍ଥାପନ ନ ହେଲେ ଭୋଟ ବର୍ଜନ

ସୁକିନ୍ଦା,୧୧।୪(ଡି.ଏନ୍.ଏ.)




ବୈଠକରେ ଯୋଗ ଦେଇଥିବା ଜମିହରା ଗ୍ରାମବାସୀ ।

ଟାଟା କମ୍ପାନୀ ପାଇଁ ଜମି ହରା ବସ୍ତିବାସିନ୍ଦା ବିଭିନ୍ନ ମୌଳିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କମ୍ପାନୀ ଧୂଳିଧୂଆଁରେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ମୃତ୍ୟୁବରଣ କରିଥିବାବେଳେ ଅନେକେ ଜୀବନ ସହ ସଂଗ୍ରାମ କରୁଛନ୍ତି। କମ୍ପାନୀ ପ୍ରତିଷ୍ଠା ବେଳେ ଜମି ପ୍ରଦାନକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯିବା ନେଇ କମ୍ପାନୀ କର୍ତ୍ତୃପକ୍ଷ ଓ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ୧୩ ବର୍ଷ ପରେ ମଧ୍ୟ ପ୍ରତିଶ୍ରୁତି ପୂରଣ ହୋଇପାରିନାହିଁ। ଏ ନେଇ ଗୁରୁବାର ୩ ଶହରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ଗ୍ରାମରେ ଏକ ପ୍ରତିବାଦ ସଭା ଆୟୋଜନ କରିଥିଲେ। ଏଥିରେ ଯଥାଶୀଘ୍ର ସେମାନଙ୍କୁ ବିସ୍ଥାପନ ସହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରା ନ ଗଲେ ଚଳିତ ନିର୍ବାଚନରେ ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି।

ଟାଟା କମ୍ପାନୀର ୩୫ ହଜାର କୋଟି ଟଙ୍କାର ପ୍ରକଳ୍ପ ସ୍ଥାପନ ପାଇଁ ପ୍ରାରମ୍ଭିକ ସ୍ଥିତିରେ ଅନ୍ୟାନ୍ୟ ମୌଜା ସହ ସୁକିନ୍ଦା ବ୍ଲକ ବାରାଗାଡ଼ିଆ ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ କରାଯାଇଥିଲା। ଏ ନେଇ ବିସ୍ଥାପନ ନୀତି ଆଧାରରେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଇତିମଧ୍ୟରେ କମ୍ପାନୀ ପ୍ରତିଷ୍ଠା ପାଇଁ ଜମି ପ୍ରଦାନର ୧୩ ବର୍ଷ ବିତିଥିଲେ ମଧ୍ୟ ଜମିହରାଙ୍କୁ ବିସ୍ଥାପିତ କରାଯାଇନାହିଁ। ଫଳରେ ଟାଟା କମ୍ପାନୀରୁ ନିର୍ଗତ ବିଷାକ୍ତ ଧୂଳିଧୂଆଁ ଯୋଗୁ ଜନଜୀବନ ପ୍ରଭାବିତ ହେବାରେ ଲାଗିଛି। ବିଷାକ୍ତ ଧୂଳିଧୂଆଁ ଯୋଗୁ

■କମ୍ପାନୀ ପ୍ରତିଷ୍ଠାର ୧୩ ବର୍ଷ ପରେ ବି ସୁଧୁରିନି ଜମିହରାଙ୍କ ସ୍ଥିତି

■ଧୂଳିଧୂଆଁରେ କଟୁଛି ଜୀବନ

କିଡ୍‌ନୀ ରୋଗରେ ବହୁଲୋକେ ମୃତ୍ୟୁବରଣ କରିଥିବାବେଳେ ଏବେ ଅନେକ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏହିପରି ପ୍ଲାଣ୍ଟ ଯୋଗୁ ଭୂତଳ ଜଳ ଉପରେ ମଧ୍ୟ ପ୍ରଭାବ ପଡୁଛି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଯାଇଥିଲେ ମଧ୍ୟ ଏଯାବତ କୌଣସି ପ୍ରତୀକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଟାଟା କର୍ତ୍ତୃପକ୍ଷ ଇଡ୍‌କୋକୁ ଦୋଷ ଲଦିଦେଇ ବସି ପଡୁଥିବାବେଳେ ଇଡ୍‌କୋ ପ୍ରଶାସନିକ ଅଧିକାରୀ ବିଭିନ୍ନ ଆଳ ଦେଖାଇ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ବାରାଗାଡ଼ିଆ ଗ୍ରାମ ମୁଣ୍ଡରେ କଲୋନୀ ସାହି, ଟୋପୋ ସାହି, ନାୟକ ସାହି, ମଉଦା ସାହିର ବସ୍ତିବାସିନ୍ଦା ସରକାରଙ୍କ ଉଦାସୀନତା ନୀତିକୁ ବିରୋଧ କରି ଭୋଟ ବର୍ଜନ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଟାଟା କମ୍ପାନୀ ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରୁ ଇଡକୋ ତର୍ଜମା କରି ଜମି ଧିଗ୍ରହଣ କରିବା ପରେ କମ୍ପାନୀ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ୧୯୯୫ ଓ ୨୦୦୬ ସର୍ଭେ ଅନୁସାରେ ଅନ୍ୟମାନଙ୍କୁ ବିସ୍ଥାପିତ କରାଯାଇଛି। ଅବଶିଷ୍ଟ ବସ୍ତିବାସିନ୍ଦାଙ୍କ ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ ଚାଲିଛି ବୋଲି କହିଥିଲେ। ବିମ୍ବାଧର ଦାସ,ବେଣୁଧର ମଲିକ, ବସନ୍ତ ମଲିକ, ପ୍ରମୋଦ ମଲିକ, ମଦନ ମଲିକ, ଅଜୟ ମଲିକ, ମହେଶ୍ୱର ମଲିକ, ସୁଦର୍ଶନ ମଲିକଙ୍କ ସମେତ ବହୁ ବସ୍ତିବାସିନ୍ଦା ସଭାରେ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସିଂହପୁର,୧୧।୪(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା କୃଷ୍ଣଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଅର୍ଜୁନ ମିଶ୍ର ଓ ଖେଳ ଶିକ୍ଷକ ନିରଞ୍ଜନ ବେଉରିଆଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଶିକ୍ଷକ ରବିନାରାୟଣ ସାମଲ, ମୁଖ୍ୟବକ୍ତା ଦୋଳଗୋବିନ୍ଦ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବିଦ୍ୟାଳୟର ଶିକ୍ଷକ ଭାରତ ଭୂଷଣ ମଲିକ, ଚିତ୍ତରଞ୍ଜନ ଜେନା, ବିଶ୍ୱମ୍ବର ସାହୁ, ସୁଶାନ୍ତ ଜେନା, ପ୍ରିୟଦର୍ଶିନୀ ସେଠୀ, ଅଶୋକ ରାଉତ, ବିଶ୍ୱରଞ୍ଜନ କିସକୁ, ଭରତ ଚନ୍ଦ୍ର ବାରିକ, ବିପିନ ବିହାରୀ ବେହେରା, ତ୍ରିଲୋଚନ ବେହୁରିଆ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ଉପରେ ବକ୍ତବ୍ୟ ଦେଇଥିଲେ। ଅବସର ନେଇଥିବା ଶିକ୍ଷକ ମିଶ୍ର ଓ ବେଉରିଆଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ଶିକ୍ଷକ ଭାରତ ଭୂଷଣ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# କାଳବୈଶାଖୀ ତାଣ୍ଡବ



କାଳବୈଶାଖୀରେ ଭାଙ୍ଗିଯାଇଥିବା ଦୋକାନ ଘର ।

ଯାଜପୁରରୋଡ/କୋରେଇ, ୧୧।୪(ନି.ପ୍ର./ସ୍ୱ.ପ୍ର.)

ଯାଜପୁରରୋଡ ଓ କୋରେଇ ଆଦି ଅଞ୍ଚଳରେ ଗୁରୁବାର ଅପରାହ୍ନ ୨ଟାରେ ପବନ ସାଙ୍ଗକୁ ଅଚାନକ କୁଆପଥର ବର୍ଷା ହେବା ଯୋଗୁ ବ୍ୟାପକ କ୍ଷତି ହୋଇଛି। ବଡ଼ବଡ଼ ଗଛ ଉପୁଡ଼ିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ପୌର ପରିଷଦର ଚାନ୍ଦମା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ ତାର ଛିଡିଯାଇଥିବାରୁ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଅନେକ ଲୋକଙ୍କ ଚାଳଛପର ଉଡ଼ିଯାଇଛି। ପ୍ରବଳ ବର୍ଷା ଯୋଗୁ ରାସ୍ତାଘାଟରେ ପାଣି ଜମିରହିଛି। କୁଆପଥର ମାଡ଼ରେ ବିଶେଷକରି ପନିପରିବା, ଧାନ ଓ ବିରି ଫସଲ କ୍ଷତିଗ୍ରସ୍ତ ହୋଇଛି।

## କୁଆପଥର ବର୍ଷାରେ ଫସଲ ପ୍ରଭାବିତ

ଚଣ୍ଡିଖୋଲ,୧୧।୪(ଡି.ଏନ୍.ଏ.) ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନରେ ହଠାତ୍ କଳା ବାଦଲ ଡାଙ୍କି ଆସି ବର୍ଷା ଆରମ୍ଭ ହୋଇଥିଲା। ଚଣ୍ଡିଖୋଲ ଏବଂ ବାଲିଚନ୍ଦ୍ରପୁର ଅଞ୍ଚଳରେ ବର୍ଷା ସହ କୁଆପଥର ମାଡ଼ ହୋଇଥିବା ଦେଖିବାକୁ ମିଳିଥିଲା। ଚାଷୀମାନେ ଏବେ ଡାଲୁଅ ଧାନ କରିଥିଲା ବେଳେ ଫସଲ ପାଚିଲାଣି। ଅମଳ ହେବା ସମୟ ଆସିଯାଇଥିଲାବେଳେ କୁଆପଥର ମାଡ଼ ଯୋଗୁ ଧାନ ଫସଲ ନଷ୍ଟ ହୋଇଛି। ସେହିଭଳି ମୁଗ ଫସଲ ମଧ୍ୟ ନଷ୍ଟ ହୋଇଯିବ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏଥିସହ ବହୁ ଟଙ୍କା ଖର୍ଚ୍ଚ କରି ଚାଷ କରିଥିଲା ବେଳେ ଅମଳ ସମୟରେ ଫସଲ ନଷ୍ଟ ହେବା ଯୋଗୁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ ବୋଲି ପ୍ରକାଶ କରିଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

## ଗଣମାଧ୍ୟମ ପ୍ରତିନିଧିଙ୍କ ମାତୃ ବିୟୋଗ

ଦଶରଥପୁର,୧୧।୪(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍ ଅଞ୍ଚଳର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ବିଶ୍ୱଭୂଷଣ ବିଶ୍ୱାଳଙ୍କ ମା' ଶ୍ରୀମତୀ ବିଶ୍ୱାଳ (୭୫)ଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଛି। ଖବରପାଇ ଦଶରଥପୁର ପ୍ରେସ କ୍ଲବର ସମସ୍ତ ଗଣମାଧ୍ୟମ ପ୍ରତିନିଧି ବିଶ୍ୱଭୂଷଣଙ୍କ ନିଜାମପୁର ପଞ୍ଚାୟତସ୍ଥିତ ନଛିନ୍ଦ୍ରପୁର ଗ୍ରାମରେ ଥିବା ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତା ବିଶ୍ୱାଳ ଜଣେ ପରୋପକାରୀ, ମିଷ୍ଟଭାଷୀ ମହିଳାଭାବେ ଗ୍ରାମରେ ବେଶ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ବାସୁଦେବ, ବଡପୁଅ ବିରଞ୍ଚି, ବିଭୂତି, ବିଶ୍ୱଭୂଷଣ, ନାତୁଣି ଓ ନାତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବେଶ ଉତ୍ସବ ପାଳିତ

ସିଂହପୁର,୧୧।୪(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ତାଲୁକପଡା ପରୀଦାସ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରବେଶ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଜାତୀୟ ସମ୍ମାନପ୍ରାପ୍ତ କଳାଶିକ୍ଷକ ଦିନେଶ ମଲିକ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଷମାରାଣୀ ଜେନା, ସହକାରୀ ଶିକ୍ଷୟିତ୍ରୀ ମୀରାରାଣୀ ପଣ୍ଡା, ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ।

# ଅମରଙ୍କ ପଦଯାତ୍ରା



ପଦଯାତ୍ରାରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସହ କର୍ମୀମାନେ ।

ଚଣ୍ଡିଖୋଲ,୧୧।୪(ଡି.ଏନ୍.ଏ.)

ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବର୍ତ୍ତମାନର ବିଧାୟକ ଅମର ପ୍ରସାଦ ଶତପଥୀ ଗୁରୁବାର ପତରାଜପୁର ଓ ନଳୀପୁର ପଞ୍ଚାୟତରେ ପଦଯାତ୍ରା କରି ଜନସାଧାରଣଙ୍କ ନିକଟରେ ଭୋଟ୍ ଭିକ୍ଷା କରିଛନ୍ତ। ୧୯୯୦ରୁ ଦୀର୍ଘ ବର୍ଷ ଧରି ରାଜନୀତିରେ ଅଭିଜ୍ଞ ଭାବେ ପରିଚିତ ଅମର ଧୀରେ ଧୀରେ ତାଙ୍କ ଗୋଟି ଚାଳନା କରି ବିରୋଧୀ ପକ୍ଷଙ୍କୁ ଦୁର୍ବଳ କରିଛନ୍ତ। ବିଧାୟକ ଶତପଥୀ ଅପରାହ୍ନରେ ପତରାଜପୁରଠାରେ ପହଞ୍ଚିବା ପରେ ବାଜା ଓ ବାଣ ଫୁଟାଇ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ଯୁବ ବାହିନୀର କର୍ମକର୍ତ୍ତା ଘରକୁ ଘର ବୁଲିବା ସହ ବଡ଼ଚଣାରେ ତାଙ୍କ ସମୟରେ ହୋଇଥିବା ବିକାଶର କଥା କହୁଥିବା ଦେଖିବାକୁ ମିଳିଥିଲା। ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ଶାରଦା ପ୍ରସନ୍ନ ମହାନ୍ତି, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ନାୟକ, ସରପଞ୍ଚ ଅରୁନ୍ଧତୀ ଖୁଣ୍ଟିଆ, ଯଦୁମଣୀ ଦାସ, ଫଣୀନ୍ଦ୍ରାନାଥ ପଣ୍ଡା, ସମିତିସଭ୍ୟ ସୁରେଶ ଚନ୍ଦ୍ର ନାୟକ, ଅମିୟ କୁମାର ବିଶ୍ୱାଳ, ଅନନ୍ତ କୁମାର ସିଂହ, ସେକ୍ ମୋଇନ ଅହମ୍ମଦ, ମନ୍ମଥ କେଶରୀ ସାହେବରାୟ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହୋଇ ବିଧାୟକଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ।

## ଧର୍ମଶାଳା ବିଜେଡିରେ ଭାଜପା କର୍ମୀଙ୍କ ମିଶ୍ରଣ



ବିଧାୟକ ପ୍ରଣବ ବଳବନ୍ତ ରାୟଙ୍କ ସହ ଦଳରେ ଯୋଗ ଦେଇଥିବା ନୂତନ କର୍ମୀ ।

ଧର୍ମଶାଳା/ଜେନାପୁର, ୧୧।୪ (ଡି.ଏନ.ଏ.)

ନିର୍ବାଚନ ଯେତେ ପାଖେଇ ଆସୁଛି ଜିଲାର ବିଭିନ୍ନ ଦଳ ମଧ୍ୟରେ କର୍ମୀମାନଙ୍କ ମିଶ୍ରଣ ପ୍ରକ୍ରିୟା ଜୋର ଧରିଛି। ଏକ୍ଷେତ୍ରରେ ଧର୍ମଶାଳା ବିଜେଡି ବହୁ ଆଗରେ ରହିଛି। ଏହି ନିର୍ବାଚମଣ୍ଡଳୀର ବିଭିନ୍ନ ଦଳର କର୍ମୀମାନେ ବିଜୁ ଜନତା ଦଳ ଉପରେ ଆସ୍ଥା ପ୍ରକଟ କରୁଥିବା ଦେଖାଯାଉଛି। ଗୁରୁବାର ରାଇଛନ୍ଦା ଗ୍ରାମ ପଞ୍ଚାୟତଠାରେ ମିଶ୍ରଣ ପର୍ବରେ ଭାଜପା ଦଳର କର୍ମୀମାନେ ବିଜେଡିରେ ବିଧାୟକଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବିଜେଡିରେ ସାମିଲ ହୋଇଥିବା କର୍ମୀମାନେ ହେଲେ ମଳୟ ରାଉତ, ଭାଜପା ଜୋନ ସଂଯୋଜକ ଦିଲୀପ ଦଳେଇ, ସୁବାସ ବଳ, ବିଚିତ୍ର ସାମଲ, ବଗୁଲା ଦାସ, ଛବି ରାଉତ, ବାବୁଲା ଦାସ, ପ୍ରଭାକର ପଲେଇଙ୍କ ସମେତ ଜେନାପୁର ଗ୍ରାମ ପଞ୍ଚାୟତର ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଓ ନୂତନ ଭୋଟର ବିଜେଡିରେ ଯୋଗଦେଇ ଏହି ଦଳରେ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ। ଧର୍ମଶାଳା ବିଜେଡି ମିଡିଆ ସେଲ ଅଧ୍ୟକ୍ଷ ସଂଗ୍ରାମ ଜେନାଙ୍କ ସୂଚନା ଅନୁସାରେ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର ଓ ନିର୍ବାଚନମଣ୍ଡଳୀର ସଭାପତି ଜଳଧର ମହାନ୍ତି, ବ୍ଲକ ସଭାପତି ନିରଞ୍ଜନ ବଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ବରିଷ୍ଠ ନେତା ଜଳଧର ସାହୁ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିରୋଧୀଙ୍କ ଚିନ୍ତା ବଢ଼ାଇଛି ବିଜେଡି ରଣନୀତି

ରସୁଲପୁର,୧୧।୪(ଡିଏନଏ)

ଯାଜପୁର ଜିଲାରେ ଚର୍ଚ୍ଚିତ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ଥୟ ହୋଇଯାଇଛି। ପ୍ରତ୍ୟେକ ଦଳ ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛନ୍ତି । ବିଜେଡି, ଭାଜପା ଓ କଂଗ୍ରେସ ୩ ପ୍ରମୁଖ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି । ଏ ଦିଗରେ ବିଜେଡି ଆଗରେ ରହିଥିବା ଭଳି ମନେ ହେଉଛି। ଦଳୀୟ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ନିଆରା ଢ଼ଙ୍ଗରେ ନିର୍ବାଚନୀ ପ୍ରଚାର କରୁଛନ୍ତି। ଦଳୀୟ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସେ ବିକଳ୍ପ ବ୍ୟବସ୍ଥା କରୁଛନ୍ତି। ପ୍ରତ୍ୟେକ ଦିନ ମିଶ୍ରଣ ପର୍ବ ଜରିଆରେ ଦଳରେ ରହୁଥିବା ଶୂନ୍ୟସ୍ଥାନ ଭରଣା କରିବାରେ ଲାଗିଛନ୍ତି। ମହିଳା ଓ ଯୁବ ଭୋଟରଙ୍କ ହାତରେ ପ୍ରଚାର ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ବରିଷ୍ଠଙ୍କ ଉପରେ ସଂଗଠନ ଦାୟିତ୍ୱ ନ୍ୟସ୍ତ କରି ପ୍ରଚାର କାର୍ଯ୍ୟ ଜୋରଦାର କରିବାକୁ ଆରମ୍ଭ କଲେଣି। ସେହି ତୁଳନାରେ ବିରୋଧୀ ଭାଜପା ପ୍ରଚାର ପ୍ରଭାବଶାଳୀ ହୋଇପାରୁ ନାହିଁ। ତେଣେ ବିରୋଧୀ କଂଗ୍ରେସ ଦଳୀୟ କନ୍ଦଳରେ ଛନ୍ଦି ହୋଇପଡିଛି। ହେଲେ ନବାଗତ ପ୍ରାର୍ଥିନୀ ସ୍ମୃତିରେଖା ପହି କଂଗ୍ରେସର ଛାମୁଆ କର୍ମୀଙ୍କୁ ଭେଟିବା ସହ ବିଭିନ୍ନ ପଞ୍ଚାୟତରେ ଦଳମତ ନିର୍ବିଶେଷରେ ଭୋଟରଙ୍କୁ ଭୋଟ ଭିକ୍ଷା କରିବାର ପନ୍ଥା ଆପଣେଇ ନେଇଛନ୍ତି। ପହିଙ୍କ ଲତୁଆପଣରୁ ତାଙ୍କୁ କିଛିଟା ସଫଳତା ମିଳିପାରେ ବୋଲି କୁହାଯାଉଛି। ତେବେ ବିଧାୟକ ପ୍ରଣବ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ଜରିଆରେ ଗ୍ରାମବାସୀଙ୍କ ନିକଟରେ ପହଞ୍ଚିଛନ୍ତି। ଯାହାକି ତାଙ୍କୁ ପ୍ରଚାରରେ ସହାୟକ ହେଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ପ୍ରଣବଙ୍କ ନିର୍ବାଚନୀ ରଣନୀତି ବିରୋଧୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଉଭୟ କଂଗ୍ରେସ ଓ ଭାଜପା ପ୍ରଚାର ପ୍ରସାରକୁ କିଭଳି ବଳିଷ୍ଠ କରିପାରିବେ ସେ ଦିଗରେ ବିଚାର ବିମର୍ଶ କରୁଥିବା ସୂଚନା ମିଳୁଛି। ନିର୍ବାଚନ ଯେତିକି ପାଖଉଛି, ସବୁ ଦଳରେ ଭୋଟରଙ୍କୁ ହାତେଇବା ପ୍ରକ୍ରିୟା ସେତେ ବଢିବାରେ ଲାଗିଛି । ଏହିକ୍ରମରେ ବିଜେଡି ଆଗୁଆ ରହିଥିବା କୁହାଯାଉଛି। ଏହାପଛରେ ଠୋସ କାରଣ ବି ରହିଛି। ବିଜେଡିର ବିରଷ୍ଠ ନେତା ସ୍ୱର୍ଗତ କଳ୍ପତରୁ ଦାସଙ୍କ ଅବଦାନ ଯୋଗୁ ତାଙ୍କ ସଂଗଠନର କର୍ମକର୍ତ୍ତାମାନେ ଏବେ ବି ସକ୍ରିୟ ଭୂମିକା ଗ୍ରହଣ କରିଆସୁଛନ୍ତି। ମାତ୍ର କେତେଜଣ ବରିଷ୍ଠ କର୍ମୀ ବିଧାୟକ ପ୍ରଣବଙ୍କ କାର୍ଯ୍ୟଶୈଳୀରେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ସେମାନେ ଦଳରେ ଅଛନ୍ତି ହେଲେ ନିର୍ବାଚନରେ ବିଧାୟକଙ୍କୁ ସହଯୋଗ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହି କ୍ଷେତ୍ରରେ ବିଧାୟକ ମିଶ୍ରଣ ପର୍ବକୁ ଆୟୁଦ୍ଧ କରିଛନ୍ତି। ତାଙ୍କର

### ଧର୍ମଶାଳା ନିର୍ବାଚନ ମଣ୍ଡଳୀ

■ପ୍ରଚାରରେ ଆଗୁଆ ରହିଛନ୍ତି ପ୍ରଣବ

■ମହିଳା ଓ ଯୁବ ଭୋଟରଙ୍କ ହାତରେ ପ୍ରଚାର ଦାୟିତ୍ୱ

■ପଛରେ ରହିଛି ଭାଜପା, କଂଗ୍ରେସକୁ କାଳ ହୋଇଛି ଗୋଷ୍ଠୀ କନ୍ଦଳ

ନିକଟତମ ଲୋକଙ୍କ ସହାୟତାରେ ଅସନ୍ତୁଷ୍ଟଙ୍କ ବିରୋଧୀଙ୍କୁ ନିଜ ଆଡକୁ ଟାଣିବା ଫର୍ମୁଲା ଆପଣେଇଛନ୍ତି। ଏଥିସହ ଯୁବକଙ୍କୁ ପ୍ରଚାର ଦାୟିତ୍ୱ ଦେଇଛନ୍ତି। ଏଥିସହ ମହିଳାଙ୍କ ହାତରେ ପ୍ରଚାର ଦାୟିତ୍ୱ ପ୍ରଦାନ କରି ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳୀ ତୁଳନାରେ ଧର୍ମଶାଳା ଆଗୁଆ ରହିଥିବା ଜଣାପଡିଛି। ଏସବୁକୁ ପାଥେୟ କରି ପ୍ରଚାରରେ ବିଜେଡି ଆଗୁଆ ରହିଛି ବୋଲି ରାଜନୈତିକ ସମୀକ୍ଷକମାନେ ଯୁକ୍ତି ବାଢିଛନ୍ତି । ସେହିପରି ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱାକୁ ଭୋଟରେ ପରିଣତ କରିବାକୁ ଯଥା ଉଦ୍ୟମ କରୁଛି। ହେଲେ ଭାଜପା ସମଗ୍ର ନିର୍ବାଚନ ମଣ୍ଡଳୀରେ ବିରୋଧୀ ଭୂମିକା ଗ୍ରହଣ କରିବାରେ ସେତେଟା ସଫଳ ହୋଇପାରି ନାହିଁ। ଏସବୁ ସତ୍ତ୍ୱେ ଦଳ ବିରୋଧୀଙ୍କ ଉପରେ ବିଜେଡି ନଜର ରଖିଛି। ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା(ତୁଷାର) ଗତ ନିର୍ବାଚନରେ ବିରୋଧୀ ବିଜେଡି ନିକଟରୁ ୨ଥର ଶୋଚନୀୟ ଭାବରେ ପରାଜୟ ବରଣ କରିଛନ୍ତି। ଯଦ୍ୱାରା ଏଥର ଭାଜପା କର୍ମୀ ତୁଷାରଙ୍କ ବଦଳରେ ଆଶାୟୀ ପ୍ରାର୍ଥୀ ସୁରେନ୍ଦ୍ର ପଣ୍ଡାଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ମାତ୍ର ଭାଜପା ପୁଣିଥରେ ତୁଷାରଙ୍କୁ ଟିକେଟ ଦେଇଛି। ତେଣୁ ଏହା ବିଜେଡି ପ୍ରତି ଲାଭଦାୟକ ସାବ୍ୟସ୍ତ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଭାଜପା ଦଳ ମଧ୍ୟରେ ରହିଥିବା ଗୋଷ୍ଠୀ କନ୍ଦଳ ଧିରେ ଧିରରେ ପ୍ରଶମିତ ହେବାରେ ଲାଗିଛି । ଆଶାୟୀ ପ୍ରାର୍ଥୀ ସୁରେନ୍ଦ୍ର ପଣ୍ଡାଙ୍କୁ ଦଳୀୟ ପଦବୀରେ ଥାଇଥାନ କରି ଦଳ ତାଙ୍କ ମାନ ଭଞ୍ଜନ କରିଛି। ସେ ପ୍ରଚାରକୁ ଓହ୍ଲାଇବା ପରେ ତାଙ୍କ ସମର୍ଥକ ତୁଷାରଙ୍କୁ ଜିତାଇବାରେ କେତେ ସହାୟକ ହେବେ ତାହା ସମୟ କହିବ । ସେହିପରି କଂଗ୍ରେସର ନୂଆ ମୁହଁକୁ ଭୋଟର କେତେ ଗ୍ରହଣ କରିବେ ତାକୁ ନେଇ ଦଳର ଚିନ୍ତା ବଢିଯାଇଛି। ଏଠି ଦଳ ଅନ୍ୟ ଜିଲାରୁ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛି। ଏହାକୁ ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀ ଗ୍ରହଣ କରିପାରୁ ନାହାନ୍ତି। ଏହା ଉଭୟ ଦଳ ଓ ପ୍ରାର୍ଥୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏସବୁ ସତ୍ତ୍ୱେ ପହି ଗାଁ ଗାଁ ବୁଲି ପ୍ରଚାରରେ ଲାଗି ପଡିଛନ୍ତି । ଏହା ସହ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଦେବବ୍ରତ ରାଉତ, କଳିଙ୍ଗସେନା ପ୍ରାର୍ଥୀ ରବୀନ୍ଦ୍ର ଧିର, କୃପା ପାର୍ଟିରୁ ହରମୋହନ କର, ସିପିଆଇରୁ ମଧୁମିତା ସହୁ, ଅଖିଳ ଭାରତୀୟ ହିନ୍ଦୁ ମହାସଭା ଈଶ୍ୱର ପ୍ରଧାନ, ଆମ୍ବେଦକର ଜାତୀୟ କଂଗ୍ରେସ ପ୍ରିୟଦର୍ଶୀ ଧିର, ସ୍ୱାଧୀନ ଭାବେ ରାମଚନ୍ଦ୍ର କର ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି । ଏ ସମସ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ବିଏସ୍‌ପି ଦଳୀୟ ପ୍ରାର୍ଥୀ ରାଉତଙ୍କ ବ୍ୟକ୍ତିଗତ ଭୋଟ ରହିଛି। ସେ ଦୀର୍ଘଦିନ ଧରି ଅନେକ ସାମାଜିକ ସଂଗଠନରେ କାର୍ଯ୍ୟ କରିଆସୁଛନ୍ତି। ମଦ ବିରୋଧୀ ଆନ୍ଦୋଳନ, ଶ୍ରମିକ ସଂଗଠନ, ଅବହେଳିତଙ୍କୁ ନ୍ୟାୟ ଆଦି ପ୍ରଦାନ ଦିଗରେ କାର୍ଯ୍ୟ କରୁଛନ୍ତି। ତାଙ୍କର ବ୍ୟକ୍ତି ସମ୍ପର୍କ ଭୋଟ ତାଙ୍କ ସପକ୍ଷରେ ଯିବ ବୋଲି ସେ ମନେ କରୁଛନ୍ତି। ମାତ୍ର ତିନି ପ୍ରମୁଖ ଦଳର ପତିଆରା ତାଙ୍କ ପାଇଁ ବଡ ସମସ୍ୟା ପାଲଟିଛି । ଏହାଛଡା ଅନ୍ୟ ସବୁ ରାଜନୈତିକ ଦଳ ନିଜ ନିଜର ସ୍ଥିତି ପାଇଁ ପ୍ରାର୍ଥୀ କରାଇଛନ୍ତି । ସେମାନଙ୍କ ଭୂମିକା ସେତେଟା ପ୍ରଭାବଶାଳୀ ହୋଇ ନ ଥିବା ବେଳେ ତିନି ପ୍ରମୁଖ ଦଳ ମଧ୍ୟରୁ କିଏ କେତେ ଫାଇଦା ନେଇପାରୁଛି ତାହା ଦେଖିବାକୁ ବାକି ରହିଲା।



ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହାର ନୀତି ଓ ଯୋଜନାଗୁଡ଼ିକ ଜରିଆରେ ଗରିବଙ୍କୁ ଆହୁରି ଗରିବ ଏବଂ ଧନୀଙ୍କୁ ଅଧିକ ଧନୀରେ ପରିଣତ କରିଦେଇଛି।

– ମାୟାବତୀ, ବିଏସ୍‌ପି ସୁପ୍ରିମୋ



## ୬ କେନ୍ଦ୍ରମନ୍ତ୍ରୀ



ନୀତିନ ଗଡ଼କରୀ, ନାଗପୁର



କିରେନ୍ ରିଜିଜୁ, ଅରୁଣାଚଳ ୱେଷ୍ଟ



ଭି.କେ. ସିଂ, ଗାଜିଆବାଦ



ମହେଶ ଶର୍ମା, ଗୌତମ ବୁଦ୍ଧ ନଗର



ହଂସରାଜ ଅହିର, ଚନ୍ଦ୍ରପୁର



ସତ୍ୟପାଲ ସିଂ, ବାଗପତ

## ୬ ହେଭିୱେଟ୍



ଅଜିତ ସିଂ, ମୁଜାଫରନଗର



ରେଣୁକା ଚୌଧରୀ, ଖମ୍ମାମ



କେ. କବିଥା, ନିଜାମାବାଦ



ଅସାଦୁଦ୍ଦିନ ଓୱାଇସି, ହାଇଦ୍ରାବାଦ



ଚିରାଗ ପାଶ୍ୱାନ, ଜାମୁଇ



ଗୌରବ ଗୋଗୋଇ, କାଲିଆବୋର

■ ପ୍ରଥମ ପର୍ଯ୍ୟାୟ ନିର୍ବାଚନ: ୯୧ ଆସନରେ ମତଦାନ

# ଇଭିଏମ୍‌ରେ ୧,୨୭୯ ପ୍ରାର୍ଥୀଙ୍କ ଭାଗ୍ୟ

ନୂଆଦିଲ୍ଲୀ,୧୧।୪



ଭୋଟ ମହାପର୍ବର ବହୁପ୍ରତୀକ୍ଷିତ ପ୍ରଥମ ପର୍ଯ୍ୟାୟ ମତଦାନ ଗୁରୁବାର ଶେଷ ହୋଇଛି। ୧୮ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ୯୧ ଲୋକ ସଭା ଆସନରେ ଭୋଟଗ୍ରହଣ କରାଯାଇଛି। ମୋଟ ୧୪.୨୧ କୋଟି ମତଦାତାଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହାସହ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ୍ (ଇଭିଏମ୍)ରେ ବନ୍ଦ ହୋଇଯାଇଛି ୧,୨୭୯ ପ୍ରାର୍ଥୀଙ୍କ ଭାଗ୍ୟ, ଯାହା ସମସ୍ତ ୭ଟି ପର୍ଯ୍ୟାୟ ନିର୍ବାଚନ ଶେଷହେବା ପରେ ମେ ୨୩ରେ ଫିଟିବ।

ସମସ୍ତ ପର୍ଯ୍ୟାୟ ନିର୍ବାଚନ ମଧ୍ୟରୁ ତୃତୀୟ ସର୍ବାଧିକ ଲୋକ ସଭା ଆସନରେ ଗୁରୁବାର ଭୋଟଗ୍ରହଣ କରାଯାଇଛି। ସେଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ (୨୫), ଅରୁଣାଚଳ (୨), ଆସାମ (୫), ବିହାର (୪), ଛତିଶଗଡ଼ (୧), ଜମ୍ମୁ ଓ କଶ୍ମୀର (୨), ମହାରାଷ୍ଟ୍ର (୭), ମଣିପୁର (୧), ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ଓଡ଼ିଶା (୪), ସିକିମ (୧), ତେଲେଙ୍ଗାନା (୧୭), ତ୍ରିପୁରା (୧), ୟୁପି (୮), ଉତ୍ତରାଖଣ୍ଡ (୫), ପଶ୍ଚିମବଙ୍ଗ (୨), ଆଣ୍ଡାମାନ (୧) ଏବଂ ଲାକ୍ଷାଦ୍ୱୀପର ଗୋଟିଏ ଆସନ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ତେବେ ଆସାମ, ଅରୁଣାଚଳ, ସିକିମ ଓ ତ୍ରିପୁରା ୱେଷ୍ଟରେ ସକାଳ ୭ଟାରୁ ଅପରାହ୍ଣ ୫ଟା ଯାଏ ମତଦାନ ହୋଇଥିଲା। ସେହିପରି ମଣିପୁର, ନାଗାଲାଣ୍ଡ ଓ ମେଘାଳୟରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଛି। ଏଥିପାଇଁ ୧୪,୨୧, ୬୯,୫୩୭ ଭୋଟରଙ୍କ ଲାଗି ୧,୭୦,୬୬୪ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଥିଲା। ୭,୨୨,୧୭,୭୩୩ ପୁରୁଷ ଓ ୬,୯୮,୫୫,୯୩୧ ମହିଳା ଭୋଟର ଥିବାବେଳେ ୭,୭୬୪ ତୃତୀୟ ଲିଙ୍ଗ ମତଦାତା ଭୋଟ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି ୬ କେନ୍ଦ୍ରମନ୍ତ୍ରୀ। ସେମାନେ ହେଲେ ନୀତିନ ଗଡ଼କରୀ (ମହାରାଷ୍ଟ୍ରର ନାଗପୁର), କିରେନ୍ ରିଜିଜୁ (ଅରୁଣାଚଳ ୱେଷ୍ଟ), ଭି.କେ. ସିଂ (ୟୁପିର ଗାଜିଆବାଦ), ମହେଶ ଶର୍ମା (ୟୁପିର ଗୌତମ ବୁଦ୍ଧ ନଗର), ହଂସରାଜ ଅହିର (ମହାରାଷ୍ଟ୍ରର ଚନ୍ଦ୍ରପୁର) ଓ ସତ୍ୟପାଲ ସିଂ (ୟୁପିର ବାଗ୍‌ପତ)। ମୋଦି କ୍ୟାବିନେଟର ସବୁଠୁ କାମିକା ମନ୍ତ୍ରୀ ଗଡ଼କରୀଙ୍କ ବିରୋଧରେ ଭାଜପାର ବିଦ୍ରୋହୀ ନେତା ନାନା ପାଟୋଲଙ୍କୁ କଂଗ୍ରେସ ଟିକେଟ ଦେଇଛି। ସେହିପରି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରିଜିଜୁଙ୍କ ବିରୋଧରେ ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନବାମ୍ ତୁକି ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟିର ଖ୍ୟୋଦା ଅପିକ୍ ପ୍ରାର୍ଥୀ ହୋଇଛନ୍ତି। ପଶ୍ଚିମ ୟୁପିର ଗାଜିଆବାଦରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂଙ୍କ ବିରୋଧରେ କଂଗ୍ରେସ ଡୋଲି ଶର୍ମାଙ୍କୁ ମଇଦାନକୁ ଓହ୍ଲାଇଥିବାବେଳେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମହାମେଣ୍ଟ ପକ୍ଷରୁ ସୁରେଶ ବଂଶଲଙ୍କୁ ପ୍ରାର୍ଥୀ କରାଯାଇଛି। ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କ ବିରୋଧରେ ବିଏସ୍‌ପିର ସତବୀର ନାଗର ଓ କଂଗ୍ରେସର ଅରବିନ୍ଦ ସିଂଙ୍କ ସମେତ ଅନ୍ୟ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି। ୟୁପିର ମୁଜାଫରନଗର ଆସନରେ ଆର୍‌ଏଲ୍‌ଡି ଅଧ୍ୟକ୍ଷ ଅଜିତ୍ ସିଂ ବିରୋଧୀ ମହାମେଣ୍ଟ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଞ୍ଜୀବ ବାଲ୍ୟାନଙ୍କୁ ଭାଜପା ମଇଦାନକୁ ଓହ୍ଲାଇଛି। ପଶ୍ଚିମ ୟୁପିର ବାଗ୍‌ପତରେ କେନ୍ଦ୍ରମନ୍ତ୍ରୀ ସତ୍ୟପାଲ ସିଂଙ୍କ ବିରୋଧରେ ଆର୍‌ଏଲ୍‌ଡିର ଜୟନ୍ତ ଚୌଧରୀ ଲଢୁଛନ୍ତି। ୨୦୧୪ରେ ଏହି ଆସନରେ ଜୟନ୍ତଙ୍କ ବାପା ଅଜିତ ସିଂଙ୍କୁ ସତ୍ୟପାଲ ହରାଇଥିଲେ। ଅଭିନେତାରୁ ରାଜନେତା ପାଲଟିଥିବା ଏଲ୍‌ଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପୁଅ ଚିରାଗ ପାଶ୍ୱାନ ବିହାରର ଜାମୁଇରୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଭାଜପାର ଅନେକ ଷ୍ଟାର କ୍ୟାମ୍ପେନର ତାଙ୍କ ପାଇଁ ପ୍ରଚାର କରିଛନ୍ତି। ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ପୁଅ ଗୌରବ ଗୋଗୋଇ କାଲିଆବୋର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ଅସମ୍ ଗଣ ପରିଷଦର ମୋନି ମାଧବ ମହନ୍ତ ନିର୍ବାଚନ ଲଢ଼ିଛନ୍ତି। ସେହିପରି କଂଗ୍ରେସ ନେତା ରେଣୁକା ଚୌଧରୀ ତେଲେଙ୍ଗାନାର ଖମ୍ମାମ୍‌ରୁ ନିର୍ବାଚନ ଲଢୁଛନ୍ତି। ତାଙ୍କ ବିରୋଧରେ ପୂର୍ବତନ ମନ୍ତ୍ରୀ ଦେବକୀ ବସୁଦେବ ରାଓଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓୱାଇସି (ହାଇଦ୍ରାବାଦ), ତେଲେଙ୍ଗାନା କଂଗ୍ରେସ ସଭାପତି ଏନ୍. ଉତ୍ତମ କୁମାର ରେଡ୍ଡୀ (ନାଲଗୋଣ୍ଡା) ଏବଂ ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିଥା (ନିଜାମାବାଦ) ହେଉଛନ୍ତି ଅନ୍ୟ ପ୍ରମୁଖ ପ୍ରାର୍ଥୀ।

### ତ୍ରିପୁରାରେ ସର୍ବାଧିକ ୮୧.୮%

ନୂଆଦିଲ୍ଲୀରେ ବରିଷ୍ଠ ନିର୍ବାଚନ ଉପାୟୁକ୍ତ ଉମେଶ ସିହ୍ନା କହିଛନ୍ତି, ତ୍ରିପୁରାରେ ସର୍ବାଧିକ ୮୧.୮% ମତଦାନ ହୋଇଛି। ଏହା ତଳକୁ ରହିଛି ପଶ୍ଚିମବଙ୍ଗ ୮୧% ଓ ମଣିପୁର ୭୮.୨%। ସେହିପରି ନାଗାଲାଣ୍ଡରେ ୭୮%, ଆନ୍ଧ୍ରପ୍ରଦେଶରେ ୭୪%, ଆସାମ ଏବଂ ଓଡ଼ିଶାରେ ୬୮% ଲେଖାଏ ମତଦାନ ହୋଇଛି। ସିକିମରେ ୬୯%, ଜମ୍ମୁରେ ୭୨%, ୟୁପିରେ ୬୩%, ମହାରାଷ୍ଟ୍ରରେ ୫୬%, ବିହାରରେ ୫୩%, ଉତ୍ତରାଖଣ୍ଡରେ ୫୮%, ଛତିଶଗଡ଼ରେ ୫୬%, ତେଲେଙ୍ଗାନାରେ ୬୦%, ମେଘାଳୟରେ ୬୨% ଓ ନିକୋବରରେ ପ୍ରାୟ ୮୦% ଭୋଟଗ୍ରହଣ କରାଯାଇଛି।

## ୬୦ ଟ୍ରକ୍ ଡ୍ରାଇଭରଙ୍କୁ ଅପହରଣ କଲା ତାଲିବାନ

ଆୟବକ,୧୧।୪

ଆଫଗାନିସ୍ତାନର ସମନ୍‌ଘାନ ପ୍ରଦେଶରୁ ଗୁରୁବାର ତାଲିବାନ ଆତଙ୍କବାଦୀମାନେ ୬୦ ଜଣ ଟ୍ରକ୍ ଡ୍ରାଇଭରଙ୍କୁ ଅପହରଣ କରିନେଇଛନ୍ତି। ସେମାନଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନିଆଯାଇଥିବା ପ୍ରାଦେଶିକ କାଉନସିଲ୍ ମୁଖ୍ୟ ହାଜି ରାଜ୍ ମହମ୍ମଦ୍ ମୋଆହିଦି ସୂଚନା ଦେଇଛନ୍ତି। ଆତଙ୍କବାଦୀମାନେ ମାସିକ ଶୁଳ୍କ ବାବଦରେ ପ୍ରତି ଟ୍ରକ୍ ଡ୍ରାଇଭରଙ୍କ ଉପରେ ୭,୦୦୦ ଆଫଗାନୀ (୯୩ ଡଲାର) ଧାର୍ଯ୍ୟ କରିଥିଲେ। ଧାର୍ଯ୍ୟ ଶୁଳ୍କ ନ ଦେଲେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇଥିଲେ। ତେବେ ଅପହୃତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ଲାଗି ପୋଲିସ ତଲାସି ଅଭିଯାନ ଚଳାଇଛି।

## କୋହିନୁର ହୀରା ଫେରାଇବାକୁ ପାକ୍‌ର ଦାବି

ଇସଲାମାବାଦ,୧୧।୪: ପାକିସ୍ତାନର ସୂଚନା ମନ୍ତ୍ରୀ ଫୱାଦ ଚୌଧରୀ ଗୁରୁବାର ପ୍ରସିଦ୍ଧ କୋହ-ଇ-ନୁର ହୀରା ଫେରାଇଦେବା ଲାଗି ବ୍ରିଟେନ୍‌କୁ ଅନୁରୋଧ କରିଛନ୍ତି। ଉକ୍ତ ହୀରା ଫେରାଇଦେବାକୁ ପୂର୍ବରୁ ଭାରତ, ଆଫଗାନିସ୍ତାନ, ପାକିସ୍ତାନ ଏବଂ ଇରାନ ମଧ୍ୟ ଅନୁରୂପ ଅନୁରୋଧ କରିଥିଲେ। ୧୦୫ କ୍ୟାରଟ ବିଶିଷ୍ଟ ଏହି ହୀରା ଦୀର୍ଘ ୧୫୦ବର୍ଷ ଧରି ବ୍ରିଟିଶ ରାଜମୁକୁଟର ଏକ ଅଂଶବିଶେଷ ହୋଇ ରହିଆସିଛି।

ଇତିହାସର ଆଇନାରେ

### ଏପ୍ରିଲ ୧୨ର ପ୍ରମୁଖ ଘଟଣା

୨୦୦୯ ଏପ୍ରିଲ ୧୨ରେ ଜିମ୍ବାୱେ ସରକାରୀ ଭାବେ ଜିମ୍ବାୱିଆନ୍ ଡଲାର ନିଷିଦ୍ଧ କଲା। ଏହି କରେନ୍ସି ୧୯୮୦ଠାରୁ ସରକାରୀ କରେନ୍ସି ଭାବେ ପ୍ରଚଳିତ ହୋଇ ଆସୁଥିଲା। ଏହି ସମୟ ମଧ୍ୟରେ ଦେଶର ଅର୍ଥନୀତି ହାରାହାରି ମୁଦ୍ରାସ୍ଫୀତିଠାରୁ ଅଧିକ ରହୁଥିବାରୁ ଉକ୍ତ କରେନ୍ସିକୁ ପ୍ରତ୍ୟାହାର କରି ନିଆଯାଇଥିଲା।

୨୦୧୩ ଏପ୍ରିଲ ୧୨ରେ ମାଲିର କିଦାଲ ମାର୍କେଟରେ ଦୁଇଟି ଆତ୍ମଘାତୀ ବୋମା ବିସ୍ଫୋରଣରେ ୩ ଚାଦିଆନ୍ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ମାଲିର ଉତ୍ତରଭାଗସ୍ଥ ଅନୁର୍ବର ଅଞ୍ଚଳରେ କିଦାଲ ହେଉଛି ଏକ ଛୋଟ ସହର। ଏହା ଗାଓର ଉତ୍ତରଭାଗକୁ ୨୮୫ କିଲୋମିଟର ଦୂରରେ ଅବସ୍ଥିତ।

## ଏନ୍‌କାଉଣ୍ଟରରେ ମାଓବାଦୀ ନିହତ

ରାୟପୁର/ବିଜାପୁର,୧୧।୪(ପି.ଟି.)

ଛତିଶଗଡର ବସ୍ତର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ଦିନ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ନାରାୟଣପୁର ଜିଲାର ଓର୍ଛା ଅଞ୍ଚଳରେ ମାଓବାଦୀ ହେଲିପ୍ୟାଡ ଜଗିଥିବା ଯବାନଙ୍କ ଉପରେ ଆକ୍ରମଣ କରିବାରୁ ସେମାନଙ୍କ ସହ ସୁରକ୍ଷାବଳର ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ବାହିନୀ ପକ୍ଷରୁ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି।

ଅନ୍ୟପକ୍ଷରେ ଛତିଶଗଡର ବିଜାପୁର ଜିଲାରେ ସର୍ଚ୍ଚ ଅପରେଶନ ବେଳେ ୪ ମାଓବାଦୀ ଗିରଫ ହେବା ସହ ସେମାନଙ୍କ ନିକଟରୁ ୩ଟି ବନ୍ଧୁକ ଜବତ ହୋଇଛି। ଗୁରୁବାର ଭୋର ସମୟରେ ନାରାୟଣପୁର ଜିଲାରେ ମାଓବାଦୀ ଆଇଇଡି ବିସ୍ଫୋରଣ ଘଟାଇଥିଲେ। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ମାଓବାଦୀ ଅଧ୍ୟୁଷିତ ବସ୍ତର ନିର୍ବାଚନ ମଣ୍ଡଳୀରେ ଗୁରୁବାର ମତଦାନ ପାଇଁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାଖାପାଖି ୮୦ ହଜାର ଅର୍ଦ୍ଧସାମରିକ ଯବାନ ଓ ପୋଲିସଙ୍କୁ ସେଠାରେ ନିୟୋଜିତ କରାଯାଇଥିଲା।

■ ନାମାଙ୍କନପତ୍ର ଦାଖଲ କଲେ

# ରାଏବରେଲିରୁ ସୋନିଆ, ଅମେଠିରୁ ଇରାନୀ



ରାଏବରେଲି/ ଅମେଠି, ୧୧।୪(ପି.ଟି.)

ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗୁରୁବାର ଉତ୍ତରପ୍ରଦେଶର ନିଜ ସଂସଦୀୟ ଆସନ ରାଏବରେଲିରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅମେଠି ଆସନରୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ବିଧିବଦ୍ଧ ଭାବେ ପ୍ରାର୍ଥୀ ହୋଇଛନ୍ତି।

୭୨ ବର୍ଷୀୟା ବରିଷ୍ଠ କଂଗ୍ରେସ ନେତା ସୋନିଆ ରାଏବରେଲି ଆସନରୁ ପଞ୍ଚମଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନାମାଙ୍କନପତ୍ର ଦାଖଲ ପୂର୍ବରୁ ସୋନିଆ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ପୂଜାର୍ଚ୍ଚନା କରିଥିଲେ। ସେ ଏକ ରୋଡ୍ ଶୋ'ରେ ରାଏବରେଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତାଙ୍କ ସହ ପୁଅ ରାହୁଲ, ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଜ୍ୱାଇଁ ରବର୍ଟ ଭଦ୍ରା ଉପସ୍ଥିତ ଥିଲେ। ଏହି ଲୋକ ସଭା ଆସନରେ ମେ ୬ରେ ଭୋଟଗ୍ରହଣ ହେବ। ଏଠାରେ ସୋନିଆଙ୍କ ବିରୋଧରେ ଦୀନେଶ ପ୍ରତାପ ସିଂଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏସ୍‌ପି-ବିଏସ୍‌ପି ମେଣ୍ଟ ରାଏବରେଲି ଆସନରେ କାହାକୁ ପ୍ରାର୍ଥୀ କରିନାହିଁ। ଅନ୍ୟପକ୍ଷରେ ଗାନ୍ଧୀ ପରିବାରର ଅନ୍ୟତମ ଗଡ଼ ଭାବେ ପରିଚିତ ଅମେଠିରେ ରାହୁଲ ଚତୁର୍ଥ ଥର ପାଇଁ ପ୍ରାର୍ଥୀ ହେବାର ଦିନକ ପରେ ଭାଜପା ନେତା ସ୍ମୃତି ଇରାନୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଇରାନୀ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଏକ ରୋଡ୍ ଶୋ'ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ସେ କଂଗ୍ରେସ ଓ ରାହୁଲଙ୍କ ଉପରେ ବର୍ଷିଥିଲେ।



## ପ୍ରଚାର ବେଳେ ଭାଜପା ବିଧାୟକଙ୍କ ମୃତ୍ୟୁ

ଆଗ୍ରା,୧୧।୪

ଉତ୍ତରପ୍ରଦେଶରେ ଜଣେ ଭାଜପା ବିଧାୟକ ନିର୍ବାଚନ ପ୍ରଚାର କରୁଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ଆଗ୍ରା ଉତ୍ତର ଆସନର ଭାଜପା ବିଧାୟକ ଜଗନ ପ୍ରସାଦ ଗର୍ଗଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଆଗ୍ରାରୁ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଭଲ ପାଉଥିଲେ। ତାଙ୍କ ଦେହାନ୍ତରେ ଭାଜପାକୁ ଶକ୍ତ ଝଟକା ଲାଗିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜଗନଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ୨୦୨୨ ପରେ ସେ ରାଜନୀତିରୁ ସନ୍ନ୍ୟାସ ନେଇ ସମାଜସେବାରେ ପୂରା ସମୟ ଦେବେ ବୋଲି ଏକ ଗଣମାଧ୍ୟମକୁ ପୂର୍ବରୁ କହିଥିଲେ।



■ ଆନ୍ଧ୍ରରେ ୩୦% ଇଭିଏମ୍ ଖରାପ ଅଭିଯୋଗ

# ୧୫୦ ବୁଥ୍‌ରେ ସାନି ମତଦାନ ଦାବି କଲେ ଚନ୍ଦ୍ରାବାବୁ

ହାଇଦ୍ରାବାଦ,୧୧।୪



ଆନ୍ଧ୍ରପ୍ରଦେଶର ସମସ୍ତ ୨୫ଟି ଲୋକ ସଭା ଆସନ ସମେତ ୧୭୫ ବିଧାନସଭା ଆସନ ପାଇଁ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ତେବେ ବିଭିନ୍ନ ମତଦାନ କେନ୍ଦ୍ରରେ ଇଭିଏମ୍ ଅକାମୀ ହୋଇପଡିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟରେ ପାଖାପାଖି ୩୦ ପ୍ରତିଶତ ଇଭିଏମ୍ କାମ କରୁ ନ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଅଭିଯୋଗ କରିଛନ୍ତି। ପାଖାପାଖି ୧୫୦ ବୁଥ୍‌ରେ ପୁଣିଥରେ ଭୋଟଗ୍ରହଣ ପାଇଁ ଚନ୍ଦ୍ରାବାବୁ ନିର୍ବାଚନ କମିଶନଙ୍କୁ ପତ୍ର ଲେଖିଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଭୋଟଗ୍ରହଣ ସମୟ ବଢ଼ାଇବା ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ। ଏପରିକି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳକୃଷ୍ଣ ଦ୍ୱିବେଦୀ ଭୋଟ ଦେବାକୁ ଯାଇଥିବାବେଳେ ଇଭିଏମ୍ କାମ କରି ନ ଥିଲା। ଇଭିଏମ୍ ସମସ୍ୟା ଯୋଗୁ ବିଭିନ୍ନ ବୁଥ୍‌ରେ ଲୋକମାନଙ୍କୁ ଦୀର୍ଘସମୟ ଖରାରେ ଅପେକ୍ଷା କରିବାକୁ ପଡିଥିଲା। କେତେକ ଭୋଟ ଦେଇ ନ ପାରି ଫେରିଯାଇଥିଲେ। ଅନ୍ତତଃ ୨୫ ପ୍ରତିଶତ ଭିଭିପିଏଟି ମେଶିନ୍ ସ୍ଲିପ୍ ଯାଞ୍ଚ ଦାବିରେ ସେ ପୁଣି ଥରେ ସୁପ୍ରିମକୋର୍ଟ ଯିବାକୁ ଚିନ୍ତା କରୁଥିବା ଚନ୍ଦ୍ରାବାବୁ କହିଛନ୍ତି।

ଇଭିଏମ୍‌ରେ ତ୍ରୁଟି ଯୋଗୁ କେତେକ ସ୍ଥାନରେ ଟିଡିପି ଏବଂ ୱାଇଏସ୍‌ଆର କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁଣ୍ଟାକାଲର ଏକ ଭୋଟଗ୍ରହଣ କେନ୍ଦ୍ରରେ ଇଭିଏମ୍‌ରେ ଦଳୀୟ ଚିହ୍ନ ସ୍ପଷ୍ଟ ଜଣାପଡୁ ନ ଥିବାରୁ ପୂର୍ବତନ ବିଧାୟକ ତଥା ଜନସେନା ପାର୍ଟିର ପ୍ରାର୍ଥୀ ମଧୁସୂଦନ ଗୁପ୍ତା ରାଗରେ ଇଭିଏମ୍ ଭାଙ୍ଗିଦେବା ସହ ପୋଲିଂ କର୍ମଚାରୀଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ପୋଲିସ ତାଙ୍କୁ ଅଟକ ରଖିଛି।




ମହାରାଷ୍ଟ୍ରର ନାଗପୁରସ୍ଥିତ ଏକ ପୋଲିଂ ଷ୍ଟେଶନରେ ଭୋଟ ଦେବା ପରେ ଅଙ୍ଗୁଳି ଦେଖାଉଛନ୍ତି ବିଶ୍ୱର ସବୁଠୁ ଗେଡୀ ମହିଳା ଜ୍ୟୋତି ଆମ୍‌ଗେ(୨୫)।



କୁପୱାଡ଼ା ଜିଲାର ଏକ ବୁଥ୍‌ରେ ବୃଦ୍ଧ ଦମ୍ପତି ଭୋଟ ଦେବା ପରେ ଅଙ୍ଗୁଳିର କାଳି ଚିହ୍ନ ଦେଖାଉଛନ୍ତି।




ଶ୍ରୀନଗରରେ ବିଚ୍ଛିନ୍ନତାବାଦୀ ନେତାମାନେ ଭୋଟ ବର୍ଜନ ଆହ୍ୱାନ ଦେଇଥିବାବେଳେ ମୁତୟନ ସୁରକ୍ଷା କର୍ମୀ।



ଅରୁଣାଚଳ ପ୍ରଦେଶର ଇଟାନଗରରେ ମତଦାନ ପାଇଁ ମହିଳା ଭୋଟରଙ୍କ ଧାଡ଼ି।

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ମାର୍ଶାଘାଇ, ୧୧।୪ (ଡିଏନଏ):** ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ମାର୍ଶାଘାଇ ପୋଲିସ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସବ୍ ଇନ୍ସପେକ୍ଟର ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ମାର୍ଶାଘାଇ ବଜାର ଗଜଲକ୍ଷ୍ମୀ ମଣ୍ଡପ ନିକଟରେ ଚଢାଉ କରି ୧୦୦ ବୋତଲ ଆସ୍କା ଫର୍ଟି , ୩୦ ବୋତଲ ହ୍ୱିସ୍କି ଜବତ କରିଛି । ଏହି ଘଟଣାରେ ପ୍ରଶାନ୍ତ ଦାସ(୨୭)ଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟଚାଲାଣ କରାଯାଇଛି । କନଷ୍ଟେବଲ ପି.କେ ବେହେରା, ଆର.କେ ସ୍ୱାଇଁ,ହାବିଲଦାର ଏଲ. ପରିଡା ପ୍ରମୁଖ ଟିମ୍‌ରେ ସାମିଲ ଥିଲେ । ଏ ନେଇ ମାର୍ଶାଘାଇ ଥାନାରେ ୭୫/୧୯ ନଂରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ କାଳନ୍ଦି ବେହେରା ସୂଚନା ପ୍ରଦାନ କରିଛନ୍ତି।

### ବୁଢ଼ୀ ଜାଗୁଳାଇ ପୀଠରେ ନବରାତ୍ର ମହୋତ୍ସବ

**ରାଜକନିକା, ୧୧।୪ (ଡି.ଏନ୍.ଏ)** ରାଜକନିକା ବ୍ଲକ ଅଧୀନ ବର୍ତ୍ତନୀର ଗ୍ରାମ ଦେବତୀ ମା' ବୁଢ଼ୀ ଜାଗୁଳାଇ ପୀଠରେ ନବରାତ୍ର ମହୋତ୍ସବ ଓ ବିଶ୍ୱଶାନ୍ତି ଯୁଗକର୍ମ ମହାଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। ଚଳିତ ଚୈତ୍ରମାସ ଶୁକ୍ଳପକ୍ଷ ପଞ୍ଚମୀଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ଦଶମୀ ପର୍ଯ୍ୟନ୍ତ ଚାଲିବ। ବୁଧବାର ଅଙ୍କୁରାଧିବାସ ପରେ କଳସ ଶୋଭାଯାତ୍ରା ଓ ଯଜ୍ଞାନୁଷ୍ଠାନ ପାଇଁ ଅଗ୍ନିସ୍ଥାପନ କରାଯାଇଥିଲା। ଏହି ଉପଲକ୍ଷେ ଗୁରୁବାର ସୂର୍ଯ୍ୟପୂଜା, ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ, ଗ୍ରାମଦେବତୀ, ଆଖଣ୍ଡଳମଣି, ଲକ୍ଷ୍ମୀନୃସିଂହ ଏବଂ ଅନନ୍ତ ମହାମନ୍ତ୍ରରେ ଆହୁତି ପ୍ରଦାନ କରାଯାଇଥିଲା। ସେହିପରି ଶୁକ୍ରବାରଠାରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ପୂଜାର୍ଚ୍ଚନା ସହ ସପ୍ତସତୀ ଚଣ୍ଡୀ, ସନ୍ଧିପୂଜା, ଶତ ରୁଦ୍ରାଭିଷେକ ପରେ ଦଶମୀଦିନ ପୂର୍ଣ୍ଣାହୁତି ପ୍ରଦାନ କରାଯିବ।

### ସତ୍ୟସାଇ ବାବାଙ୍କ ସତ୍‌ସଙ୍ଗ

**ମାର୍ଶାଘାଇ,୧୧।୪ (ଡିଏନଏ):** ମାର୍ଶାଘାଇ ଜୁଣ ଛକ ସାଇ ଭବନରେ ସତ୍ୟସାଇ ବାବାଙ୍କ ସତ୍‌ସଙ୍ଗ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭୋରରୁ ସୁପ୍ରଭାତମ୍ ଏବଂ ନଗର ସଂକୀର୍ତ୍ତନ କରାଯିବା ପରେ ରୁଦ୍ରାଭିଷେକ କରାଯାଇଥିଲା। ଦିନ ତମାମ ଭଜନ ପରିବେଷଣ କରାଯାଇ ସନ୍ଧ୍ୟାରେ ସାଇ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡା ଜିଲା ସତ୍ୟସାଇ ସଂଗଠନର ସଭାପତି ଚନ୍ଦ୍ରମଣି ସାହୁ,ପୂର୍ବତନ ସଭାପତି ରାମଚନ୍ଦ୍ର ସ୍ୱାଇଁ,କୃତ୍ତିବାସ ମଲିକ,ମାମିନା ମଲିକଙ୍କ ସମେତ ମାର୍ଶାଘାଇ ସାଇ ଭଜନ ସମିତିର ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭଙ୍କ ବିୟୋଗରେ ଶୋକସଭା

**ପଟ୍ଟାମୁଣ୍ଡାଇ,୧୧।୪(ସ୍ୱ.ପ୍ର) :** ପଟ୍ଟାମୁଣ୍ଡାଇ ବ୍ଲକ ମୂଳଗାଇଁ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା କବି ପଦ୍ମନାଭ ନାୟକଙ୍କ ବିୟୋଗରେ ତାଙ୍କ ବାସଭବନ ଠାରେ ଇତିମଧ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କଣ୍ଟାବଣ ପ୍ରବାହ ସାହିତ୍ୟ ସଂସଦ ସଭାପତି ନରହରି ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ପ୍ରଫୁଲ୍ଲ ପ୍ରଧାନ, କବି ଗୋକୁଳ ଚରଣ ରାଉତ, ରାମକୃଷ୍ଣ ଦାଶ, ପ୍ରେମନନ୍ଦ ଦାସ, ଅଭୟ ସାହୁ , ରବୀନ୍ଦ୍ର ନାୟକ, ବେଣୁଧର ପ୍ରଧାନ, ସୁରେଶ ବାୟୀ, ବାବାଜୀ ଦାସ, ମନୋଜ ମୁଦୁଲି, ଉମ ବିଶ୍ୱାଳ, ଅବିନାଶ ଚୌଧୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଶିକ୍ଷକ ପଦ୍ମନାଭଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ପରିଚିତ ଥିବା ବେଳେ କବି ଭାବରେ ତାଙ୍କର ବହୁ ସୁନାମ ରହିଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କେବଳ ଇସ୍ତାହାରରେ ମହିଳାଙ୍କୁ ଗୁରୁତ୍ୱ

**କେନ୍ଦ୍ରାପଡା ଅଫିସ, ୧୧।୪**

**କେନ୍ଦ୍ରାପଡ଼ା ଜିଲା**
- ରାଜନୈତିକ କ୍ଷେତ୍ରରେ ମହିଳାଙ୍କୁ ଅଣଦେଖା
- ଚଳିତ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବ ମହିଳା ଭୋଟ

ଚଳିତ ସାଧାରଣ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ପକ୍ଷରୁ ପ୍ରକାଶିତ ନିର୍ବାଚନୀ ଇସ୍ତାହାରରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଛି। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳୀୟ ଇସ୍ତାହାର ପତ୍ରରେ ନାରୀ ଶିକ୍ଷା, ସାମାଜିକ ସୁରକ୍ଷା ଓ ଆତ୍ମ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଛନ୍ତି। ଇସ୍ତାହାରରେ ମହିଳାଙ୍କୁ ବିଶେଷ ଗୁରୁତ୍ୱ ସତ୍ତ୍ୱେ କେନ୍ଦ୍ରାପଡା ଜିଲାରେ କୌଣସି ବିଧାନସଭା ବା କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ଜଣେ ହେଲେ ମହିଳାଙ୍କୁ କୌଣସି ଦଳ ପ୍ରାର୍ଥୀ କରିନାହାନ୍ତି। ତେବେ ମହିଳା ଭୋଟ ହାତେଇବା ପାଇଁ କେବଳ ଇସ୍ତାହାର ପତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଜିଲା ମହିଳା ଭୋଟ ଚଳିତ ନିର୍ବାଚନକୁ ପ୍ରଭାବିତ କରିବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

କେନ୍ଦ୍ରାପଡ଼ା ଲୋକ ସଭା ଆସନ ଅଧୀନ ୭ଟି ବିଧାନସଭା କ୍ଷେତ୍ରରେ ପୁରୁଷ ଭୋଟର ସଂଖ୍ୟା ୬,୨୨,୦୫୦ ଥିବା ବେଳେ ମହିଳା ଭୋଟର ସଂଖ୍ୟା ୫,୫୭,୭୯୭। ତଥ୍ୟ ଅନୁଯାୟୀ ୨୦୧୪ ସାଧାରଣ ନିର୍ବାଚନରେ ଏହି ୫ଟି ନିର୍ବାଚନ କ୍ଷେତ୍ରରେ ୭୫.୯୭ ପ୍ରତିଶତ ମହିଳା ଭୋଟର ଭାଗ ନେଇଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୬୭.୩୩ ପ୍ରତିଶତ ଥିଲା। ଯାହା ରାଜ୍ୟର ଅନ୍ୟ ଜିଲା ତୁଳନାରେ ଢ଼େର ଅଧିକ। ଚଳିତ ନିର୍ବାଚନରେ ମହିଳା ଭୋଟ ସମ୍ପର୍କରେ ଈଶ୍ୱରପୁର ମା' ଦୁର୍ଗା ଏସ୍‌ଏସ୍‌ଜିର ସମ୍ପାଦିକା ସୁଚିତ୍ରା ଜେନା କୁହନ୍ତି, ମହିଳା ସଶକ୍ତୀକରଣରେ ଏସ୍‌ଏସ୍‌ଜିର ବଡ ଭୂମିକା ଗ୍ରହଣ କରିଛି। ଏଥିପାଇଁ ପ୍ରତ୍ୟେକ ରାଜନୈତିକ ଦଳ ଜିଲାର ବିଭିନ୍ନ ଏସ୍‌ଏସ୍‌ଜିର ସଦସ୍ୟାଙ୍କ ସହାୟତା ଲୋଡୁଛନ୍ତି। ପ୍ରତ୍ୟେକ ଗ୍ରାମରେ ଏକାଧିକ ଗୋଷ୍ଠୀ ଗଠନ ହୋଇଥିବା ବେଳେ ଗୋଟିଏ ଗୋଷ୍ଠୀରେ ୧୫ ବା ତଦୁର୍ଦ୍ଧ୍ୱ ସଦସ୍ୟା ରହୁଛନ୍ତି। ରାଜନୈତିକ ଦଳର କର୍ମକର୍ତ୍ତା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ପ୍ରଭାବିତ କରି ଭୋଟ ହାର ବୃଦ୍ଧି ପାଇଁ ଚେଷ୍ଟା ଚଳାଇଛନ୍ତି। କିନ୍ତୁ ଜିଲାରେ ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ଏ ସମ୍ପର୍କରେ ରାଜନୈତିକ ବିଶ୍ଳେଷକ ରାଧାକାନ୍ତ ମହାନ୍ତି କୁହନ୍ତି, ଗୋଟିଏ ବିଧାନସଭା କ୍ଷେତ୍ରରେ ପଖାପାଖି ୨ଲକ୍ଷ ଭୋଟର ଅଛନ୍ତି। ତନ୍ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଭୋଟର ମତଦାନ କରୁଛନ୍ତି। ପ୍ରତି ନିର୍ବାଚନରେ ମହିଳାଙ୍କ ମତ ଦାନ ଅଧିକ ରହୁଛି। ଏହାକୁ ଲକ୍ଷ୍ୟ କଲେ ମହିଳାଙ୍କ ଭାଗିଦାରୀ ରାଜନୈତିକ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି। ତେଣୁ ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ସାମିଲ କରାଗଲେ ରାଜନୈତିକ ଦଳଗୁଡ଼ିକ ଅଧିକରୁ ଅଧିକ ମହିଳା ଭୋଟ ହାତେଇ ପାରନ୍ତେ ବୋଲି ମହାନ୍ତି କହିଛନ୍ତି। ସେହିପରି ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କୁହନ୍ତି, ମହିଳା ସଶକ୍ତୀକରଣକୁ ରାଜନୈତିକ ଦଳ ଗୁରୁତ୍ୱ ଦେଉଥିବା ପ୍ରଚାର କରୁଥିଲେ ମଧ୍ୟ ବାସ୍ତବରେ କେନ୍ଦ୍ରାପଡ଼ାରେ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ପୂର୍ବରୁ ଜିଲାର ୪ ଜଣ ରାଜନେତ୍ରୀଙ୍କୁ ସ୍ୱୀକୃତି ମିଳିଥିବା ବେଳେ ଚଳିତ ନିର୍ବାଚନରେ ସେମାନଙ୍କ ରାଜନୈତିକ ପଥକୁ ରାଜ୍ୟର ପ୍ରମୁଖ ଦଳଗୁଡିକ ବନ୍ଦ କରିଛନ୍ତି। ଏଥିପାଇଁ ମହିଳାମାନେ କାହାରି ପ୍ରରୋଚନାରେ ନ ପଡି ମତଦାନ କରିବେ। ଏ ସମ୍ପର୍କରେ ଜିଲା ଯୁବ ବିଜେଡ ସଭାପତି ରାଜେଶ ପଣ୍ଡା କହିଛନ୍ତ, ରାଜ୍ୟ ସରକାର ମହିଳା ସଶକ୍ତୀକରଣକୁ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରି ସେମାନଙ୍କୁ ଆତ୍ମ ନିର୍ଭରଶୀଳ ପାଇଁ ଅନୁଦାନ ରାଶି ଯୋଗାଇବା ସହ ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ତାଲିମ ବ୍ୟବସ୍ଥା କରିଛନ୍ତି। ଚଳିତ ନିର୍ବାଚନରେ ୨୧ଟି ଲୋକସଭା ଆସନ ମଧ୍ୟରୁ ୭ଟି ଆସନ ମହିଳାଙ୍କୁ ଚୟନ କରି ରାଜନୈତିକ ଇତିହାସରେ ନୂଆ ଫର୍ଦ ଯୋଡିଛନ୍ତି ବୋଲି ରାଜେଶ କହିଛନ୍ତି। ସେହିପରି କଂଗ୍ରେସ ଜିଲା ସଭାପତି ଚିନ୍ମୟ ବେହୁରା କୁହନ୍ତି, ରାଜ୍ୟରେ ନାରୀ ସୁରକ୍ଷା ବଦଳରେ ନିର୍ଯ୍ୟାତନା ବଢ଼ିଛି। ଚଳିତ ନିର୍ବାଚନରେ ଏହାର ପ୍ରଭାବ ଦେଖିବାକୁ ମିଳିବ। ଭାଜପା ଜିଲା ସଭାପତି ଦୁର୍ଯ୍ୟୋଧାନ ସାହୁ କହିଛନ୍ତି, ଗ୍ରାମାଞ୍ଚଳର ମହିଳାଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା କେନ୍ଦ୍ର ସରକାରଙ୍କର ଏକ ସଫଳ ଯୋଜନା। ଏଥିସହିତ ବିଭିନ୍ନ ଦକ୍ଷତା ବୃଦ୍ଧି ଯୋଜନାରେ ମହିଳାଙ୍କୁ ସାମିଲ କରାଯାଉଛି ବୋଲି ସାହୁ କହିଛନ୍ତି।

## ମାର୍ଶାଘାଇରେ ବାସନ୍ତୀ ଦୁର୍ଗାପୂଜା


ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

**ମାର୍ଶାଘାଇ,୧୧।୪ (ଡିଏନଏ)**

ମାର୍ଶାଘାଇ ବ୍ଲକ ତୁଳସୀପୁର ଗ୍ରାମର ଯମୁନାଦଣ୍ଡା ଦୁର୍ଗା ମଣ୍ଡପରେ ୨୭ ତମ ବାର୍ଷିକ ବାସନ୍ତୀ ଦୁର୍ଗା ପୂଜା ଗୁରୁବାର ଠାରୁ ଆରମ୍ଭ ହୋଇଛି। ସକାଳେ କଳସ ଶୋଭାଯାତ୍ରା କରାଯିବା ସହିତ ଅପରାହ୍ଣରେ ସପ୍ତମୀ ପୂଜା ଆରମ୍ଭ ହୋଇଛି । ରବିବାର ଦଶମୀ ପୂଜା କରାଯିବ। ଏଥିସହିତ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ସାହୁ,ସଦସ୍ୟ ରଶ୍ମି ରଞ୍ଜନ ସାହୁ,ବାବୁଲି ସାହୁ,ମିହିର ଦାସ,କୁନା ସ୍ୱାଇଁ,ରବିନ୍ଦ୍ର ଦାସ,ପ୍ରମୋଦ ଦାସ,ନିର୍ମଳ ଦାସଙ୍କ ସମେତ ତୁଳସୀପୁର ଗ୍ରାମବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଥିବା କମିଟି ତରଫରୁ ପ୍ରକାଶ।

## ଆଳିରେ ଭାଜପାର ରୋଡ୍ ଶୋ'


ରୋଡ୍ ଶୋ'ରେ ଭାଜପା ପ୍ରାର୍ଥୀ ଓ କର୍ମକର୍ତ୍ତା।

**ଆଳି, ୧୧।୪ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ଆସନ୍ତା ୨୯ ତାରିଖରେ ଭୋଟ ଗ୍ରହଣ ହେବ। ଏଠାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଉଭୟ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟ ଜୋରଦାର ଚଳାଇଛନ୍ତି। ଦିନକୁ ଦିନ ନିର୍ବାଚନୀ ତାରିଖ ପାଖଉ ଥିବା ବେଳେ ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ବିଜେଡିର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ ଦୁଇ ଥର ରୋଡ୍ ଶୋ' କରି ସାରିଥିବା ବେଳେ ଗୁରୁବାର ଭାଜପା ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ ରୋଡ୍ ଶୋ' କରିଛନ୍ତି। ପୂର୍ବାହ୍ଣରୁ ସ୍ଥାନୀୟ ବିଲିକଣା କାଳୀ ପଡିଆଠାରୁ ଏହି ରୋଡ୍ ଶୋ' ବାହାରି ପତ୍ରପୁର ପଞ୍ଚାୟତର ବିଲିକଣା, ବନ୍ଧସାହି, କଅଁରପୁର, ପତ୍ରପୁର, ଗୋପାଳପୁର, ନରେନ୍ଦ୍ରପୁର ପଞ୍ଚାୟତ, ସହିରା ପଞ୍ଚାୟତ, ନୂଆପଡା ପଞ୍ଚାୟତ, ବାଟିପଡା ପଞ୍ଚାୟତ, ସାନମଙ୍ଗ ପଞ୍ଚାୟତ, ସିଙ୍ଗିରି ପଞ୍ଚାୟତ ପରିକ୍ରମା କରି ଚଣ୍ଡିଆଗଡି ପଞ୍ଚାୟତର ଭାତୁଅଠାରେ ପହଞ୍ଚିଥିଲା। ଏଥିରେ ଭାଜପାର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ଆଳି ବିଧାୟକ ପ୍ରାର୍ଥୀ ଦୋଳଗୋବିନ୍ଦ ନାୟକ ଏକ ଖୋଲା ଜିପ୍‌ରେ ସାମିଲ ହୋଇ ପ୍ରଚାର କରିଥିଲେ। ପ୍ରଚାର ବେଳେ ବିଭିନ୍ନ ସ୍ଥାନରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ, ଯୁବନେତା କୃଷ୍ଣଚନ୍ଦ୍ର ପଣ୍ଡା, ସତ୍ୟନାରାୟଣ ଜେନା, ଭାଜପା ଜିଲା ଉପସଭାପତି ଭକ୍ତବନ୍ଧୁ ମିଶ୍ର, ବିଭୁପ୍ରସାଦ ସାହୁଙ୍କ ସମେତ ସମସ୍ତ ଜୋନ୍ ସଭାପତି ଓ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଶିଶୁମନ୍ଦିର ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ପ୍ରଶିକ୍ଷଣ ଶିବିର

**ଆଳି, ୧୧।୪ (ଡି.ଏନ୍.ଏ.)**

ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିସରରେ ଚାଲିଥିବା ତିନି ଦିନିଆ ଆଚାର୍ଯ୍ୟାଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଜାନକୀ କୁମାରୀ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ଶିଶୁ ମନ୍ଦିରର ମୋଟ ୧୨୬ ଜଣ ଆଚାର୍ଯ୍ୟାଆଚାର୍ଯ୍ୟ ପ୍ରଶିକ୍ଷଣ ନେଇଥିଲେ। କେନ୍ଦ୍ରାପଡ଼ା ବିଭାଗ ନିରୀକ୍ଷକ କ୍ଷେତ୍ରମୋହନ ଦାସଙ୍କ ତତ୍ତ୍ୱାବଧାନରେ ୧୦ ଟି ଶୈକ୍ଷିକ ଓ ୬ ଟି ସାମୁହିକ କ୍ଲାସ ନିଆଯାଇଥିଲା। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଅଶୋକ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ କୁମାର ମଲ୍ଲିକ, ସଂକୁଳ ପ୍ରମୁଖ କପିଳେନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଯୋଗଦେଇଥିଲେ। ସମିତ ସମ୍ପାଦକ ସୁକାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଯୋଜିକା ସୁଶ୍ରୀଜାନକୀ ଦାସ ବୃତ୍ତ କଥନ କରିଥିଲେ। ଅମର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଞ୍ଜନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭିନ୍ନକ୍ଷମଙ୍କ ପାଇଁ ଜିଲାରେ ୧୧ ମଡେଲ୍ ବୁଥ୍

**କେନ୍ଦ୍ରାପଡ଼ା ଅଫିସ୍, ୧୧।୪**

ମତଦାନ ଭୋଟରଙ୍କ ଗଣତାନ୍ତ୍ରିକ ଅଧିକାର। ଭୋଟଦାନ ପ୍ରକ୍ରିୟାରେ ସମସ୍ତଙ୍କୁ ସାମିଲ କରାଇବା ଲକ୍ଷ୍ୟରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଭିନ୍ନକ୍ଷମ ଭୋଟରଙ୍କ ମତଦାନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଭିନ୍ନକ୍ଷମ ମତଦାତାଙ୍କ ପାଇଁ ଉଦ୍ଦିଷ୍ଟ ୨ଟି ସଚେତନତା ରଥକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦାଶରଥି ଶତପଥୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲାପାଳ ପ୍ରକାଶ କରିଥିଲେ, ଜିଲାରେ ଭିନ୍ନକ୍ଷମଙ୍କ ପାଇଁ ୧୧ଟି ମଡେଲ ବୁଥ୍ ଚଳିତ ସାଧାରଣ ନିର୍ବାଚନରେ କରାଯାଉଛି। ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅଢ଼ଙ୍ଗା ମଲ୍ଲିକେଶପୁର ହାଇସ୍କୁଲ, ଗରଦପୁର ବ୍ଲକର ସମସରା ପ୍ରାଇମେରୀ ସ୍କୁଲ, ମାର୍ଶାଘାଇ ବ୍ଲକର ଈଶାନେଶ୍ୱର ହାଇସ୍କୁଲ, କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ କେନ୍ଦ୍ରାପଡ଼ା ବ୍ଲକର ଇନ୍ଦୁପୁର ହାଇସ୍କୁଲ, ମ୍ୟୁନିସିପାଲିଟିରେ ବଣିଆମାଳ ପ୍ରାଇମେରୀ ସ୍କୁଲ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଧୀନ ବେଲତଳ ନୋଡାଲ ୟୁପି ସ୍କୁଲ, ରାଜନଗର ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗରାମପୁର ଗ୍ରାମର ଏସ୍‌ପି ନୋଡାଲ ୟୁପି ସ୍କୁଲ, ରାଜନଗର ବ୍ଲକର ଚକିବାଙ୍କ ପ୍ରାଇମେରୀ ସ୍କୁଲ, ଆଳି ନିର୍ବାଚନମଣ୍ଡଳୀର ମାଳପାଟଣା ୟୁଜିୟୁପି ସ୍କୁଲ, ରାଜକନିକା ବ୍ଲକ ଦେଉଳତରା ପାଟଣା ୟୁଜିୟୁପି ନୋଡାଲ ସ୍କୁଲ ଓ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଜୟଚନ୍ଦ୍ରପୁର ୟୁପି ସ୍କୁଲରେ ଏହି ମଡେଲ ବୁଥ ହେବ। ଏଥିସହ ଜିଲାପାଳ ଶତପଥୀ ସୂଚନା ଦେଇଛନ୍ତି, ଦୃଷ୍ଟିବାଧିତ, ଚଳନବାଧିତ ଓ ମାନସିକ ଭିନ୍ନକ୍ଷମ ମତଦାତାଙ୍କୁ ବୁଥ୍‌ରେ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ଗାଡି ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ବୁଥ୍‌ରେ ର୍‍ୟାମ୍ପ ବ୍ୟବସ୍ଥା ସହ ହ୍ୱିଲ ଚେୟାର ରଖାଯିବ। ଏଥିସହ ଭିନ୍ନକ୍ଷମ ଭୋଟରଙ୍କ ନିମନ୍ତେ ତତ୍‌କ୍ଷଣାତ ମତଦାନ ବ୍ୟବସ୍ଥା ପାଇଁ ଜିଲାର ୧୪୩୮ ବୁଥରେ ଦୁଇଜଣ ଲେଖା ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ବ୍ରେଲି ନିର୍ମିତ ବାଲାଟ ପେପର ବ୍ୟବସ୍ଥା ହୋଇଥିବା ବେଳେ ବିଶ୍ରାମସ୍ଥଳୀ ଓ ସବୁ ବୁଥ୍‌ରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୯ ତାରିଖରେ ମତ ଦାନ ଅନୁଷ୍ଠିତ ହେବ । ଏହି ସଚେତନତା ରଥ ଉଦ୍‌ଘାଟନ ସମୟରେ ଏଡିଏମ୍ ବସନ୍ତ କୁମାର ରାଉତ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ଜିଲା ଭିନ୍ନକ୍ଷମ ସୁରକ୍ଷା ଓ ସଶକ୍ତୀକରଣ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।


ଜିଲାପାଳ ଦାଶରଥି ଶତପଥୀ ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

## ବିଜେଡି ପ୍ରଚାରକୁ ରୋକୁଛି ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ

**କେନ୍ଦ୍ରାପଡା ଅଫିସ, ୧୧।୪**

ଚଳିତ ନିର୍ବାଚନ ପ୍ରକ୍ରିୟାରେ ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ସରିଛି। ବିଜେଡିର ସମସ୍ତ ପ୍ରାର୍ଥୀଙ୍କର ନାମାଙ୍କନ ପତ୍ର କାଏମ ରହିଛି। ତେବେ ବିଜେଡିର ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁ ଏଠାରେ ପ୍ରଚାର ଧିମେଇ ଯାଇଥିବା ଦେଖାଯାଉଛି। ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ମଙ୍ଗଳବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। କିନ୍ତୁ ବୁଧବାର ଭୁବନେଶ୍ୱର ନବୀନ ନିବାସରେ ସିପ୍ରା ମଲ୍ଲିକ ଓ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ସହ ବିଜେଡି ସୁପ୍ରିମୋ ଆଲୋଚନା କରିବା ପରେ ସେମାନେ କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ଶଶିଭୂଷଣ ବେହେରାଙ୍କ ପାଇଁ କାର୍ଯ୍ୟ କରିବେ ବୋଲି ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏପରିକି ସିପ୍ରା ମଲ୍ଲିକ ଗୁରୁବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ମାତ୍ର ଏହି ସମାଧାନ ନିଷ୍ପତ୍ତିକୁ ସେମାନେ କେତେ ଗ୍ରହଣ କରିଛନ୍ତି, ତାହା ନିର୍ବାଚନ ମଇଦାନରେ ଦେଖିବାକୁ ମିଳିବ ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।

ସେହିପରି ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଅଞ୍ଚଳର ଉନ୍ନତିରେ ବିଧାୟକ ବେଦପ୍ରକାଶ ଅଗ୍ରୱାଲ ବାଧକ ସାଜୁଥିବା ଦର୍ଶାଇ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ବୁଧବାର ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ୩୦ରୁ ଉର୍ଦ୍ଧ୍ୱ ଲୋକ ପ୍ରତିନିଧି ଓ ୫୦୦ରୁ ଉର୍ଦ୍ଧ୍ୱ କର୍ମୀଙ୍କ ସହ ସେ ଭାଜପାରେ ଯୋଗ ଦେଇଥିବାରୁ ବିଜେଡି ପ୍ରାର୍ଥୀଙ୍କ ପାଇଁ ଏହା ଭାରି ପଡିବ ବୋଲି ଆଲୋଚନା ଆରମ୍ଭ ହୋଇଯାଇଛି। ରାଜନଗରରେ ଅଦ୍ୟାବଧି ଅସନ୍ତୁଷ୍ଟ ନେତା କୃତ୍ତିବାସ ପାତ୍ର, ନିଶିକାନ୍ତ ସାହୁ ଓ ତାଙ୍କ ସମର୍ଥକଙ୍କୁ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ ଯୋଗାଇଦେବା ପାଇଁ କୌଣସି ବୁଝାମଣା ହୋଇନାହିଁ। ଏ ସମ୍ପର୍କରେ ଜିଲା ସଭାପତି ତଥା ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବଚରଣ ସାହୁ କୁହନ୍ତି, ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ଆଦୌ ନାହିଁ। ସମସ୍ତ ନେତା ଓ କର୍ମୀ ବିଜେଡିକୁ ଜିତାଇବା ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି। ବିଜୁବାବୁଙ୍କ ଏହି କର୍ମସ୍ଥଳୀ ପୂର୍ବପରି ବିଜେଡି ଗଡ ହୋଇ ଉଭା ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ପୂର୍ବତନ ଭାଜପା ଜୋନ ସଭାପତି କଂଗ୍ରେସରେ ସାମିଲ

**ରାଜନଗର,୧୧।୪(ଡିଏନଏ)**

ରାଜନଗର ବ୍ଲକ ୩୧ ନଂ ଜୋନର ପୂର୍ବତନ ସଭାପତି ଦେବଦତ୍ତ ରାଉଳ ଗୁରୁବାର ଭାଜପାରୁ ଇସ୍ତଫା ଦେବା ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ବ୍ଲକର ହଂସିଣାଠାରେ ଆୟୋଜିତ କଂଗ୍ରେସ କର୍ମୀ ସମ୍ମିଳନୀରେ ଦେବଦତ୍ତ କଂଗ୍ରେସରେ ମିଶିଥିଲେ। ଏହି ଅବସରରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି , ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଜ୍ଞାନଦେବ ବେଉରା , ବରିଷ୍ଠ କଂଗ୍ରେସ ନେତା ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ଅରୁଣ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଦେବଦତ୍ତ, ଜ୍ଞାନଦେବଙ୍କ ଅନୁଗତ ଭାବେ ଜଣାଶୁଣା। ଗତମାସ ୮ ତାରିଖରେ ଜ୍ଞାନଦେବ ଭାଜପା ଛାଡି କଂଗ୍ରେସରେ ସାମିଲ ହୋଇଥିଲେ।


ସମ୍ମିଳନୀରେ ବିଧାୟକ ଅଂଶୁମାନ ଓ ଅନ୍ୟମାନଙ୍କ ଗହଣରେ ଦେବଦତ୍ତ।

## ଓକିଲପାଳବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

**ରାଜନଗର,୧୧।୪(ଡିଏନଏ)**

**ରାଜନଗର ବ୍ଲକ**

ସାଧାରଣ ନିର୍ବାଚନରେ ମତଦାନ କରିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖା ଦେଉଥିବା ବେଳେ ରାଜନଗର ବ୍ଲକର ଓକିଲପାଳବାସୀ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନର ସୁନେଇ ରୂପେଇ ସଂରକ୍ଷିତ ଜଙ୍ଗଲ ସୀମାରେ ଓକିଲପାଳ ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ୨୭୦ ପରିବାର ବସବାସ କରନ୍ତି। ଦୀର୍ଘ ବର୍ଷ ଧରି ଓକିଲପାଳବାସୀ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ସହିତ ସ୍ଥାୟୀ ଚାଷଜମି ପଟ୍ଟା ଏବଂ ଘରବାରି ପଟ୍ଟା ଦେବାକୁ ଦାବି କରି ଆସୁଥିବା ବେଳେ ଏଯାଏଁ ସେମାନଙ୍କୁ ମିଳିନାହିଁ। ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଏହି ଗାଁର ଲୋକେ ହାରି ଗୁହାରି କରିଥିଲେ ମଧ୍ୟ ସେମାନଙ୍କ ଦାବିପତ୍ର ସରକାରୀ କଳର ଦସ୍ତାବିଜ ଭିତରେ ଚାପି ହୋଇ ରହିଛି। ବୁଧବାର ଓକିଲପାଳ ଗ୍ରାମର ମୁଖିଆ ବିଚିତ୍ର କୁମାର ଦାସଙ୍କ ସଭାପତିତ୍ୱରେ ଗାଁର ବାତ୍ୟା ଆଶ୍ରୟସ୍ଥଳୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ପରିବାରର ସଦସ୍ୟ ଯୋଗଦେଇଥିଲେ । ସ୍ଥାୟୀ ପଟ୍ଟା ଏବଂ ଗାଁକୁ ରାଜସ୍ୱ ଗ୍ରାମର ମାନ୍ୟତା ନ ମିଳିଲେ ଗ୍ରାମବାସୀ ଆସନ୍ତା ନିର୍ବାଚନରେ ଅଂଶଗ୍ରହଣ କରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଗତମାସରେ ଓକିଲପାଳବାସୀ ଭୋଟ ବର୍ଜନ ପାଇଁ ସ୍ଥାନୀୟ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ତେବେ ବୈଠକ ସଂପର୍କରେ ସୂଚନା ପାଇ ଜିଲାପାଳ ଏବଂ ଏସପିଙ୍କ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ରାଜନଗର ଆଇଆଇସି ତପନ କୁମାର ନାୟକ ଓକିଲପାଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଏନେଇ ଆଲୋଚନା କରିଥିଲେ। ସେମାନେ ଗ୍ରାମବାସୀଙ୍କ ମୌଳିକ ସମସ୍ୟାକୁ ହୃଦୟଙ୍ଗମ କରିବା ସହିତ ଦାବି ସଂପର୍କରେ ଜିଲାପାଳ ଏବଂ ଏସପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ୧୯୭୧ ମସିହାରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ ଯୋଗୁ ଉଚ୍ଚ ଜୁଆର ଉଠି ଉପକୂଳ ଅଞ୍ଚଳରେ ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି ହୋଇଥିଲା । ସମୁଦ୍ର ତଟବର୍ତ୍ତୀ ରାଜନଗର ଓ ମହାକାଳପଡା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ବହୁ ଲୋକ ଅକାଳରେ ମୃତ୍ୟୁବରଣ କରିଥିଲେ। ରାଜନଗର ବ୍ଲକ ଅଧୀନ ସାତଭାୟା ଅଞ୍ଚଳର ୫ଟି ଗାଁ ସମୁଦ୍ର ଗର୍ଭରେ ସମ୍ପୂର୍ଣ୍ଣ ଭାବେ ଲୀନ ହୋଇଥିଲା। ତେବେ ଭାଗ୍ୟ ଓ ଭଗବାନଙ୍କ ଦୟାରୁ ବଞ୍ଚି ଯାଇଥିବା ୨ଶହରୁ ଉର୍ଦ୍ଧ୍ୱ ପରିବାର ଓକିଲପାଳଠାରେ ନୂଆ ପରିଚୟ ନେଇ ବସବାସ କରି ଆସୁଛନ୍ତି। ସେବେଠାରୁ ନିର୍ବାଚନ ଆସିଲେ ନେତାମାନଙ୍କର ଓକିଲପାଳ ଗାଁରେ ଭିଡ ଜମେ। ଏଥର ଆମେ ଜିତିଲେ ତୁମ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯିବା ସହିତ ସ୍ଥାୟୀ ଜମିବାଡି ପଟ୍ଟା ଯୋଗାଇ ଦିଆଯିବ ବୋଲି କୁହନ୍ତି। ଭୋଟ ସରିବା ପରେ ନେତାମାନଙ୍କର ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୁଏ। ତେବେ ଏଥର ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବୁ ବୋଲି ରମେଶ ଚନ୍ଦ୍ର ଦାସ, କେଶବ ଚନ୍ଦ୍ର ଜେନା, ଅମର କୁମାର ସାମଲ, ସନ୍ତୋଷ କୁମାର ମଣ୍ଡଳ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

# ଆଇସିସି ବିଶ୍ୱକପ୍





ନିର୍ମଳ କୁମାର ମିଶ୍ର




**ବିଶ୍ୱକପ୍- ୨୦୧୯**

ତାରିଖ: ୩୦ ମେ- ୧୪ ଜୁଲାଇ
କ୍ରିକେଟ ଫର୍ମାଟ: ଦିନିକିଆ
ଟୁର୍ନାମେଣ୍ଟ ଫର୍ମାଟ: ରାଉଣ୍ଡ ରବିନ ଆଣ୍ଡ ନକ୍‌ଆଉଟ୍
ଆୟୋଜକ: ଇଂଲଣ୍ଡ ଆଣ୍ଡ ୱେଲ୍ସ
ଦଳ: ୧୦
ମ୍ୟାଚ୍ ସଂଖ୍ୟା: ୪୮

**ଅଂଶଗ୍ରହଣକାରୀ ଦେଶ**

ଆୟୋଜକ- ଇଂଲଣ୍ଡ
ଅଟୋମେଟିକ କ୍ୱାଲିଫିକେଶନ- ଅଷ୍ଟ୍ରେଲିଆ, ବାଂଲାଦେଶ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା
କ୍ୱାଲିଫାୟର- ଆଫ୍‌ଗାନିସ୍ତାନ, ୱେଷ୍ଟଇଣ୍ଡିଜ୍

**ଭେନ୍ୟୁ**

ଏଜବାଷ୍ଟନ (ବର୍ମିଂହାମ), ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ (ବ୍ରିଷ୍ଟଲ), ସୋଫିଆ ଗାର୍ଡେନ୍ସ (କାର୍ଡିଫ୍), ରିଭରସାଇଡ୍ ଗ୍ରାଉଣ୍ଡ (ଚେଷ୍ଟର- ଲି- ଷ୍ଟ୍ରିଟ୍), ହେଡିଙ୍ଗଲି (ଲିଡ୍ସ), ଲର୍ଡ୍ସ (ଲଣ୍ଡନ), ଦି ଓଭାଲ (ଲଣ୍ଡନ), ଓଲ୍ଡ ଟ୍ରାଫୋର୍ଡ (ମାଞ୍ଚେଷ୍ଟର), ଟ୍ରେଣ୍ଟ ବ୍ରିଜ୍ (ନଟିଂହାମ), ରୋଜ ବାଓଲ୍ (ସାଉଥାମ୍ପଟନ୍), କାଉଣ୍ଟି ଗ୍ରାଉଣ୍ଡ (ଟନ୍‌ଟନ)

**ମେ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପର ଦ୍ୱାଦଶ ସଂସ୍କରଣ। ଇଂଲଣ୍ଡରେ ଆୟୋଜନ ହେବାକୁ ଥିବା କ୍ରିକେଟର ଏହି ସର୍ବବୃହତ୍ ଇଭେଣ୍ଟ ଜୁଲାଇ ୧୪ ତାରିଖରେ ଶେଷ ହେବ। ଆୟୋଜକ ଇଂଲଣ୍ଡ ଓ ଭାରତ ସହ ମୋଟ ୧୦ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ। ରାଉଣ୍ଡ ରବିନ ଓ ନକ୍‌ଆଉଟ ଫର୍ମାଟରେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ। ଭାରତ ସମେତ ଇଂଲଣ୍ଡ ଏହି ବିଶ୍ୱକପ୍‌ର ହଟ୍ ଫେଭରାଇଟ ବିବେଚିତ ହେଉଛନ୍ତି। ଜୁନ୍ ୫ ତାରିଖରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ୧୬ ତାରିଖରେ ମାଞ୍ଚେଷ୍ଟରରେ ଭାରତ- ପାକିସ୍ତାନ ହାଇଭୋଲ୍ଟେଜ ମ୍ୟାଚ୍ ଖେଳାଯିବ...**

ଇଂଲଣ୍ଡ ଓ ୱେଲସ୍ କ୍ରିକେଟ ବୋର୍ଡକୁ ୨୦୧୯ କ୍ରିକେଟ୍ ବିଶ୍ୱକପ୍ ଆୟୋଜନ ଅଧିକାର ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପ୍ରଦାନ କରିଛି। ଏଥି ସହିତ ୧୯୯୯ ପରେ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି ଆଇସିସିର ଏହି ସମ୍ମାନଜନକ ସର୍ବବୃହତ୍ ମର୍ଯ୍ୟାଦାସମ୍ପନ୍ନ ଟୁର୍ନାମେଣ୍ଟ। ଏହା ପୂର୍ବରୁ ଇଂଲଣ୍ଡ ୧୯୭୫, ୧୯୭୯, ୧୯୮୩ ଏବଂ ୧୯୯୯ ଦିନିକିଆ ବିଶ୍ୱକପ୍ ଆୟୋଜନ କରିଥିଲା। ୧୦ଟି ଦଳକୁ ନେଇ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ୨୦୧୯ ମେ ୩୦ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୪ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏହି ମେଗା ଟୁର୍ନାମେଣ୍ଟ ପାଇଁ ବ୍ୟାପକ ପ୍ରସ୍ତୁତି ହେବା ସହିତ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ବର୍ତ୍ତମାନ ଆମ ଦେଶରେ ଚାଲିଥିବା ଆଇପିଏଲ୍ ଯୋଗୁଁ ଯଦିଓ କ୍ରୀଡ଼ାପ୍ରେମୀମାନେ ଏହାର ପ୍ରକୃତ ରୂପରେଖ ବିଷୟରେ ବିଶେଷ ଭାବେ ଅବଗତ ନୁହନ୍ତି। ତେବେ ଅନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକଠାରେ ଏହି ମେଗାଇଭେଣ୍ଟର ପ୍ରସ୍ତୁତି ପାଇଁ ଏବେଠାରୁ ଉଷ୍ମତା ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ଏପ୍ରିଲ୍ ୨୦୦୬ ଏବଂ ୨୦୧୫ରେ ଅନୁଷ୍ଠିତ ହୋଇଥିବା ବିଶ୍ୱକପ୍ ବିଡିଂରୁ ଶେଷ ମୁହୂର୍ତ୍ତରେ ଇଂଲଣ୍ଡ ଏବଂ ୱେଲସ୍ ବୋର୍ଡ ଓହରି ଯାଇଥିବାରୁ ଶେଷରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ପଞ୍ଚମଥର ପାଇଁ ଏକଦିବସୀୟ ଆଇସିସି ବିଶ୍ୱକପ୍ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ ଓଭାଲ ଗ୍ରାଉଣ୍ଡରେ ଆୟୋଜନ ହେବ। ଫାଇନାଲ ମ୍ୟାଚ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି।

ଏହି ମେଗା ଟୁର୍ନାମେଣ୍ଟରେ ଭାଗନେଉଥିବା ୧୦ଟି ଦଳ ଗୋଟିଏ ଗ୍ରୁପରେ ରହୁଥିବା ବେଳେ ପ୍ରତ୍ୟେକ ଦଳ ଅନ୍ୟ ୯ଟି ଟିମ୍ ସହିତ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ରାଉଣ୍ଡ ରବିନ୍ ଏବଂ ନକଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଗ୍ରୁପ ପର୍ଯ୍ୟାୟରୁ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିବେ ଏବଂ ସେମିଫାଇନାଲରେ ବିଜୟୀ ଦଳ ପରସ୍ପର ସହିତ ଫାଇନାଲରେ ମୁକାବିଲା କରିବେ। ମୋଟ ୧୨ଟି ଭେନ୍ୟୁରେ ୪୮ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। କୋଲକାତାଠାରେ ଏପ୍ରିଲ୍ ୨୬ ତାରିଖରେ ଅନୁଷ୍ଠିତ ଆଇସିସି ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ଓଲ୍ଡ ଟ୍ରାଫୋର୍ଡ ଏବଂ ଏଜବାଷ୍ଟନଠାରେ ଦୁଇଟି ସେମିଫାଇନାଲ ଓ ଲର୍ଡସ୍‌ଠାରେ ଫାଇନାଲ ଖେଳାଯିବା କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ୧୨ଟି ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଲଣ୍ଡନ ଷ୍ଟାଡିୟମକୁ ନୂତନ ଭେନ୍ୟୁ ରୂପେ ଏଥିରେ ସାମିଲ କରାଯାଇଛି ଯାହାକି ପ୍ରଥମରୁ ଭେନ୍ୟୁ ତାଲିକାରେ ସ୍ଥାନ ପାଇନଥିଲା। ଅନ୍ୟ ଷ୍ଟାଡିୟମଗୁଡିକ ହେଲା ଲର୍ଡ୍ସ, ଏଜବାଷ୍ଟନ, ରୋଜ ବାଉଲ୍, ଦି ଓଭାଲ, ଓଲ୍ଡ ଟ୍ରାଫର୍ଡ, ରିଭରସାଇଡ୍ ଗ୍ରାଉଣ୍ଡ, ହେଡିଙ୍ଗଲେ, ଟ୍ରେଣ୍ଟ ବ୍ରିଜ, କଣ୍ଟ୍ରି କ୍ରିକେଟ୍ ଗ୍ରାଉଣ୍ଡ, ସୋଫିଆ ଗାର୍ଡେନ।

ଏହି ବିଶ୍ୱକପ୍‌ରେ ଆଇସିସିର ୧୦ଟି ଟେଷ୍ଟମ୍ୟାଚ୍ ଖେଳୁଥିବା ଦେଶ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ବର୍ତ୍ତମାନ ଟେଷ୍ଟ ଖେଳୁଥିବା ଦେଶ ୧୦ରୁ ୧୨କୁ ବୃଦ୍ଧି ପାଇଛି। ଅନ୍ୟ ଦୁଇ ଆସୋସିଏଟ୍ ମେମ୍ବର ଦେଶ ସ୍କଟଲାଣ୍ଡ ଏବଂ ୟୁନାଇଟେଡ୍ ଆରବ ଏମିରେଟସ୍ (ୟୁଏଇ) ସୁଯୋଗରୁ ବଞ୍ଚିତ ହେବା ଯୋଗୁଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୧ ଏବଂ ୨୦୧୫ରେ ଆୟୋଜିତ ବିଶ୍ୱକପ୍‌ରେ ୧୪ଟି ଦେଶ ଭାଗନେଇଥିଲେ। ଏହି ଦ୍ୱାଦଶ ସଂସ୍କରଣରେ ଆଇସିସିର କେତୋଟି ଆସୋସିଏଟ୍ ଏବଂ ଆଫିଲିଏଟ୍ ମେମ୍ବର୍ସ ଦେଶଗୁଡିକ ଭାଗନେବାରୁ ବଞ୍ଚିତ ହୋଇଛନ୍ତି। ଆୟୋଜକ ଇଂଲଣ୍ଡ ସହିତ ଆଇସିସି ଏକଦିବସୀୟ ର୍‍ୟାଙ୍କିଙ୍ଗ ୩୦ ସେପ୍ଟେମ୍ବର ୨୦୧୭ ଆଧାରରେ ଶ୍ରେଷ୍ଠ ୭ଟି ଦେଶ ଏବଂ ୨୦୧୮ରେ ଅନୁଷ୍ଠିତ ବିଶ୍ୱକପ୍‌ର କ୍ୱାଲିଫାୟର ଦେଶ ଭାଗ ନେବେ।

କ୍ୱାଲିଫାୟର ମ୍ୟାଚ ପାଇଁ ଆୟରଲାଣ୍ଡ ଏବଂ ଆଫଗାନିସ୍ଥାନ ଯେଉଁମାନେ ନୂତନ ଟେଷ୍ଟ ପ୍ଲେଇଙ୍ଗ୍ ଦେଶ ରୂପେ ଆଇସିସିର ପୂର୍ଣ୍ଣ ସଦସ୍ୟତା ପାଇଛନ୍ତି ଏବଂ ଆଇସିସି ଏକଦିବସୀୟ ର୍‍ୟାଙ୍କିଙ୍ଗ୍‌ରେ ଭଲ ସ୍ଥାନରେ ରହିଛନ୍ତି ସେମାନଙ୍କୁ ଏହି କ୍ୱାଲିଫାୟର ମ୍ୟାଚ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ପଡିବ। ଯଦିଓ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଆଫଗାନିସ୍ଥାନ ୱେଷ୍ଟଇଣ୍ଡିଜକୁ ହରାଇ ଚାମ୍ପିୟନ ହୋଇଛି। ଏହି ଦୁଇ ଦେଶ ବାଂଲାଦେଶଠାରେ ଗତ ମାର୍ଚ୍ଚ ୨୦୧୮ରେ ଖେଳାଯାଇଥିବା କ୍ୱାଲିଫିକେସନ୍ ଟୁର୍ନାମେଣ୍ଟରେ ସ୍ଥାନ ପାଇଥିଲେ। ଅନ୍ୟତମ ଟେଷ୍ଟ ଖେଳୁଥିବା ଦେଶ ଜିମ୍ବାୱେ ୧୯୮୩ ପରଠାରୁ ପ୍ରଥମ ଥର ପାଇଁ ଏହି ବିଶ୍ୱକପ୍‌ରେ ଭାଗ ନେଇପାରିବ ନାହିଁ। ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଦେଶଗୁଡିକ ହେଲେ- ଇଂଲଣ୍ଡ, ଅଷ୍ଟ୍ରେଲିଆ, ବାଂଲଦେଶ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆଫଗାନିସ୍ଥାନ ଏବଂ ୱେଷ୍ଟଇଣ୍ଡିଜ।

୨୦୧୫ ଆଇସିସି ଏକଦିବସୀୟ ବିଶ୍ୱକପ୍ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୪ଟି ଦଳ ଭାଗନେଇଥିଲେ। ମୋଟ ଉପରେ ଏହି ମେଗା ଇଭେଣ୍ଟରେ ୪୯ଟି ମ୍ୟାଚ ଖେଳାଯାଇଥିଲା। ଆୟୋଜକ ଅଷ୍ଟ୍ରେଲିଆ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଏହା ଫେବୃୟାରୀ ୧୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଅଷ୍ଟ୍ରେଲିଆରେ ୨୬ଟି ଓ ନ୍ୟୁଜିଲାଣ୍ଡରେ ୨୩ଟି ମ୍ୟାଚ ଖେଳାଯାଇଥିଲା। ଅନ୍ୟ ସଂସ୍କରଣ ଅପେକ୍ଷା ଏଥର ବିଶ୍ୱକପ୍ ଫର୍ମାଟ ଅଧିକ ସହଜ କରାଯିବା ସଙ୍ଗେ ସଙ୍ଗେ କମ୍ ସମୟ ମଧ୍ୟରେ ସାରିବା ପାଇଁ ଆଇସିସି ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ମେ ୨୦୧୯ରେ ଇଂଲଣ୍ଡ ଏବଂ ସାଉଥ୍ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଭାରତ ତା’ର ପ୍ରଥମ ମ୍ୟାଚ ଜୁନ୍ ୫ ତାରିଖ ସାଉଥ୍ ଆଫ୍ରିକା ସହିତ ଖେଳିବ। ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଜୁନ ୧୬ ତାରିଖରେ ଭେଟିବ।

ବିଶ୍ୱକପ୍‌ର ଏହି ଦ୍ୱାଦଶ ସଂସ୍କରଣରେ ଭାରତ ତା’ର ପ୍ରଦର୍ଶନ ମାଧ୍ୟମରେ କ୍ରିକେଟ୍ ପ୍ରେମୀମାନଙ୍କର ଫେଭରାଇଟ୍ ରହିଥିବା ବେଳେ ସାଉଥ୍ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟ ଦୃଢ ଦାବିଦାର ରହିଛନ୍ତି। ଅଷ୍ଟ୍ରେଲିଆ ଦଳକୁ ଷ୍ଟିଭ ସ୍ମିଥ ଏବଂ ଡେଭିଡ ୱାର୍ନର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ଅଷ୍ଟ୍ରେଲିଆ ନିଶ୍ଚିତ ଅଧିକ ଶକ୍ତିଶାଳୀ ହେବ। ଟୁର୍ନାମେଣ୍ଟର କାଉଣ୍ଟଡାଉନ ଆରମ୍ଭ ହେବା ସହିତ ବିବାଦ ଆରମ୍ଭ ହୋଇଯାଇଛି। ଟୁର୍ନାମେଣ୍ଟକୁ ଅଧିକ କାଟଛାଣ୍ଟ କରି ଅଳ୍ପଦିନରେ ସାରିବାକୁ ଚାହିଁଥିବା ଆଇସିସି ଏଥିପାଇଁ ବେଶ୍ ସମାଲୋଚିତ ହୋଇଛି। ଫଳରେ ଆସୋସିଏଟସ୍ ମେମ୍ବରମାନଙ୍କଠାରୁ ଆଇସିସିକୁ କଡା ସମାଲୋଚନା କରାଯାଇଛି। ଲଣ୍ଡନ ଷ୍ଟାଡିୟମ ଆଇସିସିର ଟୁର କାର୍ଯ୍ୟ ତାଲିକାରେ ପ୍ରଥମେ ନ ଥିଲା। ପରବର୍ତ୍ତୀ ଅବସ୍ଥାରେ ଏହାକୁ ସାମିଲ କରାଯାଇଛି। ଏହାକୁ ମଧ୍ୟ ବିରୋଧ କରାଯାଇଅଛି। କାରଣ ଆଇସିସି ନିୟମ ଅନୁସାରେ ଷ୍ଟାଡିୟମର ବାଉଣ୍ଡାରି ଅତି ଛୋଟ ରହିଛି।

ଆଇପିଏଲ୍‌ର ୨୦୧୯ ସଂସ୍କରଣ ମାର୍ଚ୍ଚ ୧୧ତାରିଖରେ ଆରମ୍ଭ ହୋଇ ମେ ୧୯ତାରିଖରେ ଶେଷ ହେବ। ଅନ୍ୟପକ୍ଷରେ ମେ ୩୦ ତାରିଖରେ ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଫଳସ୍ୱରୂପ ଲୋଧା କମିଟି ସୁପାରିସ୍ ଅନୁସାରେ ୧୫ ଦିନ ବ୍ୟବଧାନ ପରେ ଭାରତ ମେ ୫ତାରିଖରୁ ତା’ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଭାରତ ତା’ର ପ୍ରଥମ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। କ୍ରିକେଟ୍‌ପ୍ରେମୀଙ୍କ ମନରେ ଉତ୍ସାହ ଏବଂ ଉଦ୍ଦିପନା ଭରିଦେବା ପାଇଁ ସମସ୍ତ ମେଗା ଟୁର୍ନାମେଣ୍ଟରେ ଭାରତ ସହ ପାକିସ୍ତାନର ମ୍ୟାଚ ଆରମ୍ଭ ହୋଇଥାଏ। ପୂର୍ବରୁ ୨୦୧୫ ବିଶ୍ୱକପ୍ (ଅଷ୍ଟ୍ରେଲିଆ) ଏବଂ ୨୦୧୭ ଚାମ୍ପିୟନ୍ସ ଟ୍ରଫି (ଇଂଲଣ୍ଡ) ରେ ଭାରତ ଏବଂ ପାକିସ୍ତାନ ପ୍ରଥମେ ମୁହାଁମୁହିଁ ହୋଇଥିଲେ। ଏଥର ଗ୍ରୁପ୍ ପର୍ଯ୍ୟାୟ ବ୍ୟବସ୍ଥାକୁ ଏଡାଇ ଦିଆଯାଇଛି। ଅଧିକ ଟିମକୁ ସୁଯୋଗ ନ ମିଳିବା ଫଳରେ ଆସୋସିଏଟ୍ ମେମ୍ବର୍ସ ଦେଶଗୁଡିକ ଏବେଠାରୁ ଆଇସିସି ଉପରେ ଚାପ ପକାଇଛନ୍ତି। ଆଇପିଏଲର ଦୀର୍ଘ କ୍ୟାଲେଣ୍ଡର ଅନ୍ତର୍ଜାତୀୟ କ୍ରିକେଟ୍‌ର ଦ୍ୱିପାକ୍ଷିକ ସିରିଜ୍‌କୁ ପ୍ରଭାବିତ କରିଛି ବୋଲି ଅଭିଯୋଗ କରିବା ଆଇସିସି ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି। ଆଉ ଏକ ସଫଳ ଏକଦିବସୀୟ ବିଶ୍ୱକପ୍ ଆୟୋଜନ କରିବା ପାଇଁ ଆଇସିସି ତରଫରୁ ତତ୍ପରତା ପ୍ରକାଶ ପାଇଛି। କ୍ରିକେଟ୍‌ପ୍ରେମୀମାନେ ଏପରି ଏକ ମେଗା ଟୁର୍ନାମେଣ୍ଟକୁ ଅତି ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଛନ୍ତି। ବର୍ତ୍ତମାନ ଅନେକ ଦ୍ୱିପାକ୍ଷିକ ସିରିଜ ଖେଳାଯାଉଛି। ସମସ୍ତ ଦେଶର କ୍ରିକେଟ୍ ବୋର୍ଡମାନେ ଏକଦିବସୀୟ ଏବଂ ଟି୨୦ ମ୍ୟାଚ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ବୋର୍ଡ ସେମାନଙ୍କ ଷ୍ଟାର ଖେଳାଳିମାନଙ୍କୁ ଆଘାତଜନିତ ସମସ୍ୟା ଠାରୁ ଦୂରେଇ ରଖିବା ପାଇଁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ଲିଗ୍ ଆଇପିଏଲ ପରେ ପରେ ଏହି ବିଶ୍ୱକପ୍ ଆରମ୍ଭ ହେଉଥିବାରୁ କ୍ରିକେଟ୍‌ପ୍ରେମୀ ବେଶ୍ ଉତ୍ସାହିତ ଅଛନ୍ତି। ଇଂଲଣ୍ଡର ପରିବେଶରେ ଆଉ ଏକ ରୋମାଞ୍ଚକ ଏକଦିବସୀୟ ବିଶ୍ୱକପ୍ ଜିତିବା ପାଇଁ ସମସ୍ତ ଆଇସିସି ମାନ୍ୟତାରେ ଥିବା ଶ୍ରେଷ୍ଠ ଦଳଗୁଡିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଏହି ବିଶ୍ୱକପ ଅବସରରେ ବହୁ ରୋମାଞ୍ଚକର ମ୍ୟାଚ ହେବା ସହିତ ଅନେକ ନୂତନ କୀର୍ତ୍ତିମାନ ସ୍ଥାପନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

# ଲିନ୍ ଡାନ୍ : ପ୍ରତୀକ୍ଷା ଶେଷ



ରୁଦ୍ର ପ୍ରସନ୍ନ ରଥ



ସେ ହେଉଛନ୍ତି ପାଞ୍ଚଥରର ବିଶ୍ୱ ଚାମ୍ପିୟନ। ମାତ୍ର ଗତ ଦୁଇବର୍ଷଧରି ତାଙ୍କ ଖେଳ ଦେଖିଲେ ଲାଗୁଥିଲା ଯେପରି ସେ ନିଜର ଫର୍ମ ହରାଇଛନ୍ତି। ଜିତିବାର କୌଶଳ ଭୁଲିଯାଇଛନ୍ତି। ଯେଉଁ ଯାଦୁକରୀ ଏବଂ ପ୍ରଭାବୀ ପ୍ରଦର୍ଶନ ବଳରେ ସେ ବିଶ୍ୱ ବ୍ୟାଡମିଣ୍ଟନରେ ନିଜର ସ୍ୱକୀୟ ପରିଚୟ ଛାଡି ଚାଲିଥିଲେ ବୋଧହୁଏ ସେ କଳାକୁ କେହି ହରଣ କରିନେଇଛି। ଗତ ଦୁଇବର୍ଷ ହେଲା ତାଙ୍କ ପାଖରେ ସେମିତି ଦେଖାଇବା ପରି କିଛି ପ୍ରଦର୍ଶନ ନଥିଲା। ସମାଲୋଚକଙ୍କ ମତରେ ତ ଲିନ୍ ଡାନଙ୍କ କ୍ୟାରିୟରର ଦୀପ ପ୍ରାୟ ଲିଭି ଆସୁଥିଲା। ୨୦୧୯ ର ଆରମ୍ଭ ବି ସେମିତି କିଛି ଖାସ୍ ନଥିଲା। ବର୍ଷର ପ୍ରଥମ ତିନିମାସ ମଧ୍ୟରେ ଖେଳାଯାଇଥିବା ଇଣ୍ଡୋନେସିଆ, ଜର୍ମାନୀ ଏବଂ ଅଲ ଇଂଲଣ୍ଡ ଓପନର ପ୍ରଥମ କେଇ ରାଉଣ୍ଡରୁ ବାଦ୍ ପଡୁଥିଲେ ସେ। ଯେଉଁ ଲିନ୍ ଡାନଙ୍କୁ ଦୁନିଆ ବ୍ୟାଡମିଣ୍ଟନ କୋର୍ଟରେ ସମ୍ମାନ ଦେଉଥିଲେ ତାଙ୍କ ପ୍ରଦର୍ଶନ ସେହି ତୁଳନାରେ କେବଳ ଛାୟାମାତ୍ର ଥିଲା। ଏହି ଚାଇନା ଯୋଦ୍ଧାଙ୍କର ପ୍ରଦର୍ଶନ ଏତେ ତଳକୁ ଖସିଥିଲା ଯେ ଏବେ ତାଙ୍କର ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ୧୬କୁ ଖସି ଆସିଥିଲା। ବଡ ପ୍ରତିଯୋଗିତାରେ ସଫଳତା ନ ମିଳିଲେ ସେ ଖୁବ୍ ଶୀଘ୍ର କ୍ୟାରିୟରକୁ ଅଲବିଦା କହିପାରନ୍ତି ବୋଲି ଆଲୋଚନା ମଧ୍ୟ ହେଉଥିଲା। ମାତ୍ର ଏ ସବୁ ଆଲୋଚନାକୁ ଖାତିର ନକରି ସେ ଫିନିକ୍ସ ପକ୍ଷୀ ପରି ଝାଡିଝୁଡି ହୋଇ ଉଠିବସିଲେ। ଯେଉଁ କ୍ୟାରିୟରର ଗ୍ରାଫ ରସାତଳଗାମୀ ହୋଇ ଚାଲୁଥିଲା ତାକୁ ଗୋଟିଏ ଝଟ୍‌କାରେ ସେ ଉପରକୁ ଉଠାଇନେଲେ ମାଲେସିଆନ ଓପନ ଜିତିକରି। ୭୮ ମିନିଟର ଏହି ମ୍ୟାଚ୍‌ରେ ସେ ହରାଇଲେ ନିଜ ଦେଶର ଅନ୍ୟତମ ପ୍ରସିଦ୍ଧ ଖେଳାଳି ଚେନ୍ ଲଙ୍ଗ୍‌ଙ୍କୁ। ସେ ବି ପୁଣି ପ୍ରଥମ ଗେମରେ ହାରି। ଫାଇନାଲ ସ୍କୋର ଲାଇନ ଥିଲା ୯-୨୧, ୨୧-୭ ଆଉ ୨୧-୧୧। ଚେନଙ୍କ ବିପକ୍ଷରେ ଏହି ବିଜୟ କଷ୍ଟସାଧ୍ୟ ଥିଲା କାରଣ ଚେନ୍ ପୂରା ଫର୍ମରେ ଥିଲେ ଏବଂ ଏହି ପ୍ରତିଯୋଗିତାରେ ଚେନ୍ ନିଜ ପ୍ରତିପକ୍ଷ ଖେଳାଳିଙ୍କ ବିରୋଧରେ ସିଧାସଳଖ ଜିତି ଆସିଥିଲେ। ମାତ୍ର ଲିନ୍‌ଙ୍କର ବେଶ୍ ପ୍ରିୟ ନେଟ୍ ପାଖରେ ଖେଳ ଏବଂ ଫ୍ରଣ୍ଟକୋର୍ଟ ସ୍ମାଶ୍ ଆଗରେ ମୁଣ୍ଡ ନୁଆଁଇଥିଲେ ଚେନ୍। ଚେନ୍ ପ୍ରଥମ ସେଟ୍ ଜିତିକରି ଲିନ୍‌ଙ୍କ ଉପରେ ଚାପ ସୃଷ୍ଟି କରିଥିଲେ ବି ତାହା ଟୁର୍ନାମେଣ୍ଟ ଜିତିବା ପାଇଁ ପର୍ଯ୍ୟାପ୍ତ ନ ଥିଲା। ଲିନ ମାଲେସିଆରେ କିଛି ଅଲଗା କରି ଦେଖାଇବାକୁ ଚାହୁଁଥିଲେ ଏବଂ ୨୦୧୭ ରେ ମାଲେସିଆନ ଓପନ ଜିତିବା ପରେ ବିଶ୍ୱସ୍ତରରେ ଆଉ କୌଣସି ଚମତ୍କୃତ କଳାପରି ପ୍ରଦର୍ଶନ ଦେଇ ନ ଥିବା ଲିନ୍ ସତରେ ଏଥର ବିଜୟ ସହ ପ୍ରତ୍ୟାବର୍ତ୍ତନ ପାଇଁ ବେଶ୍ ବ୍ୟଗ୍ର ଥିଲେ। ଦୁଇଥର ଅଲିମ୍ପିକ୍ସ ଚାମ୍ପିୟନ ଏହି ମହାନ୍ ଖେଳାଳି ଜଣଙ୍କ ଏଥର କେବଳ ଜିତିବା ପାଇଁ ଚାହୁଁନଥିଲେ ବରଂ ୩୫ ବର୍ଷ ବୟସରେ ମଧ୍ୟ ତାଙ୍କ ପାଖରେ ଆହୁରି ଅନେକ ବ୍ୟାଡମିଣ୍ଟନ ବାକି ଅଛି ତାହା ଦେଖାଇବାକୁ ଚାହୁଁଥିଲେ। ଆଉ ସେଥିରେ ସେ ସଫଳ ହେଲେ ମଧ୍ୟ। ୪୯୦୦୦ ଡଲାର ପୁରସ୍କାର ଅର୍ଥରାଶି ସହ ଏହି ମାଲେସିଆନ୍ ଓପନ ଜିତିବା ସହ ତାଙ୍କର ଖରାପ ସମୟ ଶେଷ ହୋଇଯାଇଛି ବୋଲି ସେ ଘୋଷଣା କରିଥିଲେ। ଆଉ ଏ ପୁରସ୍କାର ସେ ଗ୍ରହଣ କରିଥିଲେ ନିଜ ମାଲେସୀୟ ପ୍ରତିପକ୍ଷ ଲି ଚୋଙ୍ଗ ୱିଙ୍ଗଠାରୁ ଯିଏ କି ନିଜ ନାକରେ କ୍ୟାନ୍‌ସର ପାଇଁ ଏବେ କିଛିଦିନ କୋର୍ଟରୁ ବାହାରେ ଅଛନ୍ତି। ଆଉ ଏହି ଲି ଚୋଙ୍ଗ ୱେଇଙ୍କୁ ହରାଇ ୨୦୧୭ରେ ଲିନ୍ ଡାନ ନିଜର ପ୍ରଥମ ଏବଂ ଏକମାତ୍ର ମାଲେସିଆନ ଓପନ ଟାଇଟଲ ଜିତିଥିଲେ। ବିଗତ ୧୫ ବର୍ଷ ମଧ୍ୟରେ ଅଣସିଡେଡ୍ ଖେଳାଳିମାନଙ୍କ ମଧ୍ୟରେ ପ୍ରଥମ ଖେଳାଳିଭାବେ ଏହି ପ୍ରତିଯୋଗିତା ଜିତିବାର ରେକର୍ଡ ମଧ୍ୟ ଲିନ୍ କରିଛନ୍ତି। ଲିନ୍ ଡାନ୍‌ଙ୍କର ଏହି ବିଜୟ ସାରା ବିଶ୍ୱରେ ପ୍ରମାଣିତ କରୁଛି ଯେ ଏବେବି ଲିନ, ଲି ଏବଂ ଲଙ୍ଗଙ୍କର କ୍ୟାରିୟର ଶେଷ ହୋଇନାହିଁ। ୨୦୨୦ ଜାପାନ ଅଲିମ୍ପିକ୍ସ ପାଇଁ ସମସ୍ତେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯାହା ଜଣା ପଡୁଛି ଏହି ତିନିଜଣ ହିଁ ସେଠାରେ ପୋଡିୟମ ଫିନିସ୍ କରିବେ। ତେବେ ଲିନ ତାଙ୍କ ମାଲେସିଆ ଓପନର ସଫଳତା ଆଗାମୀ ଦିନରେ ବଜାୟ ରଖିବା ପାଇଁ କେତେଦୂର ସମର୍ଥ ହେଉଛନ୍ତି ତାହା ଉପରେ ହିଁ ତାଙ୍କ କ୍ୟାରିୟରର ଭବିଷ୍ୟତ ନିର୍ଭର କରିବ।

## ଚାସ୍ନ

ପଞ୍ଜାବ ହାତରୁ ମ୍ୟାଚ୍ ଛଡାଇ
ପୋଲାର୍ଡ ପାୱାର ମ୍ୟାନ
ଏକତିରିଶ ବଲ୍‌ରୁ ଦଶ ଛକା ସହ
କଲା ତେୟାଅଶୀ ରନ
କାମଚଳା କ୍ୟାପଟେନ୍
ମୁମ୍ବାଇର ନାଆ ବୁଡିଗଲା ବେଳେ
ରଖିଲା ଦଳର ମାନ।।୧

ସର୍ବଭାରତୀୟ ଫୁଟବଲ ଫେଡେରେଶନ
ସଭାପତି ୱିସ୍ ଘେନ
ଫାଷ୍ଟ ଇଣ୍ଡିଆନ ଭାବେ ପାଇବାରୁ
ଫିଫା ପ୍ୟାନେଲରେ ସ୍ଥାନ
ପ୍ରଫୁଲ୍ଲ ପଟେଲ ପୁନଃ
ଚାନ୍ସ ପାଇ ଲେଡି ଫିଫା ୱାର୍ଲ୍ଡ କପ୍
କରିବ ସେ ଆୟୋଜନ।।୨

ୱାର୍ଲ୍ଡ କପ୍ କ୍ରିକେଟ ବିଗୁଲ ବାଜିଲାଣି
କିଏ କରେ ରଣନୀତି
ଆଉ କେଉଁ ଦଳ ବଛା ବଛା ଯୋଦ୍ଧା
ସିଲେକ୍‌ଶନ କରେ ନିତି
ଟିମ୍ ବାଘ ଅଛି ମାତି
ଏ ଚାନ୍ସ ନ ଛାଡ଼ି ୱାର୍ଲ୍ଡକପ୍ ଆଣ
ଟିମ ରଥୀ ମହାରଥୀ।।୩

-ସୁବାସ ଚନ୍ଦ୍ର ପ୍ରଧାନ



“ସମସ୍ତ ରଣପ୍ରଦାନକାରୀଙ୍କୁ ସେମାନଙ୍କ ବକେୟା ଫେରସ୍ତ କରାଯିବ। ଏସେଲ ଗ୍ରୁପ୍ କାହାର ଟଙ୍କାଟିଏ ରଖିବ ନାହିଁ ।

– ସୁଭାଷ ଚନ୍ଦ୍ରା, ଅଧ୍ୟକ୍ଷ, ଏସେଲ ଗ୍ରୁପ୍



“ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ ପାଶ୍ଚାତ୍ୟ ଦେଶ ବଦଳରେ ଅଣପାଶ୍ଚାତ୍ୟ ଦେଶ ହେବାକୁ ଯାଉଛି। ଏଣୁ ଆଗାମୀ ଦିନରେ ବର୍ତ୍ତମାନର ବହୁ ଚାକିରୀ ଅଦରକାରୀ ହୋଇଯିବ।

– ଲର୍ଡ ସ୍ୱରାଜ ପଲ୍, ଏନ୍ଆର୍ଆଇ ଶିଳ୍ପପତି

## ସଂକ୍ଷେପରେ

### ବ୍ୟାଙ୍କ ଏନ୍‌ପିଏକୁ ନେଇ ଆଇଏମ୍‌ଏଫ୍‌ର ପରାମର୍ଶ



**ନୂଆଦିଲ୍ଲୀ,୧୧-୪:** ଭାରତରେ ଅନାଦାୟ ଋଣ (ଏନ୍‌ପିଏ) ଏକ ବଡ଼ ସମସ୍ୟା ହୋଇ ରହିଛି। ଏହାକୁ ଦୃଷ୍ଟିରେ ରଖି ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଭାରତୀୟ ବ୍ୟାଙ୍କଗୁଡ଼ିକ ବିଶେଷ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପୁଞ୍ଜୀକରଣ ସ୍ତରକୁ ଅଧିକ ସୁଦୃଢ଼ କରିବାକୁ ପରାମର୍ଶ ଦେଇଛି। ଆଇଏମ୍‌ଏଫ୍‌ର ମୁଦ୍ରା ଏବଂ ପୁଞ୍ଜିବଜାର ବିଭାଗ ପ୍ରମୁଖ ଏନା ଇଲିୟାନା କହିଛନ୍ତି ଯେ, ଆର୍ଥିକ କ୍ଷେତ୍ର ଆକଳନ କାର୍ଯ୍ୟକ୍ରମ (ଏଫ୍‌ଏସ୍‌ଏପି)ର ସୁପାରିସ ଅନୁଯାୟୀ ଭାରତକୁ ବ୍ୟାଙ୍କଗୁଡ଼ିକର ପୁଞ୍ଜୀକରଣ ସ୍ତର ମଜଭୁତ କରିବାକୁ ହେବ। ଅନ୍ୟପକ୍ଷରେ ଆଇଏମ୍‌ଏଫ୍‌ର ମୁଦ୍ରା ଏବଂ ପୁଞ୍ଜିବଜାର ବିଭାଗ ନିର୍ଦ୍ଦେଶକ ତଥା ଆର୍ଥିକ ପରାମର୍ଶଦାତା ଟୋବିସ ଆଡ୍ରିୟନ କହିଛନ୍ତି ଯେ, ଭାରତରେ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ସ୍ତର ଅତ୍ୟଧିକ। ଏ କ୍ଷେତ୍ରରେ ଅନେକ ସୁଧାର ହୋଇଛି। ତେବେ ଭାରତ ପକ୍ଷରୁ ଏନ୍‌ପିଏ କମାଇବା ନେଇ ନିଆଯିବାକୁ ଥିବା ପଦକ୍ଷେପକୁ ଆଇଏମ୍‌ଏଫ୍ ସ୍ୱାଗତ କରିବ।

### କେୟାର୍ନ ଇଣ୍ଡିଆ ସିଇଓ, ସିଏଫ୍‌ଓଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୧-୪:** କେୟାର୍ନ ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ସୁଧୀର ମାଥୁର କମ୍ପାନୀରୁ ଇସ୍ତଫା ଦେଇଛନ୍ତି। ଶିଳ୍ପପତି ଅନିଲ ଅଗ୍ରୱାଲଙ୍କ ନେତୃତ୍ୱାଧୀନ ବେଦାନ୍ତ ଗ୍ରୁପ୍ ୭ ବର୍ଷ ପୂର୍ବେ କେୟାର୍ନକୁ ଅଧିଗ୍ରହଣ କରିଥିଲା, ଯାହା ପରେ ଇସ୍ତଫା ଦେବାରେ ସୁଧୀର ଚତୁର୍ଥ ସିଇଓ ହୋଇଛନ୍ତି। ଏହି ଘଟଣାକ୍ରମ ସହ ପରିଚିତ ଜଣେ ଅଧିକାରୀ କହିଛନ୍ତି ଯେ, ସୁଧୀରଙ୍କ ସମେତ କେୟାର୍ନ ଇଣ୍ଡିଆର ମୁଖ୍ୟ ଆର୍ଥିକ ଅଧିକାରୀ(ସିଏଫ୍‌ଓ) ପଙ୍କଜ କାଲରା ମଧ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ମାଥୁର ମାସକ ପୂର୍ବରୁ ଇସ୍ତଫା ଦେଇଥିଲେ, କିନ୍ତୁ ଏହାକୁ ଗତ ସପ୍ତାହରେ ସାର୍ବଜନୀନ କରାଯାଇଛି। ସେ ଏବେ ନୋଟିସ ପିରିୟଡରେ କାମ କରୁଛନ୍ତି, ଯାହାକି ମେ’ରେ ଶେଷ ହେବ। କିନ୍ତୁ ସେ ଚଳିତ ମାସ ଶେଷରେ କମ୍ପାନୀ ଛାଡ଼ି ପାରନ୍ତି ବୋଲି ଶୁଣାଯାଉଛି।

### ଶେୟାରଧାରୀଙ୍କୁ ମିଳିପାରେ ୧.୧୦ ଲକ୍ଷ କୋଟି ଲାଭାଂଶ

**ମୁମ୍ବାଇ,୧୧-୪:** ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ଶୀର୍ଷ ୫୦୦ କମ୍ପାନୀ ମଧ୍ୟରୁ ୭୫ଟି ଶେୟାରଧାରୀଙ୍କୁ ଲାଭାଂଶ ଅଥବା ପୁନଃଖରିଦ ଜରିଆରେ ୧.୧୦ ଲକ୍ଷ କୋଟି ଟଙ୍କା ଦେଇପାରେ। ପରାମର୍ଶ ଦେଉଥିବା କମ୍ପାନୀ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଆଡ୍‌ଭାଇଜରୀ ସର୍ଭିସେସ୍ ଇଣ୍ଡିଆ ୫୦୦ କମ୍ପାନୀଙ୍କ ଗତବର୍ଷର ଫଳାଫଳ ଅଧ୍ୟୟନ କରିବା ପରେ ପ୍ରସ୍ତୁତ ରିପୋର୍ଟରେ ଏହା କହିଛି। କମ୍ପାନୀ ପକ୍ଷରୁ ଗତବର୍ଷର ରିପୋର୍ଟରେ ୯୨ କମ୍ପାନୀଙ୍କୁ ଚିହ୍ନଟ କରାଯାଇଥିଲା, ଯିଏ କି ୩୪ ହଜାର କୋଟି ଟଙ୍କାର ଲାଭାଂଶ ଦେବାକୁ ସକ୍ଷମ ଥିଲେ।

# ଗୋୟଲଙ୍କ ଜେଟ୍ କବ୍‌ଜା ଅଭିଯାନ

**ନୂଆଦିଲ୍ଲୀ,୧୧-୪**



- ପିଏନ୍‌ବିରେ ବନ୍ଧା ପକାଇଲେ ୨୬% ଶେୟାର
- ଗୋୟଲଙ୍କୁ ମିଳିଛି ୫.୭୯ କୋଟି ଶେୟାର
- ସମସ୍ତ ଅନ୍ତର୍ଜାତୀୟ, ପୂର୍ବ-ଉତ୍ତରପୂର୍ବ ଭାରତର ଉଡ଼ାଣ ରଦ୍ଦ
- ମାତ୍ର ୧୪ ବିମାନ ଉଡ଼ୁଛି

ଜେଟ୍ ଏୟାରୱେଜର ଅଂଶଧନ କିଣି ଏହାକୁ କବ୍‌ଜା କରିବା ଲାଗି ପୂର୍ବତନ ଅଧ୍ୟକ୍ଷ ନରେଶ ଗୋୟଲ ଏବେ ଅଣ୍ଟା ଭିଡ଼ିଛନ୍ତି। ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଦାଖଲ କରିବା ଲାଗି ଶୁକ୍ରବାର ଶେଷ ଦିନ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ସେ ତାଙ୍କର ଆଗ୍ରହପତ୍ର ଦାଖଲ କରିବେ ବୋଲି ଆଶାକରାଯାଉଛି। ଇତିମଧ୍ୟରେ ଜେଟ୍ ଏୟାରୱେଜରେ ଥିବା ନିଜର ୨୬ ପ୍ରତିଶତ ଅଂଶଧନକୁ ଗୋୟଲ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ସେ ବନ୍ଧା ପକାଇଛନ୍ତି। ଏହା ଋଣ ଲାଗି ସୁରକ୍ଷା ଗ୍ୟାରେଣ୍ଟି କୁହାଯାଉଛି। ସୂଚନାଥାଉ କି, ଋଣ ସମାଧାନ ଯୋଜନା ଅଧୀନରେ ଗୋୟଲ ଓ ତାଙ୍କ ସ୍ତ୍ରୀ ଅନୀତା ଗୋୟଲ ଗତ ମାସରେ ଜେଟ୍ ଏୟାରୱେଜ ବୋର୍ଡରୁ ଇସ୍ତଫା ଦେଇଥିଲେ। ଗୁରୁବାର ଜେଟ୍ ଏୟାରୱେଜ ଶେୟାର ବଜାରକୁ ସୂଚନା ଦେଇ କହିଛି ଯେ, ଗୋୟଲ ପିଏନ୍‌ବି ନିକଟରେ ୨.୯୫ କୋଟି ଶେୟାର ଅର୍ଥାତ୍ ୨୬.୦୧ ପ୍ରତିଶତ ଅଂଶଧନକୁ ବନ୍ଧା ପକାଇଛନ୍ତି। ଗୁରୁବାର ଗୋୟଲଙ୍କୁ ୫.୭୯ କୋଟିରୁ ଅଧିକ ଶେୟାର ଜାରି କରାଯାଇଥିଲା। ଏହାକୁ କମ୍ପାନୀ ପକ୍ଷରୁ ବିକ୍ରି ହୋଇପାରିବନି ଶ୍ରେଣୀରେ ରଖାଯାଇଛି। ଜେଟ୍‌ର ନିଲାମୀ ନରେଶ ଗୋୟଲ, ଏଟିହାଦ ସମେତ ସମସ୍ତ ଆର୍ଥିକ ସଂସ୍ଥା, ଏୟାରଲାଇନ୍ସ ଅଂଶଗ୍ରହଣ କରିପାରିବେ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଗତ ମାସରେ କହିଥିଲେ। ଅନ୍ୟପକ୍ଷରେ ଗୁରୁବାର ସୁଦ୍ଧା ଜେଟ୍‌ର ମାତ୍ର ୧୪ ବିମାନ ଉଡ଼ାଣ ଭରୁଛି। ତେବେ ସରକାରଙ୍କ ନିୟମ ଅନୁଯାୟୀ ବିଦେଶରେ ଉଡ଼ାଣ ଭରିବାକୁ ହେଲେ କମ୍ପାନୀ ନିକଟରେ ଅତିକମ୍‌ରେ ୨୦ ବିମାନ ରହିବା ଆବଶ୍ୟକ ବୋଲି ଡିଜିସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି କାରଣରୁ ଏହାର ଅନ୍ତର୍ଜାତୀୟ ରୁଟ୍‌ରେ ଉଡ଼ାଣ ଯୋଗ୍ୟତାର ପରୀକ୍ଷା କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା କହିଛନ୍ତି। ଅପରପକ୍ଷରେ ସିଙ୍ଗାପୁର ସମେତ ସମସ୍ତ ଅନ୍ତର୍ଜାତୀୟ ଉଡାଣକୁ ଜେଟ୍ ଏୟାରୱେଜ୍ ରଦ୍ଦ କରିଦେଇଛି। ଏହି କାରଣରୁ ଯାତ୍ରୀମାନଙ୍କୁ ବିକଳ୍ପ ସନ୍ଧାନ କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ମାତ୍ର ୧୪ ବିମାନ ସହାୟତାରେ ଉଡ଼ାଣ ଭରିବା ଅସମ୍ଭବ ମନେ କରି ଜେଟ୍ ଏୟାରୱେଜ ଗୁରୁବାରଠାରୁ ପୂର୍ବ ଓ ଉତ୍ତର-ପୂର୍ବ ଭାରତକୁ ଏହାର ସମସ୍ତ ଉଡ଼ାଣକୁ ରଦ୍ଦ କରିଦେଇଛି। ଫଳରେ କୋଲକାତା, ପାଟନା, ଗୌହାଟୀ ଏବଂ ଅନ୍ୟ ସ୍ଥାନରୁ ଜେଟ୍‌ର ବିମାନ ଉଡ଼ାଣ ବନ୍ଦ କରାଯାଇଛି। ଅପରପକ୍ଷରେ ଜେଟ୍ ଏୟାରୱେଜ ପକ୍ଷରୁ କୁହାଯାଇଛି ଯେ, ଅପରେଶନାଲ କାରଣରୁ ମୁମ୍ବାଇ-କୋଲକାତା, କୋଲକାତା-ଗୌହାଟୀ ଏବଂ ଡେରାଡୁନ-ଗୌହାଟୀ ଭାୟା କୋଲକାତା ଉଡ଼ାଣକୁ ଶୁକ୍ରବାର ବନ୍ଦ କରାଯାଇଛି। ପୂର୍ବରୁ ଟିକେଟ କାଟିଥିବା ଯାତ୍ରୀମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଶକ୍ତିଶାଳୀ ଇଞ୍ଜିନ ସହ ଆସିଲା ନୂଆ ଡୋମିନାର ୪୦୦



**ନୂଆଦିଲ୍ଲୀ,୧୧-୪**

ବଜାଜ ଅଟୋ ଲିମିଟେଡ ପକ୍ଷରୁ ୨୦୧୯ର ନୂଆ ଡୋମିନାର ୪୦୦ ମଡେଲ ବଜାରକୁ ଆସିଛି। ଏହା ଜାତୀୟ ତଥା ଓଡିଶା ବଜାରରେ ଉନ୍ମୋଚିତ ହୋଇ ସାରିଛି। ମଡେଲଟି ଶକ୍ତିଶାଳୀ ଇଞ୍ଜିନ ବୈଶିଷ୍ଟ୍ୟ ସହ ଆସୁଛି। ଏଥିରେ ଡୁଆଲ ଚ୍ୟାନେଲ ଏବିଏସ୍ ସିଷ୍ଟମକୁ କମ୍ପାନୀ ସ୍ଥାନିତ କରିଛି। ଅରୋରା ଗ୍ରୀନ ଏବଂ ଭାଇନ ବ୍ଲାକ କଲର ବିକଳ୍ପରେ ଏହା ଉପଲବ୍ଧ। ୩୭୩.୨୭ ସିସିର ଲିକ୍ୟୁଡ କୁଲଡ ଇଞ୍ଜିନ ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ସ୍ପୋର୍ଟସ ଟୁରର ଭାବେ ଜଣାଶୁଣା ଏହି ବାଇକ ଘଣ୍ଟାପ୍ରତି ସର୍ବାଧିକ ବେଗ ୧୫୬ କିମି ରହିଛି। ଡୋମିନାର ୪୦୦ ଦୀର୍ଘପଥ ଯାତ୍ରା ଲାଗି ସିଟି ରାଇଡରଙ୍କ ଏକ ପସନ୍ଦ ଯୋଗ୍ୟ ମଡେଲ ହୋଇ ପାରିଛି ବୋଲି ବଜାଜ ଅଟୋର ମୋଟର ସାଇକେଲ ସଭାପତି ସାରଙ୍ଗ କନାଦେ ସୂଚନା ଦେଇଛନ୍ତି। ଚ୍ୟାଲେଞ୍ଜିଂ ଭୌଗୋଳିକ ସ୍ଥିତିରେ ମଧ୍ୟ ଏହି ବାଇକକୁ ଗ୍ରାହକ ନିଜ ଯାତ୍ରାର ସାଥୀ ଭାବେ ବାଛୁଥିବାରୁ ନୂଆ ସ୍ପୋର୍ଟସ ଟୁରର ଯାନକୁ ପ୍ରସ୍ତୁତ କରିବାକୁ ପ୍ରେରଣା ଯୋଗାଇଛି ବୋଲି ସେ କହିଛନ୍ତି। ୨୦୧୭ରେ ଡୋମିନାର ମଡେଲକୁ ବଜାଜ ପ୍ରଥମେ ବଜାରକୁ ଆଣିଥିଲା। ଏଥିରେ ୩୫ ପିଏସ୍ ସୁବିଧା ରହିଥିଲା। ମାତ୍ର ବର୍ତ୍ତମାନ ଆସିଥିବା ମଡେଲଟିରେ ଡିଓଏଚ୍‌ସି ଇଞ୍ଜିନ ୪୦ ପିଏସ୍ କ୍ଷମତା ରହିଛି। ଏହା ବାଦ ୩୫ ଏନ୍‌ଏମ୍ ଟର୍କକୁ ଏଥିରେ ସ୍ଥାନିତ କରାଯାଇଛି। ଏହା ୭.୧ ସେକେଣ୍ଡରେ ୦-୧୦୦ କିମି ପ୍ରତି ଘଣ୍ଟା କ୍ଷମତା ଦେଖାଇବ। ନୂଆ ମଡେଲଟି ମୋଜାଇକ ସେପ୍‌ଡ ସହ ଆସୁଛି। ପୁନଃ ଡିଜାଇନ ହୋଇଥିବା ଏହି ମଡେଲ ହେଡ ଲ୍ୟାମ୍ପ, ଅଟୋମେଟିକ ହେଡ ଲାଇଟ ଅନ୍ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ସହ ବଜାରରେ ଉପଲବ୍ଧ।

## ରୁଚି ସୋୟା ଅଧିଗ୍ରହଣ ନିକଟତର ହେଲା ପତଞ୍ଜଳି

**ନୂଆଦିଲ୍ଲୀ,୧୧-୪**



ଯୋଗଗୁରୁ ରାମଦେବ

ଯୋଗଗୁରୁ ରାମଦେବଙ୍କ ନେତୃତ୍ୱାଧୀନ କମ୍ପାନୀ ପତଞ୍ଜଳି ଆୟୁର୍ବେଦ ରୁଚି ସୋୟାକୁ କିଣିବା ପ୍ରୟାସ ଜାରି ରହିଛି। ଏହି କମ୍ପାନୀକୁ ଅଧିଗ୍ରହଣ କରିବାର ନିକଟତର ହୋଇଛି ପତଞ୍ଜଳି। ଋଣ ପ୍ରଦାନକାରୀ କମିଟି (ସିଓସି) ମଙ୍ଗଳବାର ବୈଠକରେ ପ୍ରସ୍ତାବିତ ଅଧିଗ୍ରହଣକୁ ଅନୁମୋଦନ କରିଛି। ଏହି ମାମଲା ସହ ଜଡ଼ିତ ଦୁଇ ଜଣ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଏହି କାରବାର ସମ୍ପର୍କରେ ଚଳିତ ମାସରେ ଘୋଷଣା କରାଯିବ। ଅନ୍ୟପକ୍ଷରେ ପତଞ୍ଜଳି ଆୟୁର୍ବେଦ ମୁଖପାତ୍ର ଏସ୍.କେ.ତିଜାରାୱାଲା ମଙ୍ଗଳବାର ସିଓସି ବୈଠକ ବସିଥିବା ସ୍ୱୀକାର କରିଛନ୍ତି। ତେବେ ସେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ମନା କରିଦେଇଛନ୍ତି। ଅପରପକ୍ଷରେ ରୁଚି ସୋୟା ପକ୍ଷରୁ ଏଥିନେଇ କିଛି କୁହାଯାଇନାହିଁ। ସୂଚନାଥାଉ କି, ଗତ ମାସରେ ପତଞ୍ଜଳି ଋଣରେ ବୁଡ଼ି ରହିଥିବା ରୁଚି ସୋୟାକୁ କିଣିବା ଲାଗି ନିଲାମ ରାଶିକୁ ବଢ଼ାଇ ୪୩୫୦ କୋଟି ଟଙ୍କା କରିଥିଲା, ଯାହାକି ଆଡାନି ୱିଲମର ଦ୍ୱାରା ଦିଆଯାଇଥିବା ନିଲାମ ରାଶି ୪୧୦୦ କୋଟି ଟଙ୍କା ଠାରୁ ୨୫୦ କୋଟି ଟଙ୍କା ଅଧିକ ଥିଲା। ଉକ୍ତ ୪୩୫୦ କୋଟି ଟଙ୍କା ମଧ୍ୟରୁ ୧୧୫ କୋଟି ଟଙ୍କା କମ୍ପାନୀର ଶେୟାର ରୂପରେ ଦିଆଯିବ ଏବଂ ଅବଶିଷ୍ଟ ୪୨୩୫ କୋଟି ଟଙ୍କା ଋଣପ୍ରଦାନକାରୀଙ୍କୁ ବଣ୍ଟା ଯିବ। ରାଷ୍ଟ୍ରାୟତ୍ତ ଆଇଡିବିଆଇ ବ୍ୟାଙ୍କ ଏବଂ ଏସ୍‌ବିଆଇ ରୁଚି ସୋୟାକୁ ସର୍ବାଧିକ ଋଣ ଦେଇଛନ୍ତି। ଆଡାନି ୱିଲମର ମଧ୍ୟ ଦେବାଳିଆ ହୋଇଯାଇଥିବା ଏହି କମ୍ପାନୀକୁ କିଣିବା ଲାଗି ନିଲାମରେ ଅଂଶଗ୍ରହଣ କରିଥିଲା, କିନ୍ତୁ ନିଲାମୀ ପ୍ରକ୍ରିୟା ବିଳମ୍ବ ହେଉଥିବା କାରଣରୁ ଏହା ପଛକୁ ହଟିଯାଇଛି। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ପତଞ୍ଜଳି ପକ୍ଷରୁ ୪୨୩୫ କୋଟି ଟଙ୍କା ଦେବା ସମ୍ପର୍କରେ ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ଜଣାଇ ଦିଆଯିବ। ପାଣ୍ଠି ଅର୍ଥକୁ ନିଜ ନିଜ ଭିତରେ ବାଣ୍ଟିବା ଲାଗି ସିଓସିର ବୈଠକ ଚଳିତ ମାସ ତୃତୀୟ ସପ୍ତାହରେ ବସିବାକୁ ଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ରୁଚି ସୋୟା ଉପରେ ଏବେ ପାଖାପାଖି ୧୨ ହଜାର କୋଟି ଟଙ୍କାର ଋଣ ରହିଛି। ଏହା ନିକଟରେ ନ୍ୟୁଟ୍ରେଲା, ମହାକୋଷ, ସନରିଚ, ରୁଚି ଷ୍ଟାର ଏବଂ ରୁଚି ଗୋଲ୍ଡ ଭଳି ବ୍ରାଣ୍ଡ ରହିଛି। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଏବଂ ଡିବିଏସ୍ ବ୍ୟାଙ୍କ ପକ୍ଷରୁ ଆଗତ ଆବେଦନ ଉପରେ ବିଚାର କରାଯିବା ପରେ ରୁଚି ସୋୟାକୁ ଏନ୍‌ସିଏଲ୍‌ଟିଙ୍କ ନିକଟରେ ଦେବାଳିଆ ପ୍ରକ୍ରିୟା ପାଇଁ ପଠାଯାଇଥିଲା।

## ଆମେରିକାରେ ନିବେଶକଙ୍କ ସହ ଜେଟ୍‌ଲୀଙ୍କ ଆଲୋଚନା

**ନ୍ୟୁୟର୍କ,୧୧-୪**

ଭାରତର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଦେଶର ଆର୍ଥିକ ସଂସ୍କାର ଏବଂ ଭବିଷ୍ୟତର ଆର୍ଥିକ ଦୃଶ୍ୟପଟ ନେଇ ନିବେଶକମାନଙ୍କ ସହ ଆଲୋଚନା କରିଛନ୍ତି। ଏଠାରେ ଭାରତୀୟ ମହାବାଣିଜ୍ୟ ଦୂତାବାସରେ ଏହି ଆଲୋଚନା ହୋଇଥିଲା। ଦୂତାବାସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଟୁଇଟ୍ କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତରେ ନିବେଶ ନେଇ ନିବେଶକମାନେ ଆଶାବାଦୀ ଅଛନ୍ତି। ସୂଚନାଥାଉ କି, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ବିଶ୍ୱବ୍ୟାଙ୍କର ବୈଠକରେ ଯୋଗ ଦେବା ଲାଗି ଜେଟ୍‌ଲୀ ଏବେ ଆମେରିକା ଗସ୍ତରେ ରହିଛନ୍ତି। ଫିକି, ଭାରତୀୟ ବାଣିଜ୍ୟ ଦୂତାବାସ ଓ ଆମେରିକା-ଭାରତ ରଣନୈତିକ ଫୋରମ ଦ୍ୱାରା ଆୟୋଜିତ ବୈଠକରେ ଜେଟ୍‌ଲୀ ଯୋଗ ଦେଇ ଭାରତର ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ମାଷ୍ଟରକାର୍ଡ ସିଇଓ ଅଜୟ ବଙ୍ଗାଙ୍କ ସମେତ ବହୁ ଶୀର୍ଷ ଅଧିକାରୀ ଏବଂ ନିବେଶକ ଯୋଗ ଦେଇଥିଲେ।

## ଆର୍‌ବିଆଇ ମୁଖ୍ୟାଳୟରେ ସୁରକ୍ଷା ଅଭ୍ୟାସ

**ମୁମ୍ବାଇ,୧୧-୪**



- ଚକିତ ହେଲେ ଦେଖଣାହାରି
- ମୁଖ୍ୟାଳୟ ଉପରେ ଉଡ଼ିଲା ହେଲିକପ୍ଟର
- ଏକାଧିକ ସୁରକ୍ଷା ଏଜେନ୍ସି ପକ୍ଷରୁ ମକ୍ ଡ୍ରିଲ୍

ସୁରକ୍ଷା ଏଜେନ୍ସି ପକ୍ଷରୁ ଗୁରୁବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଖ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଲାଗି ଅଭ୍ୟାସ(ମକ୍ ଡ୍ରିଲ) କରାଯାଇଥିଲା। ଏଥିରେ ହେଲିକପ୍ଟର ମଧ୍ୟ ସାମିଲ ହୋଇଥିଲା। ଏହା ମୁଖ୍ୟାଳୟର କୋଠା ଉପରେ ଚକ୍କର ମାରୁଥିବା ଏବଂ ଏଥିରୁ ସୁରକ୍ଷାକର୍ମୀ ତଳକୁ ଆସୁଥିବା ଦେଖାଯାଇଥିଲା। ଆର୍‌ବିଆଇ ମୁଖ୍ୟାଳୟରେ ସୁରକ୍ଷା ଏଜେନ୍ସିଙ୍କ ଏଭଳି ଅଚାନକ କାର୍ଯ୍ୟାନୁଷ୍ଠାନକୁ ଦେଖି ଦେଖଣାହାରି ହତଚକିତ ହୋଇଯାଇଥିଲେ। ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଥିବା ନେଇ ବେଶ କିଛି ସମୟଧରି କଳ୍ପନାଜଳ୍ପନା ଲାଗି ରହିଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସୁରକ୍ଷା ଏଜେନ୍ସି ପକ୍ଷରୁ ମୁଖ୍ୟାଳୟର ଗୋଟିଏ ମହଲାରେ ଥିବା କର୍ମଚାରୀଙ୍କୁ ପଣବନ୍ଦୀ କରାଯିବା ସ୍ଥିତିର ମୁକାବିଲା ଲାଗି ଅଭ୍ୟାସ କରାଯାଇଥିଲା। ଲୋକଙ୍କୁ ସୁରକ୍ଷିତ ଭାବେ ଉକ୍ତ ମହଲାରୁ ବାହାରକୁ ଆଣିବାର ଅଭ୍ୟାସ କରାଯାଇଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ସୁରକ୍ଷା ଅପରେଶନରେ ଏକାଧିକ ସୁରକ୍ଷା ଏଜେନ୍ସି ଅଂଶଗ୍ରହଣ କରିଥିଲେ ଏବଂ ଏହାର ପ୍ରସ୍ତୁତି ଶେଷ ମୁହୂର୍ତ୍ତରେ କରାଯାଇଥିଲା। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କରେ ଏକାଧିକ ଥର ସୁରକ୍ଷା ଏବଂ ଫାୟର ଡ୍ରିଲ କରାଯାଇଥାଏ। କିନ୍ତୁ ଗୁରୁବାର ଅଭ୍ୟାସ ସ୍ୱତନ୍ତ୍ର ଧରଣର ଥିଲା, କାରଣ ଏଥିରେ ହେଲିକପ୍ଟରକୁ ସାମିଲ କରାଯାଇଥିଲା। ୨୦୦୮ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ବେଳେ ଏନ୍‌ଏସ୍‌ଜି କମାଣ୍ଡୋମାନେ ଏଭଳି ଅପରେଶନ ଜରିଆରେ ଚାବଡ ହାଉସରେ ପହଞ୍ଚି ଆତଙ୍କବାଦୀଙ୍କୁ ମାରିଥିଲେ।

## ‘ଗରିବଙ୍କ ସାମାଜିକ ସୁରକ୍ଷା ନଷ୍ଟ କରିଛି ବିମୁଦ୍ରୀକରଣ’

**ନୂଆଦିଲ୍ଲୀ,୧୧-୪:** ବିମୁଦ୍ରୀକରଣ ଓ ଜିଏସ୍‌ଟି ଗରିବଙ୍କ ପାଇଁ ବିପଦ ହୋଇଛି। ଏହା ଲାଗୁ ହେବା ପରେ ଭାରତରେ ଅତି ଦରିଦ୍ର ଶ୍ରେଣୀର ପରିବାରର ସାମାଜିକ ସୁରକ୍ଷାକୁ ନଷ୍ଟ କରିଛି। ସମାଜ ସମ୍ମୁଖୀନ ହେଉଥିବା ନୂଆ ଆହ୍ୱାନର ମୁକାବିଲାରେ ଘରୋଇ କ୍ଷେତ୍ର ସହାୟତାର ହାତ ବଢ଼ାଇପାରିବ ବୋଲି ବିଶ୍ୱବ୍ୟାଙ୍କର ଅଗ୍ରଣୀ ଅର୍ଥନୀତିଜ୍ଞ ଇଜାଜ୍ ଘନୀ କହିଛନ୍ତି। ଖବର କାଗଜ ଫାଇନାନ୍ସିଆଲ ଏକ୍ସପ୍ରେସରେ ନିଜ ଲେଖାରେ ଘନୀ ଦର୍ଶାଇଛନ୍ତି ଯେ, ପାରମ୍ପରିକ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ପୁନରୁଜ୍ଜୀବିତ କରିବାକୁ ହେବ, ଯାହାକି ୧୯୭୦ ଦଶକରେ ବିକାଶ ହୋଇଥିଲା। ପବ୍ଲିକ-ପ୍ରାଇଭେଟ ପାର୍ଟନରସିପ୍ ମଡେଲ ଏବଂ ଗୋଷ୍ଠୀ ସମନ୍ୱୟ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ ଭାରତରେ ଏମଜିଏନଆରଜିଏ, ପିଡିଏସ୍ ବ୍ୟବସ୍ଥା, ଇନ୍ଦିରା ଆୱାସ ଯୋଜନା, ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓଲ୍ଡ ଏଜ୍ ପେନସନ ସ୍କିମ୍, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଭଳି ଅନେକ ସାମାଜିକ ସୁରକ୍ଷା ଯୋଜନା ରହିଛି। କୌଣସି ଦେଶର ଆର୍ଥିକ ଅଭିବୃଦ୍ଧିରେ ସାମାଜିକ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ବ୍ୟବସ୍ଥାରେ ଜଣେ ବ୍ୟକ୍ତି ନିଜର ବିପଦ ସହ ଲାଭକୁ ନେଇ ଆକଳନ କରିପାରେ ବୋଲି ଘନୀ କହିଛନ୍ତି। ସେ ଲେଖିଛନ୍ତି ଯେ, ଜିଏସ୍‌ଟି ଲାଗୁ କରାଯିବା ପରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ନିୟମ ପାଳନ କରିବା ଏକ ବୋଝ ହୋଇଥିବା ବେଳେ ବିମୁଦ୍ରୀକରଣ ଯୋଗୁ ବ୍ୟାପକ ହାରରେ ବେକାରୀ ସଂଖ୍ୟା ବଢ଼ିଛି।

# ପର୍ଯ୍ୟଟନ ବିକାଶରେ ‘ବ୍ରାଣ୍ଡିଂ’ ଗୁରୁତ୍ୱପୂର୍ଣ୍ଣ

**ପର୍ଯ୍ୟଟନ ଓ ହୋଟେଲ ଶିଳ୍ପର ଜଣେ ପରିଚିତ ଚେହେରା ଜେ.କେ. ମହାନ୍ତି। ଦୀର୍ଘ ୩୫ବର୍ଷ ହେଲା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ଥିବା ମହାନ୍ତି ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟରେ ଏକାଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଆୟୋଜନ କରିବାରେ ସେ ମୁଖ୍ୟ ଭୂମିକା ତୁଲାଇଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହ ପର୍ଯ୍ୟଟନ ଭିତ୍ତିଭୂମି ସଜାଡ଼ିବା ଲାଗି ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ପରାମର୍ଶ ଦେଇଛନ୍ତି।**



ଜେ.କେ. ମହାନ୍ତି

**✪ ରାଜ୍ୟ ତଥା ଦେଶର ଅର୍ଥନୀତିରେ ପର୍ଯ୍ୟଟନର ଭୂମିକା?**

❐ ପର୍ଯ୍ୟଟନ ଏଭଳି ଏକ ଶିଳ୍ପ, ଯାହା ମାଧ୍ୟମରେ ବିଦେଶକୁ କୌଣସି ସାମଗ୍ରୀ ରପ୍ତାନୀ ନ କରି ମଧ୍ୟ ଆମେ ବିଦେଶୀ ମୁଦ୍ରା ଅର୍ଜନ କରିପାରିବା। କେବଳ ଏତିକି ନୁହେଁ, ଏହା ଏଭଳି ଏକ କ୍ଷେତ୍ର, ଯେଉଁଥିରେ ସର୍ବାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯୁବବର୍ଗଙ୍କୁ ନିଯୁକ୍ତ କରାଯାଇପାରିବ। ତେଣୁ ଅର୍ଥନୀତିର ବିକାଶ ପାଇଁ ଏହି କ୍ଷେତ୍ରକୁ ସର୍ବଦା ପ୍ରାଥମିକତା ଦିଆଯିବା ଉଚିତ।

**✪ ଓଡ଼ିଶା ନିକଟରେ ଯେଉଁ ପର୍ଯ୍ୟଟନ ସମ୍ବଳ ରହିଛି, ତାହାର ଉପଯୋଗ ଠିକ୍ ଭାବେ ହେଉଛି କି?**

❐ ପଡ଼ୋଶୀ ରାଜ୍ୟ ସହ ତୁଳନା କଲେ ଓଡ଼ିଶା ନିକଟରେ ଯଥେଷ୍ଟ ଅଧିକ ପର୍ଯ୍ୟଟନ ସମ୍ବଳ ରହିଛି। ମାତ୍ର ଏହାର ଉପଯୁକ୍ତ ସଂରକ୍ଷଣ, ରକ୍ଷଣାବେକ୍ଷଣା ଓ ପରିଚାଳନା ହେଉନି। ବ୍ରାଣ୍ଡିଂ, ପ୍ରଚାର ପ୍ରସାର, ପର୍ଯ୍ୟଟକଙ୍କ ପାଇଁ ଯଥେଷ୍ଟ ହୋଟେଲ ଏବଂ ପର୍ଯ୍ୟଟନସ୍ଥଳୀରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବଜାୟ ରହିଲେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବହୁ ଆଗକୁ ଯାଇପାରିବ।

**✪ ଓଡ଼ିଶାକୁ ସ୍ୱଳ୍ପ ବିଦେଶୀ ପର୍ଯ୍ୟଟକଙ୍କ ଆଗମନର କାରଣ କ’ଣ?**

❐ ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କେରଳ ଭଳି ରାଜ୍ୟ ଗତ କିଛିବର୍ଷ ମଧ୍ୟରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବିଶେଷ ସଫଳତା ହାସଲ କରିଛନ୍ତି। ମାତ୍ର ଓଡ଼ିଶାରେ ଏହିବର୍ଷ ମଧ୍ୟ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ସେଭଳି ବୃଦ୍ଧି ପରିଲକ୍ଷିତ ହୋଇନି। ବିଦେଶରୁ ଓଡ଼ିଶାକୁ ସିଧାସଳଖ ବିମାନ ଚଳାଚଳ ନ କରିବା ଏହାର ପ୍ରମୁଖ କାରଣ ହୋଇଥିବା ବେଳେ ପର୍ଯ୍ୟଟନସ୍ଥଳୀର ଦୁର୍ବଳ ଭିତ୍ତିଭୂମି, ଷ୍ଟାର୍ ହୋଟେଲର ଅଭାବ ମଧ୍ୟ ପ୍ରତିବନ୍ଧକ ସାଜିଛି। ଭୁବନେଶ୍ୱର, ପୁରୀକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ପ୍ରମୁଖ ପର୍ଯ୍ୟଟନ ସ୍ଥାନରେ ତାରକା ବର୍ଗରେ ପ୍ରାୟ ୬୫୦୦ ହୋଟେଲ ରୁମ୍‌ର ଆବଶ୍ୟକତା ରହିଛି।

**✪ ଏ ଦିଗରେ କ’ଣ ପଦକ୍ଷେପ ନିଆଯିବା ଆବଶ୍ୟକ?**

❐ ଭାରତକୁ ବାଂଲାଦେଶ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ, ମାଲେସିଆ, ଶ୍ରୀଲଙ୍କା, ଜର୍ମାନୀ, ଫ୍ରାନ୍ସ ଭଳି ରାଷ୍ଟ୍ରରୁ ସର୍ବାଧିକ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ଏହି ସବୁ ସ୍ଥାନରେ ରୋଡ୍ ଶୋ’ ସହ ‘ଭିଜିଟ୍ ଓଡ଼ିଶା କ୍ୟାମ୍ପେନ୍’ର ଜୋରଦାର ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ରହିଛି। ଏହାସହ ଉକ୍ତ ରାଷ୍ଟ୍ରର ଟୁର୍ ଅପରେଟର, ଲେଖକ ଓ ଫଟୋଗ୍ରାଫରମାନଙ୍କୁ ଓଡ଼ିଶା ଆଣି ବିଭିନ୍ନ ସ୍ଥାନକୁ ଫ୍ୟାମ୍ ଟୁର୍‌ରେ ନିଆଯିବା ଆବଶ୍ୟକ।

**✪ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କ’ଣ ପଦକ୍ଷେପ ନେବା ଆବଶ୍ୟକ ବୋଲି ଆପଣ ଭାବୁଛନ୍ତି?**

❐ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି କରିବାକୁ ହେଲେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଏସିଆ ଓ ଏୟାର ଇଣ୍ଡିଆ ବ୍ୟତୀତ ଆହୁରି ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବାର ଆବଶ୍ୟକତା ରହିଛି। ଏହାବ୍ୟତୀତ ଜିଏସ୍‌ଟି ଏବେ ପର୍ଯ୍ୟଟନ ଶିଳ୍ପକୁ ବହୁଳ ଭାବେ ପ୍ରଭାବିତ କରୁଛି। ଯେଉଁ ହୋଟେଲଗୁଡ଼ିକ ୨୮ ପ୍ରତିଶତ ଜିଏସ୍‌ଟି ଦେଉଛନ୍ତି, ସେମାନଙ୍କ ଉପରେ ଏହା ବେଶି ପ୍ରଭାବ ପକାଇଛି। ବିଶ୍ୱରେ ଭାରତ ସର୍ବାଧିକ ଜିଏସ୍‌ଟି ଲାଗୁକରିଥିବା ରାଷ୍ଟ୍ର। ୨୮ ପ୍ରତିଶତକୁ କମାଇ ଅତିକମ୍‌ରେ ୧୮ ପ୍ରତିଶତ କରିବା ଉଚିତ।

**✪ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ କି ପଦକ୍ଷେପ ନେବା ଉଚିତ?**

❐ ଓଡ଼ିଶା ପର୍ଯ୍ୟଟନ ସ୍ୱତନ୍ତ୍ର ଡିଜିଟାଲ ମାର୍କେଟିଂ ଟିମ୍ ରଖିବା ସହ ଅତିକମ୍‌ରେ ବଜେଟର ୨୦ ପ୍ରତିଶତ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଖର୍ଚ୍ଚ କରିବା ଉଚିତ। ନାଇଟ୍ ଲାଇଫ୍, ରକ୍ ବ୍ୟାଣ୍ଡ, କାର୍ ରାଲି, ଆଡ୍‌ଭେଞ୍ଚର ଓ ୱାଟର ସ୍ପୋର୍ଟସ, ବ୍ରାଣ୍ଡିଂ ଓ ମାର୍କେଟିଂ, ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡାର, ଷ୍ଟାର୍ ହୋଟେଲ ପ୍ରତିଷ୍ଠା ଆଦି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ହୋଟେଲ ଓ ପର୍ଯ୍ୟଟନ ଶିଳ୍ପରେ ପ୍ରଫେସନାଲଙ୍କୁ ନିଯୁକ୍ତି ଦିଆଯିବା ସହ ରାଜ୍ୟରେ ମାଇସ୍ ଏବଂ ମେଡିକାଲ ଟୁରିଜମ୍ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବାରୁ ଏହାର ବିକାଶ କଥା ଚିନ୍ତା କରିବାର ସମୟ ଆସିଛି। ଏହାସହ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିବାର ମଧ୍ୟ ସମୟ ଆସିଛି।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୦୧୦୫/ଭୁ.ଉ.କ., ଭୁବନେଶ୍ୱର ତା୦୫।୦୪।୨୦୧୯ରିଖ
KNM - 199/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭ୍‌ଲପ୍‌ମେଣ୍ଟ ସ୍କିମ ଅନ୍ତର୍ଗତ MIG plot No.K-8-515 କୁ ଶ୍ରୀ ଭକ୍ତ ବତ୍ସଳ ତ୍ରିପାଠୀ, ପିତା-ସ୍ୱର୍ଗତ ରାମଚନ୍ଦ୍ର ତ୍ରିପାଠୀ, ଗ୍ରାମ-କୁମୁଟିସାହି, ପୋଅ-ପୁରୀ, ଥାନା-ପୁରୀଟାଉନ, ଜିଲ୍ଲା-ପୁରୀ ବର୍ତ୍ତମାନର ସ୍ଥାୟୀ ଠିକଣା-ଦେୱାନ ବଗିଚା, ତଳମାଳୀ ସାହି, ହସ୍‌ପିଟାଲ ଛକ, ପୋଅ-ପୁରୀ, ଥାନା-କୁମ୍ଭାରପଡ଼ା, ଜିଲ୍ଲ-ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଉକ୍ତ ଆବଣ୍ଟିତ ପ୍ଲଟର ସମ୍ପାଦିତ ଲିଜ ଦଲିଲକୁ ପଞ୍ଜୀକୃତ କରିସାରିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଆବଣ୍ଟନଗ୍ରାହୀ ଶ୍ରୀ ଭକ୍ତ ବତ୍ସଳ ତ୍ରିପାଠୀ ଗତ ତା.୨୬।୦୯।୨୦୧୮ରିଖରେ ମୃତ୍ୟୁବରଣ କରିଅଛନ୍ତି। ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ-ସଂଯୁକ୍ତା ଦେବୀ, ମାନସୀ ତ୍ରିପାଠୀ(ଅବିବାହିତା ଝିଅ) ଏବଂ ବିଦୁଭୂଷଣ ତ୍ରିପାଠୀ(ପୁଅ) ଉକ୍ତ ପ୍ଲଟ୍‌କୁ ଉତ୍ତରାଧିକାରୀ ସୂତ୍ରେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୨



କୌଣସି ମ୍ୟାଚରେ ପ୍ରବଳ ଚାପରେ ରହିଲେ ଶାନ୍ତ ରହିବା ସହ ମୁଁ ମ୍ୟାଚକୁ ଶେଷ କରିବାକୁ ଚେଷ୍ଟା କରିଥାଏ ।
–କିରନ ପୋଲାର୍ଡ, ମୁମ୍ବାଇ ଇଣ୍ଡିଆନ୍ସ କାମଚଳା ଅଧିନାୟକ



ବିସ୍ଫୋରକ ବ୍ୟାଟ୍ସମ୍ୟାନ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଫର୍ମକୁ ଫେରିଛନ୍ତି। ଆମ ଦଳ ତାଙ୍କଠାରୁ ଏହି ଆଶା କରୁଥିଲା ।
– ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ

## ଆଜିର ମ୍ୟାଚ



କୋଲକାତା ନାଇଟ ରାଇଡର୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ

ପ୍ରସାରଣ
ସ୍ଥାନ : କୋଲକାତା
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଡିସି କ୍ୟାମ୍ପରେ ମନୋଜ ତିୱାରୀ

କୋଲକାତା,୧୧।୪(ପିଟି): ବେଙ୍ଗଲ ଅଧିନାୟକ ମନୋଜ ତିୱାରୀଙ୍କୁ ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) କ୍ୟାମ୍ପରେ ଦେଖିବାକୁ ମିଳିଛି। ତାଙ୍କ ବ୍ୟତୀତ ମୁମ୍ବାଇ ପେସର ତୁଷାର ଦେଶପାଣ୍ଡେ ଓ ପଞ୍ଜାବ ପେସର ମନପ୍ରୀତ ସିଂ ଗୋନୀ ମଧ ଟ୍ରାୟଲର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଏମାନଙ୍କ ସମ୍ପର୍କରେ ଡିସି ମ୍ୟାନେଜମେଣ୍ଟ କୌଣସି ନିଷ୍ପତ୍ତି ନେଇ ନାହିଁ। ସମସ୍ତ ଖେଳାଳି ଶୁକ୍ରବାର ଆଉ ଏକ ଟ୍ରାୟଲ ରାଉଣ୍ଡ ସମ୍ମୁଖୀନ ହେବେ। ଆସନ୍ତା ୧୪ ତାରିଖରେ ସନରାଇଜର୍ସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍ ଲାଗି ମନୋଜ ଆମ ସହ ଗସ୍ତ କରିବେ। ସେ ଆମ ସହ ଅଭ୍ୟାସ କରିବେ। ପରେ ଏ ସମ୍ପର୍କରେ ଆମେ ନିଷ୍ପତ୍ତି ନେବୁ ଡିସି ଉପଦେଷ୍ଟା ସୌରଭ ଗାଙ୍ଗୁଲି କହିଛନ୍ତି। ପେସର ହର୍ଶଲ ପଟେଲଙ୍କ ହାତ ଫ୍ରାକଚର ହୋଇଥିବାବେଳେ ମନଜୋତ କାଲରା ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଛନ୍ତି। ଏଣୁ ଡିସିକୁ ଅତିକମ୍‌ରେ ଦୁଇଟି ବଦଳ ଖେଳାଳି ଦରକାର। ଗତ ସଂସ୍କରଣ ଖେଳିଥିବା ତିୱାରୀ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ କୌଣସି ଫ୍ରାଞ୍ଚାଇଜକୁ ଆକୃଷ୍ଟ କରିପାରି ନ ଥିଲେ। ଚଳିତ ସଂସ୍କରଣରେ ଏପର୍ଯ୍ୟନ୍ତ ସେ ବଙ୍ଗାଳି କମେଣ୍ଟ୍ରି କରୁଥିବାବେଳେ ତାଙ୍କୁ ଟ୍ରାୟଲ ପାଇଁ ଡକରା ଦିଆଯାଇଥିଲା। ମୁଁ ଟ୍ରାୟଲରେ ଯୋଗଦେଇଥିଲି। ଏହା ମୋ ପାଇଁ ଭଲ ଥିଲା। ଦଳର ଉପଦେଷ୍ଟା ସୌରଭ ଗାଙ୍ଗୁଲି ଓ କୋଚ୍ ରିକି ପଣ୍ଟିଂଙ୍କ ସହ କଥା ହୋଇଛି। ହେଲେ ମୋତେ ଅଫିସିଆଲି କିଛି କୁହାଯାଇନାହିଁ ବୋଲି ତିୱାରୀ କହିଛନ୍ତି।

### ପାରାଅଲିମ୍ପିକ୍ସ ପଦକଧାରୀ ଦୀପାଙ୍କୁ ସ୍ୱତନ୍ତ୍ର ସମ୍ମାନ

ନୂଆଦିଲ୍ଲୀ,୧୧।୪(ପିଟି): ରିଓ ପାରାଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ଦୀପା ମଲିକଙ୍କୁ ଗୁରୁବାର ସ୍ୱତନ୍ତ୍ର ସମ୍ମାନ ମିଳିଛି। ଦୀପାଙ୍କ ସଫଳତା ପ୍ରେରଣା ଦାୟକ ହୋଇଥିବାରୁ ତାଙ୍କୁ ୨୦୧୯ ବର୍ଷ ପାଇଁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସାର୍ ଏଡମଣ୍ଡ ହିଲାରୀ ଫେଲୋଶିପ୍ ପ୍ରଦାନ କରାଯାଇଛି। ୪୮ ବର୍ଷୀୟ ଦୀପା ଏବେଠାରୁ ଭାରତ ଓ ନ୍ୟୁଜିଲାଣ୍ଡରେ କ୍ରୀଡ଼ା ଓ ପରମ୍ପରାର ଉନ୍ନତି ଦିଗରେ କାର୍ଯ୍ୟ କରିବେ। ସେ ଏଫ୍‌୫୩ ଶଟ୍‌ପୁଟ ଇଭେଣ୍ଟରେ ରିଓ ପାରାଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ଏହି କାଟେଗୋରୀରେ ଆଥ୍‌ଲେଟଙ୍କୁ ହ୍ୱିଲ ଚେୟାରରେ ବସି ଥ୍ରୋ କରିବାକୁ ପଡ଼େ। ୨୦୧୯ ବର୍ଷ ପାଇଁ ଭାରତୀୟ ପାରାଆଥଲେଟ ଦୀପାଙ୍କୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ସାର ଏଡମୁଣ୍ଡ ହିଲାରୀ ଫେଲୋଶିପ ପ୍ରଦାନ କରି ଆମେ ଅତ୍ୟନ୍ତ ଖୁସି। ଏହାକୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନ ପ୍ରଦାନ କରିଛନ୍ତି। ନ୍ୟୁଜିଲାଣ୍ଡ ଓ ଭାରତ ମଧରେ ସମ୍ପର୍କ ବୃଦ୍ଧି କରିବା ଏହାର ଲକ୍ଷ୍ୟ ବୋଲି ନ୍ୟୁଜିଲାଣ୍ଡ ହାଇ କମିଶନ ପକ୍ଷରୁ କୁହାଯାଇଛି।

# ପୋଲାର୍ଡ ପାୱାର

## ପଞ୍ଜାବ ହାତରୁ ମ୍ୟାଚ୍ ଛଡ଼ାଇନେଲା ମୁମ୍ବାଇ

ମୁମ୍ବାଇ,୧୧।୪(ପି.ଟି.)

କାମଚଳା ଅଧିନାୟକ କିରନ ପୋଲାର୍ଡଙ୍କ ଧୂଆଁଧାର ଇନିଂସ (୮୩ ରନ, ୩୧ ବଲ, ୩ ଚୌକା, ୧୦ ଛକା)ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୪ତମ ମ୍ୟାଚ୍‌ରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ଶେଷ ବଲ୍‌ରେ ୩ ଉଇକେଟରେ ପରାସ୍ତ କରି ଏକ ରୋମାଞ୍ଚକ ବିଜୟ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଲୋକେଶ ରାହୁଲଙ୍କ ଶତକ ସହାୟତାରେ ୨୦ ଓଭରରେ ୪ ଉଇକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମ୍ୟାଚ ବିଜୟୀ ଇନିଂସ ପାଇଁ ପୋଲାର୍ଡ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୯୮ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ମୁମ୍ବାଇ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ ମଧ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ସିଦ୍ଧେଶ ଲାଡ ୧୫ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ୨୧, କ୍ୱିଣ୍ଟନ ଡି'କକ୍ ୨୪, ଇଶାନ କିଷନ ୭, ହାର୍ଦ୍ଦିକ ପାଣ୍ଡ୍ୟା ୧୯, କ୍ରୁନାଲ ପାଣ୍ଡ୍ୟା ୧ ରନକରି ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟ ଯୋଡ଼ିରେ ହାର୍ଦ୍ଦିକ ଓ କିରନ ପୋଲାର୍ଡ ୧୯ ବଲରୁ ଦ୍ରୁତ ୪୧ ରନ ସଂଗ୍ରହ କରିଥିଲେ। ହାର୍ଦ୍ଦିକ ଓ କ୍ରୁନାଲ ୧୬ତମ ଓଭରରେ ମହମ୍ମଦ ସାମିଙ୍କ ଶିକାର ହୋଇଥିଲେ। କାମଚଳା ଅଧିନାୟକ ପୋଲାର୍ଡ ୮୩ ରନର ଦ୍ରୁତ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଲଜାରି ଯୋସେଫ ୧୩ ବଲରୁ ୧୫ ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ତରଫରୁ ସାମି ୩, ଅଙ୍କିତ ରାଜପୁତ, ରବିଚନ୍ଦ୍ରନ ଅଶ୍ୱିନ ଓ ସାମ କୁରାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ କିରନ ପୋଲାର୍ଡ।

### ରାହୁଲଙ୍କ ଶତକ ନିଷ୍ପ୍ରଭ

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଜବରଦସ୍ତ ଆରମ୍ଭ କରିଥିଲା। ଦୁଇ ଓପନର ଲୋକେଶ ରାହୁଲ ଓ କ୍ରିସ୍ ଗେଲ୍ ୭୭ଟି ବଲ୍‌ର ସମ୍ମୁଖୀନ ହୋଇ ପ୍ରଥମ ଉଇକେଟ ଯୋଡିରେ ୧୧୬ ରନ ସଂଗ୍ରହ କରିଥିଲେ। ଗେଲ୍ ୩୬ ବଲରୁ ୩ ଚୌକା ଓ ୭ ଛକା ସହ ୬୩ ରନର ବିସ୍ଫୋରକ ଇନିଂସ ଖେଳି ଜାସନ ବେହେରେନଡର୍ଫଙ୍କ ବଲ୍‌ରେ କ୍ରୁନାଲ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ରାହୁଲ କିନ୍ତୁ ୧୦୦ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏଥିସହ ସେ କ୍ୟାରିୟରର ପ୍ରଥମ ଆଇପିଏଲ୍ ଶତକ ହାସଲ କରଥିଲେ। ଗେଲ୍ ଆଉଟ ହେବା ପରେ ଡେଭିଡ ମିଲର, କରୁନ ନାୟାର, ସାମ କୁରାନ ବିଫଳ ହୋଇ ଯଥାକ୍ରମେ ୭, ୫ ଓ ୮ ରନ କରି ଆଉଟ ହୋଇଥିଲେ। ରାହୁଲ ଅପରାଜିତ ଶତକ ହାସଲ କରି ଦଳର ସ୍କୋରକୁ ୨୦୦ ରନ ନିକଟରେ ପହଞ୍ଚାଇଥିଲେ। ସେ ୬୪ଟି ବଲର ସମ୍ମୁଖୀନ ହୋଇ ୬ଟି ଲେଖାଏ ଚୌକା ଓ ଛକା ମାରିଥିଲେ।

### ସଂକ୍ଷିପ୍ତ ସ୍କୋର

- କିଙ୍ଗ୍ସ ଏକାଦଶ ପଞ୍ଜାବ ୨୦ ଓଭରରେ ୧୯୭/୪ (ରାହୁଲ-୧୦୦*, ଗେଲ-୬୩, ହାର୍ଦ୍ଦିକ- ୨/୫୭, ବୁମ୍ରା- ୧/୩୮, ବେହେରେନଡର୍ଫ- ୧/୩୫)
- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୮/୭ (ପୋଲାର୍ଡ- ୮୩, ଡି'କକ୍- ୨୪, ସୂର୍ଯ୍ୟକୁମାର- ୨୧, ହାର୍ଦ୍ଦିକ- ୧୯, ଜୋସେଫ- ୧୫*, ସାମି- ୩/୨୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୬ | ୫ | ୧ | ୧୦ | +୦.୩୧୦ |
| ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୦.୬୧୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | ୦.୨୯୦ |
| କିଙ୍ଗ୍ସ ଇଲେଭେନ | ୭ | ୪ | ୩ | ୮ | -୦.୦୫୭ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | ୦.୧୩୧ |
| ରାଜସ୍ଥାନ ରୟାଲ୍ସ | ୫ | ୧ | ୪ | ୨ | -୦.୮୪୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | -୧.୪୫୩ |

## ରସେଲଙ୍କୁ ରୋକିବା ଲକ୍ଷ୍ୟରେ ରାବାଡା

କୋଲକାତା, ୧୧।୪(ପି.ଟି.)

ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଶୁକ୍ରବାର ଘରୋଇ କୋଲକାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧରେ ଏକ ହାଇଭୋଲଟେଜ ମ୍ୟାଚ୍ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚଳିତ ପ୍ରତିଯୋଗିତାରେ ଦୁଇ ଦଳ ପରସ୍ପରକୁ ୨ୟଥର ପାଇଁ ଭେଟିବାକୁ ଯାଉଛନ୍ତି। ଏଥିପୂର୍ବରୁ ମାର୍ଚ୍ଚ ୩୦ରେ ଫିରୋଜ ଶାହା କୋଟଲା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ ସୁପର୍ ଓଭରରେ ବିଜୟୀ ଲାଭ କରିଥିଲା। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୮୬ ରନର ଟାର୍ଗେଟ୍‌କୁ ପିଛା କରି କୋଲକାତା ଆନ୍ଦ୍ରେ ରସେଲ (୨୮ ବଲ୍, ୬୨ ରନ)ଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୮ ଉଇକେଟ୍ ହରାଇ ୧୮୫ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଏହାପରେ ସୁପର ଓଭରରେ ଦିଲ୍ଲୀ ୧୦ ରନ କରିଥିବାବେଳେ ନାଇଟ୍ ରାଇଡର୍ସ ୭ ରନ କରିବାକୁ ସକ୍ଷମ ହୋଇଥିଲା। ତେଣୁ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ଏହି ପରାଜୟର ପ୍ରତିଶୋଧ ଘରୋଇ ଗ୍ରାଉଣ୍ଡରେ ନେବା ଲକ୍ଷ୍ୟରେ ରହିଛି। ଦିଲ୍ଲୀରେ ଅମିତ୍ ମିଶ୍ରା, ଅକ୍ଷର ପଟେଲଙ୍କ ପରି ସ୍ପିନର ରହିଥିବାରୁ ସେମାନେ ମଧ ଏହି ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି।

ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ କୋଲକାତାର ପ୍ରଦର୍ଶନ ବେଶ୍ ଭଲ ରହିଛି। ଦଳ ୬ ମ୍ୟାଚ୍‌ରୁ ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ଟେବୁଲ ତାଲିକାର ୨ୟ ସ୍ଥାନରେ ରହିଛି। ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ କୋଲକାତାର ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ରସେଲ ୬ ମ୍ୟାଚ୍‌ରୁ ୨୫୭ ରନ କରିଛନ୍ତି। ଯେଉଁଥିରେ ସେ କେବଳ ଛକା ମାରି ଦେଢ଼ଶହ ରନ ସଂଗ୍ରହ କରିଛନ୍ତି। ରସେଲଙ୍କ ବ୍ୟାଟିଂ ଆଭରେଜ ୧୨୮.୫୦ ରହିଥିବାବେଳେ ଷ୍ଟ୍ରାଇକରେଟ୍ ୨୧୨ରୁ ଊର୍ଦ୍ଧ୍ୱ ରହିଛି। ତେଣୁ ଦମ୍‌ଦାର ଫର୍ମରେ ଥିବା ରସେଲଙ୍କୁ ଇଡେନ ଗାର୍ଡେନ୍ସରେ ଅଟକାଇବା ଲାଗି ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ ଚିନ୍ତାରେ ରହିଛି। ମହେନ୍ଦ୍ର ସିଂ ଧୋନୀଙ୍କ ସ୍ପିନ ବୋଲିଂ ଫର୍ମୁଲାକୁ ଆୟାର ଏହି ମ୍ୟାଚ୍‌ରେ ମଧ ପ୍ରୟୋଗ କରିପାରନ୍ତି। ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ କୋଲକାତାର ଅନ୍ତିମ ମ୍ୟାଚ୍ ଖେଳିଥିଲା। ଏହି ମ୍ୟାଚ୍‌ରେ ରସେଲଙ୍କୁ ଅଟକାଇବା ପାଇଁ ଧୋନୀ ତାଙ୍କର ସ୍ପିନ ଅସ୍ତ୍ରକୁ ପ୍ରୟୋଗ କରିଥିଲେ ଏବଂ ଏହାମଧ ସଫଳ ହୋଇଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇ ୭ ଉଇକେଟ୍‌ରେ ବିଜୟୀ ଲାଭ କରିଥିଲା। ସେହିଭଳି ରସେଲଙ୍କୁ ରୋକିବା ଲାଗି ଦିଲ୍ଲୀ ନିକଟରେ କାଗିସୋ ରାବାଡାଙ୍କ ପରି ଦକ୍ଷ ବୋଲର ମଧ ରହିଛନ୍ତି। ସୁପର୍ ଓଭର ମ୍ୟାଚ୍‌ରେ ରସେଲଙ୍କୁ ଏକ ଚମତ୍କାର ୟର୍କର ବଲ୍‌ରେ କ୍ଲିନ ବୋଲ୍ଡ କରି ରାବାଡା ଦିଲ୍ଲୀକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବଲ୍‌କୁ ଦିଲ୍ଲୀ ମେଣ୍ଟର ସୌରଭ ଗାଙ୍ଗୁଲି 'ବଲ୍ ଅଫ୍ ଦି ଟୁର୍ନାମେଣ୍ଟ' ବୋଲି ଆଖ୍ୟା ମଧ ଦେଇଥିଲେ। ତେଣୁ ଶୁକ୍ରବାର ହେବାକୁ ଥିବା ଏହି ମ୍ୟାଚ୍‌ରେ ମୁଖ୍ୟତଃ ରସେଲ ଓ ରାବାଡାଙ୍କ ମଧରେ ଲଢ଼େଇ ଦେଖିବାକୁ ମିଳିବ। ଦିଲ୍ଲୀ ୬ ମ୍ୟାଚ୍‌ରୁ ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇ ଟେବୁଲ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଏହି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲରେ ନିଜ ସ୍ଥାନକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ।



କାଗିଶୋ ରାବାଡ଼ା

## ରାଇନାଙ୍କ ରେକର୍ଡ ଭାଙ୍ଗିବାରୁ ବଞ୍ଚିତ ହେଲେ ରୋହିତ୍

ମୁମ୍ବାଇ, ୧୧।୪

ଆଘାତଜନିତ ସମସ୍ୟା ଲାଗି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍ ଶର୍ମା ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ବୁଧବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଥିଲେ। ଏଥିସହ ରୋହିତ୍ ଦୀର୍ଘ ୧୧ ବର୍ଷର ବ୍ୟବଧାନ ପରେ ପ୍ରଥମଥର ଲାଗି ଆଇପିଏଲ୍‌ର ଏକ ମ୍ୟାଚ୍ ଖେଳିପାରିନାହାନ୍ତି। ଶେଷଥର ପାଇଁ ରୋହିତ୍ ୨୦୦୮ରେ ଡେକାନ ଚାର୍ଜସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ଖେଳି ନ ଥିଲେ। ଏହାପରେ ରୋହିତ୍ ୨୦୧୧ରେ ମୁମ୍ବାଇ ଦଳରୁ ଖେଳିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଷ୍ଟାଇଲିସ ମୁମ୍ବାଇ ବ୍ୟାଟ୍ସମ୍ୟାନ ଆଇପିଏଲ୍‌ରେ ମୋଟ୍ ୧୬୫ ମ୍ୟାଚ୍ (ଡେକାନ ପକ୍ଷରୁ ୩୨ ଓ ମୁମ୍ବାଇ ପକ୍ଷରୁ ୧୩୩) ଖେଳିସାରିଛନ୍ତି। ତେବେ ପଞ୍ଜାବ ବିପକ୍ଷ ମୁକାବିଲାରୁ ବାଦ୍ ପଡ଼ିବା ପୂର୍ବରୁ ରୋହିତ୍ ମୁମ୍ବାଇ ଫ୍ରାଞ୍ଚାଇଜ୍ ପକ୍ଷରୁ ଲଗାତର ୧୩୩ ମ୍ୟାଚ୍ ଖେଳିସାରିଥିଲେ। ଆଇପିଏଲ୍‌ରେ ଗୋଟିଏ ଫ୍ରାଞ୍ଚାଇଜ ପକ୍ଷରୁ ସର୍ବାଧିକ ଲଗାତର ମ୍ୟାଚ୍ ଖେଳିବାର ରେକର୍ଡ ସୁରେଶ ରାଇନାଙ୍କ ନାମରେ ରହିଛି। ରାଇନା ଚେନ୍ନାଇ ପକ୍ଷରୁ ଲଗାତର ୧୩୪ ମ୍ୟାଚ୍ ଖେଳି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ରୋହିତ୍‌ଙ୍କ ଅନୁପସ୍ଥିତିରେ କିରନ ପୋଲାର୍ଡ ପଞ୍ଜାବ ବିପକ୍ଷରେ ମ୍ୟାଚ୍‌ରେ ମୁମ୍ବାଇର ନେତୃତ୍ୱ ନେଇଥିଲେ। ଫଳରେ ୨୦୧୩ ପରେ ପ୍ରଥମଥର ଲାଗି ରୋହିତ୍‌ଙ୍କ ସ୍ଥାନରେ ଆଉ ଜଣେ ଖେଳାଳିଙ୍କୁ ମୁମ୍ବାଇ ଦଳର ଅଧିନାୟକ ଦାୟିତ୍ୱ ନେଇଥିଲେ। ୨୦୧୩ରେ ରିକି ପଣ୍ଟିଂଙ୍କ ପରେ ରୋହିତ୍ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇ ଆସୁଛନ୍ତି।




## ଏଆଇଟିଏ–ଏସ୍‌ଟିଏଫ୍ ମଧରେ ଏମ୍‌ଓୟୁ ସ୍ୱାକ୍ଷର

ନୂଆଦିଲ୍ଲୀ,୧୧।୪(ପିଟି)

ସର୍ବଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ଓ ସର୍ବିଆ ଟେନିସ ଫେଡେରେଶନ (ଏସ୍‌ଟିଏଫ୍) ମଧରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ଦେଶର ଜୁନିୟର ଟେନିସ ଖେଳାଳିଙ୍କୁ ବିଶ୍ୱ ସ୍ତରୀୟ ସର୍ବିଆନ କୋଚ୍‌ମାନେ ପ୍ରଶିକ୍ଷଣ ଦେବେ। ଏଆଇଟିଏ ସାଧାରଣ ସମ୍ପାଦକ ହିରୋନମୟ ଚାଟାର୍ଜୀ ଓ ଏସ୍‌ଟିଏଫ୍ ସିଇଓ ଡୁସାନ ଓର୍ଲାଣ୍ଡିକଙ୍କ ମଧରେ ବୁଧବାର ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ଭାରତୀୟ ଜୁନିୟର ଟେନିସ ଖେଳାଳିଙ୍କ ଉନ୍ନତି ଦିଗରେ ଉଭୟ ଫେଡେରେଶନ କାର୍ଯ୍ୟ କରିବ। ସର୍ବିଆର କୋଚ ଓ ଟ୍ରେନର ଭାରତ ଆସି ଗୋଟିଏ କିମ୍ବା ୨ ସପ୍ତାହ ଧରି ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହି ଶିବିରରେ ୧୨, ୧୪, ୧୬ ଓ ୧୮ ବର୍ଷରୁ କମ୍ ଖେଳାଳିମାନେ ଅଂଶଗ୍ରହଣ କରିବେ। ଏହାବାଦ୍ ଉଭୟ ଫେଡେରେଶନ ଟେନିସ ଅଫିସିଆଲ, କୋଚ ଓ ଟ୍ରେନରଙ୍କ ଶିକ୍ଷା ସମ୍ପର୍କରେ ମଧ କାର୍ଯ୍ୟ କରିବାକୁ ଏକମତ ହୋଇଛନ୍ତି।

## ଘରୋଇ ପରିବେଶ ଆମକୁ ସୁହାଇବ

ଜ୍ୟାକ କାଲିସ୍

ଚଳିତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ଆନ୍ଦ୍ରେ ରସେଲଙ୍କ ବ୍ୟାଟିଂ ଚମତ୍କାର ହୋଇପାରିଛି ଓ ସେ ପ୍ରତିକୂଳ ପରିସ୍ଥିତିରେ ମଧ ସ୍ଥିର ପ୍ରଦର୍ଶନ କରିଛନ୍ତି। କେବଳ ବ୍ୟାଟ ବୁଲାଇ ସେ ରନ୍ ସଂଗ୍ରହ କରିନାହାନ୍ତି। ସେ ଟି୨୦ ଫର୍ମାଟକୁ ବୁଝିଛନ୍ତି ଓ ଏଥିପାଇଁ ତାଙ୍କଠାରେ ଉଚ୍ଚକୋଟୀର ଟେକ୍‌ନିକ ରହିଛି। ବୋଲରମାନେ ତାଙ୍କୁ ଅଟକାଇବା ପାଇଁ କେଉଁଠାରେ ବଲ ପକାଇବେ ସେ ନେଇ କାର୍ଯ୍ୟ କରିବା ଦରକାର। କାରଣ ସେ ଅବିଶ୍ୱସନୀୟ ଶଟ୍ ଖେଳି ସବୁ ବଲ୍‌କୁ ଛକା କିମ୍ବା ଚୌକା ପାଇଁ ପ୍ରହାର କରିଥାନ୍ତି।

ଗତ ଦୁଇ ସପ୍ତାହ ମଧରେ ବାହାର ଗ୍ରାଉଣ୍ଡରେ ଆମେ ଦୁଇଟି କଷ୍ଟସାଧ୍ୟ ବିଜୟ ହାସଲ କରିଛୁ। ଆମେ ମଧ ଉଚ୍ଚକୋଟୀର କ୍ରିକେଟ ଖେଳିଛୁ ଓ ଠିକଣା ସମୟରେ ଉଚିତ୍ ନିଷ୍ପତ୍ତି ନେବାରେ ସଫଳ ହୋଇଛୁ। ଏହି ବିଜୟଗୁଡିକରେ ରସେଲଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ ଦଳଗତ ପ୍ରଦର୍ଶନ ଯୋଗୁ ଆମେ ବିଜୟୀ ହୋଇଛୁ ବୋଲି ପ୍ରଥମ ବ୍ୟକ୍ତି ଭାବେ ସେ କହିଛନ୍ତି। ଗତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଆମେ ସେତେଟା ଭଲ ପ୍ରଦର୍ଶନ କରି ନ ଥିଲୁ। ଗତ କେତେବର୍ଷ ହେବ ଚେନ୍ନାଇ ଜବରଦସ୍ତ ପ୍ରଦର୍ଶନ କରିଆସୁଛି। ଚେନ୍ନାଇ ଦଳ ବେଶ୍ ସନ୍ତୁଳିତ। ଏହି ଦଳରେ କେତେକ ଜଣାଶୁଣା ଖେଳାଳି ରହିଆସିଛନ୍ତି। ଚେନ୍ନାଇ ଓ କୋଲକାତା ଦଳ ମଧରେ ବହୁ ସମାନତା ରହିଛି। ସବୁଠାରୁ ବଡ଼ କଥା ହେଉଛି ଇଡେନ ଗାର୍ଡେନର ଘରୋଇ ପରିବେଶରେ ଆମେ କୋଡେଟି ମ୍ୟାଚ୍ ଖେଳିବାକୁ ଯାଉଛୁ। ଇଡେନ ଗାର୍ଡେନରେ ଅନ୍ୟ ଦଳଗୁଡିକ ବିଜୟୀ ହେବା କଷ୍ଟକର ହେବ। ଏଠାରେ ଘରୋଇ ଦର୍ଶକ ଆମ ପାଇଁ ଅତିରିକ୍ତ ଫିଲ୍ଡର ଭାବେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦୁଇଟି ମ୍ୟାଚ୍ ପରେ ଆମେ ଲମ୍ବା ବିଶ୍ରାମ ମଧ ପାଇବୁ। ଏହା ଦଳ ପାଇଁ ବେଶ୍ ସହାୟକ ହେବ। ଯଦି ସବୁକିଛି ଠିକ୍‌ଠାକ ଚାଲେ ତେବେ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ଆମେ ଶ୍ରେଷ୍ଠ ଦୁଇଟି ସ୍ଥାନକୁ ଉଠିପାରିବୁ। ଦଳରେ କେତୋଟି ଇଞ୍ଜୁରି ସମସ୍ୟା ରହିଛି। ଅବଶ୍ୟ ଏହାକୁ ଆମେ ସମ୍ଭାଳିବାରେ ସକ୍ଷମ ହେବୁ। ଟୁର୍ନାମେଣ୍ଟର ଏହି ପର୍ଯ୍ୟାୟରେ କୌଣସି ଦଳ ହାରିବାକୁ ଚାହିଁବେ ନାହିଁ। ତେବେ ଆମେ ଆଗକୁ ଭଲ ପ୍ରଦର୍ଶନ କରିବୁ।

(ଗେମ୍ ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)




## ସିନ୍ଧୁ, ସାଇନା, ଶ୍ରୀକାନ୍ତ କ୍ୱାର୍ଟରରେ

ସିଙ୍ଗାପୁର, ୧୧।୪ (ପି.ଟି.)

ଭାରତର ୩ ପ୍ରମୁଖ ଖେଳାଳି ପି. ଭି. ସିନ୍ଧୁ, ସାଇନା ନେହ୍ୱାଲ ଓ କିଡାମ୍ବି ଶ୍ରୀକାନ୍ତ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ ଏଠାରେ ଚାଲିଥିବା ୩୫୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରିଓ ଗେମ୍ସ ରୌପ୍ୟ ବିଜୟିନୀ ଚତୁର୍ଥ ସିଡ୍ ସିନ୍ଧୁ ତାଙ୍କ ମ୍ୟାଚ ଜିତିବାକୁ ମାତ୍ର ୩୯ ମିନିଟ୍ ସମୟ ନେଇଥିଲେ। ସେ ବିଶ୍ୱର ୨୨ ନମ୍ବର ଖେଳାଳି ମିଆ ବ୍ଲିଚ୍ ଫେଲ୍ଡିଟ୍‌ଙ୍କୁ ୨୧–୧୩, ୨୧–୧୯ରେ ହରାଇ ଦେଇଛନ୍ତି। ଡେନମାର୍କର ଏହି ଖେଳାଳିଙ୍କ ବିପକ୍ଷରେ ତାଙ୍କର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ବିଶ୍ୱର ୬ ନମ୍ବର ଖେଳାଳି ପରବର୍ତ୍ତୀ ରାଉଣ୍ଡରେ ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଚାଇନାର କାଇ ୟାନ୍ ୟାନ୍‌ଙ୍କ ସହିତ ମୁକାବିଲା କରିବେ। ୬ଷ୍ଠ ସିଡ୍ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ଡେନମାର୍କର ହାନ୍ସ–କ୍ରିଷ୍ଟିଆନ ସୋଲ୍‌ବର୍ଗ ଭିଟିଙ୍ଗସଙ୍କୁ ୨୧–୧୨, ୨୩–୨୧ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ଜାପାନର କେଣ୍ଟୋ ମୋମୋଟା ଏବଂ ଭାରତର ଏଚ.ଏସ. ପ୍ରଣୟଙ୍କ ମଧରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ୬ଷ୍ଠ ସିଡ୍ ସାଇନା କିନ୍ତୁ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କୁ ୨୧–୧୬, ୧୮–୨୧, ୨୧–୧୯ରେ ପରାସ୍ତ କରିଛନ୍ତି। ଏଥିସହିତ ଏହି ଖେଳାଳିଙ୍କଠାରୁ ସେ ମାଲେସିଆ ଓପନ୍ ପ୍ରଥମ ରାଉଣ୍ଡ ପରାଜୟର ପ୍ରତିଶୋଧ ନେଇପାରିଛନ୍ତି।



ପି.ଭି. ସିନ୍ଧୁ।

### ସିଙ୍ଗାପୁର ଓପନ୍

ଅନ୍ୟପକ୍ଷରେ ପାରୁପଲ୍ଲୀ କାଶ୍ୟପ ଅଲିମ୍ପିକ ଚାମ୍ପିୟନ ତଥା ଚାଇନାର ଚେନ୍ ଲଙ୍ଗ୍‌ଙ୍କଠାରୁ ୯–୧୧, ୨୧–୧୫, ୧୬–୨୧ ଗେମ୍‌ରେ ହାରିଯାଇଛନ୍ତି। ସମୀର ବର୍ମା ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ ଚାଇନାର ଲୁ ଗୁଆଙ୍ଗଝୁଙ୍କୁ ୨୧–୧୫, ୨୧–୧୮ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଦ୍ୱିତୀୟ ସିଡ୍ ତାଇପେ ଖେଳାଳି ଚୋଉ ତିନ୍ ଚେନ୍ କିମ୍ବା ଡେନମାର୍କର ଜାନ୍ ଓ' ଜର୍ଗେନସେନ୍‌ଙ୍କ ସହିତ ମୁକାବିଲା କରିବେ। ପ୍ରଣବ ଜେରୀ ଓ ଏନ. ସିକ୍କି ରେଡ୍ଡୀ ମଧ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ବିଶ୍ୱର ୧୧ ନମ୍ବର ହଂକଂ ଯୋଡ଼ି ତଙ୍ଗ ଚୁନ୍ ମନ୍ ଏବଂ ତିସେ ୟିଙ୍ଗ୍ ସୁଏଟ୍‌ଙ୍କୁ ୨୧–୧୭, ୬–୨୧, ୨୧–୧୯ରେ ପରାସ୍ତ କରିଛନ୍ତି।



‘ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ’

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଡ଼ା. ସୁବାସ ଚନ୍ଦ୍ର ରଥ

ଆବିର୍ଭାବ : ତା ୧୧.୦୯.୧୯୪୮ ତିରୋଧାନ : ତା ୦୨.୦୪.୨୦୧୯

୧୯୪୮-୨୦୧୯

ରଥ ପରିବାର, ଡ୍ରିମ୍‌ସ ପରିବାର, ଶ୍ରୀ ଦୁର୍ଗା କନ୍‌ଡେଭ୍ ପ୍ରା.ଲି଼. ପରିବାର ଓ
ମା’ ଶକ୍ତି ହସ୍‌ପିଟାଲ ପରିବାର ସଦସ୍ୟବୃନ୍ଦ ।
କଏରାପାରୀ, ଟାଙ୍ଗୀ, କଟକ

କାର୍ଯ୍ୟସୂଚୀ :
ଏକାଦଶାହ୍ନକର୍ମ
ତା ୧୨.୦୪.୨୦୧୯ (ଶୁକ୍ରବାର)
ଡ଼ା. ସୁବାସ ଚନ୍ଦ୍ର ରଥଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ଅପରାହ୍ନ ୫.୦୦ ଘଟିକା :
ସ୍ଥାନ : ଜୟଶ୍ରୀ ଅଡ଼ିଟୋରିୟମ୍, ଡ୍ରିମ୍‌ସ ପରିସର, ଟାଙ୍ଗୀ, କଟକ
ଦ୍ୱାଦଶାହ୍ନକର୍ମ
ତା ୧୩.୦୪.୨୦୧୯ (ଶନିବାର)
ଗୀତାପାରାୟଣ ଓ ସଙ୍କୀର୍ତ୍ତନ : ପୂର୍ବାହ୍ନ ୯ ଘଟିକା
ସ୍ଥାନ : କଏରାପାରୀ ବାସଭବନ, ଟାଙ୍ଗୀ, କଟକ
ତା ୧୫.୦୪.୨୦୧୯ (ସୋମବାର)
ସ୍ମୃତିସଭା : ସନ୍ଧ୍ୟା ୭ ଘଟିକା
Venue : Crystal Courtyard
Kanan Vihar, Chandrasekharpur, Bhubaneswar

# କଳିଙ୍ଗ ଷ୍ଟାଡିୟମ ବ୍ୟବହାର ପାଇଁ ମିନର୍ଭାକୁ ଅନୁମତି

## ଏଏଫସି କପ୍ ଫୁଟ୍‌ବଲ ମେ’୧ ମ୍ୟାଚ

**ନୂଆଦିଲ୍ଲୀ, ୧୧।୪(ପି.ଟି.)**

ଦେଶର ଅନ୍ୟତମ ପ୍ରତିଷ୍ଠିତ ଫୁଟବଲ କ୍ଲବ ମିନର୍ଭା ପଞ୍ଜାବକୁ ଆଶ୍ୱସ୍ତି ମିଳିଛି। ମେ ୧ରେ ହେବାକୁଥିବା ଏଏଫ୍‌ସି କପ୍ ମ୍ୟାଚ ଆୟୋଜନ ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡଭାବେ ବ୍ୟବହାର ଲାଗି ଅନୁମତି ମିଳିଛି। ତେଣୁ କ୍ଲବ ବନ୍ଦ କରିଦେବା ଯୋଜନାରୁ ମିନର୍ଭା ଓହରିଛି।

ପ୍ରକାଶଯୋଗ୍ୟ ଯେ, ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ଜିଦ୍ ଯୋଗୁ ଓଡ଼ିଶା ସରକାର ନେପାଳର ମନଙ୍ଗ ମାରସ୍ୟାଙ୍ଗଡି କ୍ଲବ ବିପକ୍ଷ ଗ୍ରୁପ ‘ଇ’ ମ୍ୟାଚ ଆୟୋଜନ ପାଇଁ ଅନୁମତି ଦେବାରୁ ଓହରି ଯାଇଛନ୍ତି ବୋଲି ମିନର୍ଭା ଅଭିଯୋଗ କରିଥିଲା। କ୍ଲବ ମାଲିକ ରଣଜିତ ବଜାଜ ଏ ସମ୍ପର୍କରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ମିନର୍ଭା କେବଳ ମେ’୧ ମ୍ୟାଚ ପାଇଁ କଳିଙ୍ଗ ଷ୍ଟାଡିୟମକୁ ବ୍ୟବହାର କରିପାରିବ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି। ବଜାଜ ଗୁରୁବାର ଏହା ପ୍ରକାଶ କରିଛନ୍ତି। ‘‘ମୁଁ ଅତ୍ୟନ୍ତ ଖୁସି, ମ୍ୟାଚ ଆୟୋଜନ ପାଇଁ ଅନୁମତି ଦେଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ା ସଚିବ ଓ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି’’ ବୋଲି ବଜାଜ କହିଛନ୍ତି। ଜୁନ ୧୯ ଓ ୨୬ରେ ଆମର ଆଉ ୨ଟି ମ୍ୟାଚ ଅଛି। ତେବେ ଏହି ୨ ମ୍ୟାଚ ପାଇଁ ଆମେ କଳିଙ୍ଗ ଷ୍ଟାଡିୟମକୁ ବ୍ୟବହାର କରିପାରିବୁ ନାହିଁ। ତେଣୁ ପରବର୍ତ୍ତୀ ୨ଟି ମ୍ୟାଚ ପାଇଁ ଆମେ ଅନ୍ୟ ଷ୍ଟାଡିୟମ ପାଇବାକୁ ଚେଷ୍ଟା କରିବୁ। ୨ ମାସରୁ ଊର୍ଦ୍ଧ୍ୱ ସମୟ ହାତରେ ଥିବାରୁ ଭେନ୍ୟୁ ପାଇବାନେଇ ଆମେ ଆଶାବାଦୀ ବୋଲି ବଜାଜ ପ୍ରକାଶ କରିଛନ୍ତି। କେତେକ ଭେନ୍ୟୁ ଆମ ମନରେ ରହିଛି। ଆସାମର ଗୁଆହାଟୀ ଓ ଗୋଆର ଫତୋର୍ଦାକୁ ଭେନ୍ୟୁ କରାଯିବା ଆଶା ରହିଛି। ଏ ଷ୍ଟାଡିୟମଗୁଡ଼ିକ ଏଏଫସି ଅନୁମୋଦନ ଲାଭ କରିଛି। ତେଣୁ ଆମେ ଗୁଆହାଟୀ, ଗୋଆ ଏବଂ ଅନ୍ୟମାନଙ୍କୁ ମଧ୍ୟ ଅନୁରୋଧ କରିବୁ। ଷ୍ଟାଡିୟମ ବ୍ୟବହାର ପାଇଁ ଫି’ ମଧ୍ୟ ଅନ୍ୟତମ ପ୍ରସଙ୍ଗ ରହିବ ବୋଲି ସେ କହିଛନ୍ତି। ମିନର୍ଭାର ଅନ୍ୟ ୨ଟି ହୋମ୍ ଗେମ୍ ଚେନ୍ନାଇନ୍ ଏଫସି(ଜୁନ୍ ୧୯) ଓ ବାଂଲାଦେଶର ଆବାହନୀ ଲିମିଟେଡ ଢାକା(ଜୁନ ୨୬) ବିପକ୍ଷରେ ରହିଛି।

କ୍ଲବ ବନ୍ଦ କରିଦେବା ପାଇଁ ଚିନ୍ତା କରୁଥିବା ସମ୍ପର୍କରେ ବଜାଜ କହିଲେ ଯେ, ‘‘ମେ ୧ ମ୍ୟାଚ ପାଇଁ ଭେନ୍ୟୁ ନ ମିଳିଲେ ଆମେ ଏ ସମ୍ପର୍କରେ ଚିନ୍ତା କରିବୁ ବୋଲି କହିଥିଲି। ଆମେ ଏହି ମ୍ୟାଚ ଆୟୋଜନ ପାଇଁ ଭେନ୍ୟୁ ନ ପାଇଥିଲେ ଏଏଫ୍‌ସି ପକ୍ଷରୁ ଆମ କ୍ଲବକୁ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ବାସନ୍ଦ କରାଯାଇଥାନ୍ତା। ଏହା ସହିତ ମ୍ୟାଚ ପିଛା ୫୦,୦୦୦ ଆମେରିକୀୟ ଡଲାର ଜରିମାନା ମଧ୍ୟ ଆମ ଉପରେ ଲଗାଯାଇଥାନ୍ତା। ଏହା ଅର୍ଥ ୬ ଗ୍ରୁପ ମ୍ୟାଚ ପାଇଁ ୩ ଲକ୍ଷ ଆମେରିକୀୟ ଡଲାର ଜରିମାନା କରାଯିବା ସହ ଆମ ବିପକ୍ଷରେ ୦-୩ରେ ମ୍ୟାଚ ଫଳାଫଳ ମଧ୍ୟ ଲାଗୁ କରାଯାଇଥାନ୍ତା। ବାସନ୍ଦ ଅବଧି ଏବଂ ବଡ଼ଧରଣର ଜରିମାନାକୁ ଦୃଷ୍ଟିରେ ରଖି ଆମେ ଏପରି ନିଷ୍ପତ୍ତି ନେବାକୁ ଯାଉଥିଲୁ’’ ବୋଲି ବଜାଜ କହିଛନ୍ତି। କ୍ଲବ ବନ୍ଦ କରିବା ବ୍ୟତୀତ ଆମ ନିକଟରେ ଆଉ କୌଣସି ଚାରା ନ ଥିଲା। ମାତ୍ର ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଏବେ ଆମେ ମେ ୧ ମ୍ୟାଚ ଉପରେ ଫୋକସ କରିବୁ ବୋଲି ସେ ପ୍ରକାଶ କରିଛନ୍ତି।

ଲୋରେଟ୍ କପ୍ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ

# ଭାରତୀୟ ଦଳରେ ଆର୍ଯ୍ୟନ



**ଭୁବନେଶ୍ୱର, ୧୧।୪(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ପେନ୍‌ରେ ଆସନ୍ତା ୧୩ରୁ ୧୮ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଲୋରେଟ୍ କପ୍ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟରେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ୍ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ହ୍ୟାଣ୍ଡବଲ୍‌ରେ ସେ ପ୍ରଥମ ଓଡ଼ିଆ ଖେଳାଳି ଭାବେ ଦେଶ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଛନ୍ତି। ସେ ୧୬ ବର୍ଷରୁ କମ୍ ଦଳରେ ଖେଳିବାକୁ ଚୟନ ହୋଇଛନ୍ତି ବୋଲି ହ୍ୟାଣ୍ଡବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ଆନନ୍ଦେଶ୍ୱର ପାଣ୍ଡେ ସୂଚନା ଦେଇଛନ୍ତି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଭାରତୀୟ ଦଳ ଗୁରୁବାର ଦିଲ୍ଲୀରୁ ସ୍ପେନ୍ ଯାତ୍ରା କରିଛି। ଆର୍ଯ୍ୟନ୍ ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗାରେ ଦଶମ ଶ୍ରେଣୀରେ ପଢୁଛନ୍ତି। ୨୦୧୮ ଜୁଲାଇ ୨୬ରୁ ୩୧ ତାରିଖ ମଧ୍ୟରେ ଲଣ୍ଡନରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଜୁନିୟର ହ୍ୟାଣ୍ଡବଲ୍ କପ୍ ଚାମ୍ପିୟନଶିପ୍‌ରେ ଆର୍ଯ୍ୟନ୍ ଭାରତୀୟ ଦଳ ତରଫରୁ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ।

# ପ୍ରଥମ ଦିନିକିଆରେ ଜିମ୍ବାୱେର ସହଜ ବିଜୟ

**ହରାରେ, ୧୧।୪**

ଭ୍ରମଣକାରୀ ୟୁଏଇ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଜିମ୍ବାୱେ ସହଜ ବିଜୟ ହାସଲ କରିଛି। ୟୁଏଇ ପକ୍ଷରୁ ଧାର୍ଯ୍ୟ ୧୧୧ ରନର ଛୋଟିଆ ଲକ୍ଷ୍ୟକୁ ଘରୋଇ ଜିମ୍ବାୱେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା। ବିଜୟ ସହ ଜିମ୍ବାୱେ ୪ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପ୍ରତିପକ୍ଷ ବୋଲରଙ୍କୁ ସାମ୍ନା କରି ନ ପାରି ନିୟମିତ ବ୍ୟବଧାନରେ ଉଇକେଟ୍ ହରାଇଥିଲା। ମଧ୍ୟକ୍ରମରେ ମହମ୍ମଦ ବୁଟା (୩୬ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଫଳରେ ୟୁଏଇ ୪୪.୫ ଓଭରରେ ୧୧୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜିମ୍ବାୱେ ପକ୍ଷରୁ ୩ ଡାହାଣହାତୀ ଦ୍ରୁତ ବୋଲର ଟେଣ୍ଡାଇ ଚତରା (୧୦-୨-୨୫-୩), କାଏଲ ଜାର୍ଭିସ (୭.୫-୨-୧୧-୨) ଓ ଡୋନାଲ୍ଡ ତ୍ରିପାନୋ (୮-୩-୧୮-୨) ଚମତ୍କାର ବୋଲିଂ କରିଥିଲେ। ଅଫ୍‌ସ୍ପିନର ସିକନ୍ଦର ରାଜା ମଧ୍ୟ ନିଜ ୧୦ ଓଭର ସ୍ପେଲରେ ୨୧ ରନ ଦେଇ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଜିମ୍ବାୱେ ୨୩.୧ ଓଭରରେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ କ୍ରେଗ୍ ଏର୍ଭିନ ୫୧, ଉଇକେଟ୍‌କିପର ରେଗିସ ଚକାବଭା ୩୮ ଓ ସୋଲୋମନ ମିର୍ ୧୧ ରନ କରି ଆଉଟ୍ ହୋଇଥିଲେ। ସିନ୍ ୱିଲିୟମ ୫ ଓ ଟିମିସେନ ମାରୁମା ୪ ରନରେ ଅପରାଜିତ ରହିଥିଲେ। ପ୍ରଭାବୀ ବୋଲିଂ ଲାଗି ଚତରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦୁଇ ନୂଆ ଦଳ ମଧ୍ୟରେ ଲଢ଼େଇ

## ସୁପର କପ୍ ଫୁଟବଲ ଫାଇନାଲ

**ଭୁବନେଶ୍ୱର, ୧୧।୪(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଯୋଗିତାର ଫାଇନାଲ ଶନିବାର ଏଫସି ଗୋଆ ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଏଫ୍‌ସି ଗୋଆ ୩-୦ ଗୋଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଚେନ୍ନାଇନ୍ ୨-୦ ଗୋଲରେ ଆଟଲେଟିକୋ ଡି କୋଲକାତା (ଏଟିକେ)କୁ ପରାସ୍ତ କରିଛି। ଗତବର୍ଷ ପ୍ରଥମ ସଂସ୍କରଣର ଚାମ୍ପିୟନ ବେଙ୍ଗାଲୁରୁ ଏଫସି କ୍ୱାର୍ଟର ଫାଇନାଲରୁ ବିଦାୟ ନେଇସାରିଥିବାରୁ ଏବଂ ରନର୍ସଅପ୍ ଇଷ୍ଟବେଙ୍ଗଲ ଓହରି ଯାଇଥିବାରୁ ଏଥର ଦୁଇ ନୂଆ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହେବାକୁ ଯାଉଛି।

ଗତ ଇଣ୍ଡିଆନ ସୁପର ଲିଗ୍(ଆଇଏସଲ)ର ଫାଇନାଲରେ ଗୋଆ ପ୍ରବେଶ କରିଥିଲା। ମାତ୍ର ବେଙ୍ଗାଲୁରୁ ଏଫସି ନିକଟରୁ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ତେଣୁ ଚଳିତ ସିଜନରେ ଏକ ଟ୍ରଫି ହାସଲ ପାଇଁ ଏହି ଦଳର ଖେଳାଳିମାନେ ବ୍ୟଗ୍ର। ଦଳର ଅନ୍ୟତମ ପ୍ରଭାବଶାଳୀ ଖେଳାଳି ଅହମ୍ମଦ ଜାହୋଉଙ୍କ ବିନା ଗୋଆ ଏହି ଟୁର୍ନାମେଣ୍ଟ ଖେଳୁଛି। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଗୋଆ ଚମତ୍କାର ଫର୍ମ ଜାରି ରଖି ସୁପର କପ୍‌ର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫ୍‌ସି ନିକଟରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ଶେଷରେ ଦଳ ୪-୩ ଗୋଲରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ସେମିଫାଇନାଲରେ ଦଳ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇବାପରେ ଖେଳାଳିଙ୍କ ମନୋବଳ କାହିଁ କେତେ ଉପରେ ପହଞ୍ଚିଛି। ଗୋଆର ଫେରେନ କୋରୋମିନାସ ଡବଲ ଗୋଲ ଦେଇ ମ୍ୟାଚକୁ ଏକ ପାଖିଆ କରି ଦେଇଥିଲେ। ବ୍ରେଣ୍ଡନ ଫର୍ନାଣ୍ଡିଜ ଗୋଟିଏ ଗୋଲ ଦେବାରୁ ଗୋଆ ୩-୦ ଗୋଲରେ ଚେନ୍ନାଇ ସିଟି ଏଫସିକୁ ପରାସ୍ତ କରିଥିଲା।

ଅନ୍ୟପକ୍ଷରେ ଗତ ଆଇଏସଏଲରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଚେନ୍ନାଇନ୍ ଦଳଗତଭାବେ ଏପର୍ଯ୍ୟନ୍ତ ସୁପର କପ୍‌ରେ ଚମତ୍କାର ଖେଳିଛି। ଫାଇନାଲ ପଥରେ ଏହି ଦଳ ମୁମ୍ବାଇ ସିଟି ଏଫସି, ନର୍ଥଇଷ୍ଟ ୟୁନାଇଟେଡ ଓ ଏଟିକେକୁ ପରାସ୍ତ କରିଛି। ସବୁଠାରୁ ବଡ଼ କଥା ହେଲା ଦଳ ଏପର୍ଯ୍ୟନ୍ତ ମାତ୍ର ଗୋଟିଏ ଗୋଲ ବରଣ କରିଛି। ମିଡ୍‌ଫିଲ୍ଡକୁ ଧନପାଲ ଗଣେଶଙ୍କ ପ୍ରତ୍ୟାବର୍ତ୍ତନ ଏବଂ ଅନିରୁଦ୍ଧ ଥାପା ଫର୍ମକୁ ଫେରିବା ଚେନ୍ନାଇନ୍‌କୁ ବେଶ୍ ସୁହାଇଛି। ମାଲିସନ ଆଲସେଙ୍କ ନେତୃତ୍ୱାଧୀନ ରକ୍ଷଣଭାଗ ଏବଂ ଗୋଲପୋଷ୍ଟରେ କରନଜିତ ସିଂଙ୍କ ଚମତ୍କାର ସେଭ୍ ଦଳକୁ ଅଗ୍ରଣୀ ସିଟ୍‌ରେ ବସାଇଛି। ଏଟିକେ ବିପକ୍ଷରେ ଥାପାଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ଜେଜେ ଲାଲପେଖଲୁଆ ଓ ସି.କେ. ଭିନିଥ ଏପର୍ଯ୍ୟନ୍ତ ମାତ୍ର ୩ଟି ଗୋଲ ଦେଇପାରିଛନ୍ତି। ତାଙ୍କ ନିକଟରୁ ଗ୍ରେଗୋରି ଅଧିକ କିଛି ଆଶା କରୁଛନ୍ତି।



ଏଟିକେ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଚେନ୍ନାଇନ୍ ଏଫ୍‌ସି ଦଳର ଖେଳାଳିମାନେ।



ମାଲେସିଆ ବିପକ୍ଷ ହକି ସିରିଜର ଗୁରୁବାର ମ୍ୟାଚରେ ବଲ ନେଇ ଆଗେଇ ଯାଉଛନ୍ତି ଭାରତର ନଭଜୋତ କୌର।

# ମାଲେସିଆ ବିପକ୍ଷରେ ଭାରତ ଅପରାଜେୟ

## ମହିଳା ହକି ସିରିଜ

**କୁଆଲାଲମ୍ପୁର(ମାଲେସିଆ), ୧୧।୪**

ଭାରତୀୟ ମହିଳା ହକି ଦଳ ଗୁରୁବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ମ୍ୟାଚରେ ମାଲେସିଆକୁ ୧-୦ ଗୋଲରେ ପରାସ୍ତ କରିଛି। ମ୍ୟାଚର ୩୫ତମ ମିନିଟରେ ନଭଜୋତ କୌର ଭାରତ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଏଥିସହ ଦ୍ୱିପାକ୍ଷିକ ସିରିଜକୁ ୪-୦ରେ ଜିତିଛି ଭାରତ। ପ୍ରଥମ ମ୍ୟାଚକୁ ୩-୦ ଓ ଦ୍ୱିତୀୟ ମ୍ୟାଚକୁ ୫-୦ରେ ଜିତିଥିବା ଭାରତ ତୃତୀୟ ମ୍ୟାଚକୁ ୪-୪ ଗୋଲରେ ଡ୍ର ରଖିଥିଲା। ୪ର୍ଥ ମ୍ୟାଚକୁ ୧-୦ ଓ ୫ମ ମ୍ୟାଚକୁ ୧-୦ରେ ଜିତି ଅପରାଜେୟ ରହିବା ସହ ଗସ୍ତ ଶେଷ କରିଛି ଭାରତୀୟ ଦଳ।

ସିରିଜର ପୂର୍ବ ମ୍ୟାଚଗୁଡ଼ିକ ଭଳି ଭାରତ ଅନ୍ତିମ ମ୍ୟାଚରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମାତ୍ର ଅନେକଥର ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲା। ବିଶେଷ କରି ପେନାଲ୍ଟି କର୍ନରର କନଭର୍ସନ ଭାରତ ପାଇଁ ଏବେ ମଧ୍ୟ ଚିନ୍ତାର କାରଣ ରହିଛି। ଗୋଲ କନଭର୍ସନ ଉପରେ ଆମକୁ କାମ କରିବାକୁ ପଡ଼ିବ ବୋଲି ମ୍ୟାଚ ପରେ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି। ‘‘ଆମେ ଅନେକଥର ପ୍ରତିପକ୍ଷ ସର୍କଲରେ ପ୍ରବେଶ କରିଥିବାରୁ ମୁଁ ବହୁତ ଖୁସି। ଆମେ ଗୋଲ ସ୍କୋରିଂ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଥିଲୁ। ମାତ୍ର ଠିକ୍ ସମୟରେ ତାହାର ସଦୁପଯୋଗ କରିପାରି ନ ଥିଲୁ। ଏହାକୁ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ’’ ବୋଲି ମାରିଜନେ କହିଛନ୍ତି। ମାଲେସିଆ ପରି ଏକ ରକ୍ଷଣାତ୍ମକ ଦଳ ବିପକ୍ଷରେ କିପରି ଖେଳିବାକୁ ହୁଏ ତାହା ଏହି ସିରିଜରୁ ଶିକ୍ଷା ମିଳିଛି। ଆମର ଅନେକ ଯୁବ ଖେଳାଳି ଏହି ସିରିଜରେ ଅନ୍ତର୍ଜାତୀୟ ଅଭିଜ୍ଞତା ମଧ୍ୟ ପାଇଛନ୍ତି। ଏହା ଆମକୁ ଭବିଷ୍ୟତରେ ଦଳ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ମାରିଜନେ ପ୍ରକାଶ କରିଛନ୍ତି।

# ସୋସିଆଲ ମିଡିଆର ଗୁରୁତ୍ୱ

**ଗୌତମ ଗମ୍ଭୀର**

ଏବେ ସୋସିଆଲ ମିଡିଆର ଜମାନା। କାରଣ ଏଥିରେ ବର୍ତ୍ତମାନ କେତେକ ଚର୍ଚ୍ଚିତ ଘଟଣା ଦେଖିବାକୁ ମିଳିଛି। ଖାସ୍ କରି ଇନ୍‌ଷ୍ଟାଗ୍ରାମରେ। ରୋହିତ ଶର୍ମାଙ୍କ ୩ ମାସର ଝିଅ ସାମିରାକୁ କେହି ଜଣେ ସ୍ପାନିସ୍ ଭାଷାରେ କିଛି କହୁଥିବାର ଇନ୍‌ଷ୍ଟାଗ୍ରାମ୍‌ରେ ଦେଖିବାକୁ ମିଳିଥିଲା। ଅବଶ୍ୟ ଏହା ରୋହିତ୍‌ଙ୍କୁ ବେଶ୍ ଖୁସି କରିଥିବ। ଏହାପରେ ମହେନ୍ଦ୍ର ସିଂ ଧୋନୀଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡଲ୍‌ରେ ଆଉ ଏକ ମଜାଦାର କଥା ଦେଖିବାକୁ ମିଳିଛି। ଧୋନୀ ବିମାନବନ୍ଦରର ସର୍ବସାଧାରଣ ସ୍ଥାନରେ ତଳେ ଶୋଇଥିବା ଦେଖିବାକୁ ମିଳିଛି। ଜଣେ ପୂର୍ବତନ ଭାରତୀୟ ଅଧିନାୟକ ତଳେ ଏପରି ଶୋଇରହିବା ଅନେକଙ୍କୁ ଚକିତ କରିଥିବ। ଏହାକୁ ଅବଶ୍ୟ ମୁଁ ପସନ୍ଦ କରୁଛି। ଖେଳାଳିମାନେ ଅଧିକରୁ ଅଧିକ ଲୋକପ୍ରିୟ ହେବାକୁ ଚାହୁଁଛନ୍ତି। ସେମାନେ ସେମାନଙ୍କର ପ୍ରଶଂସକଙ୍କ ସଂଖ୍ୟା ଆହୁରି ବଢାଇବାକୁ ଚାହୁଁଛନ୍ତି। କିଛି ବର୍ଷ ତଳେ ଏକ ଅସ୍ୱାଭାବିକ ଘଟଣା ମୁଁ ଅଙ୍ଗେ ନିଭାଇଥିଲି। ଜଣେ ଯୁବ ଖେଳାଳି ତାଙ୍କ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଟିମ୍ ଭିଡିଓରେ କାହିଁକି ସ୍ଥାନ ପାଇଲେନି ବୋଲି ଅଭିଯୋଗ କରିଥିଲେ। ଅପେକ୍ଷାକୃତ ଖରାପ ପ୍ରଦର୍ଶନ କରିଥିବା ଖେଳାଳିମାନେ ସ୍ଥାନ ପାଇଥିଲେ, ମୁଁ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଥିଲେ। ଏହା ମୋତେ ନିରାଶ କରିଥିଲା। ନିଜ ପ୍ରଦର୍ଶନ ଓ ସ୍ଥିରତାକୁ ନେଇ ଯୁବ ଖେଳାଳି ଜଣକ ପ୍ରୟାସ କରିବା ବଦଳରେ ଟିମ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡଲ୍‌ରେ କାହିଁକି ସ୍ଥାନ ପାଇଲେନି ବୋଲି ଚିନ୍ତିତ ଥିଲେ। କେବଳ ସେ ନୁହଁ, ଦୁଃଖର କଥା ଯେ ମାତ୍ର ଏକାଧିକ ଖେଳାଳିଙ୍କ ମନୋଭାବ ଏପରି ରହିଛି। ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ ଜାରି ରଖିଥିବା କେତେକ ଖେଳାଳି ମଧ୍ୟ ଏହି ପରି ଅନୁଭବ କରୁଛନ୍ତି। ସେଭଳି ଆଖିଦୃଶିଆ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚିତ ହେବା ଦ୍ୱାରା ଭଲ ବ୍ରାଣ୍ଡର ବିଜ୍ଞାପନ ମିଳିବାର ଯଥେଷ୍ଟ ସମ୍ଭାବନ ରହିଛି ଓ ପୁଣି ଏକ ଫ୍ୟାନ୍ ବେଶ୍ ସୃଷ୍ଟି ହେବା ସହ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିହେବ ବୋଲି କେତକେ ଭାବୁଛନ୍ତି। କ୍ରିକେଟରେ ଏବେ ସୋସିଆଲ ମିଡିଆର ଗୁରୁତ୍ୱ ବେଶ୍ ଦେଖିବାକୁ ମିଳୁଛି। ତେବେ ଏହା କେତେଦୂର ଠିକ୍ ତାହା କହିପାରିବିନି।

ଶୁକ୍ରବାର ଇଡେନ ଗାର୍ଡେନରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ସୋସିଆଲ ମିଡିଆ ଦୃଷ୍ଟିକୋଣରୁ ହୋଇଥିବା ମୁକାବିଲାରେ କୋଲକାତା ବିଜୟୀ ହେବ ବୋଲି କୁହାଯାଇପାରେ। ତେବେ ଇଡେନ ଗାର୍ଡେନରେ ଦିଲ୍ଲୀର ବୋଲିଂ ବେଶି ପ୍ରଭାବୀ ହେବ ବୋଲି ଭାବୁଛି। କାଗିସୋ ରାବାଡ଼ା ଇଡେନ୍‌ର ନୂଆ ପିଚ୍‌ରେ ଭଲ ବୋଲିଂ କରିବେ। ଟ୍ରେଣ୍ଟ ବୋଲ୍ଟ ମଧ୍ୟ ପଛରେ ପଡିବେ ନାହିଁ। ଏହି ମ୍ୟାଚରେ କେତୋଟି ମଜାଦାର ଶଟ୍ ଓ ମ୍ୟାଚ୍ ସରିବା ପରେ ବିଜୟ ଉତ୍ସବ ମନାଉଥିବାର ଭିଡିଓ ଦିଲ୍ଲୀ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଦେଖିବାକୁ ମୁଁ ବ୍ୟଗ୍ର ହୋଇ ରହିଛି। (ଗେମ୍ ପ୍ଲାନ୍)




## ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସଦର, ସମ୍ବଲପୁର

## OFFICE OF THE RETURNING OFFICER-CUM-SUB-COLLECTOR, SADAR, SAMBALPUR

Fax No: 0663-2410387, Ph. No: 0663-2410387(O), 0663-2411702(R),
Email: subcol.samb-od@nic.in

ସଂଖ୍ୟା: ୨୭୮୭/ ନିର୍ବାଚନ ତାରିଖ:୦୯।୦୪।୨୦୧୯

ପ୍ରାପ୍ତେଷୁ

୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ।

ବିଷୟ: ୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦୈନନ୍ଦିନ ନିର୍ବାଚନ ବ୍ୟୟ ନିରୀକ୍ଷଣ ଅନୁସୂଚୀ।

ମହାଶୟ/ମହାଶୟା,

ଅତ୍ର କାର୍ଯ୍ୟାଳୟ ପତ୍ର ସଂ.୨୭୫୯ ତା.୦୯।୦୪।୨୦୧୯ର ଆଂଶିକ ରୂପାନ୍ତରଣ ସହ ମୁଁ ଆପଣଙ୍କୁ ଜଣାଇବାକୁ ଚାହୁଁଛି ଯେ, ମାନ୍ୟବର ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଚଳିତ ସାଧାରଣ ନିର୍ବାଚନ-୨୦୧୯ର ୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଦୈନନ୍ଦିନ ନିର୍ବାଚନୀ ସମ୍ବନ୍ଧୀୟ ବ୍ୟୟଅଭିଲେଖ ବହି (ରେଜିଷ୍ଟର) ଏବଂ ତତ୍‌ସମ୍ବନ୍ଧୀୟ କାଗଜାତର ନିରୀକ୍ଷଣ ନିମ୍ନପ୍ରଦତ୍ତ ସାରଣୀ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ତଦନୁସାରେ ଆପଣ ବା ଆପଣଙ୍କର ନିର୍ବାଚନ ଏଜେଣ୍ଟ ବା ଆପଣଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚର ହିସାବ ସମ୍ବନ୍ଧୀୟ ଅଭିଲେଖ ବହି ଏବଂ ତତ୍‌ସଂଲଗ୍ନ କାଗଜାତ ଇତ୍ୟାଦି ଧାର୍ଯ୍ୟ ତାରିଖ ଓ ସମୟରେ ନିରୀକ୍ଷଣ ନିମନ୍ତେ ଉପସ୍ଥାପନ କରିବାକୁ ଜଣାଇ ଦିଆଯାଉଅଛି।

| ଅନୁସୂଚୀ | ଯାଞ୍ଚ ତାରିଖ | ଯାଞ୍ଚ ସମୟ | ଯାଞ୍ଚ ସ୍ଥାନ |
|---|---|---|---|
| ପ୍ରଥମ ଯାଞ୍ଚ | ୧୨।୦୪।୨୦୧୯ | ଦିନ ୧୦ ଘଣ୍ଟାଠାରୁ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ | ଡି.ଆର୍.ଡି.ଏ. ସମ୍ମିଳନୀ କକ୍ଷ, ସମ୍ବଲପୁର |
| ଦ୍ୱିତୀୟ ଯାଞ୍ଚ | ୧୭।୦୪।୨୦୧୯ | | |
| ତୃତୀୟ ଯାଞ୍ଚ | ୨୧।୦୪।୨୦୧୯ | | |

ସ୍ୱା./- ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ
୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ




# ଉପକୂଳରେ କାଳବୈଶାଖୀ ତାଣ୍ଡବ

**କେନ୍ଦ୍ରାପଡା ଅଫିସ/ଡେରାବିଶ, ୧୧।୪ (ସ୍ୱ.ପ୍ର.)**

ଗୁରୁବାର ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଝଡ଼ ତୋଫାନ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପବନରେ ଅନେକ ଲୋକଙ୍କ ଚାଳଛପର ଉଡ଼ି ଯାଇଥିବା ବେଳେ କେତେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଏଥିସହ କେତେକ ଜାଗାରେ ରାସ୍ତା ଉପରେ ଗଛଡାଳ ଭାଙ୍ଗି ପଡ଼ିଛି। ପଟ୍ଟାମୁଣ୍ଡାଇ ବ୍ଲକ


ଇନ୍ଦୁପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୪ ବଖରା ଜଳିଯାଇଛି।


ତିନିମୁହାଣିଠାରେ ପୋଲିସ ଟେଣ୍ଟ ହାଉସ ଭୁଶୁଡ଼ି ପଡ଼ିଛି।

- ଗଛ ପଡ଼ି ଜଣେ ମୃତ, ୨ ଆହତ
- ଘର ଉପରେ ନଡ଼ିଆଗଛ ପଡ଼ି ମା'ପୁଅ ଗୁରୁତର
- ବଜ୍ରପାତରେ ସ୍କୁଲ ଘର ପୋଡ଼ିଗଲା

ବଳଭଦ୍ରପୁର ଗ୍ରାମରେ ଗଛ ପଡ଼ି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଯୁବକ ଆହତ ହୋଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଧୁମାତ ପଞ୍ଚାୟତ ହରିନବାବିପାଟଣା ଗ୍ରାମରେ ନଡିଆଗଛ ଘର ଉପରେ ପଡ଼ିଯିବା ଯୋଗୁ ମା'ପୁଅ ଗୁରୁତର ହୋଇଛନ୍ତି। ଏଥିସହ ବଜ୍ରପାତରେ ଇନ୍ଦୁପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୪ ବଖରା ଜଳିଯାଇଛି। ତା' ସହିତ ସହରର ତିନିମୁହାଣିଠାରେ ପୋଲିସ ଟେଣ୍ଟ ହାଉସ ଭୁଶୁଡି ପଡିଥିବା ଜଣାପଡ଼ିଛି।

କାଳବୈଶାଖୀ ପ୍ରଭାବରେ ଅପରାହ୍ନ ପ୍ରାୟ ୫ଟା ବେଳଠାରୁ କେନ୍ଦ୍ରାପଡ଼ା ବ୍ଲକ ସମେତ ଜିଲାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି, ବିଜୁଳି ମାରି କୁଆପଥର ବର୍ଷା, ପବନ ହୋଇଥିଲା। ଏହାର ପ୍ରଭାବରେ ହରିନବାବି ପାଟଣା ପ୍ରଫୁଲ୍ଲ ସାହୁଙ୍କ ସ୍ତ୍ରୀ ରାଜଶ୍ରୀ ଗାଈ ବାନ୍ଧୁଥିବାବେଳେ ତାଙ୍କ ଘର ଉପରେ ନଡ଼ିଆଗଛ ପଡ଼ିଯାଇଥିଲା। ଫଳରେ ରାଜଶ୍ରୀ ଓ ତାଙ୍କ ପୁଅ ରାଜା(୧୨) ଗୁରୁତର ହୋଇଥିଲେ। ପରେ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ଇନ୍ଦୁପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୪ ବଖରା ଜଳିଯିବା ସହ ସ୍କୁଲ ହତା ଭିତରେ ଘର କରି ରହୁଥିବା ମାନସ ସେଠୀ ଓ ସୁଶାନ୍ତ ରଣାଙ୍କର ଏକ ବଖରା ମଧ୍ୟ ଜଳିଯାଇଛି। ସ୍କୁଲ ଘର ପୋଡ଼ିଯିବା ଯୋଗୁ ବହୁ ଦରକାରୀ କାଗଜପତ୍ର ଜଳିଯାଇଛି। ଏଥିସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ମଧ୍ୟ ଜଳିଯାଇଥିବା ଜଣାପଡ଼ିଛି। ସେହିପରି ସହରର ତିନିମୁହାଣିଠାରେ ହୋଇଥିବା ପୋଲିସ ଟେଣ୍ଟ ହାଉସ ଉପୁଡ଼ି ପଡିବା ସହିତ ଜିଲାର ବିଭିନ୍ନ ସ୍ଥାନରେ ପବନ ଓ କୁଆପଥର ମାଡରେ ରବି ଫସଲ ନଷ୍ଟ ହୋଇଛି। ଏଥିସହିତ ଡେରାବିଶ ବ୍ଲକ ଅଞ୍ଚଳର ନହଙ୍ଗ, ଛୋଟି ଓ ମଙ୍ଗଳପୁର ପଞ୍ଚାୟତରେ ପ୍ରବଳ ବର୍ଷାପବନ ହୋଇଥିବା ଜଣାପଡ଼ିଛି।

## ଚାକୁଣ୍ଡା ଗଛ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ : ୨ ଆହତ

**ପଟ୍ଟାମୁଣ୍ଡାଇ/ରାଜନଗର ୧୧।୪ (ସ୍ୱ.ପ୍ର./ଡିଏନଏ)**

ଗୁରୁବାର ଅପରାହ୍ନରେ ଝଡତୋଫାନ ହେବା ଯୋଗୁ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଗ୍ରାମରେ କ୍ଷୟକ୍ଷତି ଘଟିଛି । ପବନରେ ଏକ ଚାକୁଣ୍ଡା ଗଛ ପଡିଯିବାରୁ ବଳଭଦ୍ରପୁର ଗ୍ରାମର ଶଶୀକଳା ଧଳ (୭୨)ଙ୍କ ମୃତ୍ୟୁ ଘଟିଛି ଓ ୨ ଜଣ ଯୁବକ ଆହତ ହୋଇଛନ୍ତି ।

ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୫ଟାରୁ ପ୍ରବଳ ବର୍ଷା ସାଙ୍ଗକୁ ପବନ ହୋଇଥିଲା । ଏହି ସମୟରେ ବଳଭଦ୍ରପୁର ଗ୍ରାମର ଶଶୀକଳା ବାରିରେ ଶୁଖାଇଥିବା ଲୁଗା ତୋଳି ଆଣିବାକୁ ଯାଇଥିବା ବେଳେ ପଡୋଶୀ ଘର ବାଡିରେ ଥିବା ଚାକୁଣ୍ଡା ଗଛ ଭାଙ୍ଗି ତାଙ୍କ ଉପରେ ପଡିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଗ୍ରାମର ଜଗନ୍ନାଥ ଧଳ, ଧର୍ମେନ୍ଦ୍ର ମଲ୍ଲିକ, ପବିତ୍ର ମଲ୍ଲିକ ଓ କୈଳାସ ପରିଡା ପ୍ରମୁଖ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ଏହି ଗଛ ପଡିବା ଫଳରେ ସେହି ଗ୍ରାମର ଜଗଦୀଶ ଧଳ (୨୨) ଓ ପ୍ରଦୀପ ଧଳ (୨୪ ) ଆହତ ହୋଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରି ଆସିଛନ୍ତି । ଶଶୀକଳା ଏହି ଗ୍ରାମର ଯୁବ ସାମାଜିକ କର୍ମୀ ସରୋଜ ଧଳଙ୍କ ମାଆ । ତାଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ବାବାଜୀ ଧଳ, ଶିକ୍ଷାବିତ୍ ରବିନ୍ଦ୍ର ପରିଡା, ସରୋଜ କାନ୍ତ ବିଶ୍ୱାଳ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।




## ସମର୍ଥକଙ୍କ ସହ କଂଗ୍ରେସ ନେତା ସାରଦା ପ୍ରସନ୍ନ ବିଜେଡିରେ ସାମିଲ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ଜଣାଶୁଣା କଂଗ୍ରେସ ନେତା ସାରଦା ପ୍ରସନ୍ନ ଜେନା ଗୁରୁବାର ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସାରଦାଙ୍କ ସମେତ ବାମଦେଇପୁର ସରପଞ୍ଚ ଗୋପୀନାଥ ସାମନ୍ତରାୟ, ନୂଆଗାଁ ସେବା ସମବାୟ ସମିତି ସଭାପତି ନାରାୟଣ ବର୍ଦ୍ଧନ, କଂଗ୍ରେସ ନେତା ସମୀର ରଞ୍ଜନ ସ୍ୱାଇଁ, ପ୍ରମୋଦ ରାଉତ, ଢିଙ୍କିଆ ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ କେଦାର କନୱର ଏବଂ ପୂର୍ବତନ ସମିତି ସଭ୍ୟ ପ୍ରମୋଦ ତରେଇ ପ୍ରମୁଖ ଯୋଗ ଦେଇଛନ୍ତି। ସେହିପରି କଂଗ୍ରେସ ନେତା ତଲାନ ମହାନ୍ତି, ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ଦାସ, ଅଶ୍ୱିନୀ ଦାସ, ଅମ୍ବିକି ପଞ୍ଚାୟତ କଂଗ୍ରେସ କମିଟି ସଭାପତି ପବିତ୍ର ଦାସ, ପୂର୍ବତନ ସରପଞ୍ଚ ଉର୍ମିଳା ମଲ୍ଲିକ, ଦିଲ୍ଲୀପ ବିଶ୍ୱାଳ, ପ୍ରମୋଦ ମହାନ୍ତି, ଏରସମା ଜୋନ୍ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିକ୍ରମ ମହାପାତ୍ର, ସମ୍ପାଦକ ଅନନ୍ତ ନାରାୟଣ ସ୍ୱାଇଁ, ଯୁବ କଂଗ୍ରେସ ମନୋଜ ବେଉରା, ସଂଗ୍ରାମ ମଲ୍ଲ, ପାଣି ପଞ୍ଚାୟତ ସମ୍ପାଦକ ସର୍ବେଶ୍ୱର ବେଉରା, ଦିଲ୍ଲୀପ କୁମାର ବିଶ୍ୱାଳ ଓ ଏସ୍‌ସି ସେଲ୍ ନେତା ବଲ୍ଲଭ ସେଠୀ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ରଘୁନନ୍ଦନ ଦାସ, ଡା. ରାଜଶ୍ରୀ ମଲ୍ଲିକ, ଜିଲା ସଭାପତି ଅମରେନ୍ଦ୍ର ଦାସ, ଯୁବନେତା ଚିନ୍ମୟ ସାହୁ, ତନ୍ମୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ସ୍କୁଲରେ କମ୍ପ୍ୟୁଟର ସଂଯୋଜକ ପଦବୀ ଉଚ୍ଛେଦକୁ ବିରୋଧ



ଶରତ କୁମାର ଦେବ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଆଗରେ ଶିକ୍ଷକମାନେ।

**ଆଳି, ୧୧।୪ (ଡି.ଏନ୍.ଏ.)**

ସରକାରୀ ହାଇସ୍କୁଲରେ ନିଯୁକ୍ତ ହୋଇଥିବା କମ୍ପ୍ୟୁଟର ସଂଯୋଜକ ପଦବୀକୁ ସରକାର ଉଚ୍ଛେଦ କରୁଥିବାରୁ ଏହାକୁ ଆଳି ଅଞ୍ଚଳର ସମସ୍ତ ଶିକ୍ଷକ ସଂଘ ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ଆଳିସ୍ଥିତ ଶରତ କୁମାର ଦେବ ସରକାରୀ ହାଇସ୍କୁଲ ପରିସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ୫ ବର୍ଷ ପୂର୍ବେ ଓଡ଼ିଶାରେ କମ୍ପ୍ୟୁଟର ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇସିଟି ଯୋଜନା ତଥା ଇ-ବିଦ୍ୟାଳୟ ଯୋଜନାରେ ହାଇସ୍କୁଲଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତ ହୋଇଥିଲେ। ମାତ୍ର ଏବେ ରାଜ୍ୟ ସରକାର ୨୩୭୪ ଶିକ୍ଷକଙ୍କୁ ଛଟେଇ କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ କାର୍ଯ୍ୟରତ ୨୦୩ କମ୍ପ୍ୟୁଟର ସଂଯୋଜକଙ୍କୁ ଆଗାମୀ ଜୁନ ମାସରେ ଛଟେଇ କରାଯିବ ବୋଲି ଶୁଣିବାକୁ ମିଳୁଛି। ଏହାକୁ ନେଇ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ୨୦୧୪ରୁ ବିଦ୍ୟାଳୟର ସମସ୍ତ ସରକାରୀ କାମ କମ୍ପ୍ୟୁଟର ମାଧ୍ୟମରେ କରାଯାଉଛି। କମ୍ପ୍ୟୁଟର ଲ୍ୟାବ ବନ୍ଦ ହୋଇଗଲେ ବିଦ୍ୟାଳୟର କୌଣସି କାର୍ଯ୍ୟ ହୋଇପାରିବ ନାହିଁ। ତେଣୁ କମ୍ପ୍ୟୁଟର ସଂଯୋଜକମାନଙ୍କୁ ଛଟେଇ ନ କରି ତୁରନ୍ତ ସେମାନଙ୍କୁ ସେମାନଙ୍କ ଚାକିରୀର ସ୍ଥାୟିତ୍ୱ ପ୍ରଦାନ ପାଇଁ ପ୍ରତିବାଦ ସଭାରେ ଉପସ୍ଥିତ ପ୍ରଧାନଶିକ୍ଷକ, ଶିକ୍ଷକ ସଂଘ ନେତାମାନେ ଦାବି କରିଥିଲେ। ସଭାରେ ଓଷ୍ଟା ସଂଘର ଆଳି ବ୍ଲକ ସଭାପତି ସୁଶାନ୍ତ କୁମାର କର, ଉପସଭାପତି ପ୍ରିୟରଞ୍ଜନ ଦାସ, ସମ୍ପାଦକ ଅଶୋକ ବିଶ୍ୱାଳ, ଶିବପ୍ରସାଦ ସାହୁ, ଓଡ଼ିଶା ସରକାରୀ ବିଦ୍ୟାଳୟ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ବ୍ଲକ ସଭାପତି ବିପ୍ଳବ ସାମଲ, ସୁଶାନ୍ତ ମଲିକ, ବିଶ୍ୱରଞ୍ଜନ ପୃଷ୍ଟି, ପ୍ରଧାନଶିକ୍ଷକ ନୃସିଂହ ଚରଣ ନନ୍ଦୀ, ମହେଶ୍ୱର ସାହୁ, ପ୍ରିୟରଞ୍ଜନ ଦାସ, କମଳାକାନ୍ତ ଲାହା, ରମେଶ କୁମାର ମହାନ୍ତି, ସୁକାନ୍ତ କୁମାର ବେହେରାଙ୍କ ସମେତ ନିତ୍ୟାନନ୍ଦ ସେଠୀ, ଭାସ୍କର ଚନ୍ଦ୍ର ନାୟକ, ସଞ୍ଜୟ ସୂତାର ପ୍ରମୁଖ ବରିଷ୍ଠ ଶିକ୍ଷକମାନେ ଯୋଗଦେଇଥିଲେ। ଏଥିସହ କମ୍ପ୍ୟୁଟର ଲ୍ୟାବ ସଂଯୋଜକ ସଂଘର କେନ୍ଦ୍ରାପଡା ଜିଲା ସଭାପତି ଦୀପକ କୁମାର ସେଠୀ, ସମ୍ପାଦକ ଅନିରୁଦ୍ଧ ଗିରି, ଆଳି ବ୍ଲକ ସଭାପତି ଅବିନାଶ ନାୟକ, ଉପ ସଭାପତି ମଦନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନୁଭବଙ୍କ ନାମାଙ୍କନ ପତ୍ର ଦାଖଲ ବେଳେ ବର୍ଷାଙ୍କ ଉପସ୍ଥିତିକୁ ବିରୋଧ
## ପର୍ଯ୍ୟବେକ୍ଷକଙ୍କୁ ଆଇନଜୀବୀଙ୍କ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧୧।୪**

ଗତ ୯ ତାରିଖରେ ବିଜେଡିର କେନ୍ଦ୍ରାପଡା ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ସମୟରେ ଅନୁଭବଙ୍କ ସହ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏକାଠି ରିଟର୍ନିଂ ଅଫିସର ଜିଲାପାଳ ଦାଶରଥି ଶତପଥୀଙ୍କୁ ପ୍ରାର୍ଥିପତ୍ର ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଏକ ଅଭିଯୋଗ ପତ୍ର ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ଗୁରୁବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଆଇନଜୀବୀ ମହାପାତ୍ର କୁହନ୍ତି, ପ୍ରାର୍ଥିପତ୍ର କେବଳ ପ୍ରାର୍ଥୀ ହିଁ ଦେଇପାରିବେ। ତେବେ ଏଠାରେ ବର୍ଷା ଜିଲାର ଭୋଟର ଅଥବା ପ୍ରାର୍ଥୀଙ୍କର ପ୍ରସ୍ତାବକ ନ ଥିଲେ ମଧ୍ୟ ପ୍ରାର୍ଥିପତ୍ର ପ୍ରଦାନ କରିଛନ୍ତି। ଏହା ନିର୍ବାଚନ ଆଇନକୁ ଉଲ୍ଲଂଘନ କରୁଛି।

## ୨୩ରେ ହାଇକୋର୍ଟ ବନ୍ଦ

**କଟକ ଅଫିସ, ୧୧।୪**

ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨୩ ତାରିଖରେ ହାଇକୋର୍ଟ ବନ୍ଦ ରହିବ। ଉକ୍ତ ଦିନ କଟକ ଲୋକ ସଭା ସମେତ ଏହା ଅଧୀନରେ ଥିବା ବିଧାନସଭା ଆସନଗୁଡ଼ିକରେ ଭୋଟ ଗ୍ରହଣ କରାଯିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ବନ୍ଦ ରହିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜୁଡିସିଆଲ ପକ୍ଷରୁ କୁହାଯାଇଛି।







**Ex-showroom price Odisha of TVS Sport KS Spoke BS IV Non-SBT Variant. Prices subject to change without prior notice. ^5 year warranty without any additional charges.
##Finance at the sole discretion of the financer. Schemes cannot be clubbed. T&C apply.

TVS 5^ YEAR WARRANTY. ବଢ଼ିଆ ମାଇଲେଜ୍

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com: Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph :: 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. Authorised Dealers: CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dharitree Associates Pvt Ltd., Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051; Naugoan, Saitirtha Automobiles, Ph : 06724-222717, 9778802623; Balitutha, Sanjukta Motors, Ph : 8093099967, 9777773277 ; Narasinghpur, Bholeswar Motors, Ph : 9658410027 ; Balikuda, Krishna Traders, Ph : 9439370305 ; Gothopatna, Sai Laxmi Motors, Ph : 9337950051, 8249710415.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଯେଉଁ ପୁତ୍ର, ରୋଗୀ, ବୃଦ୍ଧ, ଅନ୍ଧ, ବଧିର ଓ ଜୀବିକା ଅର୍ଜନରେ ଅକ୍ଷମ ପିତାଙ୍କୁ ତ୍ୟାଗ କରି ଚାଲିଯାଏ, ସେ ପୁତ୍ରର ଗୌରବ ନର୍କରେ ପଡ଼େ।
- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ

### କାର୍-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ



**ନୟାଗଡ଼ ଅଫିସ,୧୧।୪:** ନୟାଗଡ଼ ବ୍ଲକ ନୋତର ବଙ୍ଗଳା ଛକଠାରେ ଗୁରୁବାର ସନ୍ଧ୍ୟା ସମୟରେ କାର୍-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଣପୁର ବ୍ଲକ ଡମସାହି ଗ୍ରାମର ଗଗନ ସିଂ(୩୬)। ଘଟଣାରୁ ପ୍ରକାଶ ଯେ, ଗଗନ ବାଇକ୍ ଯୋଗେ କୌଣସି କାମରେ ନୟାଗଡ଼ ଆସୁଥିଲେ। ନୋତର ବଙ୍ଗଳା ଛକଠାରେ ଦ୍ରୁତଗତିରେ ଯାଉଥିବା ଏକ କାର୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଭାଙ୍ଗିଯିବା ସହ କାରଟି ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଗଗନଙ୍କ ମୃତ୍ୟୁ ଘଟିଥିଲା। ଇଟାମାଟି ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଦୁର୍ଘଟଣା ପରେ କାର୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ସୋସିଆଲ ମିଡିଆରେ ଜମୁଛି ନିର୍ବାଚନୀ ପ୍ରଚାର

**ନୟାଗଡ଼ ଅଫିସ,୧୧।୪**




- କମେଣ୍ଟ ବକ୍ସରେ ଗଦା ହୋଇପଡୁଛି କମେଣ୍ଟ
- ସିଧା ପ୍ରସାରଣ ସହ ରହୁଛି ବିଭିନ୍ନ କାର୍ଯ୍ୟକ୍ରମର ଅପଡେଟ୍

ଜିଲାର ୪ ନିର୍ବାଚନମଣ୍ଡଳୀରେ ନିର୍ବାଚନ ହେବାକୁ ଥିବାରୁ ସରଗରମ ହୋଇପଡ଼ିଛି ମାହୋଲ। ମୁଣ୍ଡଫଟା ଖରାକୁ ଖାତିର ନ କରି କର୍ମୀଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ବୁଲି ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ଗାଁର ଆମ୍ବତୋଟା ହେଉ କି ବରଗଛ ମୂଳରେ ବସି ପ୍ରାର୍ଥୀମାନେ ନିର୍ବାଚନୀ ସଭା କରୁଛନ୍ତି। ବାଇକ୍ ରାଲି, ରୋଡ୍ ଶୋ, ପ୍ରଚାର ଗାଡ଼ି, ମୋବାଇଲ ଭ୍ୟାନ୍‌ରେ ଏଲ୍ଇଡ଼ି ପ୍ରଦର୍ଶିତ ଗାଡ଼ି ବୁଲୁଥିଲେ ମଧ୍ୟ ନିର୍ବାଚନୀ ପ୍ରଚାରରେ ପଛରେ ପଡ଼ିନି ସୋସିଆଲ ମିଡ଼ିଆ।

୪ ନିର୍ବାଚନମଣ୍ଡଳୀରୁ ବିଭିନ୍ନ ଦଳ ଓ ସ୍ୱାଧୀନ ଭାବେ ୨୯ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରୁ ୪ରୁ ୫ ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କର ବିଭିନ୍ନ ସୋସିଆଲ୍ ମିଡ଼ିଆରେ ଆକାଉଣ୍ଟ ରହିଛି। ଅନେକ ପ୍ରାର୍ଥୀଙ୍କ ସେମାନଙ୍କ ଫ୍ୟାନ୍ କ୍ଲବ ନାମରେ ମଧ୍ୟ ଆକାଉଣ୍ଟ ରହିଛି। ଏହାର ସଦୁପଯୋଗ କରିବାକୁ ଭୁଲୁନାହାନ୍ତି ପ୍ରାର୍ଥୀମାନେ। ଫେସ୍‌ବୁକ୍, ଟୁଇଟର ଓ ହ୍ୱାଟସ୍ଆପ ଭଳି ସୋସିଆଲ ମିଡ଼ିଆରେ ପ୍ରାର୍ଥୀଙ୍କ ଫଟୋ ଓ ଦଳୀୟ ଚିହ୍ନ ଅପ୍‌ଲୋଡ୍ କରାଯାଇ ଶେୟାର କରାଯାଉଛି। ସେହିପରି ଯେଉଁ ଜାଗାକୁ ପ୍ରଚାର ପାଇଁ ଯାଉଛନ୍ତି ସେଠାରୁ ଫଟୋ ସଙ୍ଗେ ସଙ୍ଗେ ଅପ୍‌ଲୋଡ୍ କରୁଛନ୍ତି। ଏପରି କି କେଉଁଠି କ'ଣ କଲେ ତାହାକୁ ମଧ୍ୟ ଅପଲୋଡ୍ କରୁଛନ୍ତି। ଆଉ କେତେକ ପ୍ରାର୍ଥୀ ସେମାନଙ୍କ ରୋଡ୍ ଶୋ, ପ୍ରଚାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ (ଲାଇଭ୍ ଶୋ) କରୁଛନ୍ତି। ସେହିପରି ଆସନ୍ତାକାଲି କେଉଁଠି କି କାର୍ଯ୍ୟକ୍ରମ ହେବ ତାହାର ମଧ୍ୟ ଅପଡ଼େଟ ରହୁଛି। ଉକ୍ତ ପ୍ରାର୍ଥୀ ନିର୍ବାଚିତ ହେଲେ ନିର୍ବାଚନମଣ୍ଡଳୀର ଉନ୍ନତି ହେବ ବୋଲି ଲେଖାଯାଇ ଭୋଟ ଭିକ୍ଷା କରାଯାଉଛି। ସମର୍ଥକମାନେ ସପକ୍ଷରେ କମେଣ୍ଟ ଦେଉଥିବା ବେଳେ ବିରୋଧୀମାନେ ବିପକ୍ଷରେ କମେଣ୍ଟ ଦେଉଛନ୍ତି। ଆଉ ଏହି କମେଣ୍ଟ ଲଢ଼େଇରେ ଭର୍ତ୍ତି ହୋଇଯାଉଛି କମେଣ୍ଟ ବକ୍ସ। ବିପକ୍ଷ ଓ ସପକ୍ଷରେ କେତେ କମେଣ୍ଟ ମିଳୁଛି ତାହାକୁ ନେଇ ମଧ୍ୟ ଅଙ୍କକଷା ଚାଲିଛି। ନିଜର ନେତା ସପକ୍ଷରେ ଗୋଟିଏ ପୋଷ୍ଟ ଆସିଲେ ଏହାକୁ ଶେୟାର କରିବାକୁ ଭୁଲୁନାହାନ୍ତି ସମର୍ଥକ ବା କର୍ମୀମାନେ। ଆଉ ବିପକ୍ଷ ଦଳର କୌଣସି ପୋଷ୍ଟକୁ ଦେଖିଲେ କମେଣ୍ଟ ବକ୍ସରେ ନିଜ ଦଳ ଓ ପ୍ରାର୍ଥୀ ସପକ୍ଷରେ ଯୁକ୍ତି ବାଢୁଥିବା ଦେଖିବାକୁ ମିଳୁଛି। କିଛି ବ୍ୟକ୍ତି ମଧ୍ୟ ସୋସିଆଲ୍ ମିଡ଼ିଆରେ ମତାମତ ପୋଲ୍ କରି କେଉଁ ପ୍ରାର୍ଥୀ ଜିତିବ ତାହାକୁ ମଧ୍ୟ ଦର୍ଶାଉଛନ୍ତି। ସୋସିଆଲ ମିଡ଼ିଆ ବର୍ତ୍ତମାନ ପ୍ରାର୍ଥୀମାନଙ୍କ ପାଇଁ ଏକ ପ୍ରମୁଖ ମାଧ୍ୟମ ପାଲଟିଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଯୁବବର୍ଗଙ୍କୁ ନିଜ ଦଳ ବା ନିଜ ଆଡ଼କୁ ଟାଣିବା ଲାଗି ପ୍ରାର୍ଥୀମାନେ ଏହାକୁ ବ୍ୟବହାର କରୁଥିବା ଚର୍ଚ୍ଚା ହେଉଛି।

### ପଡ଼ୋଶୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

# ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡାଦେଶ

**ନୟାଗଡ଼ ଅଫିସ,୧୧।୪**

ଦଶପଲ୍ଲା କ୍ୟାମ୍ପ କୋର୍ଟରେ ଗୁରୁବାର ଏକ ଆକ୍ରମଣ ମାମଲାର ବିଚାରକରି ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଲୋକନାଥ ସାହୁ ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ସେ ହେଲେ ଦଶପଲ୍ଲା ଗୋଛା ଗ୍ରାମର ସୁଶାନ୍ତ ନାୟକ(୨୮)। ମାମଲାର ବିବରଣୀରୁ ପ୍ରକାଶ ଯେ, ଗୋଛା ଗ୍ରାମର ସୁଶାନ୍ତଙ୍କ ଛେଳି ଓ କୁକୁଡ଼ା ପଡ଼ୋଶୀ ପୀତବାସ ବାରିକଙ୍କ ଖଳାରେ ଅନେକ ସମୟରେ ପଶି ଧାନ ଖାଇବା ସହିତ ନଷ୍ଟ କରିଆସୁଥିଲେ। ଏ ବିଷୟରେ ପୀତବାସ ଓ ତାଙ୍କ ସ୍ତ୍ରୀ କୁମାରୀ ସୁଶାନ୍ତଙ୍କୁ ବାରମ୍ବାର କହୁଥିଲେ ମଧ୍ୟ ସେ କଥାକୁ ଗୁରୁତ୍ୱ ଦେଉ ନ ଥିଲେ। ୨୦୦୨ ଡିସେମ୍ବର ୧ ସନ୍ଧ୍ୟାରେ ପୀତବାସ ନଳକୂପରୁ ଗାଧୋଇ ଫେରୁଥିବା ସମୟରେ ସୁଶାନ୍ତଙ୍କୁ ଏ ବିଷୟରେ ପୁନର୍ବାର କହିଥିଲେ। ଏଥିରେ ସୁଶାନ୍ତ ରାଗିଯାଇ ତାଙ୍କ ସହ କଳି କରିବା ସହ ଘରୁ ଏକ ଟାଙ୍ଗିଆ ଆଣି ପୀତବାସଙ୍କ ମୁଣ୍ଡ ଓ ଛାତିକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ପୀତବାସ ଚେତାଶୂନ୍ୟ ହୋଇପଡ଼ିଥିଲେ। ଗାଁ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ୧୦ଦିନ ଚିକିତ୍ସିତ ହେବା ପରେ ପୀତବାସ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଏ ସମ୍ପର୍କରେ ପୀତବାସଙ୍କ ସ୍ତ୍ରୀ କୁମାରୀ ଦଶପଲ୍ଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧୧/୦୨ରେ ମାମଲା ରୁଜୁକରି ସୁଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ପରେ ସୁଶାନ୍ତ ଜାମିନରେ ଆସିଥିଲେ। ଏହି ମାମଲାଟି ଦଶପଲ୍ଲା କୋର୍ଟରୁ ନୟାଗଡ଼ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ଗୁରୁବାର ୯ଜଣ ସାକ୍ଷୀଙ୍କ ବୟାନ ଆଧାରରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସାହୁ ସୁଶାନ୍ତଙ୍କୁ ୭ ବର୍ଷ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଜରିମାନା ଅନାଦାୟେ ଅଧିକ ୪ମାସ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ରହିଛି। ସରକାରଙ୍କ ପକ୍ଷରୁ ଓକିଲ ଅମିୟ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ବୋଲଗଡ଼-ବେଗୁନିଆ ନିର୍ବାଚନମଣ୍ଡଳୀ

## ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ପକ୍ଷରୁ ସ୍ଥାନୀୟ ପ୍ରାର୍ଥୀଙ୍କୁ ସମର୍ଥନ



**ବୋଲଗଡ଼,୧୧।୪(ଡି.ଏନ.ଏ.):** ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ସମସ୍ତ ରାଜନୈତିକ ଦଳ ପକ୍ଷରୁ ସ୍ଥାନୀୟ ଅଞ୍ଚଳରୁ ବିଧାୟକ ପ୍ରାର୍ଥୀ ଦେବା ପାଇଁ ବେଗୁନିଆ-ବୋଲଗଡ଼ ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏ ନେଇ ଗୁରୁବାର ବୋଲଗଡ଼ ବ୍ଲକ ପିଚୁକୁଳିଠାରେ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ତେବେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ କେବଳ କଂଗ୍ରେସ ଦଳ ପକ୍ଷରୁ ସ୍ଥାନୀୟ ଅଞ୍ଚଳରୁ ପ୍ରାର୍ଥୀ ଦିଆଯାଇଛି । ତେଣୁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ପ୍ରଦୀପ କୁମାର ସାହୁଙ୍କୁ ମଞ୍ଚ ସମର୍ଥନ କରିବ ବୋଲି ଅନୁଷ୍ଠାନ ସଭାପତି ଭିକାରୀ ସାହୁ ଘୋଷଣା କରିଛନ୍ତି । ୨୦୦୪ ମସିହାଠାରୁ ସ୍ୱାଭିମାନ ମଞ୍ଚ ସ୍ଥାନୀୟ ପ୍ରାର୍ଥିତ୍ୱ ପାଇଁ ଦାବି କରିଆସୁଛି। ସମ୍ପ୍ରତି ଏହି ମଞ୍ଚକୁ ୨ହଜାରରୁ ଊର୍ଦ୍ଧ୍ୱ ସମର୍ଥନ କରୁଛନ୍ତି। ସୋମବାରଠାରୁ ସ୍ଥାନୀୟ ପ୍ରାର୍ଥୀଙ୍କୁ ସମର୍ଥନ ନିମନ୍ତେ ଗାଁ ଗାଁ ବୁଲି ଜନ ଆଶୀର୍ବାଦ ଭିକ୍ଷା କରିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଅର୍ଜୁନ ଗଡବାଡ଼ଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅକ୍ଷୟ ରଥ, ନାରାୟଣ ବଳିୟାରସିଂହ, ଗୋଦାବରୀଶ ପାଇକରାୟ, ସଚ୍ଚି ପଟ୍ଟନାୟକ, ଅଭିରାମ ମହାପାତ୍ର, ସୁଦର୍ଶନ ମଙ୍ଗରାଜ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ ।

### ଓଡ଼ଗାଁର ଦଳକ ମୌଜା

# ୨୦ ବର୍ଷ ହେଲା ପାଇପ୍ ପାଣିରୁ ବଞ୍ଚିତ

**ଆଦର୍ଶ କୁମାର ପଟ୍ଟନାୟକ**
**ଓଡ଼ଗାଁ, ୧୧।୪**

ସମ୍ପ୍ରତି ନୟାଗଡ଼ ସଦର ସମେତ ଜିଲାର ପ୍ରମୁଖ ସହର ଓଡ଼ଗାଁରେ ମଧ୍ୟ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲାଣି। ଭୋଟ ସମୟରେ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଲମ୍ବା ଚିଠା ଉପସ୍ଥାପନ କରୁଛନ୍ତି। ହେଲେ ଓଡଗାଁ ଦଳକ ମୌଜାକୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରି ନ ଥିବାରୁ କାର୍ଯ୍ୟକ୍ରମର ଲମ୍ବାଚିଠା କାହା ସ୍ୱାର୍ଥରେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

ଦଳକ ମୌଜାକୁ ପାଇପ୍ ଯୋଗେ ଜଳଯୋଗାଣ ପାଇଁ ମଠ ଖଜରିଆ ନିକଟରେ ତିନୋଟି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଥିଲା। ଏପରି କି ୨୦୧୦ ମସିହାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ୧ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କିର ଶୁଭାରମ୍ଭ କରାଯାଇଥିଲା । ଏହାଦ୍ୱାରା ଦଳକ ମୌଜା ଅନ୍ତର୍ଗତ ବିଜୟମଣ୍ଡପ ସାହି, ହେମମାଳି ସାହି, ଗାନ୍ଧୀନଗର ସାହି, ଖେଳପଡିଆ ସାହି, ନିତ୍ୟାନନ୍ଦ ସାହି, ଷ୍ଟୁଡିଓ ସାହି ସହିତ ହାଇସ୍କୁଲ, ଏମ୍ଇ ସ୍କୁଲ ଓ କଲେଜରୋଡକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଆଶା ସଞ୍ଚାର ହୋଇଥିଲା। ଏଥିନିମନ୍ତେ ସାହି ସାହିରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ସହ ମାଟିତଳେ ପାଇପ୍ ବିଛାଯାଇଥିଲା। ହେଲେ ଫଳ ଘର ଶୂନ। ପୂର୍ବବତ୍ ଏସବୁ ସାହିକୁ ପାନୀୟ ଜଳ ଯୋଗାଣ ନୋହିଲା । ଅନ୍ୟପକ୍ଷେ ପାଣି ଟାଙ୍କି ଓ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ବୈଷୟିକ କାର୍ଯ୍ୟଦକ୍ଷତା ଏବଂ ଯୋଜନା ରୂପରେଖରେ ତ୍ରୁଟି ଯୋଗୁ ଏସବୁ ସାହି ବାସିନ୍ଦା ପ୍ରାୟ ୨୦ବର୍ଷ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରାୟ ବର୍ଷେ ହେଲା ଅନ୍ୟ ଏକ ପ୍ରକଳ୍ପ କାର୍ଯ୍ୟାରମ୍ଭ ହୋଇଥିଲା। ଏଥିପାଇଁ ସରକାରୀ ପଲିଟେକ୍‌ନିକ ସାମ୍ନାରେ କୂପ ଖନନ କରାଯାଇଥିବା ବେଳେ କଲେଜ ନିକଟ କାଜୁ ବଗିଚାରେ ଦୁଇଟି ପାଣିଟାଙ୍କି ନିର୍ମାଣ କରାଯାଇଛି। କଲେଜ ପାଖରୁ ଦଳକର ବିଭିନ୍ନ ସାହିକୁ ପୁଣି ଥରେ ପାଇପ ଲାଇନ ବିଛାଇବା ନିମନ୍ତେ ଯୋଜନା ରହିଥିବା ବେଳେ ଏଯାବତ୍ କୌଣସି ତତ୍ପରତା ପ୍ରକାଶ ପାଇନି । ଏ ନେଇ ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ପ୍ରତିକ୍ରିୟା ଲୋଡିବାରୁ ସେ କାମ ଚାଲିଛି, ଶେଷହେବା ପରେ ଜଳଯୋଗାଣ ହେବ ବୋଲି ମତ ରଖିଥିଲେ। ଅନ୍ୟପକ୍ଷେ ବର୍ଷ ସାରା ପାଇପ ପାଣି ପାଇବାରୁ ବଞ୍ଚିତ ହେଉଥିବା ଦଳକ ମୌଜାର ବିଭିନ୍ନ ସାହି ବାସିନ୍ଦାଙ୍କୁ ଗ୍ରୀଷ୍ମଋତୁ ନିମନ୍ତେ ମାସେ ଦେଢମାସ ପାଇଁ ସକାଳୁ କିମ୍ବା ଅପରାହ୍ନରେ ଥରେ ପାଣି ଟ୍ୟାଙ୍କରହିଁ ଭରସା ହୋଇଛି। ସର୍ବନିମ୍ନ ଆବଶ୍ୟକତା ପାନୀୟଜଳ ମିଳୁ ନ ଥିବାବେଳେ ପାର୍କ, ଖେଳ ପଡିଆ, ମହୋତ୍ସବ କିମ୍ବା ଟୁର୍ନାମେଣ୍ଟରେ ଆମ ପେଟ ପୁରିବନି ବୋଲି ସ୍ଥାନୀୟ ଲୋକେ କ୍ଷୋଭର ସହ ପ୍ରକାଶ କରିଛନ୍ତି ।



କାମରେ ଆସୁନଥିବା ପାଣିଟାଙ୍କି।



ଟ୍ୟାଙ୍କରରୁ ଜଳସଂଗ୍ରହ କରୁଛନ୍ତି ଲୋକେ।

**କାମରେ ଆସୁନି ୧ ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କି**

## ବିଜେଡି ପକ୍ଷରୁ ନିର୍ବାଚନୀ ରାଲି

**ବୋଲଗଡ଼,୧୧।୪(ଡି.ଏନ.ଏ.)**

ବୋଲଗଡ ବ୍ଲକସ୍ଥିତ ୨୫ ନଂ ଜିଲା ପରିଷଦ ଯୋନ୍ ଅଞ୍ଚଳରେ ଗୁରୁବାର ବିଜେଡି ପକ୍ଷରୁ ଏକ ନିର୍ବାଚନୀ ରାଲି ଅନୁଷ୍ଠିତ ହୋଇଛି । ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ସ୍ଥାନୀୟ ବିଜେଡି କର୍ମୀ ଓ ସମର୍ଥକମାନେ ବୋଲଗଡ଼ଠାରୁ ଏକ ବାଇକ୍ ରାଲିରେ ବିଭିନ୍ନ ପଞ୍ଚାୟତ ଅଞ୍ଚଳ ପରିକ୍ରମା କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେବା ପାଇଁ ସମର୍ଥକମାନେ ସ୍ଲୋଗାନ୍ ଦେଇଥିଲେ। ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା , ବୋଲଗଡ଼ ପଞ୍ଚାୟତ ସମିତି ସଭ୍ୟ ବୀର କିଶୋର ଦାସ ପ୍ରମୁଖ ରାଲିରେ ସାମିଲ ହୋଇଥିଲେ।

## ବେଣ୍ଟରେ ୮ କୋଟି ଶମ୍ଭୁମିଳନ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୪(ଡି.ଏନ.ଏ.)**

ବେଣ୍ଟ ଗ୍ରାମସ୍ଥ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ପଡିଆରେ ଗୁରୁବାର ୮ କୋଟି ଶମ୍ଭୁମିଳନ ଉତ୍ସବ ଆୟୋଜିତ ହୋଇଯାଇଛି। ଏଠାରେ ବିଜେ ଆରାଧ୍ୟ ଠାକୁର ବାବା ବାଲୁଙ୍କେଶ୍ୱରଦେବଙ୍କ ଆମନ୍ତ୍ରଣକ୍ରମେ ଅରିସଲ ଓ କମାଗୁରୁର ବାଙ୍କନିଧିଶ୍ୱର, ଚମ୍ପାଗଡର ବାବା ବାଲୁଙ୍କେଶ୍ୱର, ସୁନ୍ଦରପୁରର ବାବା ମୁକ୍ତେଶ୍ୱର, କନ୍ଧନୟାଗଡ, ଜେମାଦେଈପୁର ଓ ଚାନ୍ଦପୁରର ବାବା ଐଶାନ୍ୟେଶ୍ୱରଦେବ ପ୍ରମୁଖ ପାଟୁଆଙ୍କ ଗହଣରେ ଲୋକନୃତ୍ୟ ସହିତ ଦଣ୍ଡ, ଘଣ୍ଟ, ଘଣ୍ଟି,କାହାଳିଇତ୍ୟାଦିବଜାଇମିଳନସ୍ଥଳରେ ପହଞ୍ଚିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ମହିଳା/ପୁରୁଷଙ୍କ ସମାଗମ ହୋଇଥିଲା।

## ଭାଜପାର ବିଜୟ ସଂକଳ୍ପ ଯାତ୍ରା

**ନୟାଗଡ଼ ଅଫିସ,୧୧।୪**

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀର ଶରଣକୁଳଠାରେ ଗୁରୁବାର ଭାଜପାର ବିଜୟ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ଲଡୁବାବାଙ୍କ ଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ସଭାରେ ପୁରୀ ଏମ୍‌ପି ପ୍ରାର୍ଥୀ ଡା. ସମ୍ବିତ ପାତ୍ର ଭାଜପା ପ୍ରାର୍ଥୀମାନଙ୍କୁ ଭୋଟ ଦେଇ ଜିତାଇବାକୁ ଉପସ୍ଥିତ ଭୋଟରମାନଙ୍କୁ ନିବେଦନ କରିଥିଲେ। ଏହାସହ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟକ୍ରମରେ ବିଜେଡ଼ି ସାମିଲ ହୋଇ ଜନବିରୋଧୀ କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ। କେନ୍ଦ୍ର ସରାକରଙ୍କ ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର କିପରି ଅଣଦେଖା କରୁଛନ୍ତି ସେ ନେଇ ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ଲୋକେ କିପରି ସୁଫଳ ପାଇବେ ସେ ବିଷୟରେ ପାତ୍ର କହିଥିଲେ। ବିଧାୟକ ପ୍ରାର୍ଥୀ ସୁରମା ପାଢ଼ୀ ନିର୍ବାଚନମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ୟା ଦୂର କରିବା ଭାଜପା ସରକାରର ପ୍ରଥମ ପଦକ୍ଷେପ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରଣକୁଳ ଜୋନ ଜିଲା ପରିଷଦ ସଭ୍ୟ ସନ୍ନ୍ୟାସୀ ପ୍ରଧାନ, ଗୋଡ଼ିପଡ଼ା ଜୋନ ଜିଲା ପରିଷଦ ସଭ୍ୟ ଭାଗବତ ସେଠୀ, ଭାଜପା ନେତା ସିଦ୍ଧାର୍ଥ ପଣ୍ଡା, ଯାମିନୀ ସାହୁ, ଲିଙ୍ଗରାଜ ପାତ୍ର, ମନୋଜ କୁମାର ସାହୁ, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଚନ୍ଦ୍ର ବିଜୟୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଖରପୁର, କଜାଳାଇପଲ୍ଲୀ, ପଞ୍ଚରିଡ଼ା ମାନପୁର, ଗୋଡ଼ିପଲ୍ଲୀ, ହରିହରପୁର ଓ ଗୋଡ଼ିସାହି ପଞ୍ଚାୟତରେ ଭାଜପାର ନିର୍ବାଚନୀ ପ୍ରଚାର କରାଯାଇଥିଲା।



ପ୍ରଚାର ଅଭିଯାନରେ ସାମିଲ ନେତା ଓ କର୍ମୀ।

## ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ହେଉ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୪(ଡି.ଏନ.ଏ.)**

ଟାଙ୍ଗୀର ବିଭିନ୍ନ ଛକରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ସାଧାରଣରେ ଦାବି ହେଉଛି । ସମ୍ପ୍ରତି ନିର୍ବାଚନ ସମୟ ହୋଇଥିବାରୁ ବିଶୃଙ୍ଖଳା ଓ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ଏଠାରେ ରାତି ୯ଟାରୁ ୧୨ଟା ପର୍ଯ୍ୟନ୍ତ ପୋଲିସ ପାଟ୍ରୋଲିଂ ନିତାନ୍ତ ଆବଶ୍ୟକ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ବିଶେଷ ଭାବେ ଟାଙ୍ଗୀ ଥାନା କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## କାଳିଆ ଯୋଜନା ସମ୍ପର୍କିତ ବ୍ୟାନର ହଟାଯାଉନି

**ଟାଙ୍ଗୀ(ଖୋର୍ଦ୍ଧା), ୧୧।୪(ଡି.ଏନ.ଏ.)-** ଏଠାରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବ୍ୟାନର୍ ହଟାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଘଟଣା ନେଇ ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଇଛି ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। ସରକାରୀ ଯୋଜନା ଓ ବିଭିନ୍ନ ଦଳୀୟ ପ୍ରାର୍ଥୀଙ୍କ ବ୍ୟାନର୍‌କୁ ନେଇ ରାଜ୍ୟ ନିର୍ବାଚନ ଅଧିକାରୀ କେତେକ କଟକଣା ଜାରି କରିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ବ୍ୟାନର୍ ହଟାଇ ଦିଆଯାଇଥିଲା । ତେବେ ୧୬ ନଂ ପୁରୁଣା ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଟାଙ୍ଗୀର ଅଗ୍ନିଶମ ସେବାକେନ୍ଦ୍ର ପାଖରେ କାଳିଆ ଯୋଜନା ସମ୍ପର୍କିତ ବ୍ୟାନର୍‌ଟି ଏ ପର୍ଯ୍ୟନ୍ତ ହଟାଯାଇନି। ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




## ପୁରୀ ପଠାଗଲା ରଥକାଠ




ଟ୍ରକରେ ପୁରୀ ଅଭିମୁଖେ ବାହାରିଥିବା ରଥକାଠ।

**ଦଶପଲ୍ଲା,୧୧।୪ (ଡି.ଏନ.ଏ.)**

ଦଶପଲ୍ଲା ବନାଞ୍ଚଳରୁ ଗୁରୁବାର ୮ମ ପର୍ଯ୍ୟାୟ ରଥ କାଠ ପୁରୀ ରଥଖଳା ଓ କଟକ ଖପୁରିଆସ୍ଥିତ ସ'ମିଲକୁ ପଠାଯାଇଛି। ପୋଖରୀଗୋଛା ଓ ଚଢେୟାପଲ୍ଲୀ ସେକ୍ସନରୁ ୪୦ ଫୁଟିଆ, ୨୦ ଫୁଟିଆ, ୧୨ ଫୁଟିଆ ଧଉରା ଓ ଶିମିଳି ମୋଟ ୪୬ ଖଣ୍ଡ କାଠ ଦୁଇଟି ଟ୍ରକ ଯୋଗେ ଅପରାହ୍ନରେ ଦଶପଲ୍ଲାରୁ ବାହାରିଛି। ପୁରୀ ରଥଖଳାକୁ ୪୦ ଫୁଟିଆ ୨୫ ଖଣ୍ଡ ଓ ୨୦ ଫୁଟିଆ ୯ ଖଣ୍ଡ ଧଉରା କାଠ ପଠାଯାଇଛି। ସେହିପରି ଖପୁରିଆ ସ'ମିଲକୁ ୧୨ ଫୁଟିଆ ୧୦ ଖଣ୍ଡ ଧଉରା ଓ ୧୫ ଫୁଟିଆ ୨ ଖଣ୍ଡ ଶିମିଳି କାଠ ପଠାଯାଇଛି।

# ଶିକ୍ଷାନୁଷ୍ଠାନରେ ସିସିଟିଭି ହେଉ ବାଧ୍ୟତାମୂଳକ

**ନୂଆଗାଁ,୧୧।୪ (ଡି.ଏନ.ଏ.)**

ସରକାର ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା କାଗଜକଲମରେ ଉଲ୍ଲେଖ ହେଉଥିବାବେଳେ ବାସ୍ତବକ୍ଷେତ୍ରରେ କିନ୍ତୁ ତାହାର ସୁଫଳ ଅଧିକାଂଶ ଛାତ୍ରୀଛାତ୍ରଙ୍କୁ ମିଳୁନାହିଁ। ବର୍ତ୍ତମାନ ଶିକ୍ଷାନୁଷ୍ଠାନରେ ଅନିୟମିତତା,ବିଶୃଙ୍ଖଳାର ଶିକାର ହେଉଛନ୍ତି ଛାତ୍ରୀଛାତ୍ର। କେଉଁଠି ନିୟମିତ ଭାବେ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲ ଆସୁ ନାହାନ୍ତି ତ କେଉଁଠି ଠିକ୍ ସମୟରେ ଶିକ୍ଷାନୁଷ୍ଠାନ ଖୋଲୁନାହିଁ । ଆଉ କେଉଁଠି ପିଲାମାନଙ୍କୁ ଠିକ୍ ଭାବେ ଶିକ୍ଷାଦାନ ଦିଆଯାଉ ନାହିଁ ତ କେଉଁଠି ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଛି। ପୁଣି କେଉଁଠି ଛାତ୍ରୀମାନେ ଅସଦାଚରଣର ଶିକାର ହେଉଛନ୍ତି। ସେହିପରି ବର୍ତ୍ତମାନ ପ୍ରଶ୍ନପତ୍ର ଭାଇରାଲ ଶିକ୍ଷା ବିଭାଗର ମୁଣ୍ଡବ୍ୟଥାର କାରଣ ହୋଇଛି । ଯାହାକି ଅନେକ ପିଲାଙ୍କ ଭବିଷ୍ୟତ ନଷ୍ଟ କରୁଛି । ଏସବୁ ସମସ୍ୟାର ବାଟ ଖୋଜିବା ପାଇଁ କେତେକ ଶିକ୍ଷାବିତ, ଆଇନଜ୍ଞ, ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ ଓ ଛାତ୍ରୀଛାତ୍ରଙ୍କ ମତାମତ ନେଇଥିଲୁ । ସେମାନଙ୍କ ମତରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯଦି ସିସିଟିଭିଲାଗନ୍ତା ତା'ହେଲେ ଏସବୁସମସ୍ୟାର ବହୁମାତ୍ରାରେ ସମାଧାନ ହୋଇପାରନ୍ତା।

### ସେମାନଙ୍କ ମତରେ...



ଶିକ୍ଷାନୁଷ୍ଠାନରେ ସିସି ଟିଭି ଲଗାଯାଇପାରିଲେ ଶିକ୍ଷୟିତ୍ରୀଶିକ୍ଷକମାନେ ଠିକ ଭାବେ ପାଠ ପଢାଇବା ସହ କୌଣସି ବେନିୟମ କାମ କରିବା ପାଇଁ ଭୟ କରିବେ ।

**- ପଣ୍ଡିତ ଗୋପବନ୍ଧୁ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ , ନୂଆଗାଁ**



ବର୍ତ୍ତମାନ ପରିସ୍ଥିତିରେ ଶିକ୍ଷାନୁଷ୍ଠାନରେ ସି ସି ଟିଭି ଲଗାଇବା ଜରୁରୀ ମନେହେଉଛି । ଫଳରେ ଶିକ୍ଷା ବ୍ୟବସ୍ଥା ତଥା ଅଭିଭାବକମାନଙ୍କ ଆଭିମୁଖ୍ୟ ପୂରଣ ହୋଇ ପାରିବ। ଶିକ୍ଷକମାନେ ଠିକ୍ ଭାବେ ଶିକ୍ଷାଦାନ ଦେବା ପାଇଁ ବାଧ୍ୟ ହେବେ ।

**- ଶିବରାମ ମହାପାତ୍ର, ସାମାଜିକ କର୍ମୀ, ମହିତମା**



ଶିକ୍ଷାନୁଷ୍ଠାନର ଶୃଙ୍ଖଳା ଦୃଷ୍ଟିରୁ ଏହା ଏକ ଉତ୍ତମ ପଦକ୍ଷେପ । ବର୍ତ୍ତମାନ କିଛି ଶିକ୍ଷାନୁଷ୍ଠାନରେ ପରୀକ୍ଷା ସମୟରେ ସି ସି ଟିଭି ବ୍ୟବହାର କରାଯାଉଛି । ଯଦି ପ୍ରତି ଶିକ୍ଷାନୁଷ୍ଠାନରେ ସବୁଦିନ ପାଇଁ ସି ସି ଟିଭି ଲଗାଯାଇପାରନ୍ତା ଉତ୍ତମ ଛାତ୍ରୀଛାତ୍ରମାନେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରନ୍ତେ।

**- ଭାଗ୍ୟଲତା ଦେଈ, ପ୍ରଧାନଶିକ୍ଷୟିତ୍ରୀ, ବାଳିକା ଉଚ୍ଚ ବିଦ୍ୟାଳୟ**



ଅନେକ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ଶିକ୍ଷକମାନେ ଅସଦାଚରଣ କରୁଛନ୍ତି । ଅନେକ ସମୟରେ ପ୍ରମାଣ ଅଭାବରୁ ତାହା ମିଥ୍ୟା ପ୍ରମାଣିତ ହୋଇଯାଉଛି । ତେଣୁ ସି ସି ଟିଭି ଲାଗିଲେ କୌଣସି ଶିକ୍ଷକ ଏପରି ନିନ୍ଦନୀୟ କାର୍ଯ୍ୟ କରିବା ପାଇଁ ସାହସ କରିବେ ନାହିଁ ।

**- ସୁଶାନ୍ତ କୁମାର ପ୍ରଧାନ, ଆଇନଜୀବୀ, ନୂଆଗାଁ**



ଶିକ୍ଷାନୁଷ୍ଠାନରେ ସି ସି ଟିଭି ଲଗାଇବା ବାଧ୍ୟତା ମୂଳକ ହେବା ଉଚିତ । ଯଦ୍ୱାରା ଛାତ୍ରୀମାନେ ନିରାପଦରେ ପାଠପଢ଼ିପାରିବେ ଓ ସେମାନଙ୍କ ପ୍ରତି ଅସଦାରଣ ରୋକାଯାଇପାରିବ ।

**- କ୍ଷୀରାବ୍ଧି ତନୟା ,+୩ ଛାତ୍ରୀ , ଗଡିଶ୍ୱର ମହାବିଦ୍ୟାଳୟ , ମାଳିସାହି**



ଅନେକ ସମୟରେ ପିଲାମାନେ ସ୍କୁଲରୁ ପଳାଇଯାଉଛନ୍ତି, ଅସାମାଜିକ ବ୍ୟକ୍ତିମାନେ ଶିକ୍ଷାନୁଷ୍ଠାନରେ ପଶି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି । ଶିକ୍ଷକମାନେ ଛାତ୍ରୀମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ହେଉଛି । ଶିକ୍ଷାନୁଷ୍ଠାନରେ ସି ସି ଟିଭି ଲଗାଇବା ଦ୍ୱାରା ଆଇନଶୃଙ୍ଖଳା ରକ୍ଷା ହେବା ସହ ଶିକ୍ଷାଦାନ ଠିକ୍ ଭାବେ ଚାଲିବ ।

**- ମନୋରମା ମଲ୍ଲିକ , ଆଇଆଇସି , ନୂଆଗାଁ ଥାନା**



ସିସିଟିଭି ଲଗାଇବା ଏକ ଉତ୍ତମ ପଦକ୍ଷେପ ହେବ । ଠିକ୍ ଭାବେ ଶିକ୍ଷାଦାନ ହେବା ସହ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବେ ।

**- ଅମିୟ କୁମାର ନାୟକ, +୩ ଛାତ୍ର , ନୂଆଗାଁ ମହାବିଦ୍ୟାଳୟ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୨ ଏପ୍ରିଲ, ୨୦୧୯



ଯେଉଁ ଜାଗାରେ ଯେଉଁ ଜିନିଷ ରଖିବା କଥା, ତାକୁ ସେଇଠି ରଖିବ ଏବଂ ଯେତେବେଳେ ଯେଉଁ କାମ କରିବା କଥା, ସେତିକିବେଳେ ତାହା କରିବ, ତେବେ ତୁମେ ନିଶ୍ଚୟ ଶାନ୍ତି ପାଇବ।
- ଥୋମାସ୍ ଏଡିଶନ



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ କରି ଯୁବକ ଗିରଫ

**ପୁରୀ ଅଫିସ,୧୧।୪:** ଜନୈକା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ କୁମ୍ଭାରପଡା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନରେନ୍ଦ୍ରକୋଣ ବସ୍ତିର ପୁପୁନ ନାୟକ (୧୯)। ଗତ ୩ତାରିଖରେ ପୁପୁନ୍ ଉକ୍ତ ଥାନା ଅଞ୍ଚଳରୁ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ଅପହୃତାଙ୍କ ମା' କୁମ୍ଭାରପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଗୁରୁବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି।

### ଭଉଣୀଙ୍କୁ ହତ୍ୟା ଧମକ ଦେଇ ଭାଇ ଗିରଫ

**ପୁରୀ ଅଫିସ,୧୧।୪ :** ଭଉଣୀଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ସମ୍ପର୍କୀୟ ଭାଇଙ୍କୁ ଗିରଫ କରିଛି ସମୁଦ୍ରକୂଳ ଥାନା ପୋଲିସ। ସେ ହେଲେ ଘୋଡାବଜାର ଅଞ୍ଚଳର କାଲୁ ଓରଫ ଜଳନ୍ଧର ନାୟକ(୨୫)। ସୂଚନା ଅନୁଯାୟୀ, ରେଲୱେ କଲୋନୀରେ ବିଶ୍ୱନାଥ ନାୟକ ରୁହନ୍ତି। ନିକଟରେ ତାଙ୍କ ମାମୁଁ ପୁଅ ଭାଇ କାଲୁ ତାଙ୍କ ଘରକୁ ଆସିଥିଲେ। ଏହି ସମୟରେ ସେ ବିଶ୍ୱନାଥଙ୍କ ମା'ଙ୍କୁ କିଛି ଟଙ୍କା ମାଗିଥିଲେ। ସେ ମନା କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏ ନେଇ ବିଶ୍ୱନାଥ ଥାନାରେ ଅଭିଯୋଗ କରିଥିଲେ।

### ଯୁବତୀଙ୍କୁ ଅସଦାଚରଣ: ଯୁବକ ଗିରଫ

**ପୁରୀ ଅଫିସ,୧୧।୪ :** ଜନୈକା ଯୁବତୀଙ୍କୁ ଅସଦାଚରଣ ତଥା ପରିବାର ଲୋକଙ୍କୁ ହତ୍ୟା ଧମକ ଦେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପିକେଆରଆଇଟି କଲୋନୀର ସ୍ୱାଧୀନ ବିଶ୍ୱାଳ (୨୬)। ୱାଟର ୱାର୍କସ୍ ରୋଡରେ ରହୁଥିବା ଜନୈକା ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ବୁଧବାର ସ୍ୱାଧୀନ ତାଙ୍କ ଘରେ ପଶି ଅସଦାଚରଣ କରିଥିଲେ। ଏପରିକି ତାଙ୍କୁ ଏସିଡ୍ ପକାଇ ଜାଳି ଦେବା ସହ ତାଙ୍କ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ।

### ସୃଜନୀ ସାହିତ୍ୟ ସଂସଦର ପ୍ରସ୍ତୁତି ବୈଠକ

**ପୁରୀ ଅଫିସ,୧୧।୪ :** ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଗୋଏଙ୍କା ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୪ତାରିଖରେ ରାଣୀସତୀ ଭବନରେ ଉତ୍ସବ ପାଳନ କରାଯିବ। ପୂର୍ବାହ୍ନରେ ଉତ୍କଳ ବାଳାଶ୍ରମରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ, ଅପରାହ୍ନରେ କବିତା ପାଠ ଏବଂ ସନ୍ଧ୍ୟାରେ ଓଡ଼ିଆ ନବବର୍ଷ ଆଲୋଚନା ଚକ୍ର ଆୟୋଜିତ ହେବ ବୋଲି ସ୍ଥିର କରାଯାଇଛି। ସଂସଦ ସଭାପତି ଡ. କାର୍ତ୍ତିକ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସାହିତ୍ୟିକ ବଦ୍ରି ମିଶ୍ର, ହରେକୃଷ୍ଣ ପ୍ରଧାନ, ଡ. ରମାକାନ୍ତ କର, କୃଷ୍ଣଚନ୍ଦ୍ର ରଥ, ସଦସ୍ୟ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସମ୍ପାଦକ ହେମାଙ୍ଗିନୀ ମହାନ୍ତି, ଅଧ୍ୟାପକ ଦୟାନିଧି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ଆଢ୍ୟ ଧନ୍ୟବାଦ ଦେଇଥିଲେ।

### ଜଣେ ଅଭିଯୁକ୍ତ ଗିରଫ, ସହଯୋଗୀ ଚମ୍ପଟ
#### ବାଇକ, ଦେଶୀ ପିସ୍ତଲ ଜବତ

**ନିରାକାରପୁର,୧୧।୪(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ପୋଲିସ ବୁଧବାର ମଧ୍ୟରାତ୍ରରେ ନୂଆ ଜଗନ୍ନାଥ ସଡ଼କ ଉପରୁ ଜଣେ ଆନ୍ତଃ ରାଜ୍ୟ ଅପରାଧ କାର୍ଯ୍ୟରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ନାଲିପଡା ଅର୍ଜୁନପୁର ଗ୍ରାମର ଭୋଳେଶ୍ୱର ପରିଡା(୩୨)। ଗିରଫ ବେଳେ ଭୋଳେଶ୍ୱରଙ୍କଠାରୁ ଏକ ଦେଶୀ ପିସ୍ତଲ, ଗୋଟେ ଜୀବନ୍ତ ଗୁଳି ଓ ଓଡି୦୨ପି ୨୬୨୩ ନଂ ବିଶିଷ୍ଟ ଏକ ୟାମାହା ମୋଟର ସାଇକେଲ୍ ପୋଲିସ ଜବତ କରିଛି। ତେବେ ଅଭିଯୁକ୍ତଙ୍କ ଜଣେ ସହଯୋଗୀ ପୋଲିସ କବଳରୁ ଖସି ଚମ୍ପଟ ମାରିଥିବା ଜଣାପଡ଼ିଛି। ଜବତ ବାଇକ୍‌ଟିର ନମ୍ବର ମଧ ନକଲି ଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏ ନେଇ ୩୭୯ ଓ୨୫ ଆର୍ମ ଆକ୍ଟ ଦଫା ଓ କେସ୍ ନଂ ୩୩/୧୯ରେ ପୋଲିସ ତଦନ୍ତ ଜାରି ରଖିଛି। ଉକ୍ତ ଘଟଣାରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଏଏସ୍ଆଇ ଶରତ ପାଇକରାୟ ସୂଚନା ଦେଇଛନ୍ତି।

# ନୟାଗଡ଼ର ଗର୍ବ ଓ ଗୌରବ ୨ଭଉଣୀ

**ଖଣ୍ଡପଡା,୧୧।୪(ସ୍ୱ.ପ୍ର.)**





ମୋନାଲୀ ଓ ରୂପାଲୀ।

ନୟାଗଡ ଜିଲାର ରୂପାଲୀ ଓ ମୋନାଲୀ ଦୁଇ ଭଉଣୀ ଦୁଇଟି ପ୍ରସ୍ଫୁଟିତ ପ୍ରତିଭା । ସେମାନଙ୍କ ପ୍ରତିଭା ସାରାରାଜ୍ୟରେ ଚର୍ଚ୍ଚିତ। ନିଜର ଓଜସ୍ୱିନୀ ବକ୍ତୃତା ପାଇଁ ବହୁ ସମ୍ମାନ ଓ ସମ୍ବର୍ଦ୍ଧନାର ଅଧିକାରୀ ହୋଇପାରିଛନ୍ତି ୨ଭଉଣୀ। ଜିଲା ପାଇଁ ସେମାନେ ଆଣିଛନ୍ତି ଗର୍ବ ଆଉ ଗୌରବ। ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତର ସୁନାଖଳା ଗ୍ରାମରେ ସେମାନଙ୍କ ଘର। ସାନଭଉଣୀ ରୂପାଲୀଙ୍କ ବୟସ ୧୦ବର୍ଷ ହୋଇଥିବା ବେଳେ ବଡଭଉଣୀ ମୋନାଲୀଙ୍କ ବୟସ ୧୭ ବର୍ଷ । ରୂପାଲୀ ସୁନାଖଳା ଗ୍ରାମ ନିକଟ ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ । ମୋନାଲୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଇଂଲିଶ ସମ୍ମାନ ବିଭାଗରେ ଅଧ୍ୟୟନରତା । ପିତା ରମେଶ ଚନ୍ଦ୍ର ସାହୁ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧାପକ ଓ ମାତା ପ୍ରମିଳା ସାହୁ ଜଣେ ଗୃହିଣୀ । ମାତା ପିତାଙ୍କ ମତରେ ତୁଳସୀ ଦୁଇପତ୍ରରୁ ବାସିବା ପରି ଛୋଟବେଳୁ ହିଁ ଜଣା ପଡିଥିଲା ସେମାନଙ୍କ ପ୍ରତିଭା । ବଡ ଝିଅ ମୋନାଲୀ ଜଣେ ପ୍ରଗଲ୍‌ଭ ବକ୍ତା ଭାବେ ରାଜ୍ୟ ସ୍ତରରେ ପରିଚିତା । ତା'ର ପ୍ରେରଣାରେ ସାନ ଝିଅ ରୂପାଲୀ ଅନୁପ୍ରାଣିତ । ବିଭିନ୍ନ ପ୍ରସଙ୍ଗରେ ବକ୍ତୃତା ଦେବାରେ ଉଭୟେ ଧୂରୀଣ । ସଭାମଞ୍ଚ ହେଉ ଅବା ବକ୍ତୃତା ପ୍ରତିଯୋଗିତା ନିଜର ଓଜସ୍ୱିନୀ ଭାଷଣରେ ଉଭୟେ ବାନ୍ଧି ରଖି ପାରନ୍ତି ଉପସ୍ଥିତ ଶ୍ରୋତାଙ୍କୁ । ସରକାରଙ୍କ ବିଭିନ୍ନ ଜନମଙ୍ଗଳ ଯୋଜନା ଯଥା 'ବେଟୀ ବଚାଓ, ବେଟୀ ବଢାଓ, କନ୍ୟା ସନ୍ତାନଙ୍କ ସୁରକ୍ଷା, କନ୍ୟାଭ୍ରୂଣ ହତ୍ୟା ନିରୋଧ, ବାଲ୍ୟବିବାହ ନିରୋଧ, ଶିଶୁ ଶିକ୍ଷା ଅଧିକାର, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ସ୍ୱଚ୍ଛ ଭାରତ ଗଠନ, ନାରୀ ସଶକ୍ତୀକରଣ, ରାଷ୍ଟ୍ର ନିର୍ମାଣରେ ଯୁବଗୋଷ୍ଠୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଆଦି ସମ୍ପର୍କରେ ସାଧାରଣ ଜନତା ତଥା ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବାରେ ଉଭୟେ ଜାରି ରଖିଛନ୍ତି ନିଜର ନିରନ୍ତର ପ୍ରଚେଷ୍ଟା । ରୂପାଲୀଙ୍କ ବୟସର ପିଲାମାନେ ଖେଳକୁଦରେ ମାତି ରହିଥିବାବେଳେ ସେ କିନ୍ତୁ ସାଧନା ଜାରି ରଖିଛନ୍ତି ଜନସଚେତନତା ସୃଷ୍ଟି କରିବାରେ । ସେଥିପାଇଁ ରୂପାଲୀ ସାଉଁଟିଛନ୍ତି ଅନେକ ସମ୍ମାନ ଓ ସଫଳତା। ଶ୍ରେଷ୍ଠ କନ୍ୟାରତ୍ନ ସମ୍ମାନ-୨୦୧୭, ପଠାଣି ସାମନ୍ତ ସମ୍ମାନ-୨୦୧୭, ରତୁରାଜ ବସନ୍ତ ସମ୍ମାନ-୨୦୧୮, ଶିଶୁ ବଜାର ଶିଶୁ ପ୍ରତିଭା ସମ୍ମାନ-୨୦୧୮ ଓ ବିଭିନ୍ନ ମହୋତ୍ସବ ଯଥା ଶିଶୁ ମହୋତ୍ସବ-୨୦୧୮ ଖୋର୍ଦ୍ଧା, କୁସୁମୀ ମହୋତ୍ସବ-୨୦୧୮ ବେତଖୋଲି ଖଣ୍ଡପଡା, ଶ୍ରୀ ଗଣେଶ ମହୋତ୍ସବ-୨୦୧୮ କଣ୍ଟାବାଡ ଖୋର୍ଦ୍ଧା, ଖଣ୍ଡପଡା ମହୋତ୍ସବ-୨୦୧୮, ବରିଷ୍ଠ ନାଗରିକମଞ୍ଚ ନୟାଗଡ, ତ୍ରିଶକ୍ତି ମହିଳା ପରିଷଦ-୨୦୧୮ ବରମୁଣ୍ଡା ଭୁବନେଶ୍ୱରଠାରେ ସ୍ୱତନ୍ତ୍ର ଭାବେ ମଧ ସମ୍ବର୍ଦ୍ଧିତ ହୋଇଛନ୍ତି ସେ । ପ୍ରକାଶ ଥାଉକି ରୂପାଲୀଙ୍କ ତଥ୍ୟ ଆଧାରିତ ସୁନ୍ଦର ସାବଲୀଳ ତଥା ସ୍ୱତଃସ୍ଫୂର୍ତ୍ତ ବକ୍ତବ୍ୟକୁ ଆଧାର କରି ନୟାଗଡ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁରୂପ ଭାବେ ବଡ ଭଉଣୀ ମୋନାଲୀ ମଧ ବିଭିନ୍ନ ଶିକ୍ଷାନୁଷ୍ଠାନ, ସଭାମଞ୍ଚ ଦ୍ୱାରା ବହୁବାର ପୁରସ୍କୃତ ହେବା ସହ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ବିଶେଷକରି ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତି ଯୋଗିତା ତଥା ମେଳା ମହୋତ୍ସବରେ ଉଭୟ ଭଉଣୀ ନିଜର ପାରଦର୍ଶିତା ଦେଖାଇ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଭିନ୍ନ ସମୟରେ ସମ୍ମାନିତ ହୋଇ ନିଜ ଗାଁ ସହ ସମଗ୍ର ନୟାଗଡ ଜିଲା ପାଇଁ ଗୌରବ ଆଣିଛନ୍ତି ।

# ୧୩ରୁ ଶ୍ରୀକ୍ଷେତ୍ରେ ସାହିଯାତ

**ପୁରୀ ଅଫିସ, ୧୧।୪**

ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ଶ୍ରୀକୃଷ୍ଣଲୀଳା ଓ ଶ୍ରୀରାମଲୀଳା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶ୍ରୀମନ୍ଦିରରେ ଚୈତ୍ରମାସ ଶ୍ରୀରାମ ନବମୀଠାରୁ ଶ୍ରୀରାମ ଲୀଳା ଅନୁଷ୍ଠିତ ହୋଇଥାଏ। ଏହା ଶ୍ରୀକ୍ଷେତ୍ରରେ ସାହିଯାତ ଭାବେ ପାଳନ କରାଯାଏ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ସାହିଯାତର ସମନ୍ୱୟ ରହିଛି। ଆସନ୍ତା ୧୩ ତାରିଖରେ ଶ୍ରୀରାମ ନବମୀ। ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହେବ ସାହିଯାତ। ତେବେ ଏଥର ନିର୍ବାଚନ ଆଚରଣ ବିଧି ଲାଗୁ ଯୋଗୁ ସାହିଯାତ ପାଇଁ କେତେକ କଟକଣା ଜାରି କରାଯାଇଛି। ଶ୍ରୀକ୍ଷେତ୍ରର ଏହି ମହାନ ପରମ୍ପରାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେନେଇ ପ୍ରଶାସନ ପକ୍ଷରୁ ବୈଠକ କରାଯାଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଚଳିତ ବର୍ଷ ସନ୍ଧ୍ୟା ୭ଟାରୁ ରାତି ୧୨ଟା ମଧ୍ୟରେ ସାହିଯାତ ଶେଷ କରିବାକୁ ପ୍ରଶାସନିକ ନିର୍ଦ୍ଦେଶ ରହିଛି। କୌଣସି ପ୍ରାର୍ଥୀ ବା ଦଳୀୟ ନେତା ସାହିଯାତରେ ସାମିଲ ହୋଇ ନିର୍ବାଚନୀ ପ୍ରଚାର କରିପାରିବେ ନାହିଁ। ପୋଲିସ ଆଇନର ୩୦ ଧାରା ବଳବତ୍ତର ଥିବାରୁ ସାହିଯାତରେ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ବ୍ୟବହାର ଉପରେ ମଧ ସ୍ୱତନ୍ତ୍ର କଟକଣା ଲଗାଯାଇଛି। ପ୍ରଶାସନ ନିର୍ଦ୍ଦେଶକୁ ଯଦି କେହି ଅବମାନନା କରନ୍ତି ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ପ୍ରାର୍ଥୀ କିମ୍ବା ରାଜନେତା ସାହିଯାତ ଲାଗି ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିପାରିବେ ନାହିଁ। ଅନ୍ୟପକ୍ଷେ ସାହିଯାତ ପାଇଁ ପ୍ରଶାସନ ଆବଶ୍ୟକ ସୁବିଧା ସୁଯୋଗ କରୁଥିବା ଜଣାପଡିଛି।

୧୩ତାରିଖରେ କାଳିକାଦେବୀ ସାହି ପକ୍ଷରୁ ରାମଜନ୍ମ ପ୍ରସ୍ତାବ ଆଗତ ହେବ। କାଳିକା ଦେବୀ ସାହିର ବିଭିନ୍ନ ବେଶଧାରୀ ସାଥୀ ସାହି ମାଟିମଣ୍ଡପ ସାହିକୁ ଯାଇ ନୃତ୍ୟ ପ୍ରଦର୍ଶନ କରିବେ। ୧୪ରେ ହରଚଣ୍ଡୀ ସାହିରୁ ଯଜ୍ଞରକ୍ଷା ପ୍ରସ୍ତାବ ଆଗତ ହେବା ସହ ମାଟିମଣ୍ଡପ ସାହିଯାତ କାଳିକାଦେବୀ ସାହି ଭ୍ରମଣ କରିବ। ୧୫ରେ ହରଚଣ୍ଡୀ ସାହି ପକ୍ଷରୁ ସୀତା ବିବାହ ପ୍ରସ୍ତାବ ଆଗତ ହୋଇ ସାଥୀସାହି ବାଲିସାହି ଯିବ। ୧୬ରେ ମାର୍କଣ୍ଡେଶ୍ୱର ସାହି ବନବାସ ପ୍ରସ୍ତାବ ଆଗତ କରିବ। ୧୯ରେ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ମାୟାମୃଗ ପ୍ରସ୍ତାବ ଆଗତ ହୋଇ ସାଥୀସାହି ଦୋଳମଣ୍ଡପ ସାହିକୁ ଯିବ। ୨୦ରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ପ୍ରସ୍ତାବ ଆଗତ ହୋଇ କୁଣ୍ଢେଇବେଣ୍ଟ ସାହିରେ ଯାତ ପ୍ରଦର୍ଶନ କରିବ। ୨୧ରେ ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା ପ୍ରସ୍ତାବ ସହ ସାହିଯାତ ହରଚଣ୍ଡୀ ସାହିରେ ପ୍ରଦର୍ଶନ ହେବ। ୨୨ରେ ବାଲିସାହି ପକ୍ଷରୁ ରାବଣ ବଧ ପ୍ରସ୍ତାବ ସହ ସାହିଯାତ ହରଚଣ୍ଡୀ ସାହି ଭ୍ରମଣ କରିବ। ଶେଷରେ ୨୭ତାରିଖରେ ସାହିଯାତର ଶେଷ ପର୍ବ ଗୌଡ଼ବାଡ ସାହି ପକ୍ଷରୁ ରାମାଭିଷେକ ଉତ୍ସବ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି।

## ଦ୍ୱିତୀୟ ଥର ମାଉସୀ ମା' ଘରକୁ ଗଲେ
# ୭ ସାହିରେ ମା'ଙ୍କ ଘଟ ପରିକ୍ରମା

**ବ୍ରହ୍ମପୁର ଅଫିସ,୧୧।୪**



ମା'ଙ୍କ ଘଟ ପରିକ୍ରମା।

ବ୍ରହ୍ମପୁର ମା' ବୁଢୀଠାକୁରାଣୀ ଯାତ୍ରା ଗୁରୁବାର ଥିଲା ତ୍ରୟୋଦଶ ଦିବସ । ଯାତ୍ରା ପରମ୍ପରା ଅନୁସାରେ ସନ୍ଧ୍ୟାରେ ମା' ଦ୍ୱିତୀୟ ଥର ପାଇଁ ଜଉରା ସାହି ମାଉସୀ ମା' ଘରେ ବିଜେ ହୋଇଛନ୍ତି। ମାଉସୀ ମା'ଙ୍କ ଘରକୁ ଦ୍ୱିତୀୟ ଥର ବିଜେ କରିବା ଅବସରରେ ମାଉସୀ ଘର କୁହାଯାଉଥିବା ଶ୍ରୀନିବାସ ପରିବାର ମା'ଙ୍କ ନିକଟରେ ଗଜା ଭୋଗ ଲଗାଇବା ସହ ପୂଜାର୍ଚ୍ଚନା କରିଥିଲେ। ମାଉସୀ ମା' ଘରେ ମା'ଙ୍କ ଦର୍ଶନ ପାଇଁ ଜଉରାସାହିରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଅପରପକ୍ଷରେ ପାରମ୍ପରି ଦ୍ୱିବାର୍ଷିକ ଯାତ୍ରା ୧୩ ଦିନ ଅତିକ୍ରମ ହୋଇଥିବାରୁ ବ୍ରହ୍ମପୁର ସହରର ପ୍ରତ୍ୟେକ ଗଳି ଏବେ ଉତ୍ସବ ମୁଖର ହୋଇଉଠିଛି ।

ଗୁରୁବାର ମା' ବୁଢୀଠାକୁରାଣୀଙ୍କ ଯାତ୍ରାର ୧୩ତମ ଦିବସ ହୋଇଥିବା ବେଳେ ସହରରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାସତ୍ତ୍ୱେ ସକାଳୁ ମା'ଙ୍କ ଦର୍ଶନ କରିବାକୁ ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମିଥିଲା । ଅସ୍ଥାୟୀ ପୀଠରେ ବିଭିନ୍ନ ଭିନ୍ନ ଭିନ୍ନ ଧରଣର ମାନସିକ ବେଶଧାରୀଙ୍କୁ ଦେଖିବାକୁ ମିଳିଥିଲା। ମହିଳାମାନେ ଧର୍ମଝଣ୍ଡା ମୂଳରେ ହଳଦୀ ପାଣି ଅର୍ପଣ କରିବା ସହ ମା'ଙ୍କୁ ଶାଢୀ, ନାଲି ଚୁଡି, ଗଜା ଭୋଗ ଅର୍ପଣ କରିଥିଲେ । ସନ୍ଧ୍ୟାରେ ମା'ଙ୍କ ଆଳତି ହୋଇଥିଲା । ଏହାପରେ ବାଦ୍ୟ, ବାଜଣା, ହୁଳହୁଳି ନାଦ ମଧ୍ୟରେ ମା'ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରି ରାଜବାଟିକୁ ଯାଇଥିଲା ମା' ଦେବକୀ ମୁଖ୍ୟଘଟକୁ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ପାର୍ଶ୍ୱଘଟକୁ ମୁଣ୍ଡାଇ ରାଜବାଟି ଅଭିମୁଖେ ଯାଇଥିଲେ । ସେଠାରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ଆଳତି ସହ ପୂଜାର୍ଚ୍ଚନା କରିବା ପରେ ଶୋଭଯାତ୍ରା ଜଉରାସାହି ସ୍ଥିତ ମାଉସୀମା ଘରକୁ ଯାଇଥିଲା । ସେଠାରେ ମାଉସୀ ଘର କୁହାଯାଉଥିବା ଶ୍ରୀନିବାସ ସେନାପତିଙ୍କ ପରିବାର ମା'ଙ୍କ ନିକଟରେ ଗଜା ଭୋଗ ଲଗାଇବା ସହ ପୂଜାର୍ଚ୍ଚନା କରିଥିଲେ । ଦ୍ୱତୀୟ ଥର ପାଇଁ ମା' ମାଉସୀ ଘରକୁ ଆସିଥିବାରୁ ଜଉରା ସାହି ଉତ୍ସବ ମୁଖର ହୋଇଉଠିଥିଲା । ମାଉସୀ ଘରେ ମା'ଙ୍କ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ମାଉସୀ ମା' ଘର ପର୍ବ ସମାପ୍ତ ପରେ ଘଟ ଶୋଭାଯାତ୍ରା ୬ ସାହି ପରିକ୍ରମା କରିଥିଲା। ଜଉରାସାହିରୁ ମା'ଙ୍କ ଘଟ ପଣ୍ଡିତ ସାହି, କୋରିବାରି ସାହି, କରଣ ସାହି, ଶଗଡିଆ ମାର୍ଥା ସାହି ପରିକ୍ରମା କରିଥିଲା । ଏହାପରେ ମା'ଙ୍କ ଘଟ ଶୋଭଯାତ୍ରା ପୁଣି କୋରିବାରି ସାହି, ଖାସ୍ମାସାହି, ନଡିଆ ବଜାର ହୋଇ ଅସ୍ଥାୟୀ ପୀଠକୁ ବାହୁଡି ଥିଲା । ମା'ଙ୍କ ଘଟ ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଘର ଆଗରେ ପାଣି କୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ ଓ କର୍ପୂର ମିଶା ପାଣି ଅର୍ପଣ କରିଥିଲେ ।




## ମହିପୁର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ
### ଇଲେଭେନ ଲାୟନ୍ସକୁ ହରାଇ ଆଇଚର ସୁପରକିଙ୍ଗ ବିଜୟୀ

**ନୂଆଗାଁ,୧୧।୪ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ମହିପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ମହିପୁର ପ୍ରିମିୟର ଲିଗ କ୍ରିକେଟ ମ୍ୟାଚର ୫ମ ଦିବସରେ ଏକଡାଳ ଇଲେଭେନ ଲାୟନ୍ସକୁ ହରାଇ ଆଇଚର ସୁପର କିଙ୍ଗ ବିଜୟୀ ହୋଇଛି। ଆଇଚର ସୁପର କିଙ୍ଗ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୦ ୱିକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା । ଜବାବରେ ଏକଡାଳ ଇଲେଭେନ ଲାୟନ୍ସ ଦଳ ୧୪.୩ ଓଭରରେ ୯୧ ରନ୍ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା । ଏହି ମ୍ୟାଚରେ ଆଇଚର ସୁପରକିଙ୍ଗ ଦଳର ଆଦିତ୍ୟ ବେହେରା୨୪ ବଲରେ ସର୍ବାଧିକ ୫୯ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ । ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଯଜ୍ଞଦତ୍ତ ରଥ ଯୋଗ ଦେଇଥିଲେ । ମ୍ୟାଚଟିକୁ ସୌମ୍ୟଦର୍ଶୀ ଦାସ ଓ ମୁନା ସାର ପରିଚାଳନା କରିଥିବା ବେଳେ ସତ୍ୟବ୍ରତ ସ୍ୱାଇଁ ,ଜିତେନ୍ଦ୍ର କୁମାର ନାୟକ , ଆମୀୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ୩୦ ମିନିଟ ଡେରି ହେବାରୁ ରାଗିଲେ ଥାନା ବାବୁ
# ଅଭିଯୋଗକାରୀଙ୍କୁ ୭ଘଣ୍ଟା ବସାଇଲେ

**ପୁରୀ ଅଫିସ,୧୧।୪**

ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ ଓ ୨୪ଘଣ୍ଟା ମଧ୍ୟରେ ଅଭିଯୋଗର ନକଲ ଦେବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ଗୋପ ଥାନାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଭିଯୋଗ କରିବା ପାଇଁ ପହଞ୍ଚିବାରେ ଅଭିଯୋଗକାରୀମାନଙ୍କର ୩୦ମିନିଟ୍ ବିଳମ୍ବ ହେବାରୁ ସେମାନଙ୍କୁ ପୋଲିସ ଦୀର୍ଘ ୭ଘଣ୍ଟା ଥାନାରେ ବସାଇ ରଖିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଛି। ଏପରିକି ଏତଲାରୁ ଅଭିଯୁକ୍ତଙ୍କ ନାମ ହଟାଇବା ଲାଗି ଧମକ ଦିଆଯାଇଛି। ଏଭଳି ସଙ୍ଗିନ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗୁରୁବାର ପୁରୀ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଗାଗାରିନ୍ ମହାନ୍ତିଙ୍କ ଦ୍ୱାରସ୍ଥ ହୋଇଛନ୍ତି କେତେଜଣ ବରିଷ୍ଠ ନାଗରିକ। ତେବେ ଏ ସମ୍ପର୍କରେ ଏସ୍‌ପି ଅବଗତ ହେବା ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଗୋପ ଥାନା ଅଧୀନ କେତେକ ଗ୍ରାମର ଲୋକଙ୍କୁ ଏକ ଘରୋଇ କମ୍ପାନୀ କର୍ତ୍ତୃପକ୍ଷ ଜନୈକ ବିତ୍ତଶାଳୀ ବ୍ୟକ୍ତିଙ୍କ ସହଯୋଗରେ ଧମକଚମକ ଦେଇ ବେଆଇନ ଭାବେ ଜମି ହଡପ କରି ମାଛଚାଷ କରୁଛନ୍ତି। ଏ ନେଇ ଗ୍ରାମବାସୀ ଆଲୋଚନା କରିବା ପରେ ପୋଲିସକୁ ଜଣାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଗତ ୮ତାରିଖରେ କେତେଜଣ ବରିଷ୍ଠ ନାଗରିକ ଏତଲା ଦେବାକୁ ଥାନାକୁ ଯାଇଥିଲେ। ତେବେ ସେମାନଙ୍କ ପହଞ୍ଚିବାରେ ୩୦ମିନିଟ ବିଳମ୍ବ ହୋଇଥିବାରୁ ଥାନା ଅଧିକାରୀ ସୌମଜିତ ମିଶ୍ର କୁଆଡେ ରାଗିଯାଇଥିଲେ। ଅଭିଯୋଗପତ୍ର ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ଅପରାହ୍ନ ସାଢେ ୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଥାନାରେ ବସାଇ ରଖିଥିଲେ। ଗାଳିଗୁଲଜ କରି ସମସ୍ତଙ୍କ ହାତରୁ ମୋବାଇଲ ଛଡାଇ ନେଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ନ କରିବାକୁ ତାଗିଦ୍ କରିଥିଲେ। ଏପରିକି ପୂର୍ବରୁ ଥାନା ଓ ଗ୍ରାମସଭାରେ ତାଙ୍କ ବିରୋଧରେ ହୋଇଥିବା ନିଷ୍ପତ୍ତିକୁ ଅଭିଯୋଗରୁ ହଟାଇବା ଲାଗି ବାଧ କରିଥିଲେ। ପୋଲିସର ଏଭଳି ବ୍ୟବହାର ଓ ଧମକପୂର୍ଣ୍ଣ ଚେତାବନୀକୁ ନେଇ ଅଭିଯୋଗକାରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଥାନାଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ଏ ନେଇ ଥାନା ଅଧିକାରୀ ସୌମ୍ୟଜିତ ମିଶ୍ରଙ୍କୁ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା ବୋଲି କହିଛନ୍ତି।

# ଜିଲା ବିଜେଡି ସମ୍ପାଦକ ପଦବୀରୁ ରଘୁନାଥଙ୍କ ଇସ୍ତଫା

**ଟାଙ୍ଗୀ(ଖୋର୍ଦ୍ଧା),୧୧।୪(ଡି.ଏନ.ଏ.)-** ଟାଙ୍ଗୀର ବରିଷ୍ଠ ନେତା ତଥା ଖୋର୍ଦ୍ଧା ଜିଲା ବିଜେଡି ସାଧାରଣ ସମ୍ପାଦକ ରଘୁନାଥ ସାହୁ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ବୁଧବାର ଇସ୍ତଫାପତ୍ର ପଠାଇଦେଇଥିବା ସୂଚନା ମିଳିଛି । ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୁଲ୍ ପ୍ରାର୍ଥୀ ଚୟନ, ଏହି ଅଞ୍ଚଳର ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ବିଜେଡିରେ ଗ୍ରହଣ, ପ୍ରାର୍ଥୀ ହେବାପରେ ଜିତୁ ମିତ୍ର ଦଳରେ ଥିବା ଉତ୍ସର୍ଗୀକୃତ କର୍ମୀମାନଙ୍କୁ ଅଣଦେଖା କରିବା ଆଦି ବିଭିନ୍ନ କାରଣ ଦର୍ଶାଇ ସାହୁ ତାଙ୍କ ପଦ ତ୍ୟାଗ କରିଛନ୍ତି । ସେ ଏହାର ଏକ ନକଲ ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନିକଟକୁ ପ୍ରେରଣ କରିଛନ୍ତି । ତାଙ୍କ ସମର୍ଥକମାନେ ମଧ ଖୁବ୍ ଶୀଘ୍ର ଦଳ ଛାଡ଼ିବେ ବୋଲି ସେ କହିଛନ୍ତି।

# କେନାଲକୁ ଅଟୋ ଖସି ୪ ଗୁରୁତର

**ଖୋର୍ଦ୍ଧା ଅଫିସ,୧୧।୪**

ବାଣପୁରର ପାରି ନୂଆଗାଁ ଛକ ନିକଟରେ ଗୁରୁବାର ପୂର୍ବାହ୍ନରେ କେନାଲକୁ ଅଟୋ ଖସି ୪ ଜଣ ଜଣ ଆହତ ହୋଇଛନ୍ତି। ବାଣପୁର ଗୋଦାବରୀଶ ମହାବିଦ୍ୟାଳୟକୁ ନିର୍ବାଚନ ପ୍ରଶିକ୍ଷଣ ନେବାକୁ ଆସୁଥିବା ୩ କର୍ମଚାରୀ ଓ ଅଟୋ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଖୋଲିଥିବା ନିର୍ବାଚନ ପ୍ରଶିକ୍ଷଣ କେନ୍ଦ୍ରକୁ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ୩ ଜଣ କର୍ମଚାରୀ ଭାଗ୍ୟଧର ପୃଷ୍ଟି, ବିଶ୍ୱରଞ୍ଜନ ନାୟକ ଓ ପ୍ରଭାତ କୁମାର ମିଶ୍ର ପ୍ରଶିକ୍ଷଣ ନେବାକୁ ଆସୁଥିଲେ। ୩ କର୍ମଚାରୀ ଟ୍ରେନ ଯୋଗେ ବାଲୁଗାଁ ଷ୍ଟେଶନରେ ପହଞ୍ଚି ସେଠାରୁ ଏକ ଅଟୋରେ ବାଣପୁର ଯାଉଥିଲେ। ରାସ୍ତାରେ ପାରି ନୂଆଗାଁ ଛକ ନିକଟରେ ବାଇପାସ ରାସ୍ତାରୁ ହଠାତ ଏକ ଟ୍ରାକ୍ଟର ମୁଖ୍ୟ ରାସ୍ତାକୁ ଆସୁଥିବାବେଳେ ସମ୍ମୁଖରେ ଦୁର୍ଘଟଣା ଭାବି ଧୈର୍ଯ୍ୟ ହରାଇଥିଲେ। ଏଭଳିସ୍ଥଳେ ନିୟନ୍ତ୍ରଣ ହରାଇ ଅଟୋଟି ରାସ୍ତା ପାର୍ଶ୍ୱ କେନାଲ ମଧ୍ୟକୁ ଖସି ପଡିଥିଲା। ଅଟୋରେ ବସିଥିବା ୩ କର୍ମଚାରୀଙ୍କ ସମେତ ଅଟୋ ଚାଳକ ସ୍ଥାନୀୟ କପିଳେଶ୍ୱରପୁର ସାହିର ଅର୍ଜୁନ ମହାପାତ୍ର ଆହତ ହୋଇଥିଲେ। ଖବରପାଇ ତହସିଲଦାର ସୁଷମା ବାରିକ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ।

# ୭ବର୍ଷ ପରେ ବଳାତ୍କାର ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା ଅଫିସ,୧୧।୪**

ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ ୭ ବର୍ଷ ତଳ ମକଦ୍ଦମାର ଜଣେ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ହେଲେ ନବ କିଶୋର ପ୍ରଧାନ। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବା ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ୨୦୧୨ରେ ନବ ଏକ ବଳାତ୍କାର ମାମଲାରେ ଅଭିଯୁକ୍ତ ଥିଲେ।

# ସୂଚନା ଅଧିକାର ଆଇନକୁ ଫୁ

**ଗଣିଆ,୧୧।୪(ଡି.ଏନ.ଏ.)**


OFFICE OF THE MEDICAL OFFICER I/C
CHC GANIA, DIST – NAYAGARH

ଆବେଦନକାରୀ ପାଇଥିବା ଚିଠିର ନକଲ ।

ସରକାରୀ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଆଣିବା ଓ ସରକାରୀ ତଥ୍ୟକୁ ଖୁଲମଖୋଲା କରି ସାଧାରଣ ନାଗରିକଙ୍କୁ ସବିଶେଷ ତଥ୍ୟ ଯୋଗାଇଦେବା ନିମିତ୍ତ ସରକାର ୨୦୦୫ ମସିହାରେ ଜନ ସୂଚନା ଅଧିକାର ଆଇନ ଲାଗୁ କରିଛନ୍ତି। ଏଥିସହ ସରକାରୀ ଦପ୍ତର ଓ କର୍ମଚାରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବା ପାଇଁ ଏହି ଆଇନ ଏକ ମୌଳିକ ଅଧିକାର ସ୍ୱରୂପ ନାଗରିକମାନଙ୍କ ପାଇଁ ବଳବତ୍ତର ରହିଛି। ହେଲେ କେତେକ ଜନସୂଚନା ଅଧିକାରୀ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ତଥ୍ୟକୁ ଲୁଚାଇବା ପାଇଁ ପ୍ରୟାସ କରି ଏହି ଆଇନକୁ ଉଲଂଘନ କରୁଥିବା ଅଭିଯୋଗ ହେଉଛି ।

ମିଳିଥିବା ସୂଚନା ଅନୁଯାୟୀ, ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମର କମଳ ଲୋଚନ ଦଳେଇ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପର୍କରେ ସୂଚନା ଅଧିକାର ଆଇନ ଦ୍ୱାରା କେତେକ ତଥ୍ୟ ଜାଣିବା ପାଇଁ ଗତ ଡିସେମ୍ବର ମାସ ୮ତାରିଖରେ ଜନସୂଚନା ଅଧିକାରୀ ତଥା ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ମଧୁସୂଦନ ଦାଶଙ୍କୁ ରେଜେଷ୍ଟ୍ରି ଡାକ ଯୋଗେ ଆବେଦନ କରିଥିଲେ । ସଂପୃକ୍ତ ଜନସୂଚନା ଅଧିକାରୀ ତଥ୍ୟ ଖର୍ଚ୍ଚ ବାବଦକୁ ଗତ ଜାନୁୟାରୀ ମାସ ୯ତାରିଖ ଚିଠି ନଂ ୦୭ରେ ଆନୁମାନିକ ଭାବେ ମୋଟା ଅଙ୍କର ୭୭ହଜାର ୩୫୦ଟଙ୍କା (ସତସ୍ତରୀ ହଜାର ତିନିଶହ ପଚାଶ ଟଙ୍କା) ଦାଖଲ କରିବା ପାଇଁ ଆବେଦନକାରୀଙ୍କୁ ଜଣାଇଥିଲେ । ଯାହାକି, ଜନସୂଚନା ଅଧିକାର ଆଇନକୁ ଖୋଲାଖୋଲି ଭାବେ ଉଲଂଘନ କରୁଥିବା ସ୍ପଷ୍ଟ ଅନୁମେୟ। ତେବେ ଦାବି କରାଯାଇଥିବା ଅର୍ଥ ଉପଯୁକ୍ତ ହୋଇନଥିବାରୁ ଆବେଦନକାରୀ ଗତ ଜାନୁଆରୀ ମାସ ୧୭ତାରିଖରେ ପ୍ରଥମ ଅପିଲେଟ ଅଧିକାରୀ ତଥା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅପିଲ କରିଥିଲେ । ହେଲେ ଏଥିରେ କୌଣସି ସୁଫଳ ମିଳିପାରିନଥିଲା। ପୁନଃଶ୍ଚ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଗତ ମାର୍ଚ୍ଚ ୧୫ ତାରିଖ ଚିଠି ନଂ ୧୪୧୨ ଯୋଗେ ତଥ୍ୟବାବଦକୁ ଆନୁମାନିକ ଭାବେ ଦାବି କରାଯାଇଥିବା ୭୭ହଜାର ୩ଶହ ୫୦ଟଙ୍କା ପ୍ରଯୁଜ୍ୟ ନୁହେଁ ବୋଲି ସ୍ୱୀକାର କରିବା ସହ ପୁନଃର୍ବାର ସଠିକ ଭାବେ ଆକଳନ କରି ଆବେଦନକାରୀଙ୍କୁ ଜଣାଇବା ନିମନ୍ତେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଜନସୂଚନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସୂଚନା ଅଧିକାରୀ ଚଳିତ ମାସ ୧୧ତାରିଖ ଚିଠି ନଂ ୦୧/ ଏନଏଚଏମ ରେ ଆବେଦନକାରୀ ଆବଶ୍ୟକ କରୁଥିବା ତଥ୍ୟର ଖର୍ଚ୍ଚ ବାବଦକୁ ଡାକଖର୍ଚ୍ଚ ପାଇଁ ୨ହଜାର ୬ଶହ ୨୦ଟଙ୍କା ଓ ଜେରକ୍ସ କପି ବାବଦକୁ ୩୫ହଜାର ୪୮ଟଙ୍କା ମିଶି ମୋଟରେ ୩୭ହଜାର ୬ଶହ ୬୮ଟଙ୍କା ୧୫ଦିନ ମଧ୍ୟରେ ଦାଖଲ କରିବା ପାଇଁ ଜଣାଇଛନ୍ତି । ପ୍ରକାଶ ଯୋଗ୍ୟ, ବାରମ୍ବାର ଭ୍ରମାତ୍ମକଭାବେ ଏଭଳି ଦାବି କରାଯାଉଥିବା ମୋଟା ଅଙ୍କର ଅର୍ଥ ଜଣେ ସାଧାରଣ ନାଗରିକ ପ୍ରଦାନ କରି ସରକାରୀ ସୂଚନା ପାଇବା କେତେ ଯୁକ୍ତିଯୁକ୍ତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ଆବେଦନକାରୀ ଅସନ୍ତୋଷ ପ୍ରକାଶ କରିବା ସହ ସୂଚନା କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ତଥା ଜନ ସୂଚନା ଅଧିକାରୀ ଡାକ୍ତର ମଧୁସୂଦନ ଦାଶଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ଯାହା ଲେଖିଛି ଠିକ୍ ଲେଖିଛି ଓ ଆଇନର କୌଣସି ଉଲଂଘନ କରିନାହିଁ।

### ଦାବି କରାଯାଉଛି ମୋଟା ଅଙ୍କର ଅର୍ଥ